ବର୍ଷ-୫୭ : ସଂଖ୍ୟା-୯ ସେପ୍ଟେମ୍ବର, ୨୦୨୬ ♦ ପନ୍ଦର ଟଙ୍କା।

ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟ୍‌ମେଣ୍ଟ୍, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ସେପ୍‌ଟେମ୍ବର, ୨୦୨୬

ପ୍ରାର୍ଥନା	...	ଶ୍ରୀମା	୩
ଶ୍ରୀଅରବିନ୍ଦଙ୍କ ବାଣୀ	...	ଶ୍ରୀଅରବିନ୍ଦ	୪
ମନ୍ତ୍ରମୟୀ ସାବିତ୍ରୀ	...	ଶ୍ରୀଅରବିନ୍ଦ	୫
ଧ୍ୟାନ ଓ କର୍ମ	...	ଶ୍ରୀମା	୬
ଆନ୍ତରିକତା (୨)	...	ଶେଖ ଅବଦୁଲ କାଶମ	୭
ବିବର୍ତ୍ତନର ଭାବୀ ପର୍ଯ୍ୟାୟ	...	ମନୋଜ ଦାସ	୧୨
ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୫୮)	...	...	୧୪
ବିଶ୍ୱାସ	...	ରାମକୃଷ୍ଣ ଦାସ	୧୮
ମା' ଆପଣ ଏମିତି କହିଛନ୍ତି ... (୧୫)	...	ହୁତା ହିନ୍ଦୋଚା	୨୧
ଆଧୁନିକ ଭାରତ ଓ ଯୁବ-ସମାଜ (୨)	...	ପ୍ରପତ୍ତି	୨୪
ଧ୍ୟାନ ଓ ପ୍ରାର୍ଥନା – ଏକ ଆମ୍‌ଲିପିର ଗୀତିକଥା (୧୧୩)	...	ମହେନ୍ଦ୍ରନାଥ ସ୍ୱାଇଁ	୨୯
କାରା-ଜୀବନୀ (୧୮)	...	ଉଲ୍ଲାସକର ଦତ୍ତ	୩୪
ପରମ ପ୍ରଭୁ (କବିତା)	...	ସୁନାମଣି ରାଉତ	୩୭
ଏକ ସମ୍ଭାବନାପୂର୍ଣ୍ଣ ପରିସ୍ଥିତି	...	ବିଶ୍ୱମ୍ଭର ସାମନ୍ତ	... ୩୮
ଆଳସ୍ୟ	...	ପ୍ରସାଦ ତ୍ରିପାଠୀ	୪୦
ଗୋଟିଏ ଟ୍ରେନ୍ ଟିକଟର ମୂଲ୍ୟ	...	କାହ୍ନୁଚରଣ ମହାକୁର	୪୨
ଚତୁରତାର ରୂପାନ୍ତର	...	ମନୋଜ ଦାସ	୪୫
ବିଶ୍ୱାମିତ୍ର	...	ବନମାଳୀ ଆଚାର୍ଯ୍ୟ	୪୭
ଫୁଲ (କବିତା)	...	ଜ୍ୟୋସ୍ନାରାଣୀ ଦାଶ	୫୦
କ୍ଲାସରେ ଶ୍ରୀମା'ଙ୍କ କାହାଣୀ	...	...	୫୧
ବିରାଜ ହୃଦୟ ପୁରେ (କବିତା)	...	ଶରତ କୁମାରୀ ସ୍ୱାଇଁ	୫୫
କର୍ମ : ଏକ ସୁସ୍ଥ ଚେତନାର ଦୃଷ୍ଟାନ୍ତ	...	ମନୋଜ ଦାସ	୫୬

❖

ପ୍ରାର୍ଥନା

ଊର୍ଦ୍ଧ୍ୱରୁ ଆହୁରି ଊର୍ଦ୍ଧ୍ୱକୁ ! ଯେତିକି ଅଧିଗତ ହୋଇଛି, ସେତିକିରେ ଯେପରି ଆମେ କଦାଚ ତୃପ୍ତ ହୋଇ ନରହୁ, କୌଣସି ଉପଲବ୍ଧିଠାରେ ଯେପରି ଆମେ ଅଟକି ନଯାଉ, ସର୍ବଦା ଆମ ଗତି ହେଉଥାଉ ଅଗ୍ରଗାମୀ ଅବିରତ ଭାବେ, ତେଜୀୟାନ୍ ଭାବେ – ସଦା ପୂର୍ଣ୍ଣତର ଅଭିପ୍ରକାଶ, ସଦା ଉଚ୍ଚତର ଏବଂ ଅଧିକ ସାମଗ୍ରିକ ଚେତନା ଦିଗରେ । ... ଗତକାଲିର ବିଜୟ ହେବ ଆସନ୍ତାକାଲିର ବିଜୟ ସକାଶେ ଏକ ସୋପାନ-ଶିଳା, ଏବଂ ବିଗତ ଦିନର ସାମର୍ଥ୍ୟ ଯେପରି ଅନାଗତ ଦିନର କର୍ମକ୍ଷମତା ତୁଳନାରେ ହେବ ଦୁର୍ବଳତା-ପ୍ରାୟ ପ୍ରତୀୟମାନ ।

ହେ ଦିବ୍ୟଜନନି, ଜୟଦୃପ୍ତ ଏବଂ ଅବାଧ ତୁମ ଅଗ୍ରଗତି । ସର୍ବାଙ୍ଗୀନ ପ୍ରେମରେ ଯିଏ ହୁଏ ତୁମ ସହ ଏକୀଭୂତ, ତା'ର ଯାତ୍ରା ନିୟତ ସଦା ବିସ୍ତାରଶୀଳ ଦିଗ୍‌ବଳୟ ଅଭିମୁଖେ, ସଦା ପୂର୍ଣ୍ଣରୁ ପୂର୍ଣ୍ଣତର ଉପଲବ୍ଧି ଅଭିମୁଖେ, ଶିଖରରୁ ଶିଖରାନ୍ତରେ ତୁମ ଜ୍ୟୋତିଃର ଐଶ୍ୱର୍ଯ୍ୟ ମଧ୍ୟରେ ଅଗ୍ରସର ହେଉଛି ଅଜ୍ଞେୟର ଅପରୂପ ରହସ୍ୟସବୁକୁ ଅଧିକାର କରିବା ସକାଶେ ଏବଂ ସେସବୁକୁ ପ୍ରକାଶ କରିବା ନିମନ୍ତେ ।

ହେ ଦିବ୍ୟ ବିଜେତା, ସମଗ୍ର ଧରିତ୍ରୀ କରେ ତୁମ ଗୌରବଗାନ, ଏବଂ ଯାବତୀୟ ଶକ୍ତି କରିବେ ତୁମର ଅନୁଜ୍ଞାପାଳନ ।

କାରଣ, ଭଗବାନ୍ କହିଛନ୍ତି, ''ସମୟ ଆସିଛି'' ।

ଏବଂ ସକଳ ବାଧା ଅତିକ୍ରାନ୍ତ ହେବ ।

ସେପ୍‌ଟେମ୍ବର ୬, ୧୯୧୪ – ଶ୍ରୀମା



ଶ୍ରୀଅରବିନ୍ଦଙ୍କ ବାଣୀ

You must understand that my mission is not to create Maths, ascetics and Sannyasis; but to call back the souls of the strong to the Lila ... Renunciation of life is one thing, to make life itself, national, individual, world-life greater and more divine is another ... Renunciation of ego, acceptance of God in life is the Yoga I teach, – no other renunciation.

(Supplement, p. 468 - 69) – Sri Aurobindo

ଏକଥା ବୁଝି ରଖ ଯେ ମଠ, ବୈରାଗୀ ଓ ସନ୍ନ୍ୟାସୀସବୁ ସୃଷ୍ଟି କରିବା ମୋର ବ୍ରତ ନୁହେଁ; କିନ୍ତୁ ମୋର ବ୍ରତ ହେଉଛି ଶକ୍ତିଶାଳୀ ଆତ୍ମାମାନଙ୍କୁ ବିଶ୍ୱଲୀଳା ମଧ୍ୟକୁ ଫେରାଇ ଆଣିବା । ... ଜୀବନକୁ ବର୍ଜନ କରିବା ଗୋଟିଏ କଥା ଏବଂ ସ୍ୱୟଂ ଏହି ଜୀବନକୁ ଜାତୀୟ, ବ୍ୟକ୍ତିଗତ ଓ ବୃହତ୍ତର ତଥା ଦିବ୍ୟତର ଜଗତ୍-ଜୀବନରେ ପରିଣତ କରିବା ଅନ୍ୟ ଏକ କଥା । ... ମୁଁ ଯାହା ଶିକ୍ଷା ଦିଏ ତା' ହେଉଛି ଜୀବନ କ୍ଷେତ୍ରରେ ଅହଂକାରକୁ ତ୍ୟାଗ କରି ଭଗବାନଙ୍କୁ ଗ୍ରହଣ କରିବାହିଁ ଯୋଗ – ଅନ୍ୟ କୌଣସି ତ୍ୟାଗ ନୁହେଁ ।

– ଶ୍ରୀଅରବିନ୍ଦ



ମନ୍ତ୍ରମୟୀ ସାବିତ୍ରୀ

ଦ୍ୱିତୀୟ ପର୍ବ : ଦ୍ୱାଦଶ ସର୍ଗ, ଆଦର୍ଶର ସ୍ୱର୍ଗସମୂଚ୍ଚୟ

(The Heavens of the Ideal)

(୭)

ଶ୍ରୀଅରବିନ୍ଦ

An imperfection dogs our highest strength;
Portions and pale reflections are our share.
ଆମର ସର୍ବୋଚ୍ଚ ସାମର୍ଥ୍ୟକୁ ଅନୁସରଣ କରୁଥାଏ ଏକ ଅପୂର୍ଣ୍ଣତା; ଆମର ଭାଗ କେବଳ ଅଳ୍ପ କିଛି ଅଂଶ ଏବଂ ମ୍ଳାନ ପ୍ରତିବିମ୍ବସକଳ ।

Happy the worlds that have not felt our fall,
Where Will is one with Truth and Good
with Power;
Impoverished not by earth-mind's indigence,
They keep God's natural breath of mightiness,
His bare spontaneous swift intensities;
There is his great transparent mirror, Self,
And there his sovereign autarchy of bliss
In which immortal natures have their part,
Heirs and cosharers of divinity.
ସୁଖୀ ସେହିସବୁ ଜଗତ୍ ଯାହା ଆମର ପତନକୁ ଅନୁଭବ କରି ନଥା'ନ୍ତି, ଯେଉଁଠି ସଂକଳ୍ପ ସତ୍ୟ ସହିତ ଏବଂ ମଙ୍ଗଳ ଶକ୍ତି ସହିତ ଏକ ହୋଇ ରହିଥାଏ; ପୃଥ୍ୱୀ-ମାନସର ଦାରିଦ୍ର୍ୟ ଦ୍ୱାରା ନିଃସ୍ୱ ନିଃସଂବଳ ନହୋଇ ସେମାନେ ଈଶ୍ୱରଙ୍କ ଶକ୍ତିମତ୍ତାର ସ୍ୱାଭାବିକ ଶ୍ୱାସବାୟୁକୁ, ତାଙ୍କର ଅନାବୃତ କ୍ଷିପ୍ର ତୀବ୍ରତାସକଳକୁ ଧରିରଖନ୍ତି; ସେଠାରେ ବିଦ୍ୟମାନ ତାଙ୍କର ମହାନ୍ ସ୍ୱଚ୍ଛ ଦର୍ପଣରୂପୀ ଆତ୍ମା, ଆଉ ବି ସେଠାରେ ଥାଏ ଆନନ୍ଦର ସାର୍ବଭୌମ ନିରଙ୍କୁଶତା ଯହିଁରେ ଅମର ସ୍ୱଭାବଧାରୀ ସତ୍ତାମାନେ ଅଂଶଗ୍ରହଣ କରନ୍ତି, ଯେଉଁମାନେ ହେଲେ ଦେବତ୍ୱର ଉତ୍ତରାଧିକାରୀ ଏବଂ ଅଂଶୀଦାର ।

He through the Ideal's kingdoms
moved at will,
Accepted their beauty and their greatness bore,
Partook of the glories of their wonder fields,
But passed nor stayed beneath their
splendour's rule.
ଆଦର୍ଶର ରାଜ୍ୟସମୂହ ଭିତରଦେଇ ସେ (ଅଶ୍ୱପତି) ଯଥେଚ୍ଛା ବିଚରଣ କଲେ, ସେସବୁର ସୌନ୍ଦର୍ଯ୍ୟକୁ ଗ୍ରହଣ କଲେ ଏବଂ ସେସବୁର ମହତ୍ତ୍ୱକୁ ବହନ କଲେ, ସେମାନଙ୍କ ଅପରୂପ କ୍ଷେତ୍ରାବଳିର ମହିମାରେ ଭାଗ ନେଲେ, ମାତ୍ର ସେମାନଙ୍କ ଭାସ୍ୱର ଐଶ୍ୱର୍ଯ୍ୟରାଜିର ଶାସନଛତ୍ର ତଳେ ଅଟକି ନରହି ତାହାକୁ ଅତିକ୍ରମ କରିଗଲେ ।

All there was an intense but partial light.
ସେଠାରେ ସବୁକିଛି ଥିଲା ସୁତୀବ୍ର ଅଥଚ ଆଂଶିକ ଆଲୋକ ।

In each a seraph-winged high-browed Idea
United all knowledge by one master thought,
Persuaded all action to one golden sense,
All powers subjected to a single power
And made a world where it could reign alone,
An absolute ideal's perfect home.

ପ୍ରତ୍ୟେକ ଦେବଦୂତ-ପକ୍ଷଯୁକ୍ତ ସୁସଂସ୍କୃତ ବିଚାର ମଧ୍ୟରେ ଏକହିଁ ପ୍ରମୁଖ ଭାବନା ଦ୍ୱାରା ସକଳ ଜ୍ଞାନ ସମ୍ମିଳିତ ହୋଇଥିଲା, ସକଳ କ୍ରିୟାକୁ ଏକହିଁ ସ୍ୱର୍ଣ୍ଣାଭ ଅର୍ଥବୋଧ ପ୍ରତି ପ୍ରବର୍ତ୍ତାଇ ଅଣାଯାଇଥିଲା, ସମସ୍ତ ପରାକ୍ରମ ଏକହିଁ ପରାକ୍ରମର ଅଧୀନସ୍ଥ ହୋଇ ରହିଥିଲା ଏବଂ ସେସବୁକୁ ନେଇ ଗଢ଼ାଯାଇଥିଲା ଏକ ଜଗତ୍ ଯେଉଁଠାରେ ତାହା ଏକାକୀ ରାଜୁତି କରିପାରିବ, ସେଇଟି ଥିଲା ଏକ ପରମ ଆଦର୍ଶର ପରିପୂର୍ଣ୍ଣ ନିଳୟ ।

(ଅବଶିଷ୍ଟାଂଶ ପୃଷ୍ଠା ୧୧ରେ ଦେଖନ୍ତୁ)

ଧ୍ୟାନ ଓ କର୍ମ

ଶ୍ରୀମା

ବିନା କର୍ମରେ ଧ୍ୟାନ

ଯଦି ତୁମେ କୌଣସି କର୍ମ ନ କରି କେବଳ ଧ୍ୟାନ-ଧାରଣାରେ ନିବିଷ୍ଟ ହୋଇ ରୁହ, ତା'ହେଲେ ତୁମେ ଅଗ୍ରଗତି କରୁଛ କି ନାହିଁ ତାହା ଆଦୌ ଜାଣିପାରିବ ନାହିଁ। ତୁମେ ଗୋଟିଏ ଭ୍ରମ ଧାରଣାରେ ରହିଯାଇପାର ଯେ ତୁମର ଯଥେଷ୍ଟ ଆଧ୍ୟାତ୍ମିକ ଅଗ୍ରଗତି ହେଉଛି। କିନ୍ତୁ ତୁମେ ଯଦି କାର୍ଯ୍ୟ ଆରମ୍ଭ କର, ତୁମର ସେହିସବୁ କାର୍ଯ୍ୟ ସଂଲଗ୍ନ ସବୁକିଛି ପରିସ୍ଥିତି, ଲୋକମାନଙ୍କ ସହ ସମ୍ପର୍କ, ବାହ୍ୟ କର୍ମ ଓ ଜୀବିକା, ଏହି ସବୁକିଛି ହେଲା ତୁମ ଅନୁଭୂତିର ପରିସର, ଯାହା ଭିତରେ କି ତୁମେ ବୁଝିପାରିବ ଯେ ତୁମେ ଚେତନାରେ କେତେଦୂର ଅଗ୍ରଗତି କରିଛ ଏବଂ ଆଉ କେତେ ବାକି ଅଛି। ଯଦି ତୁମେ ନିଜ ଭିତରେ ନିଜକୁ ଆବଦ୍ଧ କରି ରଖ, କୌଣସି କାର୍ଯ୍ୟ ନକର, ସେତେବେଳେ ତୁମେ ଗୋଟିଏ ସଂପୂର୍ଣ୍ଣ ଆତ୍ମ-କୈନ୍ଦ୍ରିକ ମାୟାଲୋକ ରଚନା କରି ତା' ଭିତରେ ମନକୁ ମନ ସନ୍ତୁଷ୍ଟ ହୋଇ ରହିଥାଅ; ଯେଉଁ ମୁହୂର୍ତ୍ତରେ ତୁମେ ବାହ୍ୟ ଜଗତର କର୍ମ ପରିସର ଭିତରକୁ ଓହ୍ଲାଇ ଆସ ଏବଂ ଅନ୍ୟମାନଙ୍କ ସଂପର୍କ ଭିତରକୁ ପ୍ରବେଶ କର, ଯେତେବେଳେ ବିଭିନ୍ନ ପରିସ୍ଥିତିର ସମ୍ମୁଖୀନ ହୁଅ, ଜୀବନର ବିଭିନ୍ନ ବିଷୟବସ୍ତୁ ତୁମ ଆଗରେ ଆସି ଠିଆ ହୁଏ, ସେଇସବୁ ଭିତରେ ତୁମେ ସଂପୂର୍ଣ୍ଣ ଭାବେ ଏକ ବାସ୍ତବ ଧାରଣା ପାଇଥାଅ ଯେ ତୁମେ ସତକୁ ସତ ଚେତନାରେ ଅଗ୍ରଗତି କରୁଛ କି ନାହିଁ। ତୁମେ ଅଧିକ ଶାନ୍ତ, ଅଧିକ ସଚେତନ, ଅଧିକ ଶକ୍ତିଶାଳୀ, ଅଧିକ ନିଃସ୍ୱାର୍ଥପର ହୋଇଛ କି ନାହିଁ; ତୁମ ମଧ୍ୟରେ କୌଣସି କାମନା, କୌଣସି ଅନୁଚିତ ପସନ୍ଦ ଅପସନ୍ଦର ଭାବ, କୌଣସି ଦୁର୍ବଳତା, କୌଣସି ଅବିଶ୍ୱସ୍ତତା ରହିଛି କି ନାହିଁ — କର୍ମ କରିବା ଦ୍ୱାରା ହିଁ ତୁମେ ଏସବୁ ବିଷୟରେ ସଚେତନ ହୋଇ ପାରିବ।

ଦୈହିକ ସଂଯମ

ଯେଉଁମାନେ ଦୈହିକ କର୍ମକୁ ଅବଜ୍ଞା କରନ୍ତି, ସେମାନେ ଯଦି ଏହି ଅବଜ୍ଞା ଭାବକୁ ପ୍ରଥମରୁ ନ ଛାଡ଼ନ୍ତି, ତେବେ ପୂର୍ଣ୍ଣାଙ୍ଗ ଯୋଗପଥରେ ପାଦେ ବି ଅଗ୍ରସର ହୋଇ ପାରିବେ ନାହିଁ। ଯେକୌଣସି ପ୍ରକାରେ ଶରୀର ଉପରେ ପ୍ରଭୁତ୍ୱ ଆଣିବାହିଁ ଏକ ଅପରିହାର୍ଯ୍ୟ ଭିତ୍ତି। ଯେଉଁ ଶରୀର ତୁମ ଉପରେ ପ୍ରଭୁତ୍ୱ ବିସ୍ତାର କରେ, ତାହା ତୁମର ଶତ୍ରୁ। ଏହା ଏପରି ଏକ ବିଶୃଙ୍ଖଳା, ଯାହା ତୁମ ପକ୍ଷରେ ଗ୍ରହଣୀୟ ନୁହେଁ। ତୁମ ମନ ଭିତରେ ଯେଉଁ ଚୈତନ୍ୟମୟ ଶୁଦ୍ଧ ସଙ୍କଳ୍ପ ରହିଛି, ତାହା ଯେପରି ତୁମ ଶରୀରକୁ ଶାସନ କରେ, ଏବଂ ତୁମ ମନ ଉପରେ ତା' ନିୟମଗୁଡ଼ିକୁ ଲଦି ଦେଉଥିବା ଶରୀର ଯେପରି ଶାସନ ନ କରେ। ଜଣେ ଯେତେବେଳେ ଜାଣେ ଯେ ଏ ବିଷୟଟି ଖରାପ, ସେତେବେଳେ ସେଇ ଖରାପ କଥାଟିକୁ ନ କରିବାର ସାମର୍ଥ୍ୟ ତା'ର ଥିବା ଉଚିତ। ତୁମେ ଯେତେବେଳେ କୌଣସି କଥା ଉପଲବ୍ଧି କରିବା ପାଇଁ ଚାହଁ, ସେତେବେଳେ ତୁମେ ତାହା କରିବା ପାଇଁ ସମର୍ଥ ହେବା ଉଚିତ ଏବଂ ଶରୀରର ଅସାମର୍ଥ୍ୟ ଯୋଗୁଁ କିଂବା ଅସଦିଚ୍ଛା କିଂବା ସହଯୋଗର ଅଭାବ ହେତୁ ଏହା ଯେପରି ସ୍ଥଗିତ ନ ହୁଏ; ଏଥିପାଇଁ ସାଧକ ପକ୍ଷରେ ଶାରୀରିକ ଶୃଙ୍ଖଳା ଅର୍ଜନ କରିବା ଉଚିତ ଏବଂ ନିଜ ଗୃହର ନିଜେ ପ୍ରଭୁ ହେବା ଉଚିତ।

ପଳାୟନପନ୍ଥୀ ଭଳି 'ଧ୍ୟାନ ଧାରଣା' ଭିତରକୁ ଚାଲିଯିବା ଏବଂ ସେହି ତଥାକଥିତ ସମୁଚ୍ଚ ଆଧ୍ୟାତ୍ମିକ ଶିଖର ଉପରେ ଠିଆ ହୋଇ ବସ୍ତୁଜଗତର ବିଷୟଗୁଡ଼ିକୁ ହେୟ ଦୃଷ୍ଟିରେ ଚାହିଁବା ଖୁବ୍ ସୁନ୍ଦର କଥା। କିନ୍ତୁ ଏହାଦ୍ୱାରା ତୁମେ ନିଜ ଗୃହର ପ୍ରଭୁ ନହୋଇ କ୍ରୀତଦାସ ହୋଇଥାଅ।

(The Great Adventure
A Diary for All Times ପୁସ୍ତିକାରୁ)
ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

ଆନ୍ତରିକତା

(୨)

ଶେଖ ଅବଦୁଲ କାଶମ

ଆନ୍ତରିକତାର କ୍ଷେତ୍ରରେ ପ୍ରଧାନ ଅନ୍ତରାୟ ହେଉଛି ଆମର ଅହଂ ଓ ବାସନା, ଆମର ଅଗ୍ରରୁଚି ଓ ଆସକ୍ତି, ଆମର ସହାନୁଭୂତି ଓ ବିଦ୍ୱେଷ । ଏତଦ୍‌ବ୍ୟତୀତ ଆଳସ୍ୟ, ପରିବର୍ତ୍ତନବିମୁଖତା ଓ ଅଚେତନତା ମଧ୍ୟ ଆନ୍ତରିକତାକୁ ପରିପୂର୍ଣ୍ଣ ହେବାରେ ବାଧା ସୃଷ୍ଟି କରନ୍ତି । ଯାବତୀୟ ବସ୍ତୁ ସମ୍ବନ୍ଧରେ ଆମର ସମଗ୍ର ଦୃଷ୍ଟି (total, integral vision) ରହିବା ଉଚିତ ଯଦ୍ଦ୍ୱାରା ଆମେ ପ୍ରତ୍ୟେକ ବିଷୟକୁ ତା'ର ଯଥୋଚିତ ସ୍ଥାନରେ ରଖିପାରିବା । ଆମ ପ୍ରକୃତି ଭିତରେ ପରସ୍ପରବିରୋଧୀ ତତ୍ତ୍ୱ ରହିଥିଲେ ଏବଂ ସତ୍ୟ-ଦୃଷ୍ଟି ଓ ସମଦୃଷ୍ଟିର ଅଭାବ ରହିଥିଲେ ଆମେ କୌଣସି ବିଷୟରେ ଆନ୍ତରିକତାର ସହିତ ଏକ ଯଥାର୍ଥ ନିଷ୍ପତ୍ତି ନେଇ ପାରିବା ନାହିଁ । ସାମାନ୍ୟତମ ଶିଥିଳତା ଓ ଅସାବଧାନତା ମଧ୍ୟ ଆମର ଆନ୍ତରିକତାକୁ କ୍ଷୁଣ୍ଣ କରିପାରେ । ଆମେ ଯଦି ଆପଣାକୁ ଏକ ଦିବ୍ୟକେନ୍ଦ୍ରରେ ପରିଣତ କରିବାକୁ ନିଷ୍ପତ୍ତି ଗ୍ରହଣ କରି ନଥିବୁ ତାହାହେଲେ ଆମେ ଆମ ଭିତରେ ଥିବା ନାନା ବିରୋଧ କବଳରୁ ଆପଣାକୁ ମୁକ୍ତ କରିପାରିବୁ ନାହିଁ । ଏହି କ୍ଷେତ୍ରରେ ଆମର ମନ, ପ୍ରାଣ ଓ ଦେହ ସେମାନଙ୍କ ଯାବତୀୟ କ୍ରିୟାଶୀଳତାରେ ମିଥ୍ୟାର ପ୍ରରୋଚନାରେ ପଡ଼ି ନଷ୍ଟଭ୍ରଷ୍ଟ ହୋଇଯିବେ । ଆମ ଜୀବନରେ ଏକ ସମ୍ପୂର୍ଣ୍ଣ ନିର୍ଲିପ୍ତତାର ଦୃଷ୍ଟି ତଥା ଅତନ୍ଦ୍ର ପ୍ରହରୀସମ ଏକ ପୂର୍ଣ୍ଣ ସଜାଗତା ଅତ୍ୟନ୍ତ ଆବଶ୍ୟକ । ଭଗବତ୍ ପରମ ଇଚ୍ଛା ପାଖରେ ଆପଣାକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରିଦେବାକୁ ହେବ, ଯେମିତିକି ଆମ ଭିତରେ କୌଣସି କୁଣ୍ଠିତ ଭାବ, କାର୍ପଣ୍ୟ ଓ ହିସାବୀ ମନୋଭାବ ରହିବ ନାହିଁ । ତେବେଯାଇ ଆମେ ସମ୍ପୂର୍ଣ୍ଣ ନିଷ୍ଠାପର ହୋଇ ପାରିବା ।

ନିଷ୍ଠା ବା ଆନ୍ତରିକତା ହେଉଛି ସକଳ ପ୍ରକାର ଉପଲବ୍ଧିର ଭିତ୍ତିସ୍ୱରୂପ । ଆନ୍ତରିକତାହିଁ ଆଧ୍ୟାତ୍ମିକତାର ଅସଲ ମାର୍ଗ । ଏହାର ଅଭାବ ରହିଥିଲେ ଆମେ ଅଗଣିତ ଭୁଲ୍ କରିବାରେ ଲାଗିଥିବା, ନିଜ ପ୍ରତି ତଥା ଅନ୍ୟମାନଙ୍କ ପ୍ରତି ଅନିଷ୍ଟାଚରଣ କରୁଥିବା । ଆନ୍ତରିକତା ଆମ ଚରିତ୍ରକୁ ବିଶୁଦ୍ଧ କରେ । ଏଥିରୁ ଜନ୍ମ ନିଏ ଏକ ମହିମମୟ ଆନନ୍ଦ ଯାହା ଆମ ପାଇଁ ଶ୍ରେଷ୍ଠ ପୁରସ୍କାର । ଆନ୍ତରିକତା ଆମକୁ ଆଣିଦିଏ ମୁକ୍ତିର ସ୍ୱାଦ, ଉତ୍ତୋଳିତ ହୋଇଯିବାର ମଧୁର ଭାବ । ପ୍ରକୃତରେ ଆନ୍ତରିକତାହିଁ ଆମ ଲାଗି ସକଳ ନିରାପତ୍ତାର ପ୍ରହରୀ । ଏହାହିଁ ଆମର ସୁରକ୍ଷା । ଏହା ଆମକୁ ଆଧ୍ୟାତ୍ମିକ ପଥରେ ଯଥାର୍ଥ ଦିଗରେ ପରିଚାଳିତ କରିନିଏ । ଏହା ଭିତରେ ରହିଛି ରୂପାନ୍ତରକାରିଣୀ ଯଥାର୍ଥ ଶକ୍ତି । ନିଷ୍ଠାର ଶକ୍ତି ନିମେଷମାତ୍ରେ ସବୁକିଛିକୁ ବଦଳାଇ ଦେଇପାରେ, ସକଳ ବିକୃତି ଓ ପ୍ରତିବନ୍ଧକକୁ ଚୂର୍ଣ୍ଣ କରି ଦେଇପାରେ ।

[ମାଆଙ୍କ ବାଣୀ – "Sincerity is the safeguard, the protection, the guide, and finally the transforming power." (CWM, Vol. 8, p. 400)]

ଶ୍ୱେତଚମ୍ପକ (କାଠଚମ୍ପା) ପୁଷ୍ପ ଯାହା ମନୋମୟ ପରିପୂର୍ଣ୍ଣତା (psychological perfection)ର ପ୍ରତୀକ, ତାହାର ପାଞ୍ଚୋଟି ପାଖୁଡ଼ା, ଯେଉଁ ପାଞ୍ଚୋଟି ଗୁଣର ପ୍ରତିନିଧିତ୍ୱ କରନ୍ତି ତନ୍ମଧ୍ୟରେ ଆନ୍ତରିକତା ବା ସ୍ୱଚ୍ଛତା ହେଉଛି ସର୍ବପ୍ରଥମ ଗୁଣ । ମାଆ କହନ୍ତି, "Because sincerity is so rare a virtue in the world, one ought to bow down before it with respect when one meets it."

(CWM, Vol. 8, p. 73)

ଅର୍ଥାତ୍, ''ଆନ୍ତରିକତା ଏହି ବିଶ୍ୱରେ ଏପରି ଏକ ବିରଳ ଗୁଣ ଯେ ଯେଉଁଠି ବି ଆମେ ତାହାର ଦୃଷ୍ଟାନ୍ତ ଦେଖିବା, ସେଇଠି ଆମର ମଥା ସସମ୍ମାନେ ନତ ହୋଇଯିବା ଉଚିତ ।'' ମାଆଙ୍କ ଦୃଷ୍ଟିରେ ଆନ୍ତରିକତା ହେଉଛି ପୂର୍ଣ୍ଣ ସାଧୁତା ବା ସଚ୍ଚୋଟତା (perfect honesty) ଏବଂ ସ୍ୱଚ୍ଛତା (transparency) । ଅର୍ଥାତ୍, ସତ୍ତା ଭିତରେ କେଉଁଠି ବି ଏପରି କିଛି ନ ରହିବା ଉଚିତ ଯାହା ଛଳନା କରୁଥିବ, ନିଜକୁ ଲୁଚାଇବାକୁ ଚେଷ୍ଟା କରୁଥିବ କିଂବା ନିଜେ ଯାହା ନୁହେଁ ତାହା ଅଟେ ବୋଲି ଦେଖାଇବାକୁ ଚାହୁଁଥିବ ।

୧୯୦୪ ମସିହାରେ ଶ୍ରୀମା 'ସଦ୍‌ଗୁଣଚୟ' (The

Virtues) ଶୀର୍ଷକରେ ଏକ ଗପ ଲେଖିଥିଲେ । ସେଥିରେ କୁହାଯାଇଛି ଯେ ଦିନେ ଏକ ରାଜପ୍ରାସାଦରେ ଦେବ-ଦେବୀମାନଙ୍କର ଏକ ଉତ୍ସବ ଅନୁଷ୍ଠିତ ହେଉଥିଲା । ଏହି ପୃଥିବୀରେ ସମ୍ମାନିତ ହେଉଥିବା ସଦ୍‌ଗୁଣଗୁଡ଼ିକ ସକାଶେ ସେହି ଉତ୍ସବ ଉଦ୍ଦିଷ୍ଟ ଥିଲା । ଉତ୍ସବଟି ମଧ୍ୟରେ ନିଷ୍ଠାରୂପୀ ସଦ୍‌ଗୁଣଟି ହିଁ ରାଣୀ ହୋଇ ପୌରୋହିତ୍ୟ କରୁଥିଲା । ସ୍ୱଚ୍ଛ ଜଳ ପରି ଦିଶୁଥିବା ଏକ ସ୍ୱଚ୍ଛ ବସନ ଦ୍ୱାରା ତା'ର ଶରୀର ଆବୃତ ହୋଇଥିଲା । ସେ ଖଣ୍ଡେ ସ୍ୱଚ୍ଛତମ ସ୍ଫଟିକ ଆପଣା ହାତରେ ଧରିଥିଲା । ପ୍ରତ୍ୟେକ ବସ୍ତୁ ପ୍ରକୃତରେ ଯେମିତି, ସେହି ସ୍ଫଟିକଟି ସାହାଯ୍ୟରେ ସେଗୁଡ଼ିକୁ ଠିକ୍ ସେହିପରି ଦେଖି ହେଉଥଲା । ନିଷ୍ଠାର ବିଶ୍ୱସ୍ତ ସଂରକ୍ଷକ ହୋଇ ରହିଥିଲେ ନମ୍ରତା ଓ ସାହସ । ଅନ୍ୟ ସଦ୍‌ଗୁଣଗୁଡ଼ିକ ମଧ୍ୟ ସେଠାରେ ଉପସ୍ଥିତ ଥିଲେ, ଯଥା : ବିବେକ (Prudence), ଉଦାରତା, ନ୍ୟାୟ, ଦୟା, ଧୃତି, ଶାନ୍ତତା, ସହଚାରିତା ଓ ଅନ୍ୟମାନେ । ପରିଶେଷରେ ''କୃତଜ୍ଞତା'' (ଅତ୍ୟନ୍ତ କ୍ୱଚିତ୍ ଆମନ୍ତ୍ରିତ ସଦ୍‌ଗୁଣ)ର ଆଗମନ ଘଟିଥିଲା । ଏହି ଗପରେ ନିଷ୍ଠା (Sincerity)କୁ ହିଁ ଶ୍ରେଷ୍ଠ ଓ ସର୍ବମୂଳ ସଦ୍‌ଗୁଣ ରୂପେ ଦର୍ଶାଯାଇଛି । ନିଷ୍ଠାହିଁ ଅନ୍ୟ ସଦ୍‌ଗୁଣଗୁଡ଼ିକର ଭିତ୍ତି ଓ ପରିଚାଳକ ହୋଇ ରହିଥାଏ ।

ଆମର ନିଷ୍ଠା ସମଗ୍ର ଓ ସମ୍ପୂର୍ଣ୍ଣ ହେବା ଉଚିତ । ଆମଠାରେ ଯଦି ନିଷ୍ଠା ନଥିବ ତାହାହେଲେ ଆମେ ପାଦେ ଆଗକୁ ଯାଇ ଆର ପାଦରେହିଁ ତଳେ ପଡ଼ି ମୁଣ୍ଡ ଫାଟିବାର ଆଶଙ୍କା ରହିଥିବ । ଆମ ଚତୁର୍ଦିଗରେ ଯାବତୀୟ ପ୍ରକାରର ଶକ୍ତି, ଇଚ୍ଛା, ପ୍ରଭାବ ଓ ସୂକ୍ଷ୍ମସତ୍ତାଗୁଡ଼ିକ ଆମକୁ ବେଢ଼ି ରହିଥା'ନ୍ତି । ଆମର ନିଷ୍ଠାରେ ସାମାନ୍ୟ ଟିକିଏ ଫାଟ ସୃଷ୍ଟି ହେଲେ ସେଗୁଡ଼ିକ ଆମ ଭିତରକୁ ଛୁଟି ଆସି ଆମକୁ ହଇରାଣ କରିବେ, ଆମକୁ ମିଥ୍ୟାର ଗର୍ତ୍ତ ଭିତରକୁ ଟାଣି ନେବେ । ସୁତରାଂ ଆମକୁ ସର୍ବଦା ନିଷ୍ଠାଯୁକ୍ତ ଓ ସତର୍କ ହୋଇ ରହିବାକୁ ହେବ । ବେଳେ ବେଳେ ଆମେ କେତେକ ବିଷୟରେ ଅଯଥା ନିଜର ଅସାମର୍ଥ୍ୟ ପ୍ରକାଶ କରୁ । ଏହା ଆମର ଆଳସ୍ୟ, ଭୀରୁତା କିଂବା ନିଷ୍ଠାହୀନତା ହୋଇପାରେ । ଉଦାହରଣ ସ୍ୱରୂପ, କୌଣସି ମାନସିକ ବା ଶାରୀରିକ କଷ୍ଟ ଆସିଲେ ଆମେ କହୁ, ''ଆଃ, ଏହା ମୋ ପକ୍ଷରେ ଅସହ୍ୟ !'' କୌଣସି ବିକଟ ସମସ୍ୟା ବା ପ୍ରତିବନ୍ଧକ ଆସି ଛିଡ଼ା ହେଲେ ଆମେ କହୁ, ''ଏହି ବାଧାକୁ ଅତିକ୍ରମ କରିବା ମୋ ପକ୍ଷରେ ଅସମ୍ଭବ ।'' ବାଧା ବିରୋଧରେ ସଂଗ୍ରାମ କରିବା ପରିବର୍ତ୍ତେ ଅର୍ଜୁନଙ୍କ ଭଳି ଆମେ ଅସ୍ତ୍ର ତ୍ୟାଗ କରି ବସିପଡୁ ଅଥବା ଅସହାୟଭାବ ପ୍ରକାଶ କରି କହୁ, ''ମୋର ଭାଗ୍ୟ କେଡ଼େ ଖରାପ !'' କାହାଠୁ ଅପମାନ ବା ଭର୍ତ୍ସନା ପ୍ରାପ୍ତ ହେଲେ ବା କିଛି ଅପ୍ରୀତିକର କଥା ଶୁଣିଲେ ଆମେ ତା' ପ୍ରତି ଘୃଣା ଓ ଆକ୍ରୋଶ ପୋଷଣ କରିଥାଉ । ଅଥବା ଆମେ କହୁ, ''ଏ ସଂସାରଟି ମିଥ୍ୟା ମାୟାରେ ଭର୍ତ୍ତି ହୋଇଛି, ଏହା ବାସଯୋଗ୍ୟ ନୁହେଁ । ପଳାୟନହିଁ ନିଷ୍କୃତିର ମାର୍ଗ ।'' ସେହିପରି ଜଣେ କହିପାରେ, ''ମୋର ଇଚ୍ଛାଶକ୍ତି ନାହିଁ, ତେଣୁ ଏ କାମଟି ମୁଁ କରିପାରିବି ନାହିଁ ।'' ପ୍ରକୃତରେ ଜଣେ ଯଦି ସେହି କାମଟିକୁ କରିବାକୁ ଚାହାଁନ୍ତା ସେ ତାହା ନିଶ୍ଚୟ କରିପାରନ୍ତା । ଏହି ପ୍ରତ୍ୟେକଟି ପ୍ରତିକ୍ରିୟା ଗୋଟିଏ ଗୋଟିଏ ନିଷ୍ଠାହୀନତା । ଫଳ ଭିତରେ ପୋକଟିଏ ଥିଲେ ତାହା ଯେମିତି ସମଗ୍ର ଫଳଟିକୁ କ୍ରମଶଃ ନଷ୍ଟ କରିଦିଏ, ନିଷ୍ଠାହୀନତା ସେମିତି ମନୁଷ୍ୟର ବ୍ୟକ୍ତିତ୍ୱକୁ ନଷ୍ଟ କରିଦିଏ । ମା'ଙ୍କ ଦୃଷ୍ଟିରେ ନିଷ୍ଠା ହେଉଛି ସକଳ ଇଚ୍ଛାଶକ୍ତି ଅପେକ୍ଷା ଅଧିକ ଶକ୍ତିଶାଳୀ । ଏହା ଯେକୌଣସି ଜିନିଷକୁ ଆଖିପିଛୁଳାକେ ପରିବର୍ତ୍ତନ କରିଦେଇ ପାରିବ । ଆମେ ଆମର ସାମର୍ଥ୍ୟ ଓ ଇଚ୍ଛାଶକ୍ତି ଉପରେ ଆସ୍ଥା ପୋଷଣ କରିବା ଉଚିତ, ସାମର୍ଥ୍ୟ ଓ ଇଚ୍ଛାଶକ୍ତିର ବୃଦ୍ଧି ପାଇଁ ସଚେଷ୍ଟ ହେବା ଉଚିତ । ଧୈର୍ଯ୍ୟ, ସହିଷ୍ଣୁତା, ସମତାଭାବ ଓ ଯୋଦ୍ଧୃଭାବ ଆମ ପାଇଁ ଏକାନ୍ତ ଆବଶ୍ୟକ । ଏସବୁ ଆମର ଆନ୍ତରିକତାକୁ ପରିପୁଷ୍ଟ କରିଥା'ନ୍ତି । ନିୟମିତ ଶାରୀରିକ ବ୍ୟାୟାମ ଦ୍ୱାରା ମାଂସପେଶୀକୁ ଯେମିତି ଶକ୍ତ ଓ ବଳିଷ୍ଠ କରାଯାଏ ସେମିତି ଅଭ୍ୟାସ ଦ୍ୱାରା ଇଚ୍ଛାଶକ୍ତିକୁ ମଧ୍ୟ ଅଧିକ ବଳଶାଳୀ କରାଯାଇ ପାରିବ । ଏତଦ୍ ବ୍ୟତୀତ ପରମେଶ୍ୱରଙ୍କ ଶକ୍ତି ଓ ସଂକଳ୍ପ ଆଡ଼କୁ ମଧ୍ୟ ଉନ୍ମୁକ୍ତ ଓ ଆସ୍ଥାଯୁକ୍ତ ହୋଇ ରହିବାକୁ ହେବ, ଯଦ୍ଦ୍ୱାରା ଆମର ଆନ୍ତରିକତା ସୁଦୃଢ଼ ହେବ ।

ଆମ ଭିତରେ ବିଭାଜନ ରହିଥାଏ, ଅର୍ଥାତ୍ ସତ୍ତାର ଗୋଟିଏ ଅଂଶ ଅବଶିଷ୍ଟ ଅଂଶ ସହିତ ଏକାଠି ଯିବାକୁ ଅସମ୍ମତି ପ୍ରକାଶ କରୁଥାଏ । ସତ୍ତାର ଗୋଟିଏ ଭାଗ ଅଗ୍ରଗତି କରୁଥାଏ ଆଉ ଅନ୍ୟ ଭାଗଟି ସ୍ଥାଣୁ ହୋଇ ବସି ରହିଥାଏ । ଏହି ବିଭାଜନ ହେଉଛି ନିଷ୍ଠାହୀନତାର ଅନ୍ୟ ଏକ ଉଦାହରଣ । ମା' କହନ୍ତି –

"All division in the being is an insincerity.

"The greatest insincerity is to dig an abyss between your body and the truth of your being." (CWM, Vol. 14, p. 69)

ଅର୍ଥାତ୍, ''ସତ୍ତାରେ ସକଳ ପ୍ରକାର ବିଭାଜନ ଏକ ଏକ ନିଷ୍ଠାହୀନତା ଅଟେ ।

''ସବୁଠୁ ବଡ଼ ନିଷ୍ଠାହୀନତା ହେଉଛି ତୁମ ଶରୀର ଓ ତୁମର ସତ୍ତାର ସତ୍ୟ ମଧ୍ୟରେ ଅତଳ ଗହ୍ୱରଟିଏ ଖୋଳି ପକାଇବା ।''

ଯେତେବେଳେ ଦୈହିକ ସତ୍ତା ଓ ପ୍ରକୃତ ସତ୍ୟ-ସତ୍ତା ମଧ୍ୟରେ ବିରାଟ ବିଚ୍ଛିନ୍ନକାରୀ ଗହ୍ୱରଟିଏ ସୃଷ୍ଟି ହୋଇଯାଏ ସେତେବେଳେ ବିଶ୍ୱପ୍ରକୃତି ମଧ୍ୟରୁ ଆଗତ ନାନା ବିରୋଧୀ ପ୍ରରୋଚନା ତାହାକୁ ପୂରଣ କରେ । ସେହି ବିରୋଧୀ ତତ୍ତ୍ୱ ମଧ୍ୟରେ ସବୁଠୁ ସାଂଘାତିକ ହେଉଛି ଭୟ ଓ ସନ୍ଦେହ । ସୁତରାଂ ଆମ ସତ୍ତାର ସତ୍ୟକୁ ବିରୋଧ କରୁଥିବା ତତ୍ତ୍ୱଗୁଡ଼ିକର ପ୍ରତ୍ୟାଖ୍ୟାନ ଓ ବହିଷ୍କାର କରିବାହିଁ ଆନ୍ତରିକତା । ମା' ତେଣୁ ଯଥାର୍ଥରେ କହିଛନ୍ତି – "To be absolutely sincere is not to have any division, any contradiction in one's being." (CWM, Vol. 8, p. 283)

ଅର୍ଥାତ୍, ''ନିଜ ସତ୍ତା ମଧ୍ୟରେ କୌଣସି ବିଭାଜନ, କୌଣସି ବିରୋଧାଭାସକୁ ସ୍ଥାନ ନଦେବାହିଁ ହେଉଛି ପରମ ନିଷ୍ଠା ।''

ଯେତେବେଳେ ଆମ ଭିତରେ ଦିବ୍ୟ ଉପସ୍ଥିତି ଓ ଦିବ୍ୟ ଇଚ୍ଛାର କ୍ରିୟାଶୀଳତାକୁ ବାସ୍ତବରୂପେ ଅନୁଭବ କରିହୁଏ, ଯେତେବେଳେ ଆମର ସମଗ୍ର ସତ୍ତା ଜ୍ୟୋତିର୍ମୟତା ଓ ସ୍ୱଚ୍ଛତାରେ ପରିପୂର୍ଣ୍ଣ ହୋଇ ଦିବ୍ୟଚେତନାକୁ ଟିକିନିଖି ଭାବେ ସକଳ କ୍ଷେତ୍ରରେ ଅଭିବ୍ୟକ୍ତ କରେ, ତାହାକୁହିଁ ଆମେ ପରିପୂର୍ଣ୍ଣ ଆନ୍ତରିକତା ବୋଲି କହିବା । ଏହି ସ୍ତରରେ ଉପନୀତ ହେଲେ ଆମେ ଭଗବାନଙ୍କ ନିର୍ଦ୍ଦେଶକୁ ପ୍ରତ୍ୟକ୍ଷ ଭାବେ ଶୁଣିପାରିବା । ମାଆ କହନ୍ତି –

"Strive exclusively to hear the command of the Supreme Lord, and if you are perfectly sincere, He will find a way to make you hear and recognise this command with certainty.

"Such is the assurance given to all those who want to live according to the supreme Truth.'' (CWM, Vol. 10, p. 316)

ଅର୍ଥାତ୍, ''ପରମ ପ୍ରଭୁଙ୍କର ଆଦେଶକୁ ଶୁଣିବା ଲାଗି ଐକାନ୍ତିକ ଭାବେ ପ୍ରୟାସ କର, ଏବଂ ତୁମେ ଯଦି ପୂର୍ଣ୍ଣତଃ ଆନ୍ତରିକ, ତାହାହେଲେ ସେ ତୁମ ପାଇଁ ମାର୍ଗଟିଏ ଖୋଲି ଦେବେ ଯେପରିକି ତୁମେ ତାଙ୍କ ଆଦେଶକୁ ନିଶ୍ଚିତଭାବେ ଶୁଣିପାରିବ ଓ ଚିହ୍ନିପାରିବ ।

''ଯେଉଁମାନେ ପରମ ସତ୍ୟ ଅନୁସାରେ ଜୀବନ ବଞ୍ଚିବାକୁ ଚାହାନ୍ତି, ସେମାନଙ୍କ ଲାଗି ଏହା ଏକ ନିଶ୍ଚୟବାଣୀ ।''

ନିଜର ତ୍ରୁଟିକୁ ନ ଜାଣିବା ହେଉଛି ଏକ ନିଷ୍ଠାହୀନତା । ଅନ୍ୟପକ୍ଷରେ ନିଜ ଭିତରେ ନିଷ୍ଠା ନାହିଁ ବୋଲି ଜାଣି ସୁଦ୍ଧା ଜଣେ ଯଦି ନିଷ୍ଠାହୀନ ହୋଇ ରହିବାରେ ଲାଗିଥିବ, ତାହାହେଲେ ସେପରି କାର୍ଯ୍ୟକୁ 'ଦୁଷ୍ଟତା' (wickedness) ବୋଲିହିଁ କୁହାଯିବ । ଏପରି ବ୍ୟକ୍ତିର ମନ୍ଦ ଅଭିପ୍ରାୟ ଥାଏ । ତେଣୁ ସେ ଆସ୍ଥାହାକୁ ଧାରଣ କରିପାରେ ନାହିଁ, ସେ ତା'ର ବୋଧଶକ୍ତି ଓ ସମସ୍ତ ପ୍ରକାର ସିଦ୍ଧିଲାଭର ସାମର୍ଥ୍ୟକୁ ହରାଇବସେ । ସେହିଭଳି କୌଣସି କାମକୁ ଭୁଲ୍ ବୋଲି ଜାଣିଲା ପରେ ମଧ୍ୟ ଯଦି ଜଣେ ସେହି କାମକୁ କରେ, ତା'ର ପୁନରାବୃତ୍ତି କରିଚାଲେ, ତାହାହେଲେ ତାହା 'ଦୁରାଗ୍ରହ' (bad will) ବୋଲି ବିବେଚିତ ହେବ । ଏପରି ବ୍ୟକ୍ତିର ଚେତନା ଆଚ୍ଛାଦିତ ହୋଇ ଯାଇଥାଏ । ସେ ସତ୍ୟର ସଙ୍କେତକୁ ଦେଖିପାରେ ନାହିଁ । ଅନ୍ୟପକ୍ଷରେ ଆପଣା ଭୁଲ୍‌କୁ ସମର୍ଥନ କରି ନାନା କୈଫିୟତ୍ ଦେଉଥିବା ବ୍ୟକ୍ତି ଯାବତୀୟ ସଂଶୋଧନରୁ ବାହାରକୁ ଚାଲିଯାଏ । ଏଗୁଡ଼ିକ ହେଉଛି ନିଷ୍ଠାହୀନତାର ଗୋଟିଏ ଗୋଟିଏ ଉଦାହରଣ । ନିଷ୍ଠାହୀନତା ଫଳରେ ଭଗବାନ୍ ଓ ଆମ ଭିତରେ ଏକ ପରଦା ପଡ଼ିଯାଏ, ଏକ ପ୍ରତିବନ୍ଧକ ଛିଡ଼ା ହୋଇଯାଏ । ଆମେ ନିଜକୁ ତାଙ୍କଠାରୁ ଦୂରକୁ ଅପସାରିତ କରିନେଉ । ସେହି ବିଚ୍ଛିନ୍ନତା ସୃଷ୍ଟି କରି ଆମେ ନିଜେହିଁ ନିଜକୁ ଦଣ୍ଡ ଦେଉ, ଭଗବାନଙ୍କ ଦିବ୍ୟ ସହାୟତା ଓ କୃପାରୁ ବଞ୍ଚିତ ହୋଇଯାଉ । ଏହାକୁ ବୁଝି ଯଦି ଜଣେ ଆନ୍ତରିକ ହେବା ପାଇଁ ଦୃଢ଼ ନିଷ୍ପତ୍ତି ନିଏ, ତାହାହେଲେ ତା'ର ସ୍ୱଭାବରେ ପରିବର୍ତ୍ତନ ନିଶ୍ଚୟ ଆଣି କରାଯାଇପାରିବ । ଅନ୍ୟଥା ସିଏ ଜୀବନଯାକ ଗୋଟିଏ ସ୍ଥାନରେହିଁ ଭୁଆଁ ବୁଲିବାକୁ ବାଧ୍ୟ ହେବ । ଥରେ ଆମର ନିଷ୍ଠହୀନତାକୁ ଚିହ୍ନିଗଲା ପରେ ଆମେ ସଚେତନ ହୋଇଯିବା ଆବଶ୍ୟକ । ତା'ପରେ ଆମର ଏକମାତ୍ର କାମ ହେବ ତା' ଉପରେ ଉତ୍ତପ୍ତ ଲୁହାଖଣ୍ଡଟିଏ ଆଣି ଚାପିଦେବା, ଅର୍ଥାତ୍ ତାକୁ ଜଳାଇ ଶୁଦ୍ଧିକୃତ କରି ନିଷ୍ଠାରେ ପରିଣତ କରିଦେବା ଦରକାର ।

ଆନ୍ତରିକ ହେଲେ ଯେ ଜଣେ ସମସ୍ତ ବିପଦ ଓ କ୍ଲେଶରୁ ମୁକ୍ତ ହୋଇଯିବ ଏପରି ନୁହେଁ । ବରଂ ବେଳେବେଳେ ଏକଥା

ଦେଖାଯାଇଥାଏ ଯେ ଆଧ୍ୟାତ୍ମିକ ଜୀବନ ପାଇଁ ଆନ୍ତରିକ ଅଭୀପ୍ସା ରଖିଥିବା ବ୍ୟକ୍ତି ଉପରକୁ ନାନା ଅପ୍ରୀତିକର ଓ ଦୁଃଖଦ ଘଟଣା ମାଡ଼ିଆସେ । ଉତ୍ତମ ବନ୍ଧୁମାନେ ଶତ୍ରୁ ଭଳି ଆଚରଣ କରନ୍ତି, ପରିବାର ଲୋକ ସେଇ ବ୍ୟକ୍ତିକୁ ପରିତ୍ୟାଗ କରନ୍ତି, ବିଭିନ୍ନ କ୍ଷେତ୍ରରେ ତାକୁ ଅନେକ କ୍ଷତି ସହିବାକୁ ହୋଇଥାଏ । ଏ ପ୍ରକାର ଦୁର୍ଭୋଗଗୁଡ଼ିକୁ ଆମେ ନୈରାଶ୍ୟଜନକ ବୋଲି ଭାବିବା ଉଚିତ ନୁହେଁ । 'ସାବିତ୍ରୀ' ମହାକାବ୍ୟରେ 'ଅତିପ୍ରାକୃତ ଅନ୍ଧକାର' (supernatural darkness) ବିଷୟରେ ଉଲ୍ଲେଖ କରାଯାଇଛି । ଏହା ବ୍ୟକ୍ତି ଭିତରର ସୁପ୍ତ ସାମର୍ଥ୍ୟ ଓ ଚେତନାକୁ ଜାଗୃତ କରି ଆଣିବାରେ ସାହାଯ୍ୟ କରେ । ମାଆ କହନ୍ତି – "Fundamentally, the avalanche of troubles is always for sincere people."

(CWM, Vol. 5, p. 157)

ଅର୍ଥାତ୍, ''ମୂଳତଃ ଅଡୁଆ ଓ ଅସୁବିଧାର ପର୍ବତଟି ସର୍ବଦା ନିଷ୍ଠାବାନ୍ ବ୍ୟକ୍ତିମାନଙ୍କ ଲାଗିହିଁ ଉଦ୍ଦିଷ୍ଟ ହୋଇଥାଏ ।'' ମାଆ ଆହୁରି କହନ୍ତି ଯେ ଜଣେ ଯଦି ବଡ଼ ବଡ଼ କଷ୍ଟର ସମ୍ମୁଖୀନ ହେଉଛି ତେବେ ଏହା ପ୍ରମାଣିତ କରେ ଯେ ସେ ଏକ ନିର୍ଦ୍ଦିଷ୍ଟ ଆନ୍ତରିକତାର ସ୍ତରକୁ ଉନ୍ନୀତ ହୋଇଯାଇଛି । ଜଣେ ଯେତେବେଳେ ପ୍ରକୃତରେ ଆନ୍ତରିକ ହୋଇଉଠେ, ତା' ଲାଗି ଭଗବାନ୍ ଏକ ଶବ୍ଦ ବା ଧାରଣା ହୋଇ ଆଉ ରହନ୍ତି ନାହିଁ ବରଂ ଏକ ବାସ୍ତବ ଅନୁଭୂତିରେ ପରିଣତ ହୋଇଯା'ନ୍ତି । ଆନ୍ତରିକତା ବ୍ୟକ୍ତିକୁ ଭଗବାନଙ୍କ ଦିବ୍ୟନିବାସ ମଧ୍ୟରେ ପ୍ରବେଶ କରାଇଦିଏ । ମାଆଙ୍କ ଭାଷାରେ – "Sincerity is the key of the divine doors."

(CWM, Vol. 14, p. 65)

ଅର୍ଥାତ୍, ''ଆନ୍ତରିକତା ହେଉଛି ଭାଗବତ ଦ୍ୱାରଗୁଡ଼ିକର ଚାବିକାଠି ।''

ଯେଉଁମାନେ ପ୍ରକୃତରେ ଅନୁରାଗୀ ଓ ଆନ୍ତରିକ, ସ୍ୱୟଂ ଭଗବାନ୍ ସେମାନଙ୍କ ନିତ୍ୟ ସଖା ହୋଇଯା'ନ୍ତି ବୋଲି ମାଆ କହିଛନ୍ତି । ଏହି ଦୃଷ୍ଟିରୁହିଁ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଅତ୍ୟନ୍ତ ପ୍ରିୟ ସଖା ହୋଇଥିଲେ ବୋଲି ଆମେ ଜାଣୁ ।

ମାଆ ନିଷ୍ଠାହୀନତାର ଦୁଇଟି କାରଣ ବିଷୟରେ ଉଲ୍ଲେଖ କରିଛନ୍ତି । ସେ ଦୁଇଟି ହେଉଛି ଅଜ୍ଞାନ ଓ ନିର୍ବୋଧତା । ଏକ ଅଧ୍ୟବସାୟୀ ସଂକଳ୍ପ (persevering will) ଏବଂ ଦିବ୍ୟ କୃପା ଉପରେ ପରମ ଆସ୍ଥା ବଳରେ ଜଣେ ତାହାର ନିଷ୍ଠାହୀନତାକୁ ଦୂର କରିପାରିବ । ଆମ ଭିତରେ ଏକ ପ୍ରରୋଚନା ଆସି ଆମକୁ କହିପାରେ – ''ତରତର କାହିଁକି ? ଅନ୍ୟମାନେ ତ କରୁ ନାହାନ୍ତି ।'' ଏହା ଏକ ସାଂଘାତିକ ମନୋଭାବ । ଏହାଠାରୁ ଅଧିକ ନିର୍ବୋଧତାପୂର୍ଣ୍ଣ କୈଫିୟତ୍ ଆଉ ନାହିଁ । ନିଜ ଭିତରେ ଆନ୍ତର ବିରୋଧ (inner conflict) ଅବସ୍ଥା ଥିବା ପର୍ଯ୍ୟନ୍ତ ନିଷ୍ଠାହୀନତା ଦୂର ହେବ ନାହିଁ । ଯଦି ଜଣେ ପୂର୍ଣ୍ଣ ଆନ୍ତରିକତା ଲାଭ କରିଛି ବୋଲି ନିଶ୍ଚୟତାର ସହ କହେ, ତାହା ହେଲେ ଏହା ନିଶ୍ଚିତ ଯେ ସେ ମିଥ୍ୟା ଭିତରେହିଁ ନିମଜ୍ଜିତ ହୋଇଛି । ଆପଣାକୁ ନିଷ୍ଠାବାନ୍ ବୋଲି କହିବା ଯେମିତି ଅନାବଶ୍ୟକ ଓ ନିରର୍ଥକ, ଆପଣାକୁ ନିଷ୍ଠାହୀନ ବୋଲି କହି ଆତ୍ମ-ଦହନରେ ବଞ୍ଚିବା ସେମିତି ଅନାବଶ୍ୟକ ଓ ନିରର୍ଥକ । ଯାହା ପ୍ରକୃତରେ ଆବଶ୍ୟକ ତାହାହେଲା ଆପଣାକୁ ଅଧିକରୁ ଅଧିକ ନିଷ୍ଠାପର କରିବା ଲାଗି ସଚ୍ଚୋଟଭାବେ ପ୍ରୟାସ କରିବା । ମାଆ କହନ୍ତି, "Before the Eternal Consciousness a drop of sincerity has more value than an ocean of pretension and hypocrisy." (CWM, Vol. 14, p. 69)

ଅର୍ଥାତ୍, ''ଶାଶ୍ୱତ ଚେତନାର ଦୃଷ୍ଟିରେ ବିନ୍ଦୁଏ ଆନ୍ତରିକତା ଛଳନା ଓ କପଟତାର ମହାସାଗରଠାରୁ ଅଧିକ ମୂଲ୍ୟବାନ୍ ।''

ପୂର୍ଣ୍ଣ ଆନ୍ତରିକତାର ସବୁଠୁ ବଡ଼ ଶତ୍ରୁ ହେଉଛନ୍ତି ସମସ୍ତ ପ୍ରକାର ଅଗ୍ରରୁଚି (preferences) ଏବଂ ପୂର୍ବପୋଷିତ ଧାରଣା (pre-conceived ideas) । ତେଣୁ ସେଥିରୁ ନିବୃତ୍ତ ହେବା ଉଚିତ । ପ୍ରାଣ କ୍ଷେତ୍ରରେ ଆନ୍ତରିକତା ଅର୍ଜନ କରିବା ସବୁଠୁ ବେଶୀ କଷ୍ଟସାଧ୍ୟ, କିନ୍ତୁ ଏହା ସବୁଠୁ ବେଶୀ ଆବଶ୍ୟକ । ପ୍ରାଣର ଶୁଦ୍ଧିକରଣ ଦୀର୍ଘକାଳସାପେକ୍ଷ; ତେଣୁ ଧୈର୍ଯ୍ୟ, ଅଧ୍ୟବସାୟ ଓ ଆନ୍ତରିକତା ଏକାନ୍ତ ଆବଶ୍ୟକ । ମାଆ କହନ୍ତି – "Those who are sincere, I can help and turn easily towards the Divine. But where there is insincerity I can do very little."

(CWM, Vol. 14, p. 68)

ଅର୍ଥାତ୍, ''ଯେଉଁମାନେ ନିଷ୍ଠାଯୁକ୍ତ, ମୁଁ ସେମାନଙ୍କୁ ସାହାଯ୍ୟ କରିପାରିବି ଏବଂ ଭଗବାନଙ୍କ ଅଭିମୁଖରେ ସହଜରେ ପରିଚାଳିତ କରିନେଇ ଯାଇପାରିବି । ମାତ୍ର ଯେଉଁଠି ନିଷ୍ଠାହୀନତା ରହିଛି, ମୁଁ ଖୁବ୍ ଅଳ୍ପହିଁ ସାହାଯ୍ୟ କରିପାରିବି ।''

ଆମର ପ୍ରାର୍ଥନାଗୁଡ଼ିକ ଆନ୍ତରିକ ହୋଇଥିଲେ ସେଗୁଡ଼ିକ ପୂରଣ ହୋଇଥାଏ ବୋଲି କୁହାଯାଇଛି (All sincere prayers are granted, every call is answered)। ପ୍ରାର୍ଥନାରେ କୌଣସି ଦେଣନେଣ ମନୋଭାବ (bargaining attitude) ବା ସର୍ତ୍ତ ଆରୋପ କଦାପି ଗ୍ରହଣୀୟ ନୁହେଁ। ଆମେ ନିଷ୍କପଟ ଭାବରେ ଭଗବାନଙ୍କ ଆଡ଼କୁ ନିଷ୍ଠା ପୋଷଣ କରିବା ଉଚିତ। ଆମର ଭାବନା, ବାଣୀ ଓ ଆଚରଣରେ ତଥା ଜୀବନର ଟିକିନିଖି ପ୍ରତ୍ୟେକ ବ୍ୟାପାରରେ ସାଧୁତା ଓ ନିଷ୍ଠା ପ୍ରତିଫଳିତ ହେବା ଆବଶ୍ୟକ। ଆଳସ୍ୟ ଓ ଶିଥିଳତାକୁ ପ୍ରଶ୍ରୟ ନଦେଇ ଆମେ ସମସ୍ୟା ଓ ଅପୂର୍ଣ୍ଣତାକୁ ମୁହାଁମୁହିଁ ସିଧା ଅନାଇବା ଉଚିତ। ପିତା ବଟିକା ଉପରେ ମଧୁର ଲେପ ବୋଳିବାକୁ ଚେଷ୍ଟା କଲେ ତାହା ଭୟଙ୍କର ବିପଦ ନେଇ ଆସିଥାଏ। ତେଣୁ ପୂର୍ଣ୍ଣ ସଜାଗତା ଓ ସ୍ୱଚ୍ଛତା ସହ ବର୍ତ୍ତମାନହିଁ ଅପୂର୍ଣ୍ଣତାର ଦୂରୀକରଣ ପାଇଁ ଚେଷ୍ଟିତ ହେବାକୁ ପଡ଼ିବ। ଆମେ ଯଦି ନିଷ୍ଠା ଅବଲମ୍ବନ କରି ଯଥାର୍ଥ ଚେତନାରେ ଅଧିଷ୍ଠିତ ହୋଇଥିବା ତାହାହେଲେ ଯାହା ଯେତେବେଳେ ହେବାର କଥା ତାହା ହୋଇଯାଉଥିବ, ଯାହା ଜାଣିବାର କଥା ତାହା ଆମକୁ ଜ୍ଞାତ ହୋଇ ଯାଉଥିବ, ଯାହା କରିବାର କଥା ତା' ପାଇଁ ଆମକୁ ଆବଶ୍ୟକୀୟ ଶକ୍ତି, ପ୍ରେରଣା ଓ ଉପାୟ ମିଳିଯାଉଥିବ। ନିରନ୍ତର ଭଗବତ୍ ସାନ୍ନିଧ୍ୟ ଓ ଦିବ୍ୟ ସହାୟତାର ଅନୁଭବ ଆମେ ପାଇପାରିବା।

ଆମେ ଶିଶୁଟିଏ ପରି ସରଳ, ନମନୀୟ, ସ୍ୱଚ୍ଛ ଓ ନିଷ୍କପଟ ହେବା। ସରଳ ହେବା ଦ୍ୱାରା ଆମେ ସ୍ୱତଃସ୍ଫୂର୍ତ୍ତତାର ଅଧିକାରୀ ହୋଇପାରିବା। ସ୍ୱତଃସ୍ଫୂର୍ତ୍ତ ହେବାର ଅର୍ଥ ହେଲା ଆମେ ବ୍ୟକ୍ତିଗତ ଇଚ୍ଛା ଦ୍ୱାରା ପ୍ରେରିତ ହୋଇ କୌଣସି ସଂକଳ୍ପ ବା କର୍ମ କରିବା ନାହିଁ, ଦିବ୍ୟ ଶକ୍ତି ବା ଦିବ୍ୟ ସଂକଳ୍ପ ଦ୍ୱାରାହିଁ ସର୍ବଦା ପରିଚାଳିତ ହେବା। ସ୍ୱତଃସ୍ଫୂର୍ତ୍ତତା ମନୁଷ୍ୟକୁ ଦିବ୍ୟତା ଆଣିଦିଏ।

ଶ୍ରୀଅରବିନ୍ଦ କହନ୍ତି ଯେ ସତ୍ତାର ସକଳ ଭାଗରେ ଏକ ପରମ କେନ୍ଦ୍ରୀୟ ଆନ୍ତରିକତା (absolute central sincerity) ଦ୍ୱାରାହିଁ ଆମେ ଆମ ପ୍ରକୃତିର ସକଳ ପ୍ରତିକୂଳ ବସ୍ତୁକୁ ମୂଳୋତ୍ପାଟିତ କରିପାରିବା। ଏହି କେନ୍ଦ୍ରୀୟ ଆନ୍ତରିକତାର ଅର୍ଥ ହେଉଛି ପରମ ସତ୍ୟ ଉପରେହିଁ ସମ୍ପୂର୍ଣ୍ଣ ଓ ସର୍ବୋଚ୍ଚ ଗୁରୁତ୍ୱ ଦେବା। ଏହା ଫଳରେ ଆମ ଭିତରେ ସୃଷ୍ଟି ହେବ ଏକ କଠୋର ଆତ୍ମ-ସମାଲୋଚନା ସକାଶେ ତତ୍ପରତା (readiness for unsparing self-criticism) ଏବଂ ଆଲୋକ ଆଡ଼କୁ ଏକ ସଜାଗ ଉନ୍ମୁକ୍ତତା (vigilant openness to Light) ତଥା ମିଥ୍ୟା ଗତିବୃତ୍ତିର ଆଗମନରେ ଏକ ଅସ୍ୱସ୍ତିଭାବ। ଏହାହିଁ ପ୍ରକୃତିର ବିଶୁଦ୍ଧିକରଣରେ ସହାୟକ ହେବ। ଭଗବାନଙ୍କ ଆଡ଼କୁ ପୂର୍ଣ୍ଣ ସଚେତନତା ସହ ସର୍ବଦା ଉନ୍ମୀଳିତ ହୋଇ ରହିବା ଏକ ଦୁଃସାଧ୍ୟ ବ୍ୟାପାର। କୃଚ୍ଛ୍ର ତପଶ୍ଚର୍ଯ୍ୟା, ଅତ୍ୟାଗ୍ରହପୂର୍ଣ୍ଣ ଧର୍ମନିଷ୍ଠାଠାରୁ ମଧ୍ୟ ଏହା ଅଧିକ କଷ୍ଟକର। ଆନୁଷ୍ଠାନିକ ଧର୍ମ ଆମକୁ ପରିପୂର୍ଣ୍ଣ ଆନ୍ତରିକତା ଦେଇପାରିବ ନାହିଁ। କେବଳ ଚୈତ୍ୟସତ୍ତା ଓ ଅନନ୍ୟମୁଖୀ ଆଧ୍ୟାତ୍ମିକ ଅଭୀପ୍ସା ଦ୍ୱାରାହିଁ ଆମେ ଯଥାର୍ଥ ଆନ୍ତରିକତାକୁ ଅର୍ଜନ କରିପାରିବା।

(ସମାପ୍ତ)

❑❑❑

(ପୃଷ୍ଠା ୫ର ଅବଶିଷ୍ଟାଂଶ)

Insignia of their victory and their faith,
They offered to the Traveller at their gates
A quenchless flame or an unfading flower,
Emblem of a high kingdom's privilege.

ସେମାନଙ୍କ ବିଜୟ ଓ ସେମାନଙ୍କ ପ୍ରତ୍ୟୟର ପ୍ରତୀକ ସ୍ୱରୂପ ସେମାନେ ଆପଣା ତୋରଣ ସମୀପରେ ପର୍ଯ୍ୟଟକ (ଅଶ୍ୱପତି)ଙ୍କୁ ଏକ ଅନିର୍ବାଣ ଅଗ୍ନିଶିଖା ଅଥବା ଏକ ଅମ୍ଳାନ କୁସୁମ ଅର୍ପଣ କଲେ, ତାହା ଥିଲା ଏକ ସମୁନ୍ନତ ରାଜ୍ୟର ପ୍ରବେଶାଧିକାରର ସଙ୍କେତ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

ବିବର୍ତ୍ତନର ଭାବୀ ପର୍ଯ୍ୟାୟ

ମନୋଜ ଦାସ

ଜ୍ଞାନ ପର୍ଯ୍ୟାୟ
କାରିକା - ୧୬୨

"Evolution is not finished; reason is not the last word nor the reasoning animal the supreme figure of Nature. As man emerged out of the animal, so out of man the superman emerges."

(Thoughts and Aphorisms) – Sri Aurobindo

''କ୍ରମବିକାଶ ସମାପ୍ତ ହୋଇ ନାହିଁ। ହେତୁବୋଧହିଁ ଶେଷ କଥା ନୁହେଁ କିଂବା ହେତୁବାଦୀ ଜୀବହିଁ ପ୍ରକୃତିର ଚୂଡ଼ାନ୍ତ ରୂପାୟଣ ନୁହେଁ। ମଣିଷ ଯେମିତି ପଶୁ ଭିତରୁ ବିକଶିତ ହେଲା, ସେମିତି ମଣିଷ ଭିତରୁ ବିକଶିତ ହେବ ଅତିମାନବ।''

– ଶ୍ରୀଅରବିନ୍ଦ

*

ଏ କାରିକା ଲେଖିବାବେଳେ ଶ୍ରୀଅରବିନ୍ଦଙ୍କର ଯେଉଁସବୁ ଗ୍ରନ୍ଥ ଆଜି ପୃଥିବୀର ଦାର୍ଶନିକ ଓ ଚିନ୍ତାଶୀଳ ବ୍ୟକ୍ତିବର୍ଗଙ୍କ ଭାବନାରେ ଅଜ୍ଞାତପୂର୍ବ ଆଲୋଡ଼ନ ସୃଜନ କରିଛି, ସେସମସ୍ତ ଗ୍ରନ୍ଥ ରଚିତ ହୋଇ ନ ଥିଲେ। କିନ୍ତୁ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିର ପ୍ରଥମାର୍ଦ୍ଧରେହିଁ ଯେ ବିବର୍ତ୍ତନର ପରିଣତି ତଥା ମାନବଜାତିର ଭବିଷ୍ୟତର ଚିତ୍ର ତାଙ୍କ ଦିବ୍ୟଦୃଷ୍ଟିରେ ପରିଚ୍ଛନ୍ନ ଭାବେ ଫୁଟି ଉଠି ସାରିଥିଲା, ଏ କାରିକାଟି ସେହି ସତ୍ୟ ଉପସ୍ଥାପନ କରେ।

'ଦିବ୍ୟଜୀବନ' ଗ୍ରନ୍ଥରେ ଶ୍ରୀଅରବିନ୍ଦ ବୁଝାଇ ଦେଇଛନ୍ତି (Man and Evolution ପରିଚ୍ଛେଦ ଦ୍ରଷ୍ଟବ୍ୟ) ଯେ ବୈଜ୍ଞାନିକମାନେ ବିବର୍ତ୍ତନକୁ ଯେଉଁ ଦୃଷ୍ଟିରେ ଦେଖନ୍ତି, ବିବର୍ତ୍ତନର ଆଧ୍ୟାତ୍ମିକ ବ୍ୟାଖ୍ୟା ତାହା ନୁହେଁ। ଅବଶ୍ୟ ସବୁ ବୈଜ୍ଞାନିକ ଯେ ବିବର୍ତ୍ତନର ଧାରାକୁ ସମାନ ଭାବରେ ଦେଖୁଛନ୍ତି ତାହା ନୁହେଁ। ସେ ଯାହାହେଉ, ମୋଟାମୋଟି ଭାବରେ ଉଭୟ ବୈଜ୍ଞାନିକ ଓ ଆଧ୍ୟାତ୍ମିକ ଦୃଷ୍ଟିରୁ ଅନ୍ତତଃ ଗୋଟିଏ କଥା ସ୍ପଷ୍ଟ ଯେ ଭୂପୃଷ୍ଠରେ ଏକଦା ଚେତନାର କୌଣସି ସ୍ଥୂଳ ସୂଚନା ନ ଥିଲା। ସବୁକିଛି ଥିଲା ନିର୍ଜୀବ ଜଡ଼ବସ୍ତୁର ବ୍ୟାପ୍ତି। କାଳକ୍ରମେ ଗୁଳ୍ମଲତା ଦେଖାଦେଲେ – ଯାହା ପ୍ରାଣର ପ୍ରମାଣ ବହନ କରୁଥିଲେ। କାହିଁ କେତେକାଳ ଅନ୍ତେ ସମ୍ଭବ ହେଲା କୀଟପତଙ୍ଗଠୁଁ ଆରମ୍ଭ କରି ଅସଂଖ୍ୟ ଆକାର-ପ୍ରକାର ଓ ଶକ୍ତି ସାମର୍ଥ୍ୟର ଆଧାର ବିଶାଳ ପଶୁ-ପକ୍ଷୀ ସମାଜ; ପ୍ରାଣ ଶକ୍ତିର ଅସୀମ ଲୀଳା ଓ ନାଟକ। କ୍ରମେ ପୁଣି ଉଦ୍ଭୂତ ହେଲେ ମଣିଷ। ଆଦି ପର୍ଯ୍ୟାୟରେ ପଶୁ ଓ ମଣିଷ ଭିତରେ ବିଶେଷ ଗୁଣଗତ ପାର୍ଥକ୍ୟ ଦୃଶ୍ୟମାନ ହୋଇ ନ ଥିବ। କ୍ରମେ କିନ୍ତୁ ମଣିଷ ନିଜର ସ୍ୱାତନ୍ତ୍ର୍ୟ ସାବ୍ୟସ୍ତ କଲା। ବ୍ୟାପକ ପଶୁଜଗତର ଅନ୍ୟତମ ସମ୍ପ୍ରଦାୟ ହୋଇ ରହିବା ପରିବର୍ତ୍ତେ ସେ ପଶୁ ଜଗତ୍ ତଥା ପ୍ରାକୃତିକ ଜଗତ୍ ଉପରେ ନିଜର ପ୍ରଭୁତ୍ୱ ପ୍ରତିଷ୍ଠା କଲା। ସେ ପ୍ରତିଷ୍ଠା କଲା ନିଜସ୍ୱ ସମାଜ ଓ ସମ୍ପ୍ରଦାୟ। ନିଜ ଜୀବନଶୈଳୀକୁ ସେ ଏପରି ରୂପ ଦେଲା ଯେଉଁଥିରୁ ସ୍ୱତଃ ଏତକ ପ୍ରମାଣିତ ହେଲା ଯେ ପଶୁପକ୍ଷୀଙ୍କ ଠାରୁ ସେ ସ୍ୱତନ୍ତ୍ର, ମୌଳିକ ଭାବରେ ବହୁ ଉନ୍ନତ ଏକ ଶକ୍ତିର ସେ ଅଧିକାରୀ। ସେ ନିଜେ ବୁଝିଲା, ସେ ଶକ୍ତି ହେଲା ତା'ର ମନ। ମନକୁ ଭିତ୍ତି କରି ବୁଦ୍ଧି ଓ କୌଶଳ ଭଳି ଗୁଣମାନ ସମେତ ତା' ଭିତରେ ବିକଶିତ ହେଲା ହେତୁବୋଧ ଯାହାକି ଯୌକ୍ତିକତା, ବିଶ୍ଳେଷଣ ଓ ବିବେଚନାର ସମାହାର। ସର୍ବଦା ଦିନ ବିରାଜମାନ ନକରି କାହିଁକି ରାତି ଆସୁଛି ? ନିଶ୍ଚୟ ପୃଥିବୀରେ ଆମ ବାସସ୍ଥାନ ସୂର୍ଯ୍ୟଠୁ କିଛି ସମୟ ସକାଶେ ଲୁଚି ଯାଉଛି; ଅର୍ଥାତ୍ ଏହା ନିଜ କକ୍ଷରେ ବୁଲୁଥିବା ଯୋଗୁଁ ସେମିତି ହେଉଛି। ଫଳଟିଏ ବୃକ୍ଷଚ୍ୟୁତ ହେବା ମାତ୍ରେ ତଳକୁ କାହିଁକି ଖସି ପଡୁଛି ? ବୃକ୍ଷାଗ୍ରର ତଳେ ଯେମିତି ଶୂନ୍ୟ, ଉପରେ ବି ସେମିତି ଶୂନ୍ୟ। ଫଳଟି ଯେ ଉପରକୁ ନ ଯାଉଛି, ତା'ର ହେତୁ କୌଣସି ଶକ୍ତି ତାକୁ ତଳକୁ ଆକର୍ଷଣ କରୁଛି।

ଏହିଭଳି ପ୍ରାଥମିକ ଅନୁସନ୍ଧିତ୍ସାଠୁଁ ଆରମ୍ଭ କରି ପ୍ରକୃତିର ନାନାଦି ଜଟିଳ ରହସ୍ୟର ଉଦ୍‌ଘାଟନ ଦିଗରେ ହେତୁବୋଧ ଆମକୁ ଦିଗ୍‌ଦର୍ଶନ ଦେଇଛି। ପୁଣି ସାମାଜିକ ଏବଂ ସାମୂହିକ

ଜୀବନ ହେତୁବୋଧ ବିନା ଅତ୍ୟନ୍ତ ବିଶୃଙ୍ଖଳ, ଏପରିକି ଅସମ୍ଭବ ହୋଇପଡ଼ନ୍ତା । ହେତୁବୋଧ ଆମକୁ ସଚେତ କରିଦିଏ ଯେ ଅନ୍ୟମାନେ ନିୟମକାନୁନ ବା ଆଇନ-ଶୃଙ୍ଖଳା ନ ମାନିଲେ ଯେପରି ମୁଁ ସୁରୁଖୁରୁରେ ଜୀବନ ନିର୍ବାହ କରି ପାରିବି ନାହିଁ, ସେହିପରି ମୁଁ ନୀତିନିୟମ ନ ମାନିଲେ ଅନ୍ୟମାନେ ବି ଅତିଷ୍ଠ ଅନୁଭବ କରିବେ । ଅତଏବ ମୁଁ ଶୃଙ୍ଖଳିତ ହେବା ଆବଶ୍ୟକ ।

ବିବର୍ତ୍ତନରେ ହେତୁବୋଧ ଆମକୁ ଏହି ସଭ୍ୟ, ସଂସ୍କୃତ ସ୍ତରକୁ ନେଇ ଆସିଛି । କିନ୍ତୁ ଟିକିଏ ଅନୁଧ୍ୟାନ କଲେ ଆମେ ଉପଲବ୍ଧି କରିବା ଯେ ଜୀବନର ସବୁ ରହସ୍ୟ ଅଥବା ଯାବତୀୟ ଅଭିଜ୍ଞତା ହେତୁବୋଧ ଦ୍ୱାରା ବୁଝି ବା ବୁଝାଇ ହେବ ନାହିଁ । କାହିଁକି ଏ ସୃଷ୍ଟି ସମ୍ଭବ ହେଲା, କାହିଁକି ଥରେ ଥରେ ଆମର ସମସ୍ତ ଯୋଜନା ଓଲଟପାଲଟ ହୋଇଯାଏ, ସାଧୁ ଲୋକଟିଏ କାହିଁକି କଷ୍ଟ ପାଏ, ଅସାଧୁଟିଏ ବା କାହିଁକି ଫୂର୍ତ୍ତିରେ ଜୀବନ ନିର୍ବାହ କରିବାର ଦେଖାଯାଏ, ଏକହିଁ ପରିସ୍ଥିତିରେ ଦୁଇ ଜଣ ଲୋକ କାହିଁକି ଦୁଇ ପ୍ରକାର ଆଚରଣ କରନ୍ତି, ଏସବୁ ଅଭିଜ୍ଞତାକୁ ଯେପରି ହେତୁବୋଧ ଦ୍ୱାରା ବ୍ୟାଖ୍ୟା କରି ହେବ ନାହିଁ, ମୃତ୍ୟୁ ପରେ ଆମ ଚେତନାର ଗତି କ'ଣ ହୁଏ, ମୁଁ କାହିଁକି ଅନ୍ୟ କେଉଁଠି ଜନ୍ମ ଗ୍ରହଣ ନ କରି ଭାରତବର୍ଷର ଏକ ଗ୍ରାମରେ, ଏକ ନିର୍ଦ୍ଦିଷ୍ଟ ପରିବାରରେ ତାହା କଲି, ସେ ରହସ୍ୟ ମଧ୍ୟ ହେତୁବୋଧ ମୋ ଆଗରେ ଉଦ୍‌ଘାଟନ କରିପାରିବ ନାହିଁ ।

କିନ୍ତୁ ଯେହେତୁ ଏସବୁ ପ୍ରଶ୍ନ, ଏସବୁ ରହସ୍ୟ ବାସ୍ତବ, ଏସବୁର ଉତ୍ତର ଏବଂ ବ୍ୟାଖ୍ୟା ମଧ୍ୟ ଚେତନାର କୌଣସି ଏକ ପର୍ଯ୍ୟାୟରେ ମିଳିବା ଅବଶ୍ୟ ସମ୍ଭବ । ଆମକୁ ମନେ ରଖିବାକୁ ପଡ଼ିବ ଯେ ହେତୁବୋଧ, ଏପରିକି ତା'ର ଉତ୍ସ ଯେଉଁ ମନ, ସେସବୁ ବିବର୍ତ୍ତନ ଆରମ୍ଭ ହେବାର ବହୁ ପରେ ପ୍ରକଟିତ ହୋଇଛନ୍ତି । ଅର୍ଥାତ୍, ଯେଉଁ ବିଶାଳ, ଅମାପ ଏବଂ ମହାଚେତନା ଭିତରୁ ସୃଷ୍ଟିର ଆରମ୍ଭ, ସେହି ଚେତନା ଭିତରେ ମନ ତଥା ହେତୁବୋଧ ସୁପ୍ତ ହୋଇ ରହିଥିଲେ । ସେମାନେ ଦିନେ ଜାଗରିତ ହେଲେ ଏବଂ ବିବର୍ତ୍ତନକୁ ଅଗ୍ରସର କରାଇ ନେଲେ । ସେମାନଙ୍କଠାରୁ ଅଧିକ ମହତ୍ ଅନ୍ୟ କୌଣସି ଶକ୍ତି ମଧ୍ୟ ସୁପ୍ତ ଥାଇ ଆଜି ବା ଆଗାମୀ କାଲି ଜାଗରିତ ନହେବ ବୋଲି ଆମେ କହିପାରିବା କି ? ଚେତନାର ସମଗ୍ରତା ଭିତରେ ନିହିତ ରହିଛି ସମସ୍ତ ପ୍ରଶ୍ନ ଓ ରହସ୍ୟର ଉତ୍ତର ।

ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ ହେଉ, ଆମେ ସମସ୍ତେ ଆମର ସମସ୍ତ କାର୍ଯ୍ୟକଳାପ ମାଧ୍ୟମରେ ପୂର୍ଣ୍ଣତାର ସନ୍ତୋଷ ଚାହୁଁ । ବିବର୍ତ୍ତନୀ ଶକ୍ତି ମଧ୍ୟରେ ସେହି ପୂର୍ଣ୍ଣତାର ପ୍ରତିଶ୍ରୁତି ରହିଛି ବୋଲି ଆମ ଭିତରେ ସେଦିଗରେ ଆଶା ଓ ଅଭୀପ୍ସା ସଂଜୀବିତ ରହିଥାଏ । ମନ ଆମକୁ ସେଭଳି ପୂର୍ଣ୍ଣତାର ଉପଲବ୍ଧି ଦେଇପାରେନା । କିନ୍ତୁ ମନହିଁ ବିବର୍ତ୍ତନର ଶେଷ ପର୍ଯ୍ୟାୟ ନୁହେଁ । ମନଠୁ ଗୁଣାତ୍ମକ ଭାବରେ ବହୁ ବହୁ ଗୁଣ ଶକ୍ତିଶାଳୀ ଏକ ଚେତନାର ବିକାଶ ଘଟିବ ଏବଂ ଆଜିର ଅଜ୍ଞାନ ମଣିଷ ଭିତରେ ସେ ଚେତନା ପ୍ରକୃତ ଜ୍ଞାନର ସଞ୍ଚାର କରିବ । ସେତେବେଳେ ମଣିଷର ପ୍ରକୃତି, ପ୍ରବୃତ୍ତି ଏବଂ ଜୀବନର ଆଭିମୁଖ୍ୟ ସମ୍ପୂର୍ଣ୍ଣ ଭାବରେ ବଦଳି ଯିବ । ମାନସ-ଚାଳିତ ମଣିଷ ଅତିମାନସ-ଚାଳିତ ମଣିଷରେ ବା ଅତିମାନବରେ ରୂପାନ୍ତରିତ ହେବ; ଯୁଗ ଯୁଗ ଧରି ଅବ୍ୟାହତ ଅପୂର୍ଣ୍ଣତାର ଅନୁଭୂତି ସେତେବେଳେ ପୂର୍ଣ୍ଣତାରେ ପରିଣତ ହେବ ।

['ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକରୁ ସଂଗୃହୀତ,
ପୃଷ୍ଠା : ୨୬୧-୨୬୩]

❑❑❑



ମାଆଙ୍କର ନିରବଚ୍ଛିନ୍ନ ଉପସ୍ଥିତିର ଅନୁଭୂତି ଅଭ୍ୟାସ ବଳରେ ଆସିଥାଏ; ସାଧନାରେ ସଫଳତା ନିମନ୍ତେ ଦିବ୍ୟ କୃପା ଏକାନ୍ତ ଆବଶ୍ୟକ, କିନ୍ତୁ ଅଭ୍ୟାସହିଁ ଦିବ୍ୟ କୃପାର ଅବତରଣ ଲାଗି ଅବସ୍ଥାକୁ ପ୍ରସ୍ତୁତ କରିଥାଏ ।

ତୁମକୁ କେବଳ ବାହ୍ୟବସ୍ତୁ ସକଳ ମଧ୍ୟରେ ଆବଦ୍ଧ ନ ହୋଇ ଅନ୍ତରକୁ ଯିବାକୁ ଶିକ୍ଷା କରିବାକୁ ହେବ, ମନକୁ ନିଶ୍ଚଳ କରିବାକୁ ହେବ ଏବଂ ତୁମ ମଧ୍ୟରେ ମା'ଙ୍କ କ୍ରିୟା ସମ୍ବନ୍ଧେ ସଚେତନ ହେବା ଲାଗି ଅଭୀପ୍ସା କରିବାକୁ ହେବ ।

— ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

(୧୫୮)

କବି-ପ୍ରତିଭା ଓ 'ସାବିତ୍ରୀ' ମହାକାବ୍ୟ (କ) :

୪.୯.୧୯୩୪ରେ ଶ୍ରୀଅରବିନ୍ଦ ତାଙ୍କର ଜନୈକ ଶିଷ୍ୟଙ୍କୁ ଲେଖିଥିଲେ ଯେ ଆରମ୍ଭରୁହିଁ ସେ ପ୍ରକୃତରେ 'ଜଣେ କବି ଓ ରାଜନୀତିଜ୍ଞ' ଥିଲେ ।

(SABCL, Vol. 26, p. 374)

୧୯୦୫ ମସିହାରେ ଶ୍ରୀଅରବିନ୍ଦ ତାଙ୍କ ସହଧର୍ମିଣୀଙ୍କୁ ଏକ ସୁଦୀର୍ଘ ପତ୍ରରେ ଉଲ୍ଲେଖ କରିଥିଲେ : ''... ମୁଁ ଜାଣେ ଏହି ପତିତ ଜାତିକୁ (ମାତୃଭୂମିକୁ) ଉଦ୍ଧାର କରିବା ନିମିତ୍ତ ବଳ ମୋ ଶରୀରରେ ରହିଛି, ଶାରୀରିକ ବଳ ନୁହେଁ, ... ଜ୍ଞାନର ବଳ । କ୍ଷାତ୍ରତେଜ ଏକମାତ୍ର ତେଜ ନୁହେଁ, ବ୍ରହ୍ମତେଜ ମଧ୍ୟ ଅଛି, ସେହି ତେଜ ଜ୍ଞାନ ଉପରେ ପ୍ରତିଷ୍ଠିତ । (ମୋର) ଏହି ଭାବ ନୂତନ ନୁହେଁ, ... ଏହି ଭାବ ନେଇ ମୁଁ ଜନ୍ମିଛି, ଏହି ଭାବ ମୋର ମଜ୍ଜାଗତ; ଭଗବାନ୍ ଏହି ମହାବ୍ରତ ସାଧନ କରିବାକୁ ମୋତେ ପୃଥିବୀକୁ ପଠାଇଛନ୍ତି । ...''

('ଶ୍ରୀଅରବିନ୍ଦଙ୍କ ମୂଳ ବଙ୍ଗଳା ରଚନାବଳି', ପୃ. ୨୨୮)

''ପରବର୍ତ୍ତୀ କାଳରେ ତାଙ୍କର ଆଧ୍ୟାତ୍ମିକ ଜୀବନ ଓ ଉପଲବ୍ଧି ଯାହାକି ବିଶାଳତା ଓ ସର୍ବବ୍ୟାପକତାରେ କ୍ରମାଗତ ଭାବରେ ବୃଦ୍ଧି ପାଇ ଚାଲିଥିଲା, ସେଇଟି ତାଙ୍କୁ ସମ୍ପୂର୍ଣ୍ଣ ଭାବରେ ଅଧିକାର କରି ବସିଲା; ଫଳତଃ ତାଙ୍କର ସମସ୍ତ କ୍ରିୟାକଳାପ ଏହି ଦିବ୍ୟ ଉପଲବ୍ଧି ଓ ଦିବ୍ୟ ଜୀବନର ଅଙ୍ଗୀଭୂତ ହୋଇଉଠିଲା । ଏହା ଏପରି ଏକ 'ମହାବ୍ରତ'ରେ ନିବିଷ୍ଟ ହୋଇଉଠିଲା ଯାହାକି ବିଶ୍ୱବ୍ୟାପୀ ଏବଂ ଯାହାର ସମ୍ପର୍କ ଥିଲା ସମଗ୍ର ମାନବଜାତିର ଭବିଷ୍ୟତ୍ ସହିତ ।''

(SABCL, Vol. 26, p. 34)

କହିବା ବାହୁଲ୍ୟ ଯେ ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ଆଧ୍ୟାତ୍ମିକ ଅନୁଭୂତିର ଆଭାସ ତାଙ୍କୁ ମାତ୍ର ଏଗାର ବର୍ଷ ବୟସ ହୋଇଥିବା ସମୟରେହିଁ ପ୍ରାପ୍ତ ହୋଇଥିଲା – 'ପୃଥିବୀପୃଷ୍ଠରେ ଏକ ସାର୍ବଜନୀନ ବୈପ୍ଳବିକ ଆନ୍ଦୋଳନ ଏବଂ ବିଶାଳ ରାଜନୈତିକ ପରିବର୍ତ୍ତନର ଯୁଗ ଆସନ୍ନପ୍ରାୟ ଏବଂ ଏହି ପରିବର୍ତ୍ତନରେ ତାଙ୍କର ଭୂମିକା ବିଧିନିର୍ଦ୍ଦିଷ୍ଟ ।'

(Purani, 'Evening Talks', 28 June 1926, p. 378)

୨୧.୪.୧୯୩୭ରେ ଲିଖିତ ଏକ ପତ୍ରରେ ଶ୍ରୀଅରବିନ୍ଦ ଜନୈକ ଭକ୍ତଙ୍କୁ ଏହି ମର୍ମରେ ଲେଖିଥିଲେ ଯେ ମୋର ପ୍ରାରମ୍ଭିକ ରାଜନୈତିକ ଦୃଷ୍ଟିଭଙ୍ଗୀ ଏବଂ ସମସାମୟିକ ରାଜନୈତିକ ସମସ୍ୟା ଉପରେ ମୋର ମନ୍ତବ୍ୟ ହେଉଛି ଯେ ସେହି ସମୟର ରାଜନୈତିକ ଅରବିନ୍ଦ ଏବଂ ବର୍ତ୍ତମାନର ଶ୍ରୀଅରବିନ୍ଦଙ୍କ ମଧ୍ୟରେ କ'ଣ କୌଣସି ତଫାତ୍ ନାହିଁ ? ... ସେହି ସମୟକାଳର ମୋର ଆଧ୍ୟାତ୍ମିକ ଚେତନା ଏବଂ ଜ୍ଞାନ ବର୍ତ୍ତମାନର ମୋର ଆଧ୍ୟାତ୍ମିକ ଚେତନା ଓ ଜ୍ଞାନ ତୁଳନାରେ କିଛି ବି ନୁହେଁ । ... (SABCL, Vol. 26, p. 372)

ଏହି ସମାନ ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦଙ୍କର 'କବି-ପ୍ରତିଭା' ବା 'କବି-ପ୍ରେରଣା' ସମ୍ବନ୍ଧେ ନୀରଦବରଣଙ୍କର ବର୍ଣ୍ଣନାରୁ ଉଦ୍ଧୃତି : ''(ଛାତ୍ରାବସ୍ଥାରେ) ଶ୍ରୀଅରବିନ୍ଦ କେବେ କେବେ ତାଙ୍କ ଆନ୍ତର କବି-ପ୍ରେରଣାରୁ କିଛି କାବ୍ୟ-ସୃଜନର ମାଧ୍ୟମ ପାଇବାକୁ ଅନ୍ୱେଷଣ କରୁଥିଲେ; ସେତେବେଳେ ସେ ପ୍ରାଚୀନ ଗ୍ରୀକ୍, ଲାଟିନ୍ କିମ୍ବା ଇଂରାଜୀ ସାହିତ୍ୟରେ ଲିଖିତ ସର୍ବୋତ୍କୃଷ୍ଟ ରଚନାର କିଂବଦନ୍ତୀକୁ ନେଇ କାବ୍ୟ ସୃଜନ କରୁଥିଲେ । ସେତେବେଳେ ଶ୍ରୀଅରବିନ୍ଦଙ୍କର ବହୁମୁଖୀ ପାଠ୍ୟାନୁରାଗ ଥିଲା ଏବଂ କାଳକ୍ରମେ ସେ ଅନେକ କିଛିକୁ ନେଇ ତୀବ୍ର ଉଦ୍ୟମ କରିଥିଲେ ଏବଂ ସେସବୁରୁ ବିରତ ହୋଇଥିଲେ ମଧ୍ୟ, କିନ୍ତୁ କବି-ପ୍ରେରଣାର ମୌଳିକ ଉତ୍ସ (The Muse*) ହୋଇଉଠିଥିଲା ତାଙ୍କର ଆଜୀବନ ସହଚର ।''

('Sri Aurobindo for All Ages', p. 13)

---

* ପ୍ରକାଶ ଥାଉକି ଗ୍ରୀକ୍ ଓ ରୋମ କିଂବଦନ୍ତୀରେ କାବ୍ୟ ଓ ଅନ୍ୟାନ୍ୟ ଲଳିତ କଳା ସୃଜନର ତତ୍ତ୍ୱାବଧାରକ ଥିବା ନ' ଜଣ ଦେବୀ (Muses)ଙ୍କ ମଧ୍ୟରେ କବି-ପ୍ରେରଣାର ଦେବୀଙ୍କୁ ସାଧାରଣତଃ 'Muse' କୁହାଯାଇଥାଏ ।

ପୁନଶ୍ଚ ଋଷଭଚାନ୍ଦଙ୍କ ଉକ୍ତିରେ : ''ଶ୍ରୀଅରବିନ୍ଦ (ଛାତ୍ରାବସ୍ଥାରେ) ସର୍ବାଗ୍ରେ ଥିଲେ ଜଣେ କବି ଏବଂ କାବ୍ୟ-ସୃଜନରେ ଜଣେ ପ୍ରଗାଢ଼ ଉତ୍ସାହୀ ଓ ଭାବପ୍ରବଣ ଛାତ୍ର; (ପରବର୍ତ୍ତୀକାଳରେ) କବି-ପ୍ରତିଭାର ଦିବ୍ୟ ଦ୍ରଷ୍ଟା ଓ ସ୍ରଷ୍ଟାର କ୍ରମବିକଶିତ ଉଦୀୟମାନ କବି, ଯାହାର ପୂର୍ଣ୍ଣ ପରିମଣ୍ଡଳର ଅତ୍ୟୁଜ୍ଜ୍ୱଳ ଦୀପ୍ତି ଆମର ଦୃଷ୍ଟି ଝଲସାଇ ଦିଏ । ଏବଂ ତାଙ୍କର ଅନ୍ତିମ କାବ୍ୟ-ସୃଷ୍ଟିସବୁ ବିଶେଷତଃ ଚିରକାଳ ନିମିତ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଶାଳ ସ୍ମାରକ ମହାକାବ୍ୟ 'ସାବିତ୍ରୀ' ଆମର ଅନ୍ତରାତ୍ମାରେ ତୀବ୍ର ଆବେଗର ଶିହରଣ ସୃଷ୍ଟି କରେ ଓ ଜ୍ଞାନାଲୋକରେ ଉଦ୍ଭାସିତ କରିଦିଏ ।''

('Sri Aurobindo : His Life Unique', p. 6)

୩ ଜାନୁଆରୀ, ୧୯୩୯ର 'ସାନ୍ଧ୍ୟ-ବୈଠକ'ରେ ଜନୈକ ଶିଷ୍ୟ କଥାପ୍ରସଙ୍ଗରେ ଶ୍ରୀଅରବିନ୍ଦଙ୍କୁ ପଚାରିଥିଲେ : 'ଆପଣ କେବେ କବିତା ଲେଖିବାକୁ ଆରମ୍ଭ କରିଥିଲେ ?'

ଶ୍ରୀଅରବିନ୍ଦ : ଆମେ ତିନି ଭାଇ ଯେତେବେଳେ ମାଞ୍ଚେଷ୍ଟର୍‌ରେ ରହୁଥିଲୁ, ମୁଁ 'ଫକ୍‌ସ୍ ଫେମିଲି ମ୍ୟାଗାଜିନ୍' ('Fox Weekly') ପାଇଁ କବିତା ଲେଖିବାକୁ ଆରମ୍ଭ କରିଥିଲି । ସେତେବେଳେ ମୁଁ ଛୋଟ ଥିଲି (ବୟସ ୧୧ ବର୍ଷ ମାତ୍ର) । ... ତା'ପରେ ମୁଁ ଯେତେବେଳେ ଲଣ୍ଡନ ଗଲି ସେଠାରେ, କହିବାକୁ ଗଲେ ମୁଁ ଯଥାର୍ଥରେ ମୋ ନିଜସ୍ୱ ଧାରାରେ କବିତା ଲେଖିବାକୁ ଆରମ୍ଭ କଲି । ସେହି ପର୍ଯ୍ୟାୟରେ ସ୍ୱଲିଖିତ କବିତାଗୁଡ଼ିକ ମଧ୍ୟରୁ କେତୋଟି କବିତା ମୋର କବିତା ପୁସ୍ତକ 'Songs to Myrtilla and other Poems'ରେ ପ୍ରକାଶିତ ହୋଇଛି ।

(Purani, 'Evening Talks', 2007, p. 240 & Nirodbaran, 'Talks with Sri Aurobindo', 2009, Vol. 1, p 98)

ଏହାପରେ ଶ୍ରୀଅରବିନ୍ଦ ଚଉଦବର୍ଷ କାଳ (୧୮୭୯-୧୮୯୩) ବିଦେଶରେ ରହି ପାଶ୍ଚାତ୍ୟ ସଭ୍ୟତା, ସଂସ୍କୃତି, ଇତିହାସ ସହିତ ଘନିଷ୍ଠ ଭାବରେ ପରିଚିତ ହୋଇ ଉଠିଥିଲେ । ... ଇତିମଧ୍ୟରେ ସେ ପାଶ୍ଚାତ୍ୟର ସମସ୍ତ ଉଚ୍ଚକୋଟୀର କାବ୍ୟଗ୍ରନ୍ଥର ଅକ୍ଷୟ ଭଣ୍ଡାରକୁ ଆୟତ୍ତ କରିନେଇଥିଲେ । ଇଂଲଣ୍ଡରେ ଅବସ୍ଥାନ କାଳରେ (୧୮୯୦-୧୮୯୨)ରେ ରଚିତ ଶେଷ କବିତା 'Envoi'(୧) ରଚନା କରିଥିଲେ ।

ଶ୍ରୀଅରବିନ୍ଦଙ୍କର ଛାତ୍ରାବସ୍ଥାରୁ ବିଭିନ୍ନ ଉନ୍ନତ ଭାଷାକୁ ଅନାୟାସରେ ଏବଂ କ୍ଷିପ୍ରତାର ସହିତ ଶିଖି ପାରିବାର ଅଦ୍ଭୁତ ସ୍ୱାଭାବିକ ନୈପୁଣ୍ୟ ଥିଲା । ଆଇ.ସି.ଏସ୍.ର ଜଣେ ଶିକ୍ଷାନବିସ ଥିବାବସ୍ଥାରେ ବହୁଳ ଭାବରେ ସଂସ୍କୃତ ବ୍ୟବହୃତ ହୋଇଥିବା ବଙ୍ଗଳା ଭାଷା ଅଧ୍ୟୟନ କରୁଥିଲେ । ବିଶେଷ କରି ବଙ୍କିମଚନ୍ଦ୍ରଙ୍କର ସାହିତ୍ୟକୃତି ପ୍ରତି ସେ ଗଭୀର ଭାବରେ ଅନୁରକ୍ତ ଥିଲେ । ଏଥି ନିମିତ୍ତ ତାଙ୍କର ପିତୃଦେବ ଡା. କୃଷ୍ଣଧନଙ୍କର ମୁଖ୍ୟ ଅବଦାନ ଥିଲା ।

ବରୋଦାରେ ପଦାର୍ପଣ କରିବାର ଅବ୍ୟବହିତ ପରେ ସେ ବଙ୍ଗଳା ଓ ସଂସ୍କୃତ ଭାଷା ଶିକ୍ଷା ଉପରେ ବେଶ୍ ଆଗ୍ରହୀ ହୋଇ ଉଠିଥିଲେ । ଦୀନେନ୍ଦ୍ର କୁମାରଙ୍କ(୨) ଉକ୍ତିରେ : ''ଯେତେଦିନ ଅରବିନ୍ଦଙ୍କ ସହିତ (ବରୋଦାରେ) ଏକତ୍ର ବାସ କରିଛି, ତାଙ୍କୁ ବ୍ରହ୍ମଚର୍ଯ୍ୟନିରତ ପରଦୁଃଖକାତର ଆତ୍ମତ୍ୟାଗୀ ସନ୍ନ୍ୟାସୀ ଭିନ୍ନ ଅନ୍ୟ କିଛି ମନେ ହୋଇ ନାହିଁ; ଯେପରି ଜ୍ଞାନସଞ୍ଚୟ ତାଙ୍କ ଜୀବନର ବ୍ରତ । ଏଇ ବ୍ରତ ଉଦ୍‌ଯାପନ ପାଇଁ କର୍ମକୋଳାହଳ ମୁଖରିତ ସଂସାରରେ ଥାଇ ମଧ୍ୟ ସେ ଯେପରି କଠୋର ତପସ୍ୟାରେ ମଗ୍ନ ! ଏପରି ଅଦ୍ଭୁତ ପାଠାନୁରାଗ ମୁଁ ଆଉ କାହାଠାରେ ଦେଖି ନାହିଁ । ଅଧିକ ରାତ୍ରି ପର୍ଯ୍ୟନ୍ତ

---

(୧) 'Envoi'ର ଅର୍ଥ ପ୍ରଧାନତଃ କବିତା ପୁସ୍ତକର ଶେଷ ଅଂଶ ବା ଶେଷ କବିତା । ଖୁବ୍ ସମ୍ଭବତଃ ଶ୍ରୀଅରବିନ୍ଦ ପାଶ୍ଚାତ୍ୟ ସଂସ୍କୃତିରୁ ବିଦାୟ ନେଇ ଭାରତୀୟ ସଂସ୍କୃତିରେ ଅବଗାହନ କରିବାର ଅବସ୍ଥାନ୍ତର କ୍ଷଣରେ ତାଙ୍କର ଆନ୍ତର ଭାବାନୁରାଗରୁ ପ୍ରେରଣା ଲାଭ କରି ଏହି କବିତାଟି ଲିପିବଦ୍ଧ କରିଥିଲେ ।

(୨) ଦୀନେନ୍ଦ୍ର କୁମାର ରାୟ ଥିଲେ ବଙ୍ଗଳା ଭାଷାର ଜଣେ ପ୍ରତିଷ୍ଠିତ ଲେଖକ । ସେ ବରୋଦାରେ ଶ୍ରୀଅରବିନ୍ଦଙ୍କ ସହିତ ଦୁଇ ବର୍ଷ (୧୮୯୮-୧୯୦୦) ଏକତ୍ର ବାସ କରିଥିଲେ । କହିବାକୁ ଗଲେ ସେ ଶ୍ରୀଅରବିନ୍ଦଙ୍କର ଜଣେ ବଙ୍ଗାଳୀ ଶିକ୍ଷକ ଅପେକ୍ଷା ତାଙ୍କର ବନ୍ଧୁ ଓ ସହଚର ହୋଇ ରହିଥିଲେ । କାରଣ ତାଙ୍କର ଏକମାତ୍ର କର୍ମଟି ଥିଲା ବଙ୍ଗଳା ଭାଷାରେ ଥିବା ଶ୍ରୀଅରବିନ୍ଦଙ୍କର ଜ୍ଞାନକୁ ସଂଶୋଧିତ କରିବା ଏବଂ ସମ୍ପୂର୍ଣ୍ଣ ଭାବରେ ଉତ୍କୃଷ୍ଟ ମାନର ରୂପ ଦେବା ଏବଂ ଏହା ସାଙ୍ଗକୁ ତାଙ୍କୁ ବଙ୍ଗଳା ଭାଷାରେ କଥାବାର୍ତ୍ତା କରିବାରେ ଅଭ୍ୟସ୍ତ କରାଇବା । ('Sri Aurobindo', K. R. S. Ayanger, p. 50)

କାବ୍ୟାଲୋଚନାରେ ରତ ରହୁଥିଲେ ବୋଲି ତାଙ୍କର ନିଦ୍ରାଭଙ୍ଗ ହେବାକୁ ଟିକିଏ ବିଳମ୍ବ ହେଉଥିଲା । ...

''... ଅରବିନ୍ଦ ସକାଳେ ଚା' ପିଇ ସାରି କବିତା ଖାତା ଖୋଲି ବସୁଥିଲେ । ସେହି ସମୟରେ ସେ 'ମହାଭାରତ' ଅନୁବାଦ କରୁଥିଲେ । ବଙ୍ଗଳା ଭଲ ବୁଝି ନ ପାରିଲେ ମଧ୍ୟ ସଂସ୍କୃତ 'ରାମାୟଣ' ଏବଂ 'ମହାଭାରତ' ସେ ସୁନ୍ଦର ଭାବରେ ବୁଝି ପାରୁଥିଲେ । ସେ ଧାରାବାହିକ ରୂପେ ସେସବୁକୁ ଅନୁବାଦ କରୁ ନଥିଲେ । 'ମହାଭାରତ'ର ଗୋଟିଏ ଗୋଟିଏ ଉପାଖ୍ୟାନକୁ ଅବଲମ୍ବନ କରି ଇଂରାଜୀରେ ନାନା ଛନ୍ଦରେ କବିତା ଲେଖୁଥିଲେ । ... ଯେଉଁଦିନ କବିତା ତାଙ୍କର ମନଲାଖି ଅପୂର୍ବ ହେଉଥିଲା, ସେଦିନ ସେ ପ୍ରଫୁଲ୍ଲ ରହୁଥିଲେ । ଦିନେ ଦିନେ ତାଙ୍କର କବିତା ମୋତେ ପଢ଼ାଇ ଶୁଣାଉଥିଲେ; ସେଇଟି ମୂଳରଚନାର ଅନୁରୂପ ହୋଇଛି କି ନାହିଁ ବୁଝାଇବା ପାଇଁ 'ରାମାୟଣ' କିଂବା 'ମହାଭାରତ' ଖୋଲି ମୂଳ କବିତାଟିକୁ ମଧ୍ୟ ପଢ଼ାଉଥିଲେ । ... ତାଙ୍କର ଇଂରାଜୀ କବିତାଗୁଡ଼ିକ ସରଳ ଓ ମଧୁର; ବର୍ଣ୍ଣନା ଅତି ପରିସ୍ଫୁଟ ଓ ଅତିରଞ୍ଜନ ବିରହିତ । ଶବ୍ଦ-ଚୟନର ଶକ୍ତି ମଧ୍ୟ ତାଙ୍କର ଅସାମାନ୍ୟ । ...

''ଅରବିନ୍ଦ କହୁଥିଲେ : 'ମୁଁ ମହାକବି ଦାନ୍ତେଙ୍କ କବିତ୍ୱରେ ମୁଗ୍ଧ ହୋଇଥିଲି; ହୋମରଙ୍କ 'ଇଲିୟାଡ୍' ପଢ଼ି ପରିତୃପ୍ତ ହୋଇଥିଲି — ୟୁରୋପର ସାହିତ୍ୟରେ ଏଇ ଦୁଇଟି ଅତୁଳନୀୟ । କିନ୍ତୁ କବିତ୍ୱରେ ବାଲ୍ମିକୀ ସର୍ବଶ୍ରେଷ୍ଠ । 'ରାମାୟଣ' ତୁଲ୍ୟ ମହାକାବ୍ୟ ପୃଥିବୀରେ ଅଦ୍ୱିତୀୟ ।'

''ଦିନ ପ୍ରାୟ ଦଶଟା ପର୍ଯ୍ୟନ୍ତ ଲେଖାଲେଖି କରି ଅରବିନ୍ଦ ସ୍ନାନାଗାରରେ ପ୍ରବେଶ କରୁଥିଲେ । ସ୍ନାନ ପରେ ପୁଣି ଖାତା ଧରି ବସୁଥିଲେ ଏବଂ ସକାଳେ ଯାହା ଲେଖିଥିଲେ ତାହା ଆବୃତ୍ତି କରୁଥିଲେ । କୌଣସି କୌଣସି ପଂକ୍ତିକୁ ଦୁଇ ତିନି ଥର ପଢ଼ିବା ପରେ, ଆବଶ୍ୟକ ମନେ ହେଲେ ଗୋଟିଏ ଦୁଇଟି ଶବ୍ଦ ପରିବର୍ତ୍ତନ କରୁଥିଲେ । ଏଗାରଟା ପୂର୍ବରୁ ଟେବୁଲକୁ ଖାଦ୍ୟ ଆସୁଥିଲା । ...

''ସ୍ୱର୍ଗୀୟ ରମେଶ ଚନ୍ଦ୍ର ଦତ୍ତ ମହାଶୟ ବୋଧହୁଏ ୧୮୯୯ର ଶେଷରେ ମହାରାଜାଙ୍କର ନିମନ୍ତ୍ରଣ ପାଇ ବରୋଦା ବୁଲିବାକୁ ଆସିଥିଲେ । ... କିନ୍ତୁ ସେ ଅରବିନ୍ଦଙ୍କ କବି-ପ୍ରତିଭା କଥା ପୂର୍ବରୁ ଶୁଣିଥିଲେ । (ସାକ୍ଷାତ୍ ପରିଚୟ ନଥିଲା ।) ଦତ୍ତ ମହାଶୟ ଇତିପୂର୍ବରୁ ବିଲାତରେ ଅବସ୍ଥାନ କାଳରେ 'ରାମାୟଣ' ଓ 'ମହାଭାରତ'ର ସଂକ୍ଷିପ୍ତ ପଦ୍ୟାନୁବାଦ ପ୍ରକାଶ କରିଥିଲେ । କହିବା ବାହୁଲ୍ୟ, ଦତ୍ତ ମହାଶୟ ଇଂରାଜୀ ସାହିତ୍ୟର ଜଣେ ପ୍ରତିଷ୍ଠିତ ଲେଖକ ଥିଲେ । ତାଙ୍କର ଇଂରାଜୀ ରଚନା ବହୁ ପ୍ରସିଦ୍ଧ ଇଂରେଜ ଲେଖକଙ୍କ ଅପେକ୍ଷା ଉତ୍କୃଷ୍ଟ ଥିଲା; ଗଦ୍ୟ, ପଦ୍ୟ, କାବ୍ୟ, ଉପନ୍ୟାସ ସବୁଥିରେ ତାଙ୍କର ଲେଖନୀ ସମାନ ଭାବରେ ଚାଲୁଥିଲା । ବରୋଦାକୁ ଆସି ଅରବିନ୍ଦ 'ରାମାୟଣ' ଓ 'ମହାଭାରତ'ର କେତେକ ଅଂଶ ଅନୁବାଦ କରିଛନ୍ତି ଶୁଣି ସେସବୁକୁ ଦେଖିବାକୁ ଆଗ୍ରହ ପ୍ରକାଶ କଲେ । ଦତ୍ତ ମହାଶୟ ସ୍ୱତଃସ୍ଫୂର୍ତ୍ତ ହୋଇ ଅରବିନ୍ଦଙ୍କ କବିତାଗୁଡ଼ିକ ଦେଖିବାକୁ ଚାହିଁବାରୁ ଅରବିନ୍ଦ କିଞ୍ଚିତ୍ କୁଣ୍ଠିତ ଭାବରେ ତାଙ୍କୁ ସେସବୁ ଦେଖାଇଲେ । ଅରବିନ୍ଦଙ୍କ କବିତାଗୁଡ଼ିକ ପାଠ କରି ଗୁଣଗ୍ରାହୀ ଦତ୍ତ ମହାଶୟ ମୁଗ୍ଧ ହୋଇ କହିଥିଲେ, 'ତୁମର ଏଇସବୁ କବିତା ଓ ଅନୁବାଦ ଦେଖିବା ପରେ ମୁଁ କାହିଁକି 'ରାମାୟଣ' ଓ 'ମହାଭାରତ'ର ଅନୁବାଦରେ ପଣ୍ଡଶ୍ରମ କଲି — ଏକଥା ଭାବି ମୋତେ ଦୁଃଖ ଲାଗୁଛି ! ତୁମର ଏଇ କବିତାଗୁଡ଼ିକ ଆଗରୁ ଦେଖିଥିଲେ ମୁଁ ମୋ ଲେଖାଗୁଡ଼ିକ କଦାପି ଛପାଇ ନଥା'ନ୍ତି । ଏବେ ମନେ ହେଉଛି ମୁଁ ପିଲାଳିଆମି କରିଛି ।' ...'' ('ଅରବିନ୍ଦ ପ୍ରସଙ୍ଗ')

ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''... ବରୋଦାରେ ଅବସ୍ଥାନ କାଳରେ 'ମହାଭାରତ'ର ରୁରୁଙ୍କର ଉପାଖ୍ୟାନ ପଢ଼ିବା ପରେ ମୋର ହୃଦ୍‌ବୋଧ ହେଲା ଯେ ଏଇଟି ଏକ ସାରଗର୍ଭକ ଉପାଖ୍ୟାନ ଏବଂ ପରମୁହୂର୍ତ୍ତରେ ସ୍ୱତଃ ଆକସ୍ମିକ ଭାବରେ ନିଃସୃତ ଏକ ପ୍ରଚଣ୍ଡ ସୃଜନୀ ପ୍ରେରଣାର ବଶବର୍ତ୍ତୀ ହୋଇ (... in a white heat of inspiration) ଚଉଦ ଦିନ ଧରି ନିରବଚ୍ଛିନ୍ନ ପ୍ରୟାସରେ ଏହା ଲିପିବଦ୍ଧ କରିଥିଲି, ଅବଶ୍ୟ କେବଳ ସକାଳ ସମୟରେ । ... ଏଥି ପୂର୍ବରୁ ବା ପରେ ମୁଁ କେବେହେଲେ ଏପରି ସହଜରେ ଏବଂ ଦ୍ରୁତତାର ସହ କିଛି ସୃଜନ କରି ନାହିଁ । ତୁମର ଅନ୍ୟ ପ୍ରଶ୍ନଗୁଡ଼ିକର ଉତ୍ତର ମୁଁ ଭଲ ଭାବରେ ଦେଇ ପାରିବି ନାହିଁ, କାରଣ ଇତି ମଧ୍ୟରେ ମୁଁ ଦଶଟି ଜନ୍ମ ଅତିକ୍ରମ କରିଗଲିଣି (I have lived ten lives since then and don't remember) । ...'' (୩.୭.୧୯୩୩) (CWSA, Vol. 27, p. 232)

ଏହି କବିତାଟି ଥିଲା 'Love and Death' ଏବଂ ଏହାର ରଚନାକାଳ ଜୁନ୍-ଜୁଲାଇ ୧୮୯୯ । ଏଠାରେ ଆଉ ଗୋଟିଏ କଥା ଉଲ୍ଲେଖଯୋଗ୍ୟ ଯେ ୧୯୦୪ରେ ଶ୍ରୀଅରବିନ୍ଦ ଐକାନ୍ତିକ ଭାବରେ 'ପ୍ରାଣାୟାମ' ଅଭ୍ୟାସ (ପ୍ରତିଦିନ ପାଞ୍ଚରୁ ଛ'ଘଣ୍ଟା — ସକାଳେ ତିନି ଘଣ୍ଟା ଏବଂ ସନ୍ଧ୍ୟାରେ ଦୁଇ ଘଣ୍ଟା)

ପରେ ତାଙ୍କର ମନନ-ଶକ୍ତିର ସକ୍ରିୟତା ପ୍ରବଳ ଭାବରେ ଦୀପ୍ତିମନ୍ତ ଓ ତୀବ୍ର ହୋଇଉଠିଲା । ସେତେବେଳେ ସାଧାରଣତଃ ସେ ଦିନକୁ ପାଞ୍ଚ ଧାଡ଼ିରୁ ଆଠ ଧାଡ଼ି କି ଦଶ ଧାଡ଼ି କବିତା ଲେଖୁଥିଲେ; ମାସକୁ ପ୍ରାୟ ଦୁଇ ଶହ ଧାଡ଼ି । 'ପ୍ରାଣାୟାମ' ଅଭ୍ୟାସ ପରେ ସେ ଅଧ ଘଣ୍ଟାକ ଭିତରେ ଦୁଇ ଶହ ଧାଡ଼ି କବିତା ଲେଖି ପାରୁଥିଲେ । ଇତିପୂର୍ବରୁ ତାଙ୍କର ସ୍ମରଣ ଶକ୍ତି ସେତେ ପ୍ରଖର ନଥିଲା, କିନ୍ତୁ ଏହା ପରେ ଯେତେବେଳେ ତାଙ୍କର କବିତା ସୃଜନର ପ୍ରେରଣା ଆସୁଥିଲା ସେତେବେଳେ ସେ କବିତାର ପଂକ୍ତିଗୁଡ଼ିକର କ୍ରମ-ବିନ୍ୟାସର ମୌଳିକ ଧାରା ଅବିକଳ ସ୍ମରଣରେ ରଖି ପାରୁଥିଲେ ଏବଂ ସେସବୁକୁ ତାଙ୍କର ସ୍ୱେଚ୍ଛାକୃତ ସୁବିଧାଜନକ (convenient) ମୁହୂର୍ତ୍ତରେ ଲିପିବଦ୍ଧ କରୁଥିଲେ ।

(A. B. Purani : 'Evening Talks', 19 Sept, 1925)

ପୁନଶ୍ଚ ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''... ଚାରିବର୍ଷର 'ପ୍ରାଣାୟାମ' ଏବଂ ମୋର ନିଜସ୍ୱ ଅନ୍ୟାନ୍ୟ ଯୋଗାଭ୍ୟାସ ଫଳରେ ବିଭିନ୍ନ ଫଳାଫଳ ମଧ୍ୟରୁ ସ୍ୱାସ୍ଥ୍ୟୋନ୍ନତି ଓ କାର୍ଯ୍ୟକାରିଣୀ ଶକ୍ତିର ପ୍ରବାହ ସହିତ କବିତା ସୃଜନର ଏକ ଅସାଧାରଣ ସାମର୍ଥ୍ୟଯୁକ୍ତ ପ୍ରବାହର ସୂତ୍ରପାତ ହୋଇଥିଲା । ...''

(SABCL, Vol. 26, pp. 78-79)

ଏବେ ଦୀନେନ୍ଦ୍ର କୁମାର ରାୟଙ୍କ ଉକ୍ତିରୁ : ''ଦିନେ ଅରବିନ୍ଦ ତାଙ୍କ ମା' କିଂବା ଭଉଣୀଙ୍କ ପାଖକୁ ଟଙ୍କା ପଠାଇବା ସକାଶେ ମନିଅର୍ଡ଼ର ଫର୍ମ ପୂରଣ କରୁଥିଲେ । ଏହାର କିଛି ଦିନ ପୂର୍ବରୁ ମୁଁ ଘରକୁ ଟଙ୍କା ପଠାଇବି ବୋଲି ଭାବୁଥିଲି; କିନ୍ତୁ ଅରବିନ୍ଦଙ୍କ ପାଖରେ ଯଥେଷ୍ଟ ଟଙ୍କା ଥିବ କି ନାହିଁ ସନ୍ଦେହ ହେବାରୁ ତାଙ୍କୁ ଟଙ୍କା ମାଗିବାକୁ ସଙ୍କୋଚ ବୋଧ କରୁଥିଲି । ସେ ମନିଅର୍ଡ଼ର କରୁଛନ୍ତି ଦେଖି ଭାବିଲି ଏଇ ସୁଯୋଗରେ କିଛି ଟଙ୍କା ମାଗି ନେଇ ଘରକୁ ପଠାଇବି । ଟଙ୍କା ମାଗିଲି । ଅରବିନ୍ଦ ତାଙ୍କ ବାକ୍‌ସରୁ ତାଙ୍କ ହାତ ବ୍ୟାଗ୍‌ଟି ବାହାର କଲେ; ବ୍ୟାଗ୍‌ରେ ଯେଉଁ ସ୍ୱଳ୍ପାବଶିଷ୍ଟ ଟଙ୍କା ଥିଲା 'ଝୁଲି ଝାଡ଼ିଦେଇ' ସ୍ମିତହାସ୍ୟରେ ମୋତେ ଦେଇ କହିଲେ, 'ଆଉ ତ ନାହିଁ, ଏଇ ଟଙ୍କାତକ ଆପଣ ଘରକୁ ପଠାଇ ଦିଅନ୍ତୁ ।' ମୁଁ ଅପ୍ରତିଭ ହୋଇ କହିଉଠିଲି, 'ଏ କି କଥା ! ଆପଣ ଟଙ୍କା ପଠାଇବେ ବୋଲି ମନିଅର୍ଡ଼ର ଫର୍ମ ଲେଖିବାକୁ ଆରମ୍ଭ କରିଛନ୍ତି ଯେ ! ଏତକ ଆପଣ ପଠାଇ ଦିଅନ୍ତୁ, ମୁଁ ପରେ ପଠାଇବି ।' ଅରବିନ୍ଦ ମଥା ହଲାଇ କହିଲେ, 'ନା, ତାହା ହେବ ନାହିଁ, ମୋଠାରୁ ଆପଣଙ୍କର ଦରକାର ବେଶୀ, ମୁଁ ପରେ ପଠାଇଲେ କ୍ଷତି ନାହିଁ ।' ତାଙ୍କର ମନିଅର୍ଡ଼ର ଫର୍ମ ଲେଖା ଅଧା ହୋଇ ବନ୍ଦ ରହିଲା । ସେଇଟିକୁ ଟେବୁଲର ଗୋଟିଏ ପାଖରେ ରଖିଦେଇ ସେ 'ମହାଭାରତ' ଖୋଲି 'ସାବିତ୍ରୀ ଓ ସତ୍ୟବାନ' ଉପାଖ୍ୟାନ ଅବଲମ୍ବନରେ କବିତା ଲେଖିବାରେ ମନଧ୍ୟାନ ଦେଲେ ।''

('ଅରବିନ୍ଦ ପ୍ରସଙ୍ଗ', ପୃଷ୍ଠା : ୧୦-୧୧)

ଶ୍ରୀଅରବିନ୍ଦ ବରୋଦାରେ ଥିବାବସ୍ଥାରେ 'ସାବିତ୍ରୀ' ମହାକାବ୍ୟ ଆରମ୍ଭ କରିଥିଲେ ମଧ୍ୟ ଏହାକୁ ସର୍ବାନ୍ତଃକରଣରେ ନୂତନ ଢାଞ୍ଚାରେ ଚୂଡ଼ାନ୍ତ ରୂପ ଦେବାକୁ ତାଙ୍କୁ ତାଙ୍କର ଜୀବଦ୍ଦଶାର ଶେଷ ଅବଧି ବାର ବାର, ଅନେକ ବାର ଏଥିରେ ପରିବର୍ତ୍ତନ କରିବାକୁ ହୋଇଥିଲା । ସର୍ବପ୍ରଥମେ ଏହାର ଉପନାମ (sub-title) ଥିଲା 'A Tale and a Vision'; ପରବର୍ତ୍ତୀ କାଳରେ ଏହା ହୋଇ ଉଠିଥିଲା 'A Legend and a Symbol' । ପରିଶେଷରେ 'ସାବିତ୍ରୀ' ମହାକାବ୍ୟଟି ହୋଇ ଉଠିଥିଲା ତାଙ୍କର ଯୋଗ-ସାଧନାର କାଳାନୁକ୍ରମିକ ଲିଖିତ କାବ୍ୟିକ ବିବରଣୀ (a poetic chronicle of his yoga) । ଆଜି ଏହି ମହାକାବ୍ୟର ପ୍ରାରମ୍ଭ ପଂକ୍ତିଟି ଆମର ମନ-ପ୍ରାଣ ଓ ଶୁଦ୍ଧ ଅନ୍ତଃକରଣରେ ଲିପିବଦ୍ଧ ହୋଇ ରହିଛି : "It was the hour before the God's awake."

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑



ଯେଉଁ ଏକମାତ୍ର ବସ୍ତୁ **ମହତ୍ତ୍ୱପୂର୍ଣ୍ଣ** ତାହା ହେଲା ଭଗବାନଙ୍କର ଅନୁସନ୍ଧାନ କରିବା ତଥା ତାଙ୍କୁ ପ୍ରାପ୍ତ ହେବା – ବାକି ସବୁକିଛି **ନିରର୍ଥକ** ।
(ଶ୍ୱେତ ଗୋଲାପ, ପୃ. ୧୭) – ଶ୍ରୀମା

ବିଶ୍ୱାସ

ରାମକୃଷ୍ଣ ଦାସ

ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହେବାର ଦୁଇଟି ପ୍ରଣାଳୀ । ଗୋଟିଏ ବିଶ୍ୱାସ, ଅନ୍ୟଟି ସମର୍ପଣ, ଅଭୀପ୍ସା, ପ୍ରତିକୂଳ ବସ୍ତୁର ତ୍ୟାଗ ଆଦି ସାଧନା । ଏହି ଦୁଇଟି : ବିଶ୍ୱାସ ଏବଂ ସାଧନା, ଏକ ଅନ୍ୟକୁ ଛାଡ଼ି ରହିପାରେ ନାହିଁ; ତଥାପି ସାଧନାର ପ୍ରଥମ ଅବସ୍ଥାରେ କାହାର ବିଶ୍ୱାସ ପ୍ରଧାନ, ସାଧନା ଗୌଣ ଥାଏ; କାହାର ସାଧନା ପ୍ରଧାନ, ବିଶ୍ୱାସ ଗୌଣ ଥାଏ । ସାଧନାରେ କିଛି ଦୂର ଅଗ୍ରସର ହେବା ପରେ ଏହି ଦୁଇଟି ମିଶି ଏକ ହୋଇଯାଏ, ଆଉ ବିଶେଷତ୍ୱ ବା ଗୌଣତ୍ୱ ନ ଥାଏ । ବିଶ୍ୱାସ ବିନା ସମର୍ପଣ ହୋଇପାରେ ନାହିଁ କିଂବା ଅଭୀପ୍ସା ଉତ୍ପନ୍ନ ହୁଏ ନାହିଁ; ନିଜକୁ ମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ ସଂକଳ୍ପ ଏବଂ ଅଭୀପ୍ସା କଲେ ବିଶ୍ୱାସ ନ ଆସି ରହିପାରେ ନାହିଁ । ଯଥାର୍ଥରେ ବିଶ୍ୱାସ, ଅଭୀପ୍ସା, ସମର୍ପଣ – ନାମରେ ପୃଥକ୍, ତତ୍ତ୍ୱତଃ ଏକ । ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହେବାର ମାର୍ଗହିଁ ବିଶ୍ୱାସ, ସମର୍ପଣ ତଥା ଅଭୀପ୍ସା । ଏହାଛଡ଼ା ଅନ୍ୟ କୌଣସି ସାଧନା ଦ୍ୱାରା ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇପାରେ ନାହିଁ । ବିଶ୍ୱାସ ବିନା ସମସ୍ତ ଶକ୍ତିଶାଳୀ ତପସ୍ୟା, ପ୍ରବଳ ସାଧନାର କୌଣସି ଫଳ ନ ହୋଇ ବ୍ୟର୍ଥତାରେ ପରିଣତ ହୁଏ । ମା'ଙ୍କ ଆଶୀର୍ବାଦ ପ୍ରାପ୍ତ ବ୍ୟକ୍ତିର ଚେତନାରେ ଭଗବତ୍ ଆଶ୍ରିତ ହେବାର ମୋହର ଛାପ ଲାଗିଯାଏ । ସେ ହୁଏ ଭଗବତ୍ ଜନ ବା ଭଗବତ୍ ଆଶ୍ରିତ ଅଥବା ଭଗବତ୍ ଶରଣାପନ୍ନ । ବ୍ୟକ୍ତି ଯଦି ମା'ଙ୍କର ଏହି ଆଶୀର୍ବାଦକୁ ବିଶ୍ୱାସର ସହ ଧାରଣ କରି ମା'ଙ୍କୁ ନିରନ୍ତର ସ୍ମରଣ ତଥା ସମର୍ପଣ କରେ, ତେବେ ମା' ତାକୁ ସମସ୍ତ ବିପଦ-ଆପଦରୁ ରକ୍ଷା କରି ଲକ୍ଷ୍ୟରେ ପହୁଁଚାଇ ଦିଅନ୍ତି । ସାଧନାର ପ୍ରଥମ ଅବସ୍ଥାରେ ମା'ଙ୍କ ଆଶୀର୍ବାଦ ବା କରୁଣାର ସ୍ପର୍ଶ ପାଏ ବ୍ୟକ୍ତିର ଉଚ୍ଚତର ସତ୍ତା । ବ୍ୟକ୍ତିର ଭୌତିକ ମନ ଏବଂ ପ୍ରାଣ ଭୋଗ-ବାସନାରେ ଲାଳାୟିତ ଥାଏ । ମା'ଙ୍କ କୃପାକୁ ଚାହେଁ ନାହିଁ, ଗ୍ରହଣ କରେ ନାହିଁ; ଶରୀର ତ ଜଡ଼, ତା'ର ନିଜସ୍ୱ ବୋଲି କିଛି ନ ଥାଏ, ମନ-ପ୍ରାଣ ଦ୍ୱାରା ଚାଳିତ ହେଉଥାଏ । ଏହିସବୁ ଅଶୁଦ୍ଧ, ଅସଂସ୍କୃତ ମନ-ପ୍ରାଣ ଥାଏ ଅବିଦ୍ୟା ମାୟା ବା ଭଗବତ୍‌ବିରୋଧୀ ଶକ୍ତିର ଅଧିକାରରେ । ସେ ଏହିସବୁକୁ ଯତ୍ନ କରି ସନ୍ଦେହ, ଅବିଶ୍ୱାସ, କାମ, କ୍ରୋଧ, ଲୋଭ, ମୋହକୁ ଆଣି ମା'ଙ୍କ କୃପାର ମାର୍ଗକୁ ରୋଧ କରି ବ୍ୟକ୍ତିକୁ ଭଗବତ୍ ମାର୍ଗରୁ ଟାଣି ଆଣିବାକୁ ବରାବର ଚେଷ୍ଟା କରୁଥାଆନ୍ତି; ନାନା ପ୍ରକାର ବାଧାବିଘ୍ନ ଉପସ୍ଥାପନ କରୁଥାଆନ୍ତି । ବ୍ୟକ୍ତିସତ୍ତାର କୌଣସି ନଗଣ୍ୟ ଭାଗରେ ବିରୋଧୀ ଶକ୍ତିର ଯେପର୍ଯ୍ୟନ୍ତ ଅଧିକାର ଥାଏ ସେପର୍ଯ୍ୟନ୍ତ ସେ ମା'ଙ୍କ କୃପାର ମାର୍ଗ ରୋଧ କରିବାକୁ ପ୍ରାଣପଣେ ଚେଷ୍ଟା କରୁଥାଆନ୍ତି । ପୂର୍ଣ୍ଣରୂପେ ସମସ୍ତ ସତ୍ତା, କିଛିମାତ୍ର ବାକି ନ ରହି ମା'ଙ୍କୁ ସମର୍ପିତ ହୋଇଗଲେ ସେଥିରେ ଅଧିକାର ହୁଏ ମା'ଙ୍କ କୃପାଶକ୍ତିର । ସେ ପରିଚାଳିତ ହୁଏ ପୂର୍ଣ୍ଣରୂପେ ସତ୍ୟ ଦ୍ୱାରା । ସେ ନିବାସ କରେ ସତ୍ୟ, ଆନନ୍ଦ ଓ ପରମ ଶାନ୍ତିର ମଧ୍ୟରେ । ଭୌତିକ ଏବଂ ଅତିଭୌତିକ କୌଣସି ପ୍ରକାର ଦୁଃଖକଷ୍ଟ ତା'ର ନିବାସ ସ୍ଥାନର ବାତାବରଣରେ ପ୍ରବେଶ କରିବା ମାତ୍ରେ ଭସ୍ମ ହୋଇଯାଏ । ତା'ର ସମର୍ପିତ ମନ-ପ୍ରାଣ-ଶରୀର ମା'ଙ୍କ ଅତିମାନସ ଶକ୍ତି ଦ୍ୱାରା ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହୁଏ । ସେ ରୋଗ-ଜରା-ମୃତ୍ୟୁ ଏବଂ ଅବିଦ୍ୟା ମାୟାର ଅଧୀନରୁ ପୂର୍ଣ୍ଣରୂପେ ମୁକ୍ତ ହୁଏ । ଏହାହିଁ ବ୍ୟକ୍ତିର ଯଥାର୍ଥ ସ୍ୱରୂପ ।

ପ୍ରଶ୍ନ : ଆପଣ କହିଲେ – ''ମା'ଙ୍କ କୃପାପ୍ରାପ୍ତ ବ୍ୟକ୍ତିର ଚେତନାରେ ଭଗବତ୍ ଆଶ୍ରିତ ହେବାର ମୋହର ଛାପ ଲାଗିଯାଏ, ସେ ଯଦି ଏହାକୁ ବିଶ୍ୱାସ ସହ ଧାରଣ କରି ରଖିପାରେ ତେବେ ମା' ସମସ୍ତ ଦୁଃଖ-କଷ୍ଟରୁ ରକ୍ଷାକରି ତାକୁ ଲକ୍ଷ୍ୟରେ ପହୁଁଚାଇ ଦିଅନ୍ତି ।'' ତା'ପରେ କହିଲେ – ''ଯେପର୍ଯ୍ୟନ୍ତ ବ୍ୟକ୍ତିର ସମସ୍ତ ସତ୍ତା ପୂର୍ଣ୍ଣରୂପେ ଭାଗବତୀ ଶକ୍ତିକୁ ସମର୍ପିତ ହୋଇ ନଥାଏ, କୌଣସି ନଗଣ୍ୟ ଭାଗରେ ଯଦି ଟିକିଏ ବାକି ଥାଏ, ତାହାକୁ ଆଶ୍ରୟ କରି ବିରୋଧୀ ଶକ୍ତି ବ୍ୟକ୍ତିକୁ ସନ୍ମାର୍ଗରୁ ଟାଣି ନେଇ ଯିବାକୁ ଚେଷ୍ଟା କରେ, ସାଧକ ସଜାଗ ନହୋଇ ମା'ଙ୍କ ଆଶ୍ରୟ ତ୍ୟାଗ କରି ବିରୋଧୀ ଶକ୍ତିର କପଟ ଜାଲରେ ପଡ଼ିଗଲେ ସେ ସତ୍ୟ ପଥରୁ ଖସି ଯାଇପାରେ ।'' ଯଦି ମା'ଙ୍କ ଆଶ୍ରିତ ହେବାର ମୋହର ଛାପ ଲାଗି ଯାଇଥାଏ, ତେବେ ତା'ର ପତନ ହୁଏ କିପରି ? ଏହା ପରିଷ୍କାର ଭାବେ ବୁଝାଇ ଦିଅନ୍ତୁ ।

ଉତ୍ତର : ବ୍ୟକ୍ତି ମା'ଙ୍କ କୃପା ପ୍ରତି ନିଷ୍କପଟ ତଥା ବିରୋଧୀ ଶକ୍ତିର ଆକ୍ରମଣ ପ୍ରତି ସଜାଗ ନ ରହି ତା'ର ପ୍ରଲୋଭନକୁ ସ୍ୱୀକାର କଲେ ତା'ର ସାମୟିକ ପତନ ହୋଇପାରେ, କିନ୍ତୁ ସେ ମା'ଙ୍କ କୃପାରୁ ପୁନରାୟ ସଚେତ ହୋଇ ଲକ୍ଷ୍ୟ ଦିଗରେ ଅଗ୍ରସର ହୁଏ ଏବଂ ଶେଷରେ ଅବଶ୍ୟ ଭଗବତ୍ ପ୍ରାପ୍ତି କରେ, ଏଥିରେ କୌଣସି ସନ୍ଦେହ ନାହିଁ । ଯଦି ଆରମ୍ଭରୁ ସେ ମା'ଙ୍କ ପ୍ରତି ବିଶ୍ୱାସ ରଖେ ତେବେ ସେ ସହଜରେ ସମସ୍ତ ବାଧାବିପତ୍ତିକୁ ଅତିକ୍ରମ କରି ଯାଇପାରେ । କିନ୍ତୁ ଯେପର୍ଯ୍ୟନ୍ତ ବ୍ୟକ୍ତିର କୌଣସି ସାମାନ୍ୟ ଭାଗ ଅସମର୍ପିତ ଥାଏ, ସେପର୍ଯ୍ୟନ୍ତ ବିରୋଧୀ ଶକ୍ତି ବ୍ୟକ୍ତିକୁ ବିପରୀତ ମାର୍ଗକୁ ଟାଣି ନେବାର ସମ୍ଭାବନା ଥାଏ । ସେହି ପର୍ଯ୍ୟନ୍ତ ବ୍ୟକ୍ତିକୁ ସଜାଗ ଏବଂ ସାବଧାନ ରହିବାକୁ ହୁଏ । ମା'ଙ୍କ କୃପାର ମୋହର ଲାଗିବାର ଅର୍ଥ ବ୍ୟକ୍ତି ସରଳ ମାର୍ଗରେ, ବିନା ଦୁଃଖ-ଦ୍ୱନ୍ଦ୍ୱରେ, ଅବିଳମ୍ବେ ଅଥବା ଜଟିଳ, ଦୁର୍ଭେଦ୍ୟ ଦୁଃଖ-ଦ୍ୱନ୍ଦ୍ୱପୂର୍ଣ୍ଣ ଉତ୍‌ଥାନ-ପତନ ମାର୍ଗରେ ତୀବ୍ର ବାଧା-ବିପତ୍ତିର ସମ୍ମୁଖୀନ ହୋଇ ବହୁତ ବିଳମ୍ବରେ ଭଗବାନଙ୍କୁ ଅବଶ୍ୟ ପ୍ରାପ୍ତ ହୁଏ । ଥରେ ମା'ଙ୍କ ଆଶୀର୍ବାଦ ପାଇବା ପରେ ବ୍ୟକ୍ତି ଦୁଃଖଦ୍ୱନ୍ଦ୍ୱ, ଘୋର ବିପତ୍ତିରେ ପଡ଼ି ମା'ଙ୍କୁ ପୂର୍ଣ୍ଣରୂପେ ଭୁଲିଗଲେ ମଧ୍ୟ ମା' ତାକୁ ତ୍ୟାଗ କରନ୍ତି ନାହିଁ, ପୁନରାୟ ତାକୁ ସତ୍ୟ-ମାର୍ଗକୁ ନେଇଆସିବାକୁ ପ୍ରତୀକ୍ଷା କରିଥାଆନ୍ତି; ଏବଂ ସୁଯୋଗ ପାଇବାମାତ୍ରେ ତାକୁ ଭଗବତ୍‌ମୁଖୀ କରିଦିଅନ୍ତି । ପ୍ରଥମରେ ମା'ଙ୍କ ଆଶୀର୍ବାଦ ପାଇ ସମସ୍ତ ପ୍ରତିକୂଳ ଅବସ୍ଥାରେ ମା'ଙ୍କ ପ୍ରତି ବିଶ୍ୱାସ ରଖି ସମର୍ପଣ କରିଚାଲିବା ହେଲା ସିଧା ମାର୍ଗ । ମା'ଙ୍କ ଆଶୀର୍ବାଦ ପାଇବା ପରେ ବିରୋଧୀ ଶକ୍ତିର ଆକ୍ରମଣରେ ମୋହିତ ହୋଇ ମା'ଙ୍କ କୃପାକୁ ଭୁଲି ଇନ୍ଦ୍ରିୟର ବିଷୟରେ ଧାବିତ ହେବା ହେଲା ପତନ ଏବଂ ଦୁର୍ଭେଦ୍ୟ ଦୁଃଖ-ଦ୍ୱନ୍ଦ୍ୱପୂର୍ଣ୍ଣ ମାର୍ଗ ।

ବ୍ୟକ୍ତିର ନିଜ ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ଜ୍ଞାନ ନଥାଏ । ତା'ର ସମସ୍ତ ସତ୍ତା ଦିବ୍ୟତତ୍ତ୍ୱର ବିକୃତ ରୂପ ବୋଲି ସେ ଭୁଲି ଯାଇଥାଏ । ମୋହମାୟା ଓ ଅଜ୍ଞାନତାର ବଶ ହୋଇ ବର୍ତ୍ତମାନ ଆରୋପିତ ମିଥ୍ୟା, ପାରିବାରିକ ମୋହ-ମମତା, ଇନ୍ଦ୍ରିୟର ବିଷୟକୁ ସତ୍ୟ ମାନି ନେଇଥାଏ । ଜନ୍ମ-ମରଣର ଅନିବାର୍ଯ୍ୟ ଦୁଃଖକଷ୍ଟରେ ଜର୍ଜରିତ ହେଉଥିବା ସତ୍ତ୍ୱେ ସେଥିରୁ ମୁକ୍ତ ହେବାର ସମ୍ଭାବନାର ଧାରଣା ତା' ପାଖରେ ନଥାଏ । ଏହି ମୋହଗ୍ରସ୍ତ ଅଜ୍ଞାନ-ଅନ୍ଧକାରପୂର୍ଣ୍ଣ ଅବସ୍ଥାରେ ଭଗବାନ୍ ଦୟାକରି ବ୍ୟକ୍ତିର ଅନ୍ତରତମ ପ୍ରଦେଶର ଜ୍ଞାନ-ଜ୍ୟୋତିଃ ପ୍ରକାଶ କରିଦିଅନ୍ତି; ତା'ର ଅନ୍ତରାତ୍ମା ଜାଗ୍ରତ୍ ହୁଏ ଏବଂ ସେ ସଚେତ ହୋଇ ନିଜ ଜୀବନର ଲକ୍ଷ୍ୟ ଜାଣି ଭଗବାନଙ୍କୁ ପ୍ରାପ୍ତ ହେବା ଉଦ୍ଦେଶ୍ୟରେ ପ୍ରଯତ୍ନ କରେ । ଏହାହିଁ ଭଗବାନଙ୍କର ଅହେତୁକ କୃପା । ଏହି କୃପାର ଅର୍ଥ ଭଗବାନଙ୍କ ମୋହର ଛାପ ।

ଏହି ଅବସ୍ଥାରେ ବ୍ୟକ୍ତିର ମନ-ପ୍ରାଣ ଅଶୁଦ୍ଧ ଥାଏ । ଅଶୁଦ୍ଧ ମନ-ପ୍ରାଣର ବିଷୟ-ଭୋଗର ନରକ ଦ୍ୱାର ଯେପରି ଉନ୍ମୁକ୍ତ ଥାଏ, ସେହିପରି ଭଗବତ୍ ପ୍ରାପ୍ତି ମାର୍ଗ ମଧ୍ୟ ଉନ୍ମୁକ୍ତ ଥାଏ । ବ୍ୟକ୍ତି ଭଗବତ୍ ମାର୍ଗରେ ଅଗ୍ରସର ହେବାକୁ ତତ୍ପର ହେଲେ ସେଥିରେ ମା'ଙ୍କର ସାହାଯ୍ୟ ଅଧିକାଧିକ ପାଉଥାଏ ଏବଂ କ୍ରମଶଃ ବିପରୀତ ମାର୍ଗ ରୁଦ୍ଧ ହେବାକୁ ଆରମ୍ଭ କରେ । ବ୍ୟକ୍ତି ଯଦି ବିରୋଧୀ ଶକ୍ତି ପ୍ରତି ଉନ୍ମୁକ୍ତ ହୋଇ ନିଜର ଇନ୍ଦ୍ରିୟ-ବିଷୟକୁ ଗ୍ରହଣ କରେ, ତେବେ ତା'ର ଅଧାମ୍ ମାର୍ଗରୁ ପତନ ହେବା ସ୍ୱାଭାବିକ ହୁଏ । ସେ ଅସହାୟ ରୂପେ ବିରୋଧୀ ଶକ୍ତିର କବଳରେ ପଡ଼ିଯାଏ । ସେତେବେଳେ ମଧ୍ୟ ମା'ଙ୍କ କୃପା ତାକୁ ପରିତ୍ୟାଗ କରେ ନାହିଁ । ତାକୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ଅନୁକୂଳ ସମୟକୁ ଅପେକ୍ଷା କରିଥାଏ । ଏହି ଜନ୍ମରେ ହେଉ ବା ପରଜନ୍ମରେ ହେଉ ବ୍ୟକ୍ତିର ଦୁଃଖକଷ୍ଟ ମଧ୍ୟଦେଇ ମା'ଙ୍କ କୃପା ପୁନରାୟ ବ୍ୟକ୍ତିକୁ ସଚେତ କରାଏ । ବ୍ୟକ୍ତି ଦୃଢ଼ ସଂକଳ୍ପ ସହ ପୂର୍ବ ଦୁର୍ଗୁଣକୁ ତ୍ୟାଗ କରିବା ସକାଶେ ମା'ଙ୍କୁ ଡାକିଲେ ମା' ତାକୁ ସାହାଯ୍ୟ କରନ୍ତି । ସେ ପୁନରାୟ ଭଗବତ୍ ମାର୍ଗରେ ଯାତ୍ରା କରେ । ଭଗବତ୍ କୃପାପ୍ରାପ୍ତ ବ୍ୟକ୍ତିର ସ୍ଥାୟୀ ପତନ ହୁଏ ନାହିଁ ।

କିନ୍ତୁ ବ୍ୟକ୍ତିର ସାଧନା ଆରମ୍ଭରୁ ଭଗବତ୍‌ମୁଖୀ ହେବା ସଙ୍ଗେ ସଙ୍ଗେ ମା'ଙ୍କ ପ୍ରତି ବିଶ୍ୱାସ ରଖି ଦୃଢ଼ ସଂକଳ୍ପ ସହ ମା'ଙ୍କ ଆଶୀର୍ବାଦକୁ ଧରି ରଖିପାରିଲେ କ୍ରମଶଃ ସେ ଅନ୍ୟାନ୍ୟ ଭାଗକୁ ସମର୍ପଣ କରିଚାଲେ ଏବଂ ମା'ଙ୍କ କୃପା ଅଧିକରୁ ଅଧିକ ପାଏ । ବିରୋଧୀ ଶକ୍ତିଙ୍କ ଦ୍ୱାରା ତା'ର ଆଉ ପତନ ହୁଏ ନାହିଁ, ସେ ସିଧାସଳଖ ମାର୍ଗରେ ଅଗ୍ରସର ହୁଏ । ସେ ଏକ ପାଦ ଆଗକୁ ବଢ଼ିଲେ ମା' ତାକୁ ସତ୍ୟ-ମାର୍ଗରେ ହଜାର ପାଦ ଚଳାଇ ନିଅନ୍ତି । ଛୋଟ ଶିଶୁ ସଦୃଶ ସକଳ ବିପଦାପଦରୁ ରକ୍ଷା କରି ଲକ୍ଷ୍ୟରେ ପହୁଁଚାଇ ଦିଅନ୍ତି । ବ୍ୟକ୍ତି ଯେତେ ଅଧିକ ସମର୍ପଣ କରେ, ଯେତେ ଅଧିକ ବିଶ୍ୱାସ ରଖେ, ମା'ଙ୍କ ଶକ୍ତି ସେତେ ଅଧିକ ସାଧକ ମଧ୍ୟରେ କ୍ରିୟା କରେ ଏବଂ ତାକୁ ରକ୍ଷା କରେ । ସାଧନାର ପ୍ରଥମ ଅବସ୍ଥାରେ ଯଦ୍ୟପି ନିଜର

ନିମ୍ନସତ୍ତା, କାମ, କ୍ରୋଧ, ମୋହ, ଅଜ୍ଞାନ ଏବଂ ବାହ୍ୟ ଓ ଅନ୍ତର ପ୍ରତିକୂଳ ଶକ୍ତି ସର୍ବଦା ପ୍ରବଳ ଥାଆନ୍ତି, ତଥାପି କେବଳ ମା'ଙ୍କ ଉପରେ ବିଶ୍ୱାସ ରଖିପାରିଲେ ମା'ଙ୍କ ସାହାଯ୍ୟରେ ବ୍ୟକ୍ତି ଅନାୟାସରେ ଏହିସବୁ ପ୍ରତିକୂଳ ଅବସ୍ଥାକୁ ଅତିକ୍ରମ କରିଯାଏ । ଶ୍ରୀଅରବିନ୍ଦ ''The Mother'' (ମା) ବହିରେ ଲେଖିଛନ୍ତି : ''The more complete your faith, sincerity and surrender, the more will grace and protection be with you. And when the grace and protection of the Divine Mother are with you, what is there that can touch you or whom need you fear ? A little of it even will carry you through all difficulties, obstacles and dangers; surrounded by its full presence you can go securely on your way because it is hers, careless of all menace, unaffected by any hostility however powerful, whether from this world or from worlds invisible. Its touch can turn difficulties into opportunities, failure into success and weakness into unfaltering strength. For the grace of the Divine Mother is the sanction of the Supreme and now or tomorrow its effect is sure, a thing decreed, inevitable and irresistible.''

ଅର୍ଥାତ୍ – ''ତୁମର ଶ୍ରଦ୍ଧା, ତୁମର ଆନ୍ତରିକତା ଓ ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେହିଁ ଘେରି ରହିବ । ଯଦି ମା' ଭଗବତୀଙ୍କର କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧା-ବିପତ୍ତି ଓ ସଂକଟରୁ ପାର କରିଦେବ; ତାଙ୍କର ପୂର୍ଣ୍ଣ ଉପସ୍ଥିତି ଯଦି ତୁମକୁ ଆବୃତ କରି ରଖେ, ତେବେ ନିରାପଦରେ ତୁମ ପଥରେ ତୁମେ ଚାଲିଯାଇପାରିବ, କାରଣ ସେ ପଥ ହେଲା ମା'ଙ୍କର; ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତସମୂହରେ ହେଉ, କୌଣସି ଶତ୍ରୁଶକ୍ତି, ତାହା ଯେତେ ଶକ୍ତିଶାଳୀ ହେଉ ନା କାହିଁକି, ତୁମକୁ ସ୍ପର୍ଶ କରିପାରିବ ନାହିଁ; କୌଣସି ବିଭୀଷିକା ତୁମ ଚିନ୍ତାର କାରଣ ହୋଇପାରିବ ନାହିଁ । ଏହି କରୁଣାର ସ୍ପର୍ଶରେ ସଂକଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ । କାରଣ ଦିବ୍ୟ ଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି । ଏବେ ହେଉ ବା ପରେ ହେଉ, ତାହାର ଫଳ ସୁନିଶ୍ଚିତ, ପୂର୍ବ-ନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।''

ପ୍ରଶ୍ନ : ସାଧନାର ପ୍ରଥମ ଅବସ୍ଥାରେ କାମ, କ୍ରୋଧ, ମୋହ, ଅଜ୍ଞାନ ଆଦି ପ୍ରତିକୂଳ ଶକ୍ତି ପ୍ରବଳ ଥାଆନ୍ତି; ଏସବୁ ସନ୍ଦେହ, ଅବିଶ୍ୱାସ ନେଇଆସନ୍ତି, ପ୍ରତ୍ୟେକ ଇନ୍ଦ୍ରିୟ ନିଜ ନିଜ ବିଷୟ-ଭୋଗ ଆଡ଼କୁ ଟାଣୁଥାଆନ୍ତି, ସେ ଅବସ୍ଥାରେ ମା'ଙ୍କ ପ୍ରତି ବିଶ୍ୱାସ କି ଉପାୟରେ ରଖାଯାଇପାରେ ?

ଉତ୍ତର : ଏହାର ଅତ୍ୟନ୍ତ ସରଳ ଉପାୟ ହେଲା – ମା'ଙ୍କୁ ନିଜର, ଅତ୍ୟନ୍ତ ନିଜର, ନିଜ ମା' ବୋଲି ମାନି ନିଅ । ସେ ନିଜ ପାଖରେ ସର୍ବଦା ଅଛନ୍ତି, ସବୁ ଦେଖୁଛନ୍ତି, ସବୁକିଛି ଜାଣୁଛନ୍ତି, ସମସ୍ତ ଦୁଃଖକଷ୍ଟ, ବିପଦ-ଆପଦରେ ରକ୍ଷା କରୁଅଛନ୍ତି ବୋଲି ଦୃଢ଼ଭାବେ ବିଶ୍ୱାସ କର । ତାଙ୍କ ପାଖରେ ଏକେବାରେ ନିଷ୍କପଟ ହୋଇଯାଅ, ଯେପରିକି ନିଜ ଅନ୍ତଃକରଣ ପାଖରେ । ଯାହା ଭଲ, ମନ୍ଦ, ସୁଖ, ଦୁଃଖ, ବିପଦ-ଆପଦ ସବୁ ତାଙ୍କ ପାଖରେ ମନେ ମନେ ଅଥବା ବାକ୍ୟରେ କୁହ । ମା' ଯେପରି ପ୍ରତ୍ୟକ୍ଷଭାବେ ତୁମ ପାଖରେ ଛିଡ଼ା ହୋଇ ତୁମର ସମସ୍ତ କଥା ଆଗ୍ରହ ସହିତ ଶୁଣୁଛନ୍ତି, ଏହିପରି ଧାରଣା କର । ପ୍ରତିକୂଳ ଅବସ୍ଥା ଯଦି ପ୍ରବଳ ପ୍ରତୀତି ହୁଏ, ସେଥିରୁ ଉଦ୍ଧାର ହେବାର କୌଣସି ଉପାୟ ନଥାଏ, ଚତୁଃପାର୍ଶ୍ୱରେ ଅନ୍ଧକାର ଘୋଟି ଆସିଥାଏ, ସେତେବେଳେ ବି ନିରାଶ, ହତାଶ ହୁଅ ନାହିଁ । ବିଶ୍ୱାସ ରଖ, ଭରସା ରଖ । ମା' ତାଙ୍କର ଅସୀମ, ଅଲୌକିକ, ଅବ୍ୟର୍ଥ ଶକ୍ତିରେ ତୁମକୁ ରକ୍ଷା କରିବେ । ଏଥିରେ ଦୃଢ଼ ରହ । ଘୋର ଅନ୍ଧକାରରେ ତାଙ୍କର ଜ୍ୟୋତିଃର ପ୍ରକାଶ ହେବ, ଏଥିରେ ନିଃସନ୍ଦେହ ହୁଅ । ଯଦି କାନ୍ଦିବାକୁ ହୁଏ, ମା'ଙ୍କ ପାଖରେ କାନ୍ଦ । ଅପରାଧ ନ କରିବା ସକାଶେ ମା'ଙ୍କ କୃପା ଏବଂ ଶକ୍ତିର ଆଶ୍ରୟରେ ଦୃଢ଼ ପ୍ରତିଜ୍ଞା କର । ମା'ଙ୍କ ପ୍ରତି ଅବିଶ୍ୱାସ, ସନ୍ଦେହ ଆସିଲେ ସେଥିରେ ବି ହତାଶ ବା ନିରାଶ ହୁଅ ନାହିଁ । ବ୍ୟାକୁଳ ହୋଇ ମା'ଙ୍କୁ କୁହ, ପ୍ରାର୍ଥନା କର, ସନ୍ଦେହ-ଅବିଶ୍ୱାସକୁ ତାଙ୍କରି ଚରଣରେ ନିବେଦନ କରିଦିଅ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୧୨୬ - ୧୨୯) ❑

ମା' ଆପଣ ଏମିତି କହିଛନ୍ତି ...

(୧୫)

ହୁତା ହିନ୍ଦୋଚା

[ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ "Mother You said so ..." ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ''ମା' ଆପଣ ଏମିତି କହିଛନ୍ତି ...''। ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା' ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି। ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି (ନୋଟ୍ ଖାତା) ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ "Mother You said so ..."

ପରମା ଦିବ୍ୟଜନନୀ ଶ୍ରୀମା'ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ 'ନବପ୍ରକାଶ' ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଇଛି। – ସମ୍ପାଦନା]

୧୯୬୫

ସଂଗ୍ରାମ ଏପର୍ଯ୍ୟନ୍ତ ଶେଷ ହୋଇ ନାହିଁ, ଯେହେତୁ ସତ୍ୟ ଆସି ଯାଇଛି; ସତ୍ୟ ଓ ଅସତ୍ୟ ମଧ୍ୟରେ ସଂଘର୍ଷ ହେବ, କିନ୍ତୁ ଏହା ଶେଷ ସଂଗ୍ରାମ।

ପାର୍ଥିବ ଚେତନା ଓ ଶକ୍ତି ସତ୍ୟକୁ ବାଟ ଛାଡ଼ିବାକୁ ଚାହୁଁ ନାହିଁ।

ମୁଁ ମା'ଙ୍କୁ ପଚାରିଲି, ''ଯଦି ମୁଁ ଅସତ୍ୟର ଶକ୍ତିସମୂହ ଉପରେ ବିଜୟ ହାସଲ କରେ ତେବେ କ'ଣ ମୁଁ ମୁକ୍ତ ହୋଇ ପାରିବି କିଂବା ଅବଶିଷ୍ଟ ମାନବଜାତି ସହିତ ମୋତେ ସଂଗ୍ରାମ କରିବାକୁ ହେବ ?''

ବିନା ଦ୍ୱିଧାରେ ମା' ଉତ୍ତର ଦେଲେ :

ହଁ, ତୁମକୁ ସଂଗ୍ରାମ କରିବାକୁ ପଡ଼ିବ।

ଏପରିକି ବୁଦ୍ଧ ଯିଏକି ନିର୍ବାଣ ପ୍ରାପ୍ତ କରିଥିଲେ, ତାଙ୍କୁ ମଧ୍ୟ ସଂଗ୍ରାମ କରିବାକୁ ପଡ଼ିଥିଲା ଏବଂ ମାନବଜାତି ସହିତ ଯନ୍ତ୍ରଣା ସହିବାକୁ ପଡ଼ିଥିଲା।

ମାତ୍ର, ମା', ମୁଁ ବୁଦ୍ଧ ନୁହେଁ।
ମା' କହିଲେ :

ଆମେ ସମସ୍ତେ **ଦିବ୍ୟ** ଅଟୁ, ଏବଂ ଆମର ଅଧିକାର ହେଉଛି ଭଗବାନ୍ ହୋଇ ଉଠିବା – ଆମେ ସମସ୍ତେ ସେହି **ପରମ ଏକ**ରୁ ଆସିଛୁ ଏବଂ ସେହି **ପରମ ଏକ**କୁ ଯିବୁ – **ଶାନ୍ତିର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ଭିତରେ।**

ମନ ସାହାଯ୍ୟରେ ତୁମେ ନିଶ୍ଚୟ କିଛି ଚିନ୍ତା କରିବ ନାହିଁ, କାରଣ ଏହା ତୁମକୁ କୌଣସି ସ୍ଥାନକୁ ନେଇ ପାରିବ ନାହିଁ। ଭଗବାନଙ୍କ ଉପରେ ବିଶ୍ୱାସ ରଖ।

ଜୀବନର ନିଜସ୍ୱ ଉତ୍ଥାନ ଓ ପତନ ଅଛି, ମାତ୍ର ଦିନେ ପ୍ରତ୍ୟେକେ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବେ। ...

ଯେତେବେଳେ ସେ ମୋତେ କହିଲେ : ''ହଁ, ତୁମକୁ ସଂଗ୍ରାମ କରିବାକୁ ପଡ଼ିବ ...'' ଏକ ପ୍ରକାର ଭୀତିପ୍ରଦ ଅସ୍ୱସ୍ତିକର କମ୍ପନ ମୋତେ ଆବୃତ କଲା, '' କାରଣ ମୁଁ ଭାବିଲି ଯେ ମୋ ସଂଗ୍ରାମର କେବେ ବି ଅନ୍ତ ହେବ ନାହିଁ, ଯଦି ମୁଁ ମିଥ୍ୟାଚାର ନିକଟରୁ ମୁକ୍ତ ହୋଇ ନପାରେ।
କିଛି ମୁହୂର୍ତ୍ତ ପାଇଁ ମା' ଗଭୀର ଧ୍ୟାନସ୍ଥ ହୋଇଗଲେ ଏବଂ ତା'ପରେ ସେ କହିଲେ,

ହଁ, ଜଣେ ବ୍ୟକ୍ତି ଏଥିରୁ ରକ୍ଷା ପାଇପାରେ।

ମୁଁ ଖୁସି ହେଲି !
ଏବଂ, ବାସ୍ତବରେ ମୋ କ୍ଷେତ୍ରରେ କ୍ରମେ ଏହା ସତ୍ୟ

ହେଲା । ମୁଁ ଭଗବାନଙ୍କ ନିକଟରେ ସମଗ୍ର ପୃଥିବୀ ପାଇଁ ପ୍ରାର୍ଥନା କରିବାରୁ କେବେ ବି ନିବୃତ୍ତ ହୋଇ ନାହିଁ ।

୮.୧.୬୫

ଯେତେବେଳେ କୋଠରିଟି ଆବର୍ଜନାରେ ପୂର୍ଣ୍ଣ, ସେଠାରେ ରୁହ ନାହିଁ । ସେଠାରୁ ବାହାରି ଆସ ଏବଂ ପଛରେ ଥିବା ଦ୍ୱାରକୁ ବନ୍ଦ କରିଦିଅ ।

ଏହା **ମିଥ୍ୟା**ର ପୃଥିବୀ । ଯଦି ମୁଁ ଏହି କଥାଟିକୁ ମନେ କରିଥା'ନ୍ତି, ଗୋଟିଏ ମୁହୂର୍ତ୍ତ ନିମନ୍ତେ ମଧ୍ୟ ମୁଁ ଏଠାରେ ରହିପାରି ନ ଥା'ନ୍ତି ।

କିନ୍ତୁ ଏଥିରୁ ମୁକ୍ତ ହେବାର ଗୋଟିଏ ମାତ୍ର ପଥ ଅଛି । ଚେଷ୍ଟାକର ତୁମର ଆତ୍ମାରେ ବାସ କରିବା ପାଇଁ, ଯେଉଁଠାରେ ତୁମେ ଶାନ୍ତି, ତୃପ୍ତି ଓ ଖୁସି ପାଇବ ।

କେବେହେଲେ କିଛି ବୁଝିବାକୁ ଚେଷ୍ଟା କର ନାହିଁ, ସାଧାରଣ ସଂସାରୀ ଲୋକଙ୍କ କଥାକୁ କେବେ ବି ଶୁଣ ନାହିଁ, କାରଣ ସେମାନେ ତୁମକୁ ଖାଣ୍ଟି ମିଛ କହନ୍ତି ଏବଂ ତାହା ତୁମକୁ କୌଣସିଠାକୁ ନେଇପାରିବ ନାହିଁ ।

ତୁମର ଆତ୍ମା ମୋର ଏକ ଅଂଶ ଅଟେ, ଆମେ ପରସ୍ପରକୁ ଭଲ ଭାବରେ ଜାଣୁ । ଏବଂ ତୁମେ ମଧ୍ୟ ଜାଣ କିପରି ବିରୋଧୀ ଶକ୍ତିଗୁଡ଼ିକୁ ପରିହାର କରିବାକୁ ହେବ, ଏପରିକି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ମଧ୍ୟ ତୁମର ଯଥେଷ୍ଟ ଜ୍ଞାନ ରହିଛି ।

୧୯.୧.୬୫

ଲୋକମାନଙ୍କ ଭିତରେ ଥିବା କ୍ଷୁଦ୍ର ସତ୍ତାଗୁଡ଼ିକର କିଛି ରୂପ ନଥାଏ, କିନ୍ତୁ ଯଦି ସେହି ସତ୍ତାଗୁଡ଼ିକ କେବେ ସୁଯୋଗ ପାଆନ୍ତି ତତ୍‌କ୍ଷଣାତ୍ ସେମାନେ ରୂପ ଧାରଣ କରନ୍ତି ଏବଂ ଲୋକଙ୍କ ମନରେ ମିଥ୍ୟା ଓ ଭ୍ରାନ୍ତ ଧାରଣାସବୁ ଭରିଦେଇ ଦୁଷ୍ଟାମି ଆରମ୍ଭ କରନ୍ତି ।

ଲୋକମାନେ ସତ୍ୟର ଜ୍ୟୋତିର୍ବଳୟ ମଧ୍ୟରେ ବାସ କରିବା ଉଚିତ ଏବଂ ପୂର୍ଣ୍ଣ ବିଶ୍ୱାସ ସହ କେବଳ ଭଗବାନଙ୍କୁ ଜାବୁଡ଼ି ଧରିବାକୁ ହେବ । ଯଦିଓ ସେମାନଙ୍କର ଶକ୍ତି ନାହିଁ – କିଛି ବି ନାହିଁ – ମାତ୍ର ଯଦି ଭଗବାନଙ୍କ ଉପରେ ସେମାନଙ୍କର ବିଶ୍ୱାସ ଓ ଭଗବାନଙ୍କ ପ୍ରତି ପ୍ରେମ ଅଛି, ତା'ହେଲେ ସବୁ କିଛି ଠିକ୍ ଅଛି । ...

ସର୍ବୋଚ୍ଚ ଶକ୍ତିଙ୍କର ଅଛି ସର୍ବୋଚ୍ଚ ବିନମ୍ରତା । **ପରମ ପ୍ରଭୁ** ବୃଥା ଆସ୍ଫାଳନ କରନ୍ତି ନାହିଁ, ଯଦିଓ ସେ **ସର୍ବଶକ୍ତିମାନ୍** ।

୪.୯.୬୫

ମୁଁ ୧୬.୯.୬୫ରେ ମା'ଙ୍କ ପାଖକୁ ଗଲି । ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ଚାଲିଥାଏ । ମା' ମୋତେ କହିଲେ :

ଭାରତ ଏବଂ ପାକିସ୍ତାନ ନିଶ୍ଚୟ ଏକ ହେବ । ମୁଁ ଶ୍ରୀଯୁକ୍ତ ଶାସ୍ତ୍ରୀଙ୍କ ପାଖକୁ ଯେଉଁ ବାର୍ତ୍ତା ପଠାଇଥିଲି ତୁମେ ପଢ଼ିଛ କି ?

ମୁଁ କହିଲି : ନା, ମା' । ତା'ପରେ ମା' ତାଙ୍କ ଉଚ୍ଚା ଆଉଜିବାକୁ ଥିବା ଚୌକିରୁ ଉଠି ପଡ଼ିଲେ – ବାର୍ତ୍ତାଟିକୁ ଆଣିବା ପାଇଁ ତାଙ୍କ କୋଠରି ଭିତରକୁ ଗଲେ । ଏହାପରେ ସେ ବାର୍ତ୍ତାଟିକୁ ପଢ଼ିବା ପାଇଁ ମୋତେ କହିଲେ :

It is for the sake and triumph of Truth that India is fighting and must fight until India and Pakistan have once more become One because that is the truth of their being.

– The Mother

ଅର୍ଥାତ୍, ସତ୍ୟ ଓ ତାହାର ବିଜୟ ନିମନ୍ତେ ଭାରତ ଯୁଦ୍ଧ କରୁଛି ଏବଂ ଯୁଦ୍ଧ କରିବା ଉଚିତ ଯେପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ପୁଣି ଥରେ ଏକ ନ ହୋଇଛନ୍ତି କାରଣ ତାହାହିଁ ସେମାନଙ୍କ ସତ୍ତାର ସତ୍ୟ ।

– ଶ୍ରୀମା

ମୁଁ ମା'ଙ୍କୁ ପଚାରିଲି ଏହି ଯୁଦ୍ଧ ସମ୍ପର୍କରେ ପ୍ରଭୁ କ'ଣ କହିଥିଲେ ? ମା' ଉତ୍ତର ଦେଲେ :

କିନ୍ତୁ ଏହାହିଁ ହେଉଛି ପ୍ରଭୁଙ୍କ ବାର୍ତ୍ତା । ସେ କେବଳ ତାହାହିଁ ଚାହାଁନ୍ତି । ତୁମେ ଦେଖ, ପ୍ରଥମେ ମୁଁ ଲେଖିଥିଲି 'shall' ('ହେବ'), ତା'ପରେ ମୁଁ ତାକୁ ଲିଭାଇ ଦେଲି, କାରଣ ପ୍ରଧାନମନ୍ତ୍ରୀ କେବଳହିଁ ସେହି ଶବ୍ଦଟି ଲେଖି ପାରିବେ, କିନ୍ତୁ ମୁଁ ପ୍ରଧାନମନ୍ତ୍ରୀ ନୁହେଁ ।

ମୁଁ କହିଲି : କିନ୍ତୁ, ମା' ଆପଣ ତାଙ୍କ ଠାରୁ ଅନେକ

କିଛି ଅଧିକ ! ମା' କହିଲେ :

ହଁ, ଅନ୍ୟ ଏକ ଦିଗରୁ – ତେଣୁ ମୁଁ 'shall' ଲେଖି ନଥିଲି ।

ମୁଁ ମା'ଙ୍କୁ ପ୍ରଶ୍ନ କଲି : ମା', ଯଦି ସୁରକ୍ଷା ପରିଷଦ ସେମାନଙ୍କୁ ଯୁଦ୍ଧ ବନ୍ଦ ପାଇଁ ଆଦେଶ ଦେବ – ତା'ପରେ ... ସେ ଦୃଢ଼ତାର ସହିତ କହିଲେ :

ନା, ତଥାପି ଭାରତ ଯୁଦ୍ଧ କରିବା ଉଚିତ । ଅନ୍ୟଥା ସେମାନଙ୍କୁ ଆଉ ଥରେ ସବୁକିଛି ମୂଳରୁ ଆରମ୍ଭ କରିବାକୁ ହେବ ।

ମୁଁ ଯେତେବେଳେ ଶାସ୍ତ୍ରୀଙ୍କୁ ଏହି ବାର୍ତ୍ତାଟି ପଠାଇଲି, ସେ ଏହି ବାର୍ତ୍ତା ପାଇଁ କୃତଜ୍ଞ ଥିଲେ – ଏବଂ ମୁଁ ନିଶ୍ଚିତ ଯେ ଏହି କାର୍ଯ୍ୟଟି ହେବ ।

ମା' କହିଲେ,

ତୁମେ ତୁମର ବ୍ୟକ୍ତିଗତ ଯୋଜନା ଏବଂ ଇଚ୍ଛାକୁ ପରିତ୍ୟାଗ କର, ତେବେଯାଇ ତୁମେ କହିପାରିବ, 'ଭଗବାନଙ୍କ ଇଚ୍ଛା କାର୍ଯ୍ୟକାରୀ ହେଉ ।' ବାହ୍ୟ ପରିବେଶ ଓ ଲୋକଙ୍କ ସହିତ ସମ୍ପର୍କ ଛିନ୍ନ କର, ନିଜକୁ ପ୍ରତ୍ୟାହାର କରି ନେଇ ଅନ୍ତର୍ମୁଖୀ ହୁଅ ଓ ଦିବ୍ୟ ସତ୍ୟର ଆଲୋକ ମଧ୍ୟରେ ବାସ କର ।

ଭଗବାନଙ୍କ **ଇଚ୍ଛାକୁ** କେହି ବି ଜାଣନ୍ତି ନାହିଁ । ଏପରିକି ଆସନ୍ତାକାଲି କ'ଣ ଘଟିବ ଭଗବାନଙ୍କ ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ ।

ମୁଁ ମା'ଙ୍କୁ ପଚାରିଲି, ''ଆପଣ ମୋତେ କହିଥିଲେ ଭଗବାନଙ୍କ ଉପରେ ବିଶ୍ୱାସ ରଖିବା ପାଇଁ କିଂବା 'ତପସ୍ୟା'ର ନିୟମଗୁଡ଼ିକୁ ଅନୁସରଣ କରିବା ପାଇଁ; ମୁଁ କ'ଣ କରିବା ଉଚିତ ?'' ସେ ଉତ୍ତର ଦେଲେ :

ଉଭୟଟି କର । ''ତପସ୍ୟା''ର ଅର୍ଥ ହେଉଛି ଯେତେବେଳେ ତୁମେ ନିଷ୍ଠାବିହୀନ ହେବାର ଅନୁଭବ କରୁଛ ସେତେବେଳେ ସକଳ ପରିସ୍ଥିତିରେ ନିଷ୍ଠାପର ହେବାକୁ ଚେଷ୍ଟା କର । ଯେତେବେଳେ କୌଣସି ବିଷୟରେ ଲୋକେ କିଛି କହୁଛନ୍ତି ବା କିଛି ନା କିଛି ଚାହୁଁଛନ୍ତି, କେବଳ ନିରବ ରୁହ ଏବଂ କିଛି କ୍ଷଣ ପାଇଁ ନିଜକୁ ପ୍ରତ୍ୟାହାର କରି ନିଅ, ତା'ପରେ ସେମାନଙ୍କୁ କୁହ, ''ମୁଁ କିଛି ଜାଣେ ନାହିଁ, ମୁଁ କିଛି କରି ପାରିବି ନାହିଁ, ମା'ଙ୍କୁ ପଚାର ।''

ଏକ ସ୍ୱତନ୍ତ୍ର ଉଦ୍ଦେଶ୍ୟ ଓ ଉପଲବ୍ଧି ପାଇଁ ପ୍ରଭୁ ଯେଉଁ ବ୍ୟକ୍ତିମାନଙ୍କୁ ନିର୍ବାଚନ କରିଛନ୍ତି, ସେମାନେ ନିଶ୍ଚିତ ଭାବେ ବହୁ କଷ୍ଟ ଓ ଯନ୍ତ୍ରଣା ଦେଇ ଗତି କରିବେ; ଏବଂ ଏହି ପରିସ୍ଥିତିରେ ତୁମେ ନିଶ୍ଚିତ ରୂପେ ନିଷ୍ଠାପର ରହିବ – ତାହାକୁ 'ତପସ୍ୟା' କୁହାଯାଏ । ଅନ୍ୟମାନେ, ଯେଉଁମାନଙ୍କର ଭଗବାନ୍ ଓ ସତ୍ୟ ସହିତ କିଛି ନେଣଦେଣ ନାହିଁ, ସେମାନେ ଏକ ସହଜ ଜୀବନ ବଞ୍ଚନ୍ତି । ତେଣୁ ସବୁକିଛିକୁ ପ୍ରଭୁଙ୍କ ଶେଷ ବିଚାର ପାଇଁ ଛାଡ଼ି ଦିଅ ।

ତା'ପରେ ମୁଁ ମା'ଙ୍କୁ କହିଲି ଯେ ମୁଁ ମୋର ତ୍ରୁଟିଗୁଡ଼ିକୁ ଏବଂ ବାହ୍ୟ ସତ୍ତାର ଦୁର୍ବଳତାଗୁଡ଼ିକୁ ଜାଣିଥିଲି; ଆହୁରି ମଧ୍ୟ ମୁଁ ତାଙ୍କୁ ପ୍ରାର୍ଥନା କଲି ଯେ ତାଙ୍କ ଏବଂ ମୋ ଭିତରେ କିଛି ବି ଦ୍ୱନ୍ଦ୍ୱ ରହିବା ଉଚିତ ନୁହେଁ । ମୁଁ ତାଙ୍କୁ ଅନୁରୋଧ କଲି ମୁଁ ଯେପରି ତାଙ୍କୁ ବୁଝିପାରେ ଏବଂ ମୋର ଆତ୍ମା ଯେପରି ମୋର ସମଗ୍ର ସତ୍ତାକୁ ପରିଚାଳନା କରିପାରେ । ...

ସେ ସ୍ମିତ ହସିଲେ ଏବଂ ମୁଣ୍ଡ ହଲାଇ ସମ୍ମତି ଦେଲେ । ତା'ପରେ ସେ କହିଲେ :

ତୁମେ ସର୍ବଦା ତୁମର ଆତ୍ମାର **ଆଲୋକ** ମଧ୍ୟରେ ବାସ କର ଏବଂ ଅଧିକରୁ ଅଧିକ ସଚେତନ ହେବାକୁ ଏବଂ ତୁମ ନିଜ ଭିତରକୁ ପ୍ରବେଶ କରିବାକୁ ଚେଷ୍ଟା କର । ତେବେ ଯାଇ ନିଶ୍ଚିତ ଭାବେ ବାହ୍ୟ ସତ୍ତା ଏବଂ ବାହ୍ୟ ପରିବେଶସକଳ ତୁମକୁ ପ୍ରଭାବିତ କରି ପାରିବେ ନାହିଁ ।

୨୮.୯.୬୫

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

ଆଧୁନିକ ଭାରତ ଓ ଯୁବ-ସମାଜ

(୨)

ପ୍ରପତ୍ତି

ଆମ୍ଭେମାନେ ଗତ ସଂଖ୍ୟାରେ ଏହି ଶିରୋନାମାରେ ଲିଖିତ ପ୍ରବନ୍ଧରେ ଭାରତୀୟ ସଂସ୍କୃତିର ମୂଳତତ୍ତ୍ୱ କ'ଣ ଏବଂ କିପରି ଭାବରେ ଆଧୁନିକ ଭାରତର ଅଭ୍ୟୁତ୍ଥାନ ସମ୍ଭବ ହେଲା ଏବଂ କିପରି ଭାରତର ଏହି 'ନବଜନ୍ମ' ଓ ନବୀନ ଉତ୍ଥାନ ପଥରେ ଏକ ମହତୀ ଦିବ୍ୟଭୂମିକା ରହିଛି ତାହାର ଆଭାସ ଦେଇଛୁ । ଅଭ୍ୟୁତ୍ଥାନର ଏହି ପ୍ରଥମ ପର୍ବର ସୂତ୍ରଧର ହେଲେ ପରମ ପୁରୁଷ ଶ୍ରୀରାମକୃଷ୍ଣ ପରମହଂସ ଓ ତଦୀୟ ଶିଷ୍ୟ ସ୍ୱାମୀ ବିବେକାନନ୍ଦ । ରାଜନୀତି କ୍ଷେତ୍ରରେ ଯେଉଁମାନେ ଏକ ଗଭୀର ଆଧ୍ୟାତ୍ମିକ ପରମ୍ପରାକୁ ଉଜ୍ଜୀବିତ କରି ନୂତନ ଭାବେ ଜାତୀୟ ଜୀବନରେ ପୂର୍ଣ୍ଣରୂପେ ପ୍ରୟୋଗ କରିଥିଲେ ସେମାନଙ୍କ ମଧ୍ୟରେ ସର୍ବାଗ୍ରଣୀ ହେଲେ ଶ୍ରୀଅରବିନ୍ଦ, ବିପିନଚନ୍ଦ୍ର ପାଲ, ବାଲ ଗଙ୍ଗାଧର ତିଳକ, ଲାଲା ଲାଜପତ୍ ରାୟ ଓ ଅନ୍ୟାନ୍ୟ ସ୍ୱନାମଧନ୍ୟ ଜାତୀୟ ନେତୃବୃନ୍ଦ ।

ଭାରତ ଅଭ୍ୟୁତ୍ଥାନର ଦ୍ୱିତୀୟ ପର୍ବରେ ଦେଖାଦେଲେ ମହାତ୍ମା ଗାନ୍ଧି । ଗାନ୍ଧିଜିଙ୍କର ଚିନ୍ତାଧାରା ଓ ଜୀବନ-ଦର୍ଶନ ପୂର୍ଣ୍ଣ ରୂପେ ଭାରତୀୟ ଥିଲା କି ନଥିଲା ଏହି ସମ୍ବନ୍ଧରେ ବହୁ ମତଦ୍ୱୈଧ ରହିଛି । ଭାରତୀୟତାର ମୂଳତତ୍ତ୍ୱ ଯଦି ହୁଏ ଆଧ୍ୟାତ୍ମିକତା ଯାହାର ଅର୍ଥହିଁ ଏକ ଶୁଦ୍ଧ ଭାଗବତ ଚେତନା ମଧ୍ୟରେ ବାସ କରିବା ଏବଂ ସେହି ଚେତନାରୁ ଉଦ୍ଭୂତ ଭାଗବତ ଶକ୍ତି ଓ ଜ୍ଞାନ ଦ୍ୱାରା କର୍ମ ସମ୍ପାଦନ କରିବା, ତେବେ ଏପରି ଅର୍ଥରେ ଗାନ୍ଧିଜି ଆଧ୍ୟାତ୍ମିକ ନଥିଲେ । ଗାନ୍ଧିଜି ଥିଲେ ନୀତିବାଦୀ, ଶୃଙ୍ଖଳାପରାୟଣ, ଅହିଂସାବାଦୀ । ତାଙ୍କ ବ୍ୟକ୍ତିତ୍ୱରେ ବହୁ ବ୍ୟକ୍ତିତ୍ୱ ଓ ଦୃଷ୍ଟିର ସମନ୍ୱୟ ଘଟିଥିଲା – ରସ୍କିନ୍, ଟଲଷ୍ଟୟ, ଯିଶୁ, ବୁଦ୍ଧ ଓ ରାମ । ତାଙ୍କର ସମଗ୍ର ଦୃଷ୍ଟିକୋଣ ଗୋଟାଏ ଗଭୀର ବୈଷ୍ଣବୀୟ ଭାବଧାରା ଦ୍ୱାରା ରଞ୍ଜିତ ହୋଇଥିଲା । ସେ ଥିଲେ ଧର୍ମପ୍ରାଣ, ନୀତିବାଦୀ ପୁରୁଷ । ପୁନଶ୍ଚ ସେ ଭଗବଦ୍ ଗୀତାକୁ ଜାତୀୟ ପ୍ରେରଣାର ମୂଳଉତ୍ସ ବୋଲି ଜାଣିଥିଲେ । ଗାନ୍ଧିଜି ବାରଂବାର କହୁଥିଲେ ଯେ ତାଙ୍କର ରାଜନୈତିକ ଜୀବନ ତାଙ୍କର ଧର୍ମ-ଜୀବନରେ ଗୋଟାଏ ସମ୍ପ୍ରସାରଣ (extension) ମାତ୍ର । ନୈତିକତା ଓ ମାନବବାଦ ଉପରେ ପ୍ରତିଷ୍ଠିତ ଗାନ୍ଧିବାଦ ଦେଶକୁ ସ୍ୱାଧୀନତା ପଥରେ ଆଗେଇ ନେଲା ଏବଂ ଦେଶ ସ୍ୱାଧୀନତା ପ୍ରାପ୍ତ ହେଲା । କିନ୍ତୁ ସେହି ସ୍ୱାଧୀନତା ପ୍ରାପ୍ତି ସଙ୍ଗେ ସଙ୍ଗେ ତାଙ୍କର ଭାବଧାରା ମଧ୍ୟ ଦେଶରୁ ଅନ୍ତର୍ହିତ ହେଲା । ଦେଶ, ଜାତି, ସମାଜ ବା ଗୋଷ୍ଠୀ କୌଣସି କ୍ଷେତ୍ରରେ ତାଙ୍କର ଆଦର୍ଶ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ତାଙ୍କର ସ୍ୱପ୍ନର ଭାରତ, ତାଙ୍କର ରାମରାଜ୍ୟ, ଅହିଂସାମୁଖୀ ସମାଜ ଗଠିତ ହୋଇ ପାରିଲା ନାହିଁ । ତାଙ୍କର ଅନୁଚରବର୍ଗ ତାଙ୍କର ବିଭିନ୍ନ ନୀତିଚୟକୁ ରକ୍ଷା କରିବାକୁ ସକ୍ଷମ ହେଲେ ନାହିଁ । ବୈଜ୍ଞାନିକ ପ୍ରଣାଳୀରେ ଗୁରୁଶିଳ୍ପ ପ୍ରତିଷ୍ଠା ଏବଂ ସମଗ୍ର ଦେଶକୁ ଶିଳ୍ପ ଓ ବ୍ୟବସାୟ ଯୋଜନା ଦ୍ୱାରା ସମୃଦ୍ଧ କରିବା ନିମିତ୍ତ ଦୃଢ଼ ପଦକ୍ଷେପ ନିଆଗଲା । ଗାନ୍ଧିବାଦ ସଙ୍ଗେ ଯେପରି ବିଶାଳ ଯନ୍ତ୍ର ଓ ଶିଳ୍ପ ଯୁଗର କୌଣସିଠାରେ କିଛି ଅମେଳ ରହିଗଲା । ପରିଣାମରେ ଏପରି ଏକ ମନୋଗତ, ନୈତିକ ଆଦର୍ଶ ଦେଶକୁ ଯଥାର୍ଥ ଦୃଷ୍ଟିରେ ପରିଚାଳିତ କରିପାରିଲା ନାହିଁ ବା ଯୁବ-ସମାଜକୁ ପ୍ରଭାବିତ କରି ପାରିଲା ନାହିଁ । ଅବଶ୍ୟ ଗାନ୍ଧିଜିଙ୍କ ଆଦର୍ଶର ଦୁଇଟି ଦିଗ ଅଛି – ଗୋଟିଏ ନୈତିକତା, ଧର୍ମ ଓ ମାନବବାଦ; ଅନ୍ୟଟି ରାଜନୀତି, ଭାରତର ସ୍ୱାଧୀନତା ପ୍ରାପ୍ତି । ଗାନ୍ଧିଜି ନିଜ ଜୀବନରେ ପ୍ରଥମ ସ୍ଥାନ ଦେଇଥିଲେ ସତ୍ୟ, ଅହିଂସା, ନ୍ୟାୟ, ପ୍ରେମ ଓ ଭ୍ରାତୃତ୍ୱକୁ । ରାଜନୀତିକୁ ସେ ଜୀବନରେ ଏକ ଗୌଣ ସ୍ଥାନ ଦେଇଥିଲେ । କିନ୍ତୁ ତାଙ୍କ ଶିଷ୍ୟବର୍ଗ ତାଙ୍କ ବ୍ୟକ୍ତିତ୍ୱର ଗୌଣ ଦିଗଟିକୁ ଗ୍ରହଣ କଲେ, ରାଜନୀତି ଓ ରାଷ୍ଟ୍ରୀୟ ବ୍ୟାପାରରେ ଅଧିକ ଲିପ୍ତ ରହି ମୁଖ୍ୟ ଦିଗଟିକୁ ସମ୍ପୂର୍ଣ୍ଣ ଭୁଲିଗଲେ । ଫଳରେ ଗାନ୍ଧିଜିଙ୍କର ତିରୋଧାନ ସଙ୍ଗେ ସଙ୍ଗେ ତାଙ୍କର ନୈତିକ ଆଦର୍ଶ ଓ ଅହିଂସା ପଛାରେ ସମାଜ ଓ ଦେଶ ଗଠନ ନୀତି ଜାତୀୟ ସରକାର ଗ୍ରହଣ କଲେ ନାହିଁ । କହିବାକୁ ଗଲେ ଜାତୀୟ ଜୀବନରେ କୌଣସି ଖାଣ୍ଟି, ଦୃଢ଼ ଓ ଉଜ୍ଜ୍ୱଳ ଆଦର୍ଶ ରହିଲା ନାହିଁ – ରହିଲା କ୍ଷମତାସୀନ ହୋଇ ଦେଶକୁ ପାଶ୍ଚାତ୍ୟ ରୀତିରେ ଶାସନ

କରିବା । କେବଳ ଦେଶର ଜାତୀୟ ସରକାର ନୁହନ୍ତି, ଭାରତୀୟ ସାମାଜିକ ଜୀବନରୁ ମଧ୍ୟ ସକଳ ପ୍ରକାର ଆଧ୍ୟାତ୍ମିକ, ଧାର୍ମିକ ଓ ନୈତିକ ଆଦର୍ଶର ମୂଳଦୁଆ ଦୋହଲି ଗଲା । ଯେଉଁମାନେ ଦେଶରେ ନେତୃତ୍ୱର ସ୍ଥାନ ନିଅନ୍ତି, ସେମାନଙ୍କୁ ଦେଶ ଓ ଜାତି ଗଭୀର ଶ୍ରଦ୍ଧା ସହ ଅପେକ୍ଷା କରେ; କିନ୍ତୁ ଏପରି ନେତୃସ୍ଥାନୀୟ ବ୍ୟକ୍ତିଙ୍କର କୌଣସି ଗଭୀରତର, ମହତ୍ତର ଆଦର୍ଶ ଓ ଦୃଷ୍ଟିଭଙ୍ଗୀ ପ୍ରତି ନଜର ରହିଲା ନାହିଁ, ତାହାର ପ୍ରତିକ୍ରିୟା ନିମ୍ନ ସ୍ତରରେ ଆହୁରି ଭୟଙ୍କର ହୋଇ ଉଠିଲା । ସମଗ୍ର ଜାତୀୟ ଜୀବନ ଗୋଟିଏ ନୂତନ ସ୍ତରରେ ଉପନୀତ ହେଲା । ଗାନ୍ଧିଜିଙ୍କର ଦାୟାଦ ରୂପେ ସ୍ୱର୍ଗତଃ ପଣ୍ଡିତ ନେହେରୁ ଦେଶରେ ଆର୍ଥନୀତିକ ବିପ୍ଳବ ସଙ୍ଘଟନ କରି 'ଗଣତାନ୍ତ୍ରିକ ସମାଜବାଦ' ଭାରତୀୟ ରାଷ୍ଟ୍ରର ଲକ୍ଷ୍ୟ ବୋଲି ଘୋଷଣା କଲେ (ଅବଶ୍ୟ ବହୁ ବିଳମ୍ବରେ) । ଏଠାରେ ଭାରତୀୟ ଜାତୀୟ ଜୀବନରେ ଏକ ଓଲଟପାଲଟ ଦେଖାଦେଲା । ଏହାହିଁ ଭାରତୀୟ ଜାତୀୟ ଜୀବନର ଅଭ୍ୟୁତ୍‌ଥାନର ତୃତୀୟ ସ୍ତର – ଗଣତାନ୍ତ୍ରିକ ସମାଜବାଦ । ଏହାର ଦୃଷ୍ଟିଭଙ୍ଗୀ କିପରି ପାଶ୍ଚାତ୍ୟ, ବୈଜ୍ଞାନିକ ଏବଂ ଭାରତୀୟ ପରମ୍ପରାଠାରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ତାହା ଏଠାରେ ଟିକିଏ ଗଭୀର ଭାବେ ଆଲୋଚନା କରିବା । ଏହିପରି ଏକ ଆଦର୍ଶ ଆମର ବୃହତ୍ତର ଜାତୀୟ ହିତ ଦୃଷ୍ଟିରୁ ଏବଂ ଭାରତୀୟ ପରମ୍ପରା ଦୃଷ୍ଟିରୁ କେତେଦୂର ଗ୍ରହଣଯୋଗ୍ୟ ତାହା ମଧ୍ୟ ବିଚାର କରିବା । ଏହା ଦ୍ୱାରା ଯଥାର୍ଥରେ ଭାରତୀୟ ଜାତୀୟ ଉତ୍ଥାନ ସମ୍ଭବ ହେବ କି ନାହିଁ ତାହା ମଧ୍ୟ ଦେଖିବା ।

ଆର୍ଥନୀତିକ ଦୃଷ୍ଟିକୋଣର ଐତିହାସିକ ଭୂମିକା :

ପ୍ରାୟ ସପ୍ତଦଶ ଶତାବ୍ଦୀରେ ସମଗ୍ର ପାଶ୍ଚାତ୍ୟ ଭୂଖଣ୍ଡରେ ଏକ ଶିଳ୍ପଗତ, ଯାନ୍ତ୍ରିକ ବିପ୍ଳବ ସୃଷ୍ଟି ହେଲା । ତା'ର ଠିକ୍ ପରେ ପରେ ଏକ ବୁଦ୍ଧିଗତ ବିପ୍ଳବ ଆରମ୍ଭ ହେଲା ଏବଂ ବିଗତ ଦୁଇ ଶତାବ୍ଦୀ ମଧ୍ୟରେ ଶିଳ୍ପ-ପରିକଳ୍ପନା ଓ ଯନ୍ତ୍ରବାଦ ଏପରି ଦ୍ରୁତ ଗତିରେ ଉନ୍ନତି ଲାଭ କରିଛି ଯାହା ମନୁଷ୍ୟ ଚିନ୍ତାକଳେ ଅବାକ୍ ହୁଏ । ଏପରି ଏକ ସର୍ବବ୍ୟାପୀ ବିପ୍ଳବ ମାନବ ଇତିହାସରେ କ୍ୱଚିତ୍ ଦୃଷ୍ଟିଗୋଚର ହୁଏ । ଶିଳ୍ପୀକରଣ (Industrialisation) ଏବଂ ବୈଷୟିକ ଜ୍ଞାନ କୌଶଳ(Technocracy)ର ମୂଳ ପ୍ରେରଣା ହେଲା ମନୁଷ୍ୟ ନିଜକୁ ଆହୁରି ଉନ୍ନତ, ବିକଶିତ, ସ୍ୱଚ୍ଛନ୍ଦ କରିବାକୁ ଚାହେଁ ଏବଂ ତତ୍ ସଙ୍ଗେ ସଙ୍ଗେ ବାହ୍ୟ ପ୍ରକୃତିକୁ କରାୟତ୍ତ କରି ତାହାର ସମସ୍ତ ଐଶ୍ୱର୍ଯ୍ୟରେ ନିଜକୁ ଐଶ୍ୱର୍ଯ୍ୟବାନ୍ କରିବାକୁ ଚାହେଁ । ଉନ୍ନତି, ଅଗ୍ରଗତି, ଉତ୍ତରୋତ୍ତର ବିକାଶ, ପ୍ରକୃତିର ଭୋଗ, ତାହା ଉପରେ ଅଧିକ ଆଧିପତ୍ୟ, ଏହି ଚିନ୍ତା ମନୁଷ୍ୟକୁ ଏକ ଅପୂର୍ବ ସୁଯୋଗ ଦେଲା । ବିଜ୍ଞାନର ବହୁବିଧ ନୂତନ ଆବିଷ୍କାର ଏବଂ ବାହ୍ୟ ପରିବେଶ ମଧ୍ୟରେ ତାହାର ପ୍ରୟୋଗ ଓ ପ୍ରକୃତି ଉପରେ ବିଜୟ ମନୁଷ୍ୟକୁ ଏକ ନୂତନ ଦିଗନ୍ତର ସୂଚନା ଦେଲା । ଏହି ସମୟରେ ଅଗ୍ରଗତିର ଭାବ (Idea of progress) ମନୁଷ୍ୟ ମନକୁ ଏପରି ଅଧିକାର କଲା ଯେ ତାହାର ଉନ୍ନତିର ସୀମା ଅନନ୍ତ, ଅକ୍ଷୁଣ୍ଣ ଓ ସର୍ବବ୍ୟାପକ ବୋଧ ହେଲା । ଏହି ସମୟ (୧୭୪୩-୧୭୪୯)ରେ ଜନୈକ ଫ୍ରେଞ୍ଚ୍ ଦାର୍ଶନିକ ଲେଖିଛନ୍ତି :

''There is no limit set to the perfecting of the powers of man. The progress of this perfectibility, henceforth, independent of any power that might wish to stop it, has no other limit than the duration of the globe upon which nature has placed us."

ଅର୍ଥାତ୍, ''ମନୁଷ୍ୟ ଶକ୍ତିଚୟର ପୂର୍ଣ୍ଣତା ପ୍ରାପ୍ତିରେ କୌଣସି ସୀମା ନାହିଁ । ପୂର୍ଣ୍ଣତା ପ୍ରାପ୍ତି ନିମିତ୍ତ ଅଗ୍ରଗତିର ଭାବକୁ ବର୍ତ୍ତମାନ ଠାରୁ କେହି ବାଧା ଦେଇ ପାରିବେ ନାହିଁ ଏବଂ ଏହି ପୂର୍ଣ୍ଣତାର ସୀମା ହେଲା ପୃଥିବୀର ଅସ୍ତିତ୍ୱର ସୀମା, ଯେଉଁ ପୃଥିବୀ ଉପରେ ପ୍ରକୃତି ଆମ୍ଭମାନଙ୍କୁ ସ୍ଥାନ ଦେଇଛି ।''

ଏହି ସମୟରେ ୟୁରୋପରେ ଏକ ନୂତନ ଦୃଷ୍ଟିଭଙ୍ଗୀର ଉଦ୍ଭବ ପଥରେ କେତୋଟି ବିଶିଷ୍ଟ ଭାବଧାରା କାର୍ଯ୍ୟ କରିଛି – The Age of Enlightenment (ସଂସ୍କାର ବିମୁକ୍ତ ନବଯୁଗ), The Age of Reason (ବୌଦ୍ଧିକ ଯୁଗ) ଏବଂ The Age of Science (ବୈଜ୍ଞାନିକ ଯୁଗ) । ଏହି ପ୍ରତ୍ୟେକଟି ବିଶିଷ୍ଟ ଭାବଧାରା ପରସ୍ପରଠାରୁ ବିଚ୍ଛିନ୍ନ ନୁହନ୍ତି କିନ୍ତୁ ଏହିସବୁର ଏକତ୍ର ସମାବେଶରେ ଏକ ନୂତନ ପରିସ୍ଥିତିର ଉଦ୍ଭବ ହେଲା । ମନୁଷ୍ୟର ଦୃଷ୍ଟିଭଙ୍ଗୀ ବିଜ୍ଞାନ ଦ୍ୱାରା ପରିଚାଳିତ ହୋଇ ସମାଜର ବିଭିନ୍ନ ଉତ୍ପାଦିକା ଶକ୍ତି ଉପରେ ନିବଦ୍ଧ ହେଲା । ମନେ ହେଲା ଏବଂ ବହୁ ପରିମାଣରେ ଏହା ସତ୍ୟ ଯେ ପ୍ରାକୃତିକ ଶକ୍ତିର ଯଥାଯଥ ଯୋଗ-ବିନିଯୋଗ, ସମାଜସ୍ଥ ବିଭିନ୍ନ ଉତ୍ପାଦନକାରୀ ଶକ୍ତିଗୁଡ଼ିକର ପ୍ରୟୋଗ ସାମାଜିକ ଜୀବନକୁ ଉନ୍ନତ ଓ ବିକଶିତ କରିବ । ୧୮୪୭ ସାଲର

କମ୍ୟୁନିଷ୍ଟ୍ ମାନିଫେଷ୍ଟୋ (Communist Manifesto – 1847) ରେ ମାର୍କସ୍ ଏବଂ ଏଞ୍ଜେଲସ୍ ଏହି ପରିବର୍ତ୍ତନର ସୂଚନା ଦେଇ ଲେଖିଛନ୍ତି :

"Subjugation of nature's forces to man, machinery, application of chemistry to industry and agriculture, steam navigation, railways and electric telegraphs, clearing of whole continents for cultivation, canalization of rivers, whole population conjured out of the ground – what earlier century had even a presentiment that such productive forces slumbered in the lap of social labour ?"

ଅର୍ଥାତ୍, ''ପ୍ରାକୃତିକ ଶକ୍ତିକୁ ମନୁଷ୍ୟର ପାଦତଳେ ଖଟାଇବା, ଯନ୍ତ୍ର ସାହାଯ୍ୟରେ ତା'ର ଉପଯୋଗ କରିବା, ରସାୟନ ବିଦ୍ୟାକୁ ଶିଳ୍ପ ଏବଂ କୃଷି କ୍ଷେତ୍ରରେ ପ୍ରୟୋଗ କରିବା, ପୁଣି ବାଷ୍ପୀୟ ପୋତ, ରେଳଗାଡ଼ି, ବୈଦ୍ୟୁତିକ ଟେଲିଗ୍ରାଫ୍, ସମଗ୍ର ମହାଦେଶରୁ ଜଙ୍ଗଲ ପରିଷ୍କାର କରି ଚାଷୋପଯୋଗୀ କରିବା, ନଦୀ ମଧ୍ୟରୁ କେନାଲ ଆଣି ଜଳସେଚନ କରିବା ଯେପରି କୁହୁକ ବଳରେ ସମସ୍ତେ କର୍ମଚଞ୍ଚଳ – ଅତୀତରେ କେଉଁ ଶତାବ୍ଦୀରେ ମନୁଷ୍ୟ ଏପରି କଳ୍ପନା କରିପାରିଥିଲା ଯେ ସାମାଜିକ-ଶ୍ରମ କୋଳରେ ଏହିସବୁ ଉତ୍ପାଦନକାରୀ ଶକ୍ତି ସୁପ୍ତ ରହିଛି ?''

ସାମାଜିକ ଶ୍ରମ ଓ ବିଜ୍ଞାନର ପ୍ରୟୋଗ ଫଳରେ ଶିଳ୍ପ, କଳକାରଖାନା ଏବଂ ଉତ୍ପାଦନର ଏକ ଅଭିନବ ସମୃଦ୍ଧି ଦେଖାଦେଲା । ଯୁଗ ଯୁଗର ସ୍ଥାଣୁ ସମାଜ ଓ ଜୀବନ ହଠାତ୍ କର୍ମବ୍ୟସ୍ତ ଓ ଗତିଶୀଳ ହୋଇ ଉଠିଲା । କିନ୍ତୁ ଏହି ଶିଳ୍ପବିପ୍ଳବ ନିମିତ୍ତ ମନୁଷ୍ୟକୁ ବହୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିଲା । ପୁଞ୍ଜି ସଂଗ୍ରହ କରି ବିଭିନ୍ନ କଳକାରଖାନା ବସାଇବା ନିମିତ୍ତ ଶ୍ରମିକ ଶ୍ରେଣୀର ନିର୍ମମ ଶୋଷଣ ଆରମ୍ଭ ହେଲା । କଳକାରଖାନାମାନଙ୍କରେ ଶ୍ରମିକମାନଙ୍କର ଅବସ୍ଥା ଅତି ଶୋଚନୀୟ ହୋଇ ଉଠିଲା । ବସବାସ, ସ୍ୱାସ୍ଥ୍ୟ, ଶିକ୍ଷା ମଧ୍ୟ ଅତି ନିମ୍ନ ଓ ଜଘନ୍ୟ ଅବସ୍ଥାରେ ପହଞ୍ଚିଲା । ଶସ୍ତା ଶ୍ରମର ବିନିଯୋଗରେ ବହୁ ଉତ୍ପାଦନ ଲକ୍ଷ୍ୟ ହେଲା । ଏହାର ପରିଣାମରେ ଏକ ସମ୍ପୂର୍ଣ୍ଣ ନୂତନ ପରିବେଶ ଓ ବିଚାର ଦେଖାଦେଲା । ବିଜ୍ଞାନର ପ୍ରୟୋଗ ଫଳରେ ଉତ୍ପାଦନ ବୃଦ୍ଧି କରି ମନୁଷ୍ୟକୁ ସୁଖ ଓ ସମ୍ଭୋଗ ଦେବାର ଯେଉଁ ଆଶା ଥିଲା ତାହା କ୍ରମଶଃ ବ୍ୟର୍ଥତାରେ ପରିଣତ ହେଲା । ପୁଞ୍ଜିପତି ଓ ଶ୍ରମିକମାନଙ୍କ ମଧ୍ୟରେ କ୍ରମଶଃ ତିକ୍ତତା, ସଂଘର୍ଷ ଓ ବୈରଭାବ ବୃଦ୍ଧି ପାଇଲା । ଏହାର ବିରୋଧରେ ଏକଜୁଟ ହୋଇ ପ୍ରତିବାଦ ଓ ଆବଶ୍ୟକ ହେଲେ ଧର୍ମଘଟ କରିବା ପାଇଁ ଶ୍ରମିକ-ସଂଘ, ଟ୍ରେଡ୍ ଇଉନିୟନ୍ ପ୍ରଭୃତି ଗଠିତ ହେଲା । ଏହିଠାରୁହିଁ କାର୍ଲମାର୍କସ୍‌ଙ୍କ କଥିତ ଶ୍ରେଣୀ-ସଂଘର୍ଷ ସମସ୍ୟା ସୁସ୍ପଷ୍ଟ ହେଲା ଏବଂ ସମାଜରେ ପୁଞ୍ଜିପତି ଓ ସର୍ବହରା ଶ୍ରମିକ ନାମରେ ଦୁଇଟି ଶ୍ରେଣୀ ସ୍ପଷ୍ଟ ରୂପେ ଦେଖାଦେଲା ।

ଦ୍ୱିତୀୟତଃ, ଶିଳ୍ପ ବିପ୍ଳବ ଓ ବିଭିନ୍ନ କଳକାରଖାନା ସ୍ଥାପନ ଫଳରେ ଗୋଟାଏ ବ୍ୟାପକ ନୀତିହୀନତା ଦେଖାଦେଲା । ବୁଦ୍ଧିବାଦୀମାନେ ଆଶା କରୁଥିଲେ ଯେ ବିଜ୍ଞାନର ବିଜୟ ଫଳରେ କ୍ରମଶଃ ବେଶୀ ବେଶୀ ନୈତିକ ଉନ୍ନତି ହେବ ଏବଂ ସର୍ବତ୍ର ସତ୍ୟର ଅନୁସନ୍ଧିତ୍ସା ବଢ଼ିବ, ମାତ୍ର ଦୁଃଖର ବିଷୟ ଏହା ସମ୍ଭବ ହେଲା ନାହିଁ ।

ତୃତୀୟତଃ, ଫରାସୀ ରାଷ୍ଟ୍ରବିପ୍ଳବ ସମୟରେ ସ୍ୱାଧୀନତା, ସାମ୍ୟ ଓ ଭ୍ରାତୃତ୍ୱର ଯେଉଁ ମହାମନ୍ତ୍ର ଉଚ୍ଚାରିତ ହୋଇଥିଲା ତାହା କାର୍ଯ୍ୟରେ ପରିଣତ ହୋଇ ପାରିଲା ନାହିଁ । ଯେଉଁ ଗଣତାନ୍ତ୍ରିକ ପଦ୍ଧତି ଓ ଶାସନ ନିମିତ୍ତ ବହୁ ଲୋକ ଆତ୍ମବଳି ଦେଲେ ତାହା ଏକ ଅପୂର୍ଣ୍ଣ ଓ ଅପରିଣତ ବସ୍ତୁରେ ପର୍ଯ୍ୟବସିତ ହେଲା । ଅର୍ଥନୈତିକ ସାମ୍ୟ ତ ଦୂରର କଥା, ରାଜନୈତିକ ସମତା କେବଳ ଗୋଟାଏ 'ଭୋଟ ଦେବା' ପ୍ରଥାରେ ପରିଣତ ହେଲା । ପୃଥିବୀରେ ଖୁବ୍ କମ୍ ଦେଶରେ ପ୍ରକୃତରେ ଗଣତନ୍ତ୍ର ପ୍ରତିଷ୍ଠିତ ହୋଇପାରିଲା । ସ୍ୱାଧୀନତା, ସାମ୍ୟ ଓ ଭ୍ରାତୃତ୍ୱର ଭିତ୍ତି ଏବେ ବି ମନୁଷ୍ୟ ଖୋଜି ପାଇପାରି ନାହିଁ ।

କିନ୍ତୁ ଏସବୁ ସତ୍ତ୍ୱେ ଶିଳ୍ପ-ବିପ୍ଳବ, କଳକାରଖାନା ପ୍ରତିଷ୍ଠା, ଉତ୍ପାଦନ ବୃଦ୍ଧି, ପୁଞ୍ଜିବୃଦ୍ଧିର ପରିଣାମରେ କେତେକ ସୁଫଳ ମଧ୍ୟ ଦେଖାଦେଲା । ଧର୍ମ ଓ ନୈତିକତାର ଯୁଗରୁ ଆମ୍ଭେମାନେ ବିଜ୍ଞାନ, ଅର୍ଥନୀତି ଓ ଯନ୍ତ୍ରବାଦର ଯୁଗରେ ପ୍ରବେଶ କଲୁ । ଏହି ସମୟରେ ଦାସତ୍ୱ ପ୍ରଥା ଲୋପ ପାଇଲା, କିଶୋର ବା ଅଳ୍ପ ବୟସ୍କମାନଙ୍କୁ କଳକାରଖାନାରେ କାମ କରିବା ନିଷେଧ ହେଲା । ଶ୍ରମିକ ସଂସ୍ଥାମାନେ ନିଜର ଅଧିକାର, ଯଥା : ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ ଇତ୍ୟାଦି ପ୍ରତି ସଚେତନ ହେଲେ । ଶ୍ରମିକ ଆଇନ ମଧ୍ୟ ପ୍ରଣୀତ ହେଲା । ବୈଜ୍ଞାନିକ ଗତିଶୀଳତା ମନୁଷ୍ୟ

ଜୀବନକୁ ଯେପରି ପ୍ରଭାବିତ କଲା, ସେହିପରି ଆର୍ଥନୀତିକ ଦୃଷ୍ଟିଭଙ୍ଗୀ ମଧ୍ୟ ବୃଦ୍ଧି ପାଇଲା । ମନୁଷ୍ୟ ଭାବିଲା ଯେ ବିଜ୍ଞାନର ପ୍ରୟୋଗ ଫଳରେ ଏବଂ ଉତ୍ପାଦନ ବୃଦ୍ଧି ଫଳରେ ନିଜେ ପ୍ରଚୁର ଭାବେ ଜୀବନକୁ ସମ୍ଭୋଗ କରିପାରିବ । କିନ୍ତୁ ଏହି ବିରାଟ ଆଶା ଯେ ବିଫଳତାରେ ପରିଣତ ହେଲା ତାହା ଊନବିଂଶ ଶତାବ୍ଦୀର ଶେଷ ଭାଗକୁ ସ୍ପଷ୍ଟ ଜଣାଗଲା । ମହାମନୀଷୀ ସ୍ପେଙ୍ଗଲର୍ ତାଙ୍କ ରଚିତ "Decline of the West" (ପାଶ୍ଚାତ୍ୟ ସଭ୍ୟତାର ଅଧୋଗତି) ଗ୍ରନ୍ଥରେ ପାଶ୍ଚାତ୍ୟ ଜୀବନଧାରା ଯେ ଏକ ଅନ୍ଧ ଗଳିରେ ପହଞ୍ଚିଛି ତାହା ଦେଖାଇ ଦେଲେ । ଏକଥା ସେ କହିବାକୁ ବାକୀ ରଖିଲେ ନାହିଁ ଯେ ଆମ୍ଭେମାନେ ଅତୀତ ସଭ୍ୟତାଠାରୁ କିଛି ମହତ୍ତର ଓ ଉଜ୍ଜ୍ୱଳତର ଗଢ଼ିପାରିବୁ ନାହିଁ । ଏହିପରି ଏକ ନୈରାଶ୍ୟଜନକ ଏବଂ ବିସଦୃଶ ପରିସ୍ଥିତି ସୃଷ୍ଟି ହେଲା ।

ଏହା ସଙ୍ଗେ ସଙ୍ଗେ ବିଭିନ୍ନ ଦେଶରେ ରାଜନୈତିକ ବିପ୍ଳବ ସଂଘଟିତ ହୋଇ ଉତ୍ପାଦିକା ଶକ୍ତିକୁ ଜାତୀୟକରଣ କରିବା, ଅର୍ଥର ସମବଣ୍ଟନ କରିବା, ପ୍ରତ୍ୟେକ ବ୍ୟକ୍ତିକୁ ତାହାର ସାମର୍ଥ୍ୟାନୁସାରେ ସୁଯୋଗ ଦେଇ ତାହାକୁ କାର୍ଯ୍ୟ ଯୋଗାଇ ଦେବା, କଳକାରଖାନା, ରାସ୍ତାଘାଟ, ସ୍କୁଲ, କଲେଜ, ଡାକ୍ତରଖାନା, ବସବାସ ଇତ୍ୟାଦି ସରକାରୀ ନିୟନ୍ତ୍ରଣାଧୀନ କରିବା ପ୍ରଭୃତି ଭାବ ଗଭୀର ଭାବରେ ବୃଦ୍ଧିପାଇ ଶେଷରେ ''ଜନମଙ୍ଗଳ ରାଷ୍ଟ୍ର'' (Welfare State) ଗଠନ କରିବାର ଆଦର୍ଶ ଦେଖାଦେଲା । ବ୍ୟକ୍ତି ବା ବ୍ୟଷ୍ଟି ସମାଜର ହିତ ଦୃଷ୍ଟିରୁ ସବୁକିଛି ତ୍ୟାଗ କରିପାରେ, କରିବା ଉଚିତ ମଧ୍ୟ – ଏହି ଧାରଣା କ୍ରମଶଃ ବଳବତ୍ତର ହେଲା । ସମାଜବାଦ ଢାଞ୍ଚାରେ ସମାଜ ଗଠନର ଯେଉଁ ପରିକଳ୍ପନା ତାହାର ମୂଳତତ୍ତ୍ୱ ଏହିଠାରେ ।

''ଜନମଙ୍ଗଳ ରାଷ୍ଟ୍ର''ର ପରିକଳ୍ପନା ଭାରତୀୟ ଚିନ୍ତାଧାରାରେ ନୂତନ ନୁହେଁ, କିନ୍ତୁ ଜନମଙ୍ଗଳ ରାଷ୍ଟ୍ରର ଭିତ୍ତି ଓ ମନୋଭାବ ପ୍ରାଚୀନ ଭାରତର ପରମ୍ପରାରେ ଥିଲା ଆତ୍ମିକ, ଆଧ୍ୟାତ୍ମିକ, ଐଶ୍ୱରିକ – ବାହ୍ୟିକ, ଭୌତିକ ଓ ଆର୍ଥନୀତିକ ନଥିଲା । ଭଗବାନ୍ ଶ୍ରୀକୃଷ୍ଣ ମହାଭାରତ ଯୁଦ୍ଧର ପ୍ରାରମ୍ଭରେ ଧର୍ମର ଭିତ୍ତିରେ ସମଗ୍ର ଭାରତରେ ଏକତ୍ୱ ପ୍ରତିଷ୍ଠା କରି 'ଜନମଙ୍ଗଳ ରାଷ୍ଟ୍ର'ର ପ୍ରତିଷ୍ଠା ନିମିତ୍ତ, ଅର୍ଥାତ୍ 'ଲୋକସଂଗ୍ରହାୟ' ଅର୍ଜୁନଙ୍କୁ ଆହ୍ୱାନ କରିଥିଲେ । ବହୁବିଧ ଧର୍ମ ଓ ଆଧ୍ୟାତ୍ମିକ ସଂସ୍ଥାମାନଙ୍କରେ ଏବଂବିଧ ଜନହିତକର ରାଜ୍ୟ ସ୍ଥାପନାର ବିଷୟ ପରିକଳ୍ପିତ ହୋଇଛି । କିନ୍ତୁ ଏସବୁର ଭିତ୍ତି ଓ ପ୍ରତିଷ୍ଠାର ମୂଳ ପ୍ରେରଣା ଭାଗବତୀୟ, ଐଶ୍ୱରିକ – ଐହିକ ବା ବୈଜ୍ଞାନିକ ନୁହେଁ ।

ଯେକୌଣସି ପ୍ରକାରରେ ସମାଜବାଦ ଯେ ଭବିଷ୍ୟତ୍ ରାଷ୍ଟ୍ରୀୟ ବ୍ୟବସ୍ଥାର ମୁଖ୍ୟ ଉପାୟ ଏବଂ 'ଜନକଲ୍ୟାଣ ରାଷ୍ଟ୍ର' ପ୍ରତିଷ୍ଠା ଯେ ଏକ ଅବଶ୍ୟମ୍ଭାବୀ ପରିଣାମ ଏଥିରେ କୌଣସି ଦ୍ୱିଧା ନାହିଁ । କିନ୍ତୁ ଆଧୁନିକ ଗଣତାନ୍ତ୍ରିକ ସମାଜବାଦ ହେଉ ବା ଆମେରିକାର ପୁଞ୍ଜିବାଦ ହେଉ ଏହାର ପ୍ରଧାନ ଦୃଷ୍ଟିକୋଣ ହେଉଛି ଆର୍ଥନୀତିକ । ଏଥିରୁ ଉଦ୍ଭବ 'ଜନକଲ୍ୟାଣ ରାଷ୍ଟ୍ର'ରେ ଆଧ୍ୟାତ୍ମିକ ବା ଆତ୍ମିକ ପ୍ରଗତି ନିମିତ୍ତ କୌଣସି ଯୋଜନା ନାହିଁ । ନୈତିକ ବା ଆଧ୍ୟାତ୍ମିକ ଉନ୍ନତି ଗୋଟାଏ ବ୍ୟକ୍ତିଗତ ବ୍ୟାପାର ଏବଂ ତହିଁରେ ସମଷ୍ଟି ବା ଗୋଷ୍ଠୀର କିଛି ଯାଏ ଆସେ ନାହିଁ । ତେବେ 'ଜନକଲ୍ୟାଣ ରାଷ୍ଟ୍ର' ପ୍ରତିଷ୍ଠିତ ହେବ କେଉଁ ଭିତ୍ତିରେ ? ଏହା ପ୍ରତିଷ୍ଠିତ ହେବ ବୈଜ୍ଞାନିକ ଭିତ୍ତିରେ, ଯୁକ୍ତି-ବୁଦ୍ଧି ଉପରେ ଆର୍ଥନୀତିକ ଆଭିମୁଖ୍ୟର ଭିତ୍ତିରେ । ମୂଳ ଉଦ୍ଦେଶ୍ୟ ବା ଲକ୍ଷ୍ୟ ହେଲା ଆର୍ଥନୀତିକ ସମୃଦ୍ଧି – ସମ୍ପତ୍ତିର ବୃଦ୍ଧି ଓ ଉତ୍ପାଦନର ବୃଦ୍ଧି, ସୁଖ ସମ୍ଭୋଗ, ଆରାମ ଓ ବିଶ୍ରାମର ବୃଦ୍ଧି । ଯନ୍ତ୍ରବାଦ (Technocracy)ର କଲ୍ୟାଣରେ ଯେଉଁ ବିବିଧ କଳ ବା ଯନ୍ତ୍ର ପ୍ରଭୃତି ଉଦ୍ଭାବିତ ହୋଇଛି ତାହା ଦ୍ୱାରା ମନୁଷ୍ୟ ନିଜକୁ ବହୁଭାବେ ସୁଖୀ କରି ପାରିବ, ଅଧିକା ପରିଶ୍ରମ, କ୍ଲାନ୍ତି ଏବଂ ନାନା ପ୍ରକାର ପାରିପାର୍ଶ୍ୱିକ ଦୁର୍ଘଟଣାରୁ ରକ୍ଷା ପାଇ ପାରିବ । ଏହି 'ସୁଖୀ ସମାଜ' (Affluent Society) ଗଠନ ନିମିତ୍ତ ଆର୍ଥିକ ଉନ୍ନତି ଯେ ମୁଖ୍ୟ ଆବଶ୍ୟକ ଏକଥା ଆଧୁନିକ ଚିନ୍ତାଶୀଳ ବ୍ୟକ୍ତିଗଣ ବାରଂବାର ଘୋଷଣା କଲେ । ପାଶ୍ଚାତ୍ୟ ଦେଶ ବିଜ୍ଞାନ, ଯୁକ୍ତି, କର୍ମଦକ୍ଷତା ଓ ଜୀବନବାଦକୁ ଜୀବନର ମୁଖ୍ୟ ଆଦର୍ଶ ରୂପେ ମାନି ନେଲା । ଧନ, ସମ୍ପତ୍ତି ଓ ପ୍ରଚୁର ବିଭବ ମଧ୍ୟରେ ଜୀବନ-ସମ୍ଭୋଗର ଅପରିସୀମ ଆଶା ଓ ଆକାଂକ୍ଷା ବଢ଼ି ଉଠିଲା । ଏହା ସଙ୍ଗେ ବିଜ୍ଞାନର ଉନ୍ନତି ଏପରି ଆଶ୍ଚର୍ଯ୍ୟଜନକଭାବେ ବଢ଼ି ଚାଲିଲା ଯେ ସାମାଜିକ ଜୀବନ ଆମୂଳଚୂଳ ପରିବର୍ତ୍ତିତ ହୋଇଗଲା । ଏପରି ସଭ୍ୟତା ଓ ସଂସ୍କୃତିକୁ କେହି ଗ୍ୟାଜେଟ୍ ସଭ୍ୟତା (Civilisation of Gadgets), କେହି କେହି ପ୍ରାଚୁର୍ଯ୍ୟର ସଭ୍ୟତା (Civilisation of Plenty), କେହି କେହି ବିଶ୍ରାମର ସଭ୍ୟତା (Civilisation of Leisure) ବୋଲି କହନ୍ତି । ପ୍ରାଚ୍ୟର ଦରିଦ୍ରତା ସଙ୍ଗେ ପାଶ୍ଚାତ୍ୟର ବିଭବ ଏକ ଗଭୀର ବିରୋଧ ରୂପେ ଛିଡ଼ାହେଲା । ଆମେରିକାର ଧନ-ସମ୍ପଦ ଏତେ

ବଢ଼ିଲା ଯେ ସେହି ଧନ-ସମ୍ପଦ ଉତ୍ପାଦନ ବୃଦ୍ଧି ଦ୍ୱାରା ସେମାନେ କ'ଣ କରିବେ ସେ ବିଷୟରେ ବ୍ୟଥିତ ହୋଇ ପଡ଼ିଲେ । ଏପରି ଐଶ୍ୱର୍ଯ୍ୟ-ବୃଦ୍ଧି, ଲାଳସା-ବାସନାର ତୃପ୍ତି, ସୁଖ-ସମ୍ଭୋଗର ଅବାଧ ଓ ଅବୈଧ ଲୀଳା ସମଗ୍ର ପାଶ୍ଚାତ୍ୟ ଦେଶ ବିଶେଷତଃ ଆମେରିକାରେ ଗୋଟାଏ ବିଷମ ପରିସ୍ଥିତି ସୃଷ୍ଟି କରିଛି । ଜୀବନର ଲକ୍ଷ୍ୟ କ'ଣ, ରାଷ୍ଟ୍ରର ଯଥାର୍ଥ ଲକ୍ଷ୍ୟ କ'ଣ ଏ ବିଷୟରେ ତଥା ଏ ସଭ୍ୟତାର ଉଦ୍ଦେଶ୍ୟ କ'ଣ ତାହା ମଧ୍ୟ ଜନସାଧାରଣ ଭୁଲିଗଲେ । କୋଟିପତି ବିଶ୍ୱସୁନ୍ଦରୀ ଚିତ୍ରତାରକା ମେରିଲିନ୍ ମନରୋ ଏହି ଅକଳନୀୟ ମାନସିକ ଅଶାନ୍ତିରେ ବ୍ୟତିବ୍ୟସ୍ତ ହୋଇ ଆତ୍ମହତ୍ୟା କରିବା ସମ୍ଭବ ହୋଇପାରିଲା । ନାନା ପ୍ରକାର ଦୁଷ୍ପ୍ରବୃତ୍ତି, ଦୋଷ, ଦୁର୍ବଳତା, ମାନସିକ ବିକୃତି ଓ ବୀଭତ୍ସତା ବଢ଼ି ଚାଲିଲା । ଏହି ସମ୍ବନ୍ଧରେ ଆମେରିକାର ବିଖ୍ୟାତ ପତ୍ରିକା ''ଲାଇଫ୍'' (Life, 15th Aug, 1960) କିଛି ବର୍ଷ ପୂର୍ବେ ଲେଖିଥିଲା ।

"Many thoughtful Americans are disturbed because as a nation we seem bereft of a scense of purpose. We have the mood and the stance of a people who have 'arrived' and have nowhere else to go ... we have tried to fill ourselves with science and education, with better living and pleasure, with the many other things we thought we wanted, but we are still empty and bored. We are confused by the prejudice, hatred, greed and lust that are within us. We seem to be caught helpless in quicksand: we want out of our human dilemma but are powerless, the american genius has enabled us to change everything but ourselves ... It is absolutely impossible to change society and reverse the moral trend, unless we ourselves are changed from the inside out."

ଅର୍ଥାତ୍, ''ବହୁ ଚିନ୍ତାଶୀଳ ଆମେରିକାନ୍‌ମାନେ ଆଜି ବିବ୍ରତ ଯେ ଜାତି ହିସାବରେ ସେମାନଙ୍କର ଉଦ୍ଦେଶ୍ୟ ବା ଲକ୍ଷ୍ୟ କ'ଣ – ଏହି ବୋଧ ନାହିଁ । ଆମ୍ଭମାନଙ୍କ ମନୋଭାବ ଏବଂ ଧାରଣା ଯେ ଜାତି ଓ ଦେଶ ହିସାବରେ ଆମ୍ଭେମାନେ ଆମର ଲକ୍ଷ୍ୟରେ ପହଞ୍ଚି ସାରିଛୁ – ଆଉ କିଛି ଆମ୍ଭର ଲକ୍ଷ୍ୟ ସାଧନ କରିବାର ନାହିଁ ... ଆମ୍ଭେମାନେ ବିଜ୍ଞାନ, ଶିକ୍ଷା, ଉଚ୍ଚତର ଜୀବନଚର୍ଯ୍ୟା, ସୁଖ ସମ୍ଭୋଗ ଏବଂ ଅନ୍ୟାନ୍ୟ ବିଷୟରେ ନିଜକୁ ଭରପୂର କରି ରଖିବାକୁ ଚାହିଁଛୁ, ମାତ୍ର ଆମ ଜୀବନ ଆଜି ଶୂନ୍ୟତା ଏବଂ ବିରକ୍ତିରେ ପୂର୍ଣ୍ଣ । ଆମ୍ଭେମାନେ ଆମ୍ଭମାନଙ୍କ ମଧ୍ୟରେ ଥିବା ପୂର୍ବ ଧାରଣା, ଈର୍ଷା, ଦ୍ୱେଷ, ଘୃଣା, କାମ ଏବଂ ଲୋଭ ଦ୍ୱାରା ବ୍ୟତିବ୍ୟସ୍ତ ହୋଇପଡ଼ିଛୁ । ଆମ୍ଭର ମନେହେଉଛି ଆମ୍ଭେମାନେ କୌଣସି ଚୋରାବାଲି ଉପରେ ଗୋଡ଼ ପକାଇ ଅସହାୟ ହୋଇ ପଡ଼ିଛୁ । ଆମ୍ଭେମାନେ ମାନବିକ ସମସ୍ୟାର ଏହି ଦ୍ୱନ୍ଦ୍ୱ ମଧ୍ୟରୁ ମୁକ୍ତି ଚାହୁଁ, କିନ୍ତୁ ଉପାୟହୀନ । ଆମେରିକାନ୍ ପ୍ରତିଭା ଆମ୍ଭମାନଙ୍କର ପ୍ରାୟ ସବୁକିଛି ପରିବର୍ତ୍ତନ କରିଛି କିନ୍ତୁ 'ଆମ ନିଜକୁ ନୁହେଁ ।' ... ମନୁଷ୍ୟ ସମାଜକୁ ପରିବର୍ତ୍ତନ କରିବା ଏବଂ ଆଜିର ନୈତିକଧାରାକୁ ଓଲଟେଇ ଦେବା ଏକେବାରେ ଅସମ୍ଭବ ଯଦି ଆମ୍ଭେମାନେ ଆମ୍ଭ ନିଜକୁ ଭିତରୁ ପରିବର୍ତ୍ତିତ ନ କରୁ ।''

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ଦ୍ୱିତୀୟ ଖଣ୍ଡ, ପୃ. ୪୦୨-୪୦୮)

❑❑❑

ଭ୍ରମ ସଂଶୋଧନ

ଚଳିତ ବର୍ଷ ଅଗଷ୍ଟ, ୨୦୨୬ ନବପ୍ରକାଶ ସଂଖ୍ୟାର 'ସୁବର୍ଣ୍ଣ ଜୟନ୍ତୀ' ଶୀର୍ଷକ ପ୍ରବନ୍ଧରେ ପୃଷ୍ଠା ୪୩ ର ପ୍ରଥମ ସ୍ତମ୍ଭ, ଚତୁର୍ଥ ପାରା, ଧାଡ଼ି ୭ ଓ ୮ରେ '୧୯୭୧ରେ ମାତୃଭବନର ଶୁଭ ନିର୍ମାଣ, ୧୯୭୨ରେ ମା'ଙ୍କ ମହାସମାଧି' ନ ହୋଇ '୧୯୭୧ରେ ମାତୃଭବନ ନିର୍ମାଣର ଶୁଭ ପ୍ରଦାନ, ୧୯୭୨ରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା' ହେବ । ମୁଦ୍ରଣ ଜନିତ ତ୍ରୁଟି ମାର୍ଜନୀୟ ।

ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

(୧୧୩)

ମହେନ୍ଦ୍ରନାଥ ସ୍ୱାଇଁ

ଦିବ୍ୟ-ଅନୁଭୂତି :

ପୃଥିବୀପୃଷ୍ଠରେ ଆମେ ଯେଉଁ କର୍ମସବୁ କରୁ ତା'ର ଦୁଇଟି ପରିଣାମ ରହିଛି । ଗୋଟିଏ ହେଲା ଭଲ ଓ ଅନ୍ୟଟି ମନ୍ଦ । ସେହିପରି ଆମେ ଯଦି ଦିବ୍ୟକର୍ମ କରୁ ଯାହା ଦିବ୍ୟପ୍ରେମର ବିଧାନ ଉପରେ ପର୍ଯ୍ୟବସିତ ସେଥିରେ ମଧ୍ୟ କେତେକ ପରିମାଣରେ ବିଶୃଙ୍ଖଳା ଏବଂ ଅନ୍ଧକାର ଲୁକ୍‌କାୟିତ ଭାବରେ ରହିଥାଏ । ଏହିସବୁ ବିଷୟ ଉପରେ ମା' ମାର୍ଚ୍ଚ ୨୩, ୧୯୧୪ ପ୍ରାର୍ଥନାରେ ଉଲ୍ଲେଖ କରିଛନ୍ତି । ତାହା ହେଲା –

"AS I see it, the ideal state is that in which, constantly conscious with Thy Consciousness, one knows at every moment, spontaneously, without any reflection being necessary, exactly what should be done to best express Thy law. That state I know, for I have experienced it at certain moments, but very often the knowledge of the 'how' is veiled by a mist of ignorance and one must call in reflection which is not always a good counsellor – let alone all that one does at every instant without having any time for reflection, on the spur of the moment. How far does it conform with or oppose Thy law? That depends upon the state of the subconscient, on what is active in it at that time. Once the deed is done, if it has any importance, if one can look at it, analyse it, understand it, it serves as a lesson, enables one to become aware of one's motive of action and hence of something in the subconscient which still governs the being and has to be mastered."

ଅର୍ଥାତ୍, ''ମୁଁ ଯେଉଁପରି ଦେଖୁଛି, ଆଦର୍ଶ ସ୍ଥାନୀୟ ବ୍ୟବସ୍ଥାଟି ହେଉଛି, ଯେଉଁଥିରେ ନିରବଚ୍ଛିନ୍ନ ଭାବରେ ଜଣେ ପ୍ରତ୍ୟେକ ମୂହୂର୍ତ୍ତରେ ଦିବ୍ୟ ଚେତନା ସହିତ ସଚେତନ ଭାବରେ ରହିଥାଏ, ଅବଲୀଳାକ୍ରମେ ସବୁ ସମୟରେ ଜଣେ ତାହା ଜାଣି ପାରୁଥାଏ, କୌଣସି ପ୍ରତିଫଳନ ବିନା ବ୍ୟକ୍ତିଟିଏ ଦିବ୍ୟ ବିଧାନକୁ ସବୁଠାରୁ ଭଲଭାବରେ ପ୍ରକାଶ କରିବାକୁ କ'ଣ କରିବାକୁ ହେବ ତାହା ଜାଣିବା ଉଚିତ । ମୁଁ ଜାଣିଛି ସେହି ଅବସ୍ଥାକୁ, କାରଣ ମୋର ସେ ବିଷୟରେ ଅନୁଭବ ଅଛି କେତେକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ, କିନ୍ତୁ ଅଧିକାଂଶ ସମୟରେ କୌଣସି କାର୍ଯ୍ୟ କିପରି ହେଲା ବା 'କି ଉପାୟରେ' ହେବ, ଏହି ଜାଣିବାର ଉପାୟଟି ପରଦାବୃତ୍ତ ହୋଇ ରହିଥାଏ ଅଜ୍ଞାନତାର କୁହୁଡ଼ି ଦ୍ୱାରା ଏବଂ ଜଣେ ନିଶ୍ଚିତ ଭାବରେ ପ୍ରତିଫଳନ ଭିତରକୁ ଚାଲିଯିବା ଉଚିତ ନୁହେଁ ଏବଂ ସେତିକି ବେଳେ ବୁଦ୍ଧିର ଦ୍ୱାରସ୍ଥ ହେବାକୁ ହୁଏ, ମାତ୍ର ବୁଦ୍ଧି ସର୍ବଦା ଏକ ଉତ୍ତମ ପରାମର୍ଶଦାତା ହୋଇପାରି ନଥାଏ – ଏହାଛଡ଼ା ବିନା ଚିନ୍ତାରେ ଆମେମାନେ ପ୍ରତି-ମୁହୂର୍ତ୍ତରେ ସେହି ମୁହୂର୍ତ୍ତର ପ୍ରେରଣାର ବଶବର୍ତ୍ତୀ ହୋଇ କେତେ ଯେ କାର୍ଯ୍ୟ କରିଯାଉ ତାହା କହିବା ଅନାବଶ୍ୟକ । କେତେଦୂର ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ତୁମର ଦିବ୍ୟ ବିଧାନକୁ ସ୍ଥିର ନିଶ୍ଚିତ କରିପାରେ ଅଥବା ବିରୋଧ କରିପାରେ, ତାହା ନିର୍ଭର କରିଥାଏ ଅବଚେତନାର ଅବସ୍ଥା ଉପରେ, ସେହି ସମୟରେ ଯାହା ସକ୍ରିୟ ଭାବରେ କାର୍ଯ୍ୟ କରୁଥାଏ ତାହାରି ଉପରେ । ଥରେ ଏହି କାର୍ଯ୍ୟ ସମାପ୍ତ ହୋଇଗଲେ, ଯଦି ସେଥିରେ କୌଣସି ପ୍ରକାର ଗୁରୁତ୍ୱ ଥାଏ, ଯଦି ଜଣେ ତାକୁ ଦେଖି ପାରିବ, ବିଶ୍ଳେଷଣ କରିପାରିବ, ବୁଝିପାରିବ, ଏହାକୁ ଉପଯୁକ୍ତ ଶିକ୍ଷା ଭାବରେ ଗ୍ରହଣ କରିପାରିବ ଏବଂ ଜଣେ ବ୍ୟକ୍ତିଙ୍କୁ ଏହା ସକ୍ଷମ କରି ଦେଇ ପାରିବ ସେହି ପ୍ରେରଣା ବିଷୟରେ ସଚେତନ କରି ଦେବାକୁ ଜଣକର କାର୍ଯ୍ୟକଳାପର ଉଦ୍ଦେଶ୍ୟ ଉପରେ, ଏବଂ ସେଥିପାଇଁ ଅବଚେତନା ଭିତରେ ଯଦି ଏପରି କିଛି

ରହିଛି ଯାହା ବର୍ତ୍ତମାନ ସୁଦ୍ଧା ସତ୍ତାକୁ ଶାସନ କରି ଚାଲିଛି ଏବଂ ସେହି ଅବଚେତନା ଉପରେ ପ୍ରଭୁତ୍ୱ ପ୍ରତିଷ୍ଠା କରିବାକୁ ହେବ ।''

ଉକ୍ତ ପ୍ରାର୍ଥନାର ଦ୍ୱିତୀୟ ଅନୁଚ୍ଛେଦଟିରେ ମା' ଲେଖୁଛନ୍ତି –

"Every action on earth is bound to have a good and a bad side. Even the actions which best express the most divine law of Love carry in them something of the disorder and darkness inherent in the world as it is today. Some people, those who are called pessimists, perceive almost exclusively the dark side of everything. The optimists, on the other hand, see only the side of beauty and harmony. And if it is foolish and ignorant to be an unwitting optimist, is it not making a happy conquest to become a willing optimist? In the eyes of pessimists, whatever one does will always be bad, ignorant or egoistic; how could one satisfy them? It is an impossible task.''

ଅର୍ଥାତ୍, ''ପୃଥିବୀର ପ୍ରତ୍ୟେକ କର୍ମର, ପ୍ରତ୍ୟେକ କ୍ରିୟାର ନିଶ୍ଚିତ ରୂପେ ଗୋଟିଏ ଭଲ ଏବଂ ଅନ୍ୟଟି ମନ୍ଦ ପାର୍ଶ୍ୱ ରହିଛି । ଏପରିକି ଯେଉଁ କର୍ମ ଦିବ୍ୟ ପ୍ରେମର ସର୍ବୋତ୍ତମ ଦିଗଟିକୁ ପ୍ରକାଶ କରିଥାଏ ସେଥିରେ ମଧ୍ୟ କେତେକ ପରିମାଣରେ ବିଶୃଙ୍ଖଳା ଏବଂ ଅନ୍ଧକାର ଯାହାକୁ ଏହି ଜଗତ୍ ଆଜି ପର୍ଯ୍ୟନ୍ତ ସହଜାତ ଗୁଣ ରୂପେ ଧରି ରଖିଛି ତାହା ପ୍ରକାଶିତ ହୋଇଥାଏ । କେତେକ ଲୋକ ଯେଉଁମାନଙ୍କୁ ନୈରାଶ୍ୟବାଦୀ (pessimists) ବୋଲି କୁହାଯାଏ ସେମାନେ କେବଳ ପ୍ରତ୍ୟେକ ଜିନିଷର ଅନ୍ଧକାର ଦିଗଟିକୁ ଦେଖିଥା'ନ୍ତି । ଅନ୍ୟପକ୍ଷରେ ଆଶାବାଦୀମାନେ (optimists) କେବଳ ବସ୍ତୁର ସୌନ୍ଦର୍ଯ୍ୟମୟ ଏବଂ ସଙ୍ଗତିପୂର୍ଣ୍ଣ ଦିଗଟିକୁ ଦେଖି ପାରିଥା'ନ୍ତି । ଏବଂ ଯଦି ଜଣେ ନିର୍ବୋଧ, ଅନଭିଜ୍ଞ ହୋଇଥା'ନ୍ତି, ଯାହାଙ୍କର ଉପସ୍ଥିତ ବୁଦ୍ଧି ନଥାଏ, ତାହାହେଲେ ସେ ନିଜର ଅଜାଣତରେ ଆଶାବାଦୀ ହୋଇଥା'ନ୍ତି, ତାଙ୍କ ପକ୍ଷରେ ତାହା ଆନନ୍ଦପ୍ରଦ ବିଜୟ ସୃଷ୍ଟି କରିପାରି ଥାଏ କି ? ଅନ୍ୟ ପକ୍ଷରେ ନୈରାଶ୍ୟବାଦୀମାନଙ୍କ ଦୃଷ୍ଟିରେ ଯାହାକିଛି ଜଣେ କରୁଥାଏ ତାହା ସର୍ବଦା ମନ୍ଦ, ଅଜ୍ଞ ଏବଂ ଅହଂକାରସର୍ବସ୍ୱ; ସେମାନଙ୍କୁ ଜଣେ କିପରି ସନ୍ତୁଷ୍ଟ କରିପାରିବ ? ଏହା ଏକ ପ୍ରକାର ଅସମ୍ଭବ କାର୍ଯ୍ୟ ।''

ପୁନଶ୍ଚ ମା' ପ୍ରର୍ଥନାଟିରେ ତୃତୀୟ, ଚତୁର୍ଥ ଏବଂ ପଞ୍ଚମ ଅନୁଚ୍ଛେଦରେ କହୁଛନ୍ତି –

"There is only one recourse; to unite as perfectly as possible with the highest and purest light that one can conceive, to identify one's consciousness as completely as possible with the absolute Consciousness, to strive to receive all inspirations from that Consciousness alone so as to foster as best one can its manifestation upon earth, and, trusting in its power, to regard all events with serenity.

"Since everything is necessarily mixed in the present manifestation, the wisest thing is to do one's best, striving towards an ever higher light and to resign oneself to the fact that absolute perfection is for the moment unrealisable.

"And yet how ardently must we always aspire for that inaccessible perfection! ..."

ଅର୍ଥାତ୍, ''ଆମ ପାଇଁ କେବଳ ଗୋଟିଏ ମାତ୍ର ବିକଳ୍ପ ରହିଛି, ଯେଉଁ ପଥରେ ଯାଇ ଯେତେଦୂର ସମ୍ଭବ ଉଚ୍ଚତମ ଏବଂ ପବିତ୍ରତମ ଆଲୋକ ସହିତ ମିଳିତ ହୋଇ ପାରିବା । ସେହି ଜ୍ୟୋତିଃକୁ ଜଣେ ନିଜ ଭିତରେ ଧରି ରଖି ପାରିବ, ନିଜ ଚେତନାକୁ ଉଚ୍ଚତମ ଚେତନା ସହିତ ସମ୍ପୂର୍ଣ୍ଣ ରୂପେ ଏକାକାର କରିଦେଇ ପାରିବ । କେବଳମାତ୍ର ସେହି ଉଚ୍ଚତମ ଚେତନାରୁ ପ୍ରେରଣା ଲାଭ କରିବା ନିମନ୍ତେ ପ୍ରଚେଷ୍ଟାରେ ଲାଗି ରହିବ, ଫଳତଃ ପୃଥିବୀରେ ସେହି ଚେତନାକୁ ଯଥାସାଧ୍ୟ ପ୍ରତିପୋଷଣ କରିହେବ, ଯାହାଫଳରେ ତାହା ପୃଥିବୀପୃଷ୍ଠରେ ପରିପ୍ରକାଶ ଲାଭ କରିପାରିବ ଏବଂ ଏହି ଚେତନା ଭିତରେ ସ୍ଥିତ ଶକ୍ତି ଉପରେ ଭରସା ରଖି ସମସ୍ତ ଘଟଣାକୁ ଧୀର, ସ୍ଥିରଭାବେ ସମ୍ମାନ ଦେବାକୁ ପଡ଼ିବ ।

''ଯେହେତୁ ବର୍ତ୍ତମାନ ସୃଷ୍ଟି ମଧ୍ୟରେ ପ୍ରତ୍ୟେକ ଜିନିଷ

ମିଶ୍ରିତ ଭାବରେ ରହିଅଛି, ସବୁଠାରୁ ବୁଦ୍ଧିମାନ୍‌ର କାର୍ଯ୍ୟ ହେବ ଯଦି ଜଣେ ସର୍ବଦା ଉଚ୍ଚତର ଆଲୋକ ଆଡ଼କୁ ଯିବା ନିମନ୍ତେ ଚେଷ୍ଟା କରିଚାଲେ ଏବଂ ନିଜକୁ ବୁଝାଇ ଦେଇପାରେ ଯେ ସର୍ବୋଚ୍ଚ ପରିପୂର୍ଣ୍ଣତାକୁ ବର୍ତ୍ତମାନ ମୁହୂର୍ତ୍ତରେ ଅନୁଭବ କରି ହେବ ନାହିଁ ।

''ଏବଂ ତଥାପି ଆମକୁ କେତେ ଦୃଢ଼ତାର ସହିତ ନିଶ୍ଚିତ ଭାବରେ ସର୍ବଦା ଅଭୀପ୍ସା କରିବାକୁ ହେବ ସେହି ଅପହଞ୍ଚ ପରିପୂର୍ଣ୍ଣତାକୁ ପ୍ରାପ୍ତ ହେବା ପାଇଁ ! ...''

ଆଲୋଚ୍ୟ ପ୍ରାର୍ଥନାଟିରେ ଦିବ୍ୟଜନନୀ ଶ୍ରୀମା ପରମ ପ୍ରଭୁଙ୍କର ଦିବ୍ୟ ଚେତନା ବିଷୟରେ ନିରବଚ୍ଛିନ୍ନ ଭାବରେ ସଚେତନ ହୋଇ ରହିବାର ଉପାୟଟିକୁ ଆତ୍ମମାନଙ୍କ ସମ୍ମୁଖରେ ପ୍ରକାଶ କରିଛନ୍ତି । ଆମେ ସର୍ବଦା ଅନ୍ୟମାନଙ୍କର କଥା ଶୁଣି, ସେମାନେ ପ୍ରାପ୍ତ ହୋଇଥିବା ଯତ୍‌କିଞ୍ଚିତ୍ ଅନୁଭୂତିକୁ ଶ୍ରବଣ କରି ବା ପାଠ କରି, ସେଥିରେ ପ୍ରଭାବିତ ହୋଇ ଦିବ୍ୟ ଚେତନାକୁ ତୁଳନାତ୍ମକ ଭାବରେ ବିଚାର କରିଥାଉ । କିନ୍ତୁ ଏହି କାର୍ଯ୍ୟ ସର୍ବଦା ଏକ ଉତ୍ତମ ପରାମର୍ଶଦାତା ହୋଇପାରି ନଥାଏ । ଏହି ଅନୁଭୂତିର ପ୍ରତିଫଳନ ବ୍ୟକ୍ତିଗତ, ଏହାର ପରିସୀମା ଯଥେଷ୍ଟ ସୀମିତ । ପ୍ରତ୍ୟେକଙ୍କ ନିମନ୍ତେ ତାହା ପ୍ରଯୁଜ୍ୟ ହୋଇ ନଥାଏ । ଏହି ପ୍ରକାର ଅନୁଭୂତି କିପରି ପରମ ପ୍ରଭୁଙ୍କର ଦିବ୍ୟ ବିଧାନକୁ ଅନ୍ୟ ପାଖରେ ଦୃଢ଼ ଭାବରେ ଉପସ୍ଥାପିତ କରି କହିପାରିବ ? ଏହାହିଁ ହେଉଛି ପରମ ପ୍ରଭୁଙ୍କ ବିଧାନକୁ ଅନୁଭବ କରିବାର କ'ଣ ଏକମାତ୍ର ଉପାୟ ?

ଏହି ସକାରାତ୍ମକ ଓ ନକାରାତ୍ମକ ଅନୁଭୂତିର ଉପସ୍ଥାପନାର ମୂଳ ଉତ୍ସ ହେଉଛି ଅବଚେତନା । ବର୍ତ୍ତମାନ ଆମକୁ ଏହି ଅବଚେତନା ପରିଚାଳିତ କରୁଛି । ଆମେ ଯେକୌଣସି କାର୍ଯ୍ୟ କରୁ ତା'ର ଗୋଟିଏ ଉଦ୍ଦେଶ୍ୟ ରହିଥାଏ, ଏହି ଉଦ୍ଦେଶ୍ୟର ନିର୍ଦ୍ଦେଶକ ହେଉଛି ଅବଚେତନା । କୌଣସି ଅପରାଧୀର ଅପରାଧକୁ ତର୍ଜମା କଲାବେଳେ ଏହି ଉଦ୍ଦେଶ୍ୟକୁ ଖୋଜା ଯାଇଥାଏ । ଏହାର ମୂଳ ଉତ୍ସ ହେଉଛି ଅବଚେତନା । ଏହାକୁ ବୁଝିଗଲେ ଅବଚେତନା ଉପରେ ଆମର କର୍ତ୍ତୃତ୍ୱ ଆସିଯିବ, ଫଳତଃ ଅବଚେତନା ଆମ ଦ୍ୱାରା ପରିଚାଳିତ ହେବ । ଅବଚେତନାକୁ ଚେତନା ଏବଂ ଦିବ୍ୟ-ଚେତନାରେ ରୂପାନ୍ତରିତ କରିବାକୁ ହେଲେ ତାକୁ ଦିବ୍ୟଜନନୀଙ୍କ ପାଦପଦ୍ମରେ ସମର୍ପିତ କରିଦେବାକୁ ହେବ । ଏହା କରି ନପାରିଲେ ତାହା ପୁନଃ ଉଜ୍ଜୀବିତ ହେବ ଏବଂ ସମ୍ମୁଖକୁ ଚାଲି ଆସିବ ।

ପୁନଶ୍ଚ ମା କହୁଛନ୍ତି ସମାଜରେ ଦୁଇପ୍ରକାର ଲୋକ ଅଛନ୍ତି, ସେମାନେ ହେଲେ 'ନିରାଶାବାଦୀ' ଏବଂ 'ଆଶାବାଦୀ' । ନିରାଶାବାଦୀମାନେ ପ୍ରତ୍ୟେକ ଜିନିଷର ଅନ୍ଧକାର ଦିଗଟିକୁ ଦେଖିଥା'ନ୍ତି, କିନ୍ତୁ ଆଶାବାଦୀମାନେ ଦେଖନ୍ତି ସେହି ଜିନିଷର ସୌନ୍ଦର୍ଯ୍ୟ ଏବଂ ସଙ୍ଗତିର ପାର୍ଶ୍ୱଟିକୁ । କିନ୍ତୁ ବେଳେବେଳେ ଆଶାବାଦୀ ଲୋକଟିଏ ଯେଉଁ ଜିନିଷଟିକୁ ଭଲପାଏ, ସେ ସେଥିରେ ଥିବା ଅନ୍ଧକାର ଦିଗଟିକୁ ଦେଖିପାରେ ନାହିଁ । ଏହି କ୍ଷେତ୍ରରେ ସେ ବୋକାଙ୍କ ପରି ଆଚରଣ କରିଥାଏ, ସବୁ ବୁଝି କିଛି ନବୁଝିଲା ପରି ହୁଏ ଏବଂ ନିଜର ଉପସ୍ଥିତ ବୁଦ୍ଧିକୁ ମଧ୍ୟ ହରାଇ ବସେ । ଏହି ଅସୁବିଧାରୁ ରକ୍ଷାପାଇବା ନିମନ୍ତେ ଗୋଟିଏ ମାତ୍ର ବାଟ ଅଛି । ତାହାହେଲା ପରମ ଅଦ୍ୱିତୀୟ ଚେତନା ସହିତ ନିଜ ସୀମିତ ଚେତନାକୁ ସମ୍ପୂର୍ଣ୍ଣ ଭାବରେ ମିଶାଇ ଦେବା ଏବଂ ଏହି ପରମ ଚେତନାର ଶକ୍ତି ଓ ପରିପ୍ରକାଶକୁ ବିଶ୍ୱାସ କରିବା, ଏହି ଚେତନାର ପ୍ରତ୍ୟେକ କାର୍ଯ୍ୟକୁ ସମ୍ମାନ ପ୍ରଦର୍ଶନ କରିବା । ଏହାହିଁ ପୂର୍ଣ୍ଣାଙ୍ଗ ପରିପୂର୍ଣ୍ଣତା ଯାହାକୁ ବର୍ତ୍ତମାନ ଆମେ ଅନୁଭବରେ ଧରିବା ନିମନ୍ତେ ସକ୍ଷମ ହୋଇପାରି ନାହୁଁ ।

ଏହି ପରିପ୍ରେକ୍ଷୀରେ ନିମ୍ନୋକ୍ତ ବିଷୟଟିକୁ ଆଲୋଚନା କଲେ ଦିବ୍ୟଜନନୀ ଶ୍ରୀମା କିପରି ଆମ ସହିତ ସଦାସର୍ବଦା ରହିଛନ୍ତି ଏବଂ ଯେକୌଣସି ଅସୁବିଧାକୁ ତାଙ୍କୁ ନିବେଦନ କରିଦେଲେ ତାହା କିପରି ଅତି ସହଜରେ ସମାହିତ ହୋଇଯାଏ ତାହା ଆମେ ଜାଣିପାରିବା । —

'ଟି' ନାମକ ଜନୈକ ଯୁବକ କଲେଜ ଶିକ୍ଷା ସମାପ୍ତ କଲାପରେ ଭାରତୀୟ ରେଳ ବିଭାଗରେ ଚାକିରିଟିଏ ପାଇଲେ । ତାଙ୍କୁ ଖଡ଼ଗ୍‌ପୁରରେ ଅବସ୍ଥାପିତ କରାଗଲା ।

ସେ ଜଣେ ଭଲ ସଙ୍ଗୀତଜ୍ଞ ଥିଲେ, ସେଥିପାଇଁ କଲିକତାର ବିଖ୍ୟାତ ସଙ୍ଗୀତଜ୍ଞ ଶ୍ରୀ ଦିଲ୍ଲୀପ କୁମାର ରାୟଙ୍କୁ ଜାଣିଥିଲେ । ଦିନେ ସେ ଦେଖିଲେ ଟ୍ରେନ୍ ଭିତରେ ଦିଲ୍ଲୀପ କୁମାର ରାୟ ବସିଛନ୍ତି । ସେ ତାଙ୍କ ପାଖକୁ ଯାଇ ପ୍ରଣାମ କଲେ ଏବଂ କହିଲେ, ''ଦାଦା, କ'ଣ ପଣ୍ଡିଚେରୀ ଆଶ୍ରମକୁ ଯାଉଛନ୍ତି ?'' ଦିଲ୍ଲୀପ-ଦା' ଖୁବ୍ ଖୁସି ହେଲେ ଏବଂ କହିଲେ, ''ଆଚ୍ଛା ! ମା' ତାହାହେଲେ ତୁମକୁ ପଠାଇଛନ୍ତି ? ଦୟାକରି ଏହି ଟେଲିଗ୍ରାମଟିକୁ ମୋ ତରଫରୁ ମା'ଙ୍କ ପାଖକୁ ପଣ୍ଡିଚେରୀ ଆଶ୍ରମକୁ ପଠାଇ ଦେଇପାରିବ କି ?'' ଯୁବକ ଜଣକ ଟେଲିଗ୍ରାମ୍‌ଟିକୁ ନେଇ ପକେଟରେ ରଖିଲେ ଏବଂ ଏକ ସୁନ୍ଦର ତାଜା ଗୋଲାପ ଫୁଲ ତୋଡ଼ାଟିଏ ଦିଲ୍ଲୀପ-ଦା'ଙ୍କୁ ଅର୍ପଣ

କଲେ । ଦାଦା ଫୁଲ ତୋଡ଼ାଟିକୁ ଆନନ୍ଦରେ ଗ୍ରହଣ କଲେ । ସାଥିରେ ଆଣିଥିବା ଏକ ସନ୍ଦେଶ ପ୍ୟାକେଟ୍ ତାଙ୍କୁ ଦେଲେ । 'ଟି' ତାହା ନେବାକୁ ସଂକୋଚ ବୋଧ କରିବାରୁ ଦିଲ୍ଲୀପ-ଦା' କହିଲେ, ''ନିଅ ଏହି ପୂରା ସନ୍ଦେଶ ପ୍ୟାକେଟ୍‌ଟି ହେଉଛି ତୁମର ।'' ଦାଦାଙ୍କର ଭଲପାଇବା ଦେଖି 'ଟି' ଆତ୍ମ-ବିଭୋର ହୋଇଗଲେ । ଟ୍ରେନ୍ ଷ୍ଟେସନ ଛାଡ଼ିବା ସମୟ ହୋଇଗଲା । ସେ କହିଲେ, ''ଦିଲ୍ଲୀପ-ଦା, ମୋ ପାଇଁ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାର ଅନୁମତିଟିଏ ବ୍ୟବସ୍ଥା କରି ପାରିବେ କି ?'' ଦାଦା ଉତ୍ତର ଦେଲେ, ''ଓଃ ! ତାହା ଖୁବ୍ କଠିନ କାର୍ଯ୍ୟ ।'' ଏହି କଥା ଶୁଣି 'ଟି'ଙ୍କ ମୁହଁ ଶୁଖିଗଲା । ଦାଦା ପୁଣି କହିଲେ, ''ଆଚ୍ଛା ! ମୁଁ ତୁମ ପାଇଁ ଚେଷ୍ଟା କରିବି । ମା'ଙ୍କ ପାଖକୁ ଖଣ୍ଡିଏ ଚିଠି ଲେଖିବା ସହିତ ଆଉ ଗୋଟିଏ ଚିଠି ମୋ ପାଖକୁ ଲେଖିବ, ତାକୁ ଏକ ଅଲଗା ଲଫାପାରେ ପଠାଇବ ।'' ତା'ପରେ ଟ୍ରେନ୍ ଛାଡ଼ିଦେଲା ।

ସପ୍ତାହକ ମଧ୍ୟରେ 'ଟି' ଦର୍ଶନ ଅନୁମତି ନିମନ୍ତେ ମା'ଙ୍କ ପାଖକୁ ଖଣ୍ଡେ ଚିଠି ଏବଂ ଦିଲ୍ଲୀପ-ଦା'ଙ୍କ ପାଖକୁ ଆଉ ଖଣ୍ଡେ ଚିଠି ଲେଖି ଦୁଇଟି ଯାକ ଚିଠି ଦିଲୀପ-ଦା'ଙ୍କ ନିକଟକୁ ପଠାଇ ଦେଲେ । ଦିଲୀପ-ଦା' ମା'ଙ୍କ ଚିଠିଟିକୁ ନଳିନୀ-ଦା'ଙ୍କୁ ଦେଇ ମା'ଙ୍କ ପାଖରେ ନିବେଦନ କରିବାକୁ ଅନୁରୋଧ କଲେ । ଏହା ଭିତରେ ଏକ ମାସ ବିତିଗଲା । ଯେତେବେଳେ 'ଟି' ଆଶା ହରାଇବାକୁ ଯାଉଥିଲେ, ଠିକ୍ ସେତିକିବେଳେ ବଙ୍ଗଳା ଭାଷାରେ ଲିଖିତ ଏକ ପୋଷ୍ଟକାର୍ଡ଼ ନଳିନୀ-ଦା'ଙ୍କ ଠାରୁ ପାଇଲେ । ଚିଠିରେ ଲେଖାଥିଲା, ''ମା' ତୁମର ଚିଠିଟି ଦେଖିଛନ୍ତି । ମା' ଚାହୁଁଛନ୍ତି ତୁମ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଏବଂ ବର୍ତ୍ତମାନର ଏକ ଫଟୋ ଦେଖିବା ପାଇଁ ।''

'ଟି' ନଳିନୀ-ଦା'ଙ୍କ ପାଖକୁ ସବୁ ବ୍ୟକ୍ତିଗତ ତଥ୍ୟ ପଠାଇ ମା'ଙ୍କର ଅନୁମତି ପତ୍ର ପାଇବା ନିମନ୍ତେ ଅପେକ୍ଷା କରି ରହିଥା'ନ୍ତି । ଦିନ ପରେ ଦିନ ଗଡ଼ି ଚାଲିଥାଏ । ସେ କ୍ରମଶଃ ଦର୍ଶନର ଆଶା ହରାଉଥା'ନ୍ତି । ଦିନେ ହଠାତ୍ ନଳିନୀ-ଦା'ଙ୍କ ପାଖରୁ ବଙ୍ଗଳାରେ ଲିଖିତ ଖଣ୍ଡେ ପୋଷ୍ଟକାର୍ଡ଼ ପାଇଲେ । ଚିଠିଟିର ମର୍ମାର୍ଥ ଏହିପରି, ''ମା' ତୁମର ଚିଠି ଏବଂ ଫଟୋ ଦେଖିଛନ୍ତି । ଆସନ୍ତା 'ଅଗଷ୍ଟ ଦର୍ଶନ' ପାଇଁ ତୁମକୁ ଅନୁମତି ମଧ୍ୟ ପ୍ରଦାନ କରିଛନ୍ତି, କିନ୍ତୁ ମୋ ମତରେ ତୁମେ ବର୍ତ୍ତମାନ ନ ଆସିବା ଭଲ । କାରଣ ଆଶ୍ରମରେ ରହିବା ଓ ଖାଇବାରେ ବହୁତ ଅସୁବିଧା ଅଛି ।'' କିନ୍ତୁ 'ଟି'ଙ୍କର ହୃଦୟରେ 'ଦର୍ଶନ'ର ଅଗ୍ନି ପ୍ରଜ୍ୱଳିତ ହୋଇ ସାରିଥିଲା, ତାହା କ'ଣ ସହଜରେ ନିର୍ବାପିତ ହୁଏ !

'ଟି' କଲିକତାରୁ 'ମାଦ୍ରାସ' ଓ 'ମାଦ୍ରାସ'ରୁ 'ଇଗ୍‌ମୋର' ହୋଇ 'ପଣ୍ଡିଚେରୀ' ରେଳ ଷ୍ଟେସନରେ ପହଞ୍ଚିଗଲେ । ସେଠାରୁ ରିକ୍‌ସାଟିଏ ଧରି ସିଧା ପହଞ୍ଚିଗଲେ ଆଶ୍ରମର ''ବ୍ୟୁରୋ ସେଣ୍ଟ୍ରାଲ୍'' (Bureau Central) ଅଫିସରେ । ସେଠି କେହି ଜଣେ ତାଙ୍କୁ କହିଲେ, ''ତୁମର ବ୍ୟାଗ୍‌ପତ୍ର ଏଇଠି ରଖିଦିଅ । ମା'ଙ୍କର 'ବାଲ୍‌କୋନି' ଦର୍ଶନକୁ ଶୀଘ୍ର ଯାଅ ।'' 'ଟି' ତାହାହିଁ କଲେ । ସେ ପହଞ୍ଚିଲା ବେଳକୁ 'ବାଲ୍‌କୋନି' ତଳେ ବହୁତ ଲୋକଙ୍କ ଭିଡ଼; ତାଙ୍କୁ ସମସ୍ତଙ୍କ ପଛରେ ବହୁତ ଦୂରରେ ଠିଆ ହେବାକୁ ପଡ଼ିଲା । ସେତେବେଳକୁ ମା' 'ବାଲ୍‌କୋନି'କୁ ଆସି ଯାଇଥିଲେ । 'ଟି' ଯଥାସାଧ୍ୟ ମସ୍ତକ ଉତ୍ତୋଳନପୂର୍ବକ 'ବାଲ୍‌କୋନି' ଉପରକୁ ଚାହିଁଲେ, ଦେଖିଲେ ଦିବ୍ୟ-ଜନନୀ ତାଙ୍କୁହିଁ ଚାହିଁଛନ୍ତି ଏବଂ ଦିବ୍ୟ ସ୍ମିତହାସ୍ୟର ଅପୂର୍ବ ଧାରା-ଶ୍ରାବଣରେ ତାଙ୍କୁ ଅବଗାହନ କରାଇ ଦେଉଛନ୍ତି । ମା'ଙ୍କର ଏହି ଅପୂର୍ବ ଦିବ୍ୟ ସ୍ମିତହାସ୍ୟ ତାଙ୍କ ହୃଦୟର ନିଭୃତ କୋଣକୁ ସ୍ୱର୍ଶ କଲା । ସେହି ସମୟରେ ପାଖରେ ଦଣ୍ଡାୟମାନ ଜନୈକ ଭକ୍ତ ତାଙ୍କ କାନ ପାଖରେ ଅନୁଚ୍ଚ ସ୍ୱରରେ କହିଲେ, ''ଦେଖ, ମା' ତୁମକୁ ଦିବ୍ୟ ଦୃଷ୍ଟିରେ ଚାହିଁଛନ୍ତି ।''

ଅଗଷ୍ଟ ୧୪ ତାରିଖ ରାତି ଦଶଟା । 'ଟି' ମା'ଙ୍କର ଦର୍ଶନ ନିମନ୍ତେ ଲମ୍ବିଥିବା 'ଷ୍ଟେୟାର୍ କେସ୍'ର ଧାଡ଼ି ଭିତରେ ଠିଆ ହୋଇଗଲେ । ତାଙ୍କ ପାଳି ଆସିଲା, ସେ ଉପରକୁ ଯାଇ ମା'ଙ୍କ ପାଦପଦ୍ମ ଉପରେ ମସ୍ତକ ସ୍ଥାପନପୂର୍ବକ ପ୍ରଣାମ କଲେ । ମା' ନଇଁପଡ଼ି ସୁବାସିତ ମଲ୍ଲୀଫୁଲର ମାଳା ଗୁଡ଼ାଇଥିବା ଦିବ୍ୟ ହସ୍ତକୁ 'ଟି'ଙ୍କର ମସ୍ତକର ଠିକ୍ ମଧ୍ୟ ଭାଗରେ ସ୍ଥାପନ କରି ଆଶୀର୍ବାଦ ପ୍ରଦାନ କଲେ । ତତ୍‌କ୍ଷଣାତ୍ ସେ ସଂଜ୍ଞାହୀନ ହୋଇଗଲେ ଏବଂ ଅନୁଭବ କଲେ ପୂର୍ବରୁ ସ୍ୱପ୍ନରେ ଦର୍ଶନ କରିଥିବା ଶୁଭ୍ରଜ୍ୟୋତି ତାଙ୍କର ସମଗ୍ର ଶରୀରକୁ ଘେରି ରହିଛି । ପୁନଶ୍ଚ ତାଙ୍କ ମେରୁଦଣ୍ଡରେ ଏକ ପ୍ରଚଣ୍ଡ କମ୍ପନ ସୃଷ୍ଟି ହେଲା ଏବଂ ତାହା ମସ୍ତକର ଊର୍ଦ୍ଧ୍ୱକୁ ଗତି କରି ଏକ ଉଜ୍ଜ୍ୱଳ ସୁବର୍ଣ୍ଣ ଜ୍ୟୋତିଃରେ ଏକାକାର ହୋଇଗଲା । ସେ ବାହ୍ୟଚେତନା ପ୍ରାପ୍ତ ହେବା ପରେ ମା' ତାଙ୍କ ମସ୍ତକ ଉପରୁ ହାତ ଉଠାଇଲେ ଏବଂ ତାଙ୍କୁ ମୁଠାଏ ମଲ୍ଲୀଫୁଲ ପ୍ରଦାନ କଲେ । 'ଟି' ଅନୁଭବ କଲେ ତାଙ୍କ ଭିତରେ ଦିବ୍ୟ ଜ୍ୟୋତିଃ ଏବଂ ଦିବ୍ୟ ସୁଗନ୍ଧ

ଭର୍ତ୍ତି ହୋଇ ଯାଇଛି । ମଲ୍ଲୀଫୁଲର ନାମ ମା' ଦେଇଛନ୍ତି ଶୁଦ୍ଧତା 'Purity' ।

ତା' ପରଦିନ 'ଟି'ଙ୍କର ପ୍ରଥମ ଦର୍ଶନ । ସେ ଦେଖିଲେ ପ୍ରଭୁ ଶ୍ରୀଅରବିନ୍ଦ ଅର୍ଦ୍ଧ-ଉନ୍ମୀଳିତ ନୟନରେ ତାଙ୍କ ଆଡ଼କୁ ଚାହିଁଛନ୍ତି ଏବଂ ତନୁଧରୁ ଏକ ଦିବ୍ୟ ଜ୍ୟୋତିଃ ରେଖା ତାଙ୍କ ଚେତନାର ଅଭ୍ୟନ୍ତରକୁ ଭେଦ କରୁଛି ଏବଂ ସେହି ସମୟରେ ଦିବ୍ୟ ଜନନୀ ଶ୍ରୀମା ଏକ ଅପୂର୍ବ ଦିବ୍ୟ-ହର୍ଷର କୃପାବାରି ତାଙ୍କ ଉପରେ ଢାଳି ଚାଲିଛନ୍ତି ।

ମା'ଙ୍କର କୃପା ଓ କରୁଣାର ଅନୁଭବ ତାଙ୍କୁ ପ୍ରାପ୍ତ ହେଲା । ପ୍ରଭୁ ଶ୍ରୀଅରବିନ୍ଦଙ୍କ ଶରୀର ଦିବ୍ୟ-ସୁବର୍ଣ୍ଣ ରଙ୍ଗ ହୋଇ ଯାଇଥିଲା ଏବଂ ମୁଖମଣ୍ଡଳ ସିଂହ ମୁଖ ସଦୃଶ ପ୍ରତୀୟମାନ ହେଉଥିଲା – ସତେ ଯେପରି ନରସିଂହ ଅବତାର । ଦୁଇଦିନ ଧରି ଏକ ଦିବ୍ୟ ଆନନ୍ଦ ତାଙ୍କୁ ଘେରି ରହିଲା – ତାଙ୍କର ସମସ୍ତ ପ୍ରକାରର ସନ୍ଦେହ ଦୂରୀଭୂତ ହୋଇଗଲା । 'ଟି' ଘରକୁ ଫେରି ଆସିଲେ ।

(How They came to Sri Aurobindo and The Mother, Vol. 2, P. ପୃଷ୍ଠା : ୧୧୧-୧୧୩)

(କ୍ରମଶଃ) ❑

ତଥ୍ୟ ନିର୍ଦ୍ଦେଶିକା :

(୧) Prayers and Meditations – The Mother

(୨) How they came to Sri Aurobindo and the Mother – Vol. II by Shyam Kumari

ଏକତ୍ରିଂଶତ୍ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ - ୨୦୨୬

ଆସନ୍ତା **୦୬.୧୧.୨୬ ରୁ ୦୮.୧୧.୨୬** ତାରିଖ (ଶନିବାର ଓ ରବିବାର) ଦୁଇଦିନ ଧରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଗୋପୀନାଥପୁର, କଟକ ପରିସରରେ ଏକତ୍ରିଂଶତ୍ତମ ''ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ - ୨୦୨୬'' ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶ୍ରୀଅରବିନ୍ଦ ପାଠଚକ୍ର ସମେତ ଅନ୍ୟାନ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଆଗ୍ରହୀ ୧୨ ବର୍ଷରୁ ୧୯ ବର୍ଷ ବୟସ ମଧ୍ୟରେ ଥିବା କିଶୋରୀ ଓ ବାଳିକାମାନେ ଯୋଗ ଦେଇପାରିବେ । ଏହି ସମ୍ମିଳନୀରେ ମୁଖ୍ୟତଃ ଜୀବନର ଯଥାର୍ଥ ଲକ୍ଷ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ବ୍ରହ୍ମଚର୍ଯ୍ୟ ତଥା ବାଳିକାମାନଙ୍କ ଜୀବନର ସର୍ବାଙ୍ଗୀଣ ବିକାଶ ସମ୍ପର୍କରେ ବିଶେଷ ଭାବେ ଆଲୋଚନା କରାଯିବ । ପ୍ରତିନିଧିମାନେ ସେମାନଙ୍କର ସମସ୍ତ ଆବଶ୍ୟକୀୟ ସାମଗ୍ରୀ ଓ ଶୀତବସ୍ତ୍ର ଆଣିବା ସହ ସମ୍ମିଳନୀର ଶେଷ ପର୍ଯ୍ୟନ୍ତ ରହିବାକୁ ଅନୁରୋଧ । ଏ ସମ୍ପର୍କରେ ଅଧିକ ଜାଣିବାକୁ ଚାହୁଁଥିଲେ ନିମ୍ନରେ ପ୍ରଦତ୍ତ ମୋବାଇଲ ନମ୍ବରରେ ଯୋଗାଯୋଗ କରିପାରନ୍ତି ।

ନିବେଦକ

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଗୋପୀନାଥପୁର, କଟକ

ଯୋଗାଯୋଗ :

ମୈତ୍ରୀମୟୀ ଦତ୍ତ - ୯୪୩୯୮ ୧୩୬୦୦; ମୀନର୍ଭା କୁଅଁର - ୯୪୩୮୭ ୭୬୮୭୨;
ମାଳତୀ ମେହେନା - ୮୮୯୫୪ ୬୯୬୯୨; କବିଲତା ସାହୁ - ୯୪୩୮୬ ୨୭୩୮୫;
ଇନ୍ଦୁମତୀ ଦଳାଇ - ୯୪୩୭୫ ୯୭୦୧୩ ଏବଂ
ବୀରବର ସାହୁ - ୯୪୩୭୭ ୪୧୫୫୫

କାରା-ଜୀବନୀ

(୧୮)

ଉଲ୍ଲାସକର ଦତ୍ତ

(ପୂର୍ବ ପ୍ରକାଶିତ ଉତ୍ତାରୁ ...)

ଏଇ ଘଟଣା ପରେ ବୋଧହୁଏ ଆଉ କାହାରି ଦେବଦେହୀମାନଙ୍କର ଦିବ୍ୟଲୋକରୁ ମର୍ତ୍ତ୍ୟଲୋକକୁ ଆବିର୍ଭାବ ସମ୍ବନ୍ଧରେ କୌଣସି ସନ୍ଦେହ କରିବାର କାରଣ ରହିଲା ନାହିଁ । ଏହି ରୂପେ ଅତିଲୌକିକ ଆବିର୍ଭାବର ଚୂଡ଼ାନ୍ତ ମୀମାଂସା କରି ଏଇ ସମସ୍ତ ପାର୍ଥିବକଳ୍ପର ଚାକ୍ଷୁସ ଆବିର୍ଭାବ ପ୍ରତ୍ୟକ୍ଷ କରି ନାହିଁ । ତେବେ ଯେଉଁମାନେ ଏଇ ପ୍ରକାର ପାର୍ଥିବ ଦେହରେ ଆବିର୍ଭୂତ ହୋଇଛନ୍ତି, ସେମାନଙ୍କର ବି ଆତ୍ମୀୟସ୍ୱଜନମାନଙ୍କ ମଧ୍ୟରେ ଅନ୍ୟାନ୍ୟ ଅନେକଙ୍କର ସୂକ୍ଷ୍ମ ଦେହ ଅଥବା ପ୍ରତିବିମ୍ବ ସର୍ବଦାହିଁ ମୋର ମାନସ-ଆକାଶ ପୂର୍ଣ୍ଣ କରି ରହିଛି । ଏମାନଙ୍କ ସହ ମୋର ଜୀବନ ସୂତ୍ରରେ କିପରି ଏକ ଅଚ୍ଛେଦ୍ୟ ଓ ଚିରଦିନର ସମ୍ବନ୍ଧ ସ୍ଥାପିତ ହୋଇ ଯାଇଛି, ଯାହାର ଯୋଗ ପ୍ରାୟ କାୟା-ଛାୟା ପରି ଏକେବାରେ ଯେପରି ପରସ୍ପର ସମ୍ବନ୍ଧିତ ହୋଇ ପଡ଼ିଛି । ଏଇ ବିମ୍ବଦେହୀମାନଙ୍କ ମଧ୍ୟରେ ଅନେକେହିଁ ପାର୍ଥିବ ରାଜ୍ୟରେ ଜୀବିତ ଅଛନ୍ତି, ପୁଣି ଏମିତି ଅନେକେ ଅଛନ୍ତି, ଯେଉଁମାନଙ୍କର ପାର୍ଥିବ ସତ୍ତା ବହୁଦିନରୁ ଇହଧାମ ତ୍ୟାଗ କରି ସାରିଛନ୍ତି, ଏମାନଙ୍କ ସହ ଏହିପରି ଯୋଗାଯୋଗ ଫଳରେ ଯେପରି ଇହଲୋକ ପରଲୋକର ବ୍ୟବଧାନ କେତେଟା ଦୂରୀଭୂତ ହୋଇ ଯାଇଛି ବୋଲି ମନେ ହୁଏ । ଏହା ଯେପରି ସେଇ ତ୍ରେତାଯୁଗର ରାବଣ ଯାହା କରିବାକୁ ଚାହିଁଥିଲା, କିନ୍ତୁ ଦୀର୍ଘସୂତ୍ରୀତା ପାଇଁ କରି ପାରି ନଥିଲା, ଠିକ୍ ତାହାହିଁ । ଆମର କଳ୍ପନାର 'ସ୍ୱର୍ଗକୁ ଶିଡି' କହିଲେ ଠିକ୍ ଏଇ ପ୍ରକାରର ଇହଲୋକ ଏବଂ ପରଲୋକ ମଧ୍ୟରେ କୌଣସି ଯୋଗଯୋଗର ବ୍ୟବସ୍ଥା ଭିନ୍ନ ଆଉ କ'ଣ ବୁଝିବ ?

କହିବାକୁ ଭୁଲିଗଲି, ପୂର୍ବୋକ୍ତ ଘଟଣାର ପରେ ମଧ୍ୟ ଆହୁରି ଗୋଟିଏ ଦୁଇଟି ଅତିଲୌକିକ ଆବିର୍ଭାବ ଘଟିଥିଲା ଏବଂ ସେ ସମ୍ବନ୍ଧରେ ବି କିଛି କହିବା ଆବଶ୍ୟକ । ଦିନେ ସକାଳବେଳା ଆମମାନଙ୍କର ରକ୍ଷଣାବେକ୍ଷଣର ପରିଦର୍ଶନ ହେବ, ଏପରି ଖବର ପାଇ ଆମେ ସମସ୍ତେ ଧାଡ଼ି ବାନ୍ଧି ଛିଡ଼ା ହୋଇଛୁ, ଏପରି ସମୟରେ ଦେଖିବାକୁ ପାଇଲୁ କେତେଜଣ ସାହେବ ଆମର ସୁପରିନ୍‌ଟେଣ୍ଡେଣ୍ଟଙ୍କ ସହ ଆସି ଉପସ୍ଥିତ । ସେମାନେ ଧାଡ଼ିର ଗୋଟିଏ ପ୍ରାନ୍ତରୁ ଦେଖି ଦେଖି ଆସୁଥା'ନ୍ତି, ମୋର ସ୍ଥାନ ଧାଡ଼ିର ଠିକ୍ ଅନ୍ୟ ପ୍ରାନ୍ତରେ ଥିଲା, ସେମାନେ ଯେତେବେଳେ ସମସ୍ତ ଧାଡ଼ି ପରିଦର୍ଶନ କରି ମୋ ପାଖରେ ପହଞ୍ଚିଲେ, ଏମିତି ସମୟରେ କିଏ ଯେପରି କହିଦେଲା ଯୁବରାଜ ଏବଂ ତା' ସାଥିରେ ଅନ୍ୟ ଗୋଟିଏ ଲୋକ ସମ୍ବନ୍ଧରେ ଯେପରି କୁହାହେଲା, 'ଏ ହେଉଛନ୍ତି ସାର୍ ଏଡ୍‌ୱାର୍ଡ କାର୍ସନ୍ ।' ମୁଁ ଏଇ କଥା ମନେ ମନେ ଆଲୋଚନା କରି କୌତୂହଳୀ ହୋଇ ଯେମିତି ତାଙ୍କ ଆଡ଼କୁ ଅନାଇଛି, ସେମିତି ଦେଖିବାକୁ ପାଇଲି ଯେପରି ସେମାନଙ୍କର ମୁହଁର ଭାବ ଏକେବାରେ ପରିବର୍ତ୍ତିତ ହୋଇଗଲା । ଏପର୍ଯ୍ୟନ୍ତ ସେମାନେ ବେଶ୍ ଅନାୟାସରେ ପାର ହୋଇ ଆସିଛନ୍ତି । କିନ୍ତୁ କଥାରେ କହନ୍ତି, "All is well that ends well" – ''ଭଲର ଭଲ, ଶେଷ ଭଲ ମଧ୍ୟ ଭଲ ।'' ଧାଡ଼ିର ଶେଷ ପ୍ରାନ୍ତକୁ ଆସି ସେମାନେ ଯେପରି ଆଉ ଦମ୍ ନେଇ ପାରୁ ନାହାନ୍ତି, ମୁହଁର ଭାବ ଦେଖି ବୁଝି ହେଉଥିଲା ଯେ ସେମାନଙ୍କର ଯେପରି କିଛି ଗୋଟିଏ ଅସହ୍ୟ ଯନ୍ତ୍ରଣା ବୋଧ ହେଉଛି, ଯେପରିକି ଏକେବାରେ ନିଃଶ୍ୱାସ ବନ୍ଦ ହୋଇ ଆସୁଛି । ମୁଁ ମଧ୍ୟ 'କୋତ୍ରାଇୟା ଡ଼ୋମ୍' ନାମକ ଅନ୍ୟ ଜଣେ ଅଳ୍ପ ବୟସ୍କ ବାଳକର ପାଖାପାଖି ଛିଡ଼ା ହୋଇଛି, ଏଇ ଆଗନ୍ତୁକ ପରିଦର୍ଶକବର୍ଗଙ୍କର ଅବସ୍ଥା ଦେଖି ବେଶ୍ ସ୍ପଷ୍ଟ ଅନୁଭବ କଲି ଯେ, ସେଠାକାର ଉପସ୍ଥିତ ଜନମଣ୍ଡଳୀ ମଧ୍ୟରେ ଏକ ପ୍ରକାର ନିସ୍ତ୍ରିୟତା ଦେଖାଦେଇଛି ଏବଂ ଏଇ ସ୍ତମ୍ଭନ ମୋଚନ କରିବାର ସୂତ୍ରଟି ଯେପରି ମୋ'ରି ଉପରେହିଁ ନ୍ୟସ୍ତ ରହିଛି; ସୁତରାଂ ମୁଁ ଯେଉଁ ସ୍ଥାନରେ ଯେଉଁ ଭାବରେ ଦଣ୍ଡାୟମାନ ରହିଛି, ଯଦି ସେହିପରି ରହିଯାଏ, ତା'ହେଲେ ପରିଦର୍ଶକଗଣ ଆଉ ଅଗ୍ରସର ହୋଇ ପାରିବେ ନାହିଁ ଏବଂ ମହା ଅଡୁଆରେ ପଡ଼ିଯିବେ । ଫଳରେ ଆପୋଷ ନିଷ୍ପତ୍ତି କରି ମୋତେ କିଞ୍ଚିତ୍ ଗାତ୍ରୋତ୍ଥାନ କରିବାକୁ ହେଲା । ଯେମିତି ଟିକିଏ ଘୁଞ୍ଚିଗଲି, ସେମିତି ସେମାନେ ଯେପରି

ପରିତ୍ରାଣ ପାଇ ବଞ୍ଚିଗଲେ ଏବଂ ଯେକୌଣସି ପ୍ରକାରରେ ସେହି ସ୍ଥାନ ପରିତ୍ୟାଗ କରିଲେହିଁ ଯେମିତି ରକ୍ଷା ପାଇବେ, ତେଣୁ ଶୀଘ୍ର ଶୀଘ୍ର ମୋତେ ପାର ହୋଇ ଚାଲି ଆସିଲେ । କିଛି ଦୂର ଅଗ୍ରସର ହୋଇ କିଛି ଯେପରି ମନେ ପଡ଼ିଲା, ତେଣୁ ଟିକିଏ ଛିଡ଼ା ହେଲେ ଏବଂ ସେମାନଙ୍କ ମଧ୍ୟରୁ ଯାହାକୁ ଆମର ଯୁବରାଜ ବୋଲି ଧାରଣା ହୋଇଥିଲା, ସେ ଯେପରି କାହାକୁ ଉଦ୍ଦେଶ୍ୟ କରି 'କେଉଁଠି ତୁମେ ?' ଏମିତି କହି ଡାକିଲା । ସେ ଯେପରି କାହାକୁ ଦେଖିବାକୁ ଚାହୁଁଛି ବୋଲି ମନେ ହେଲା । ସେତେବେଳେ ତାକୁ 'ତୁମେ କିଏ' ଏଇ ପ୍ରଶ୍ନ ପଚରା ଗଲା ଏବଂ ଉତ୍ତରରେ ସେ କହିଲା, 'ମୁଁ ୱେଲ୍‌ସ ।' ତା'ର ଏଇ ପରିଚୟ ପାଇ ଆମେ ବୁଝି ପାରିଲୁ ଯେ ସେ ତା'ର ପିତାଙ୍କର ଖୋଜ କରୁଛି; ତେଣୁ ତାକୁ ଜଣାଇ ଦିଆଗଲା ଯେ ସେ ନିକଟରେ କେଉଁଠି ରହିଛନ୍ତି ।

ସେତେବେଳେ କିନ୍ତୁ ମୋର ସତକୁ ସତ ଧାରଣା ଥିଲା ଯେ ସମ୍ରାଟ ଜର୍ଜ ନିଜେହିଁ ଇଉରୋପ ଯୁଦ୍ଧ ସଂକ୍ରାନ୍ତ କୌଣସି ଘଟଣା ଫଳରେ ଆମ ଗାରଦରେ ଆସି ହାଜର ହୋଇଛନ୍ତି ଏବଂ ମୋ ସହ ପ୍ରଥମ ସାକ୍ଷାତ୍ ପରେ ଆମ ଗାରଦର ସୁପରିନ୍‌ଟେଣ୍ଡେଣ୍ଟଙ୍କ ବଙ୍ଗଳାକୁ ଯାଇ ଆଶ୍ରୟ ନେଇଛନ୍ତି । କ୍ରମେ ମହାରାଣୀ ମେରୀ ପ୍ରଭୃତି ତାଙ୍କ ପରିବାରର ପ୍ରାୟ ତିନି ଚାରିଜଣଙ୍କର ଆବିର୍ଭାବ ଦେଖି ଅନୁମାନ କଲି ଯେ, ସେ କେବଳ ଏକା ନୁହନ୍ତି, ପୂରାପୂରି ନିଜର ପରିବାରବର୍ଗ ସହ ଦେଶାନ୍ତର ହୋଇ ଆସିଛନ୍ତି । ଯୁଦ୍ଧ ଏପରି ଏକ ଘଟଣା ଯେ ସେଥିରେ ଥରେ ଲିପ୍ତ ହେଲେ ଭାଗ୍ୟ-ଲକ୍ଷ୍ମୀ କେତେବେଳେ କେଉଁ ଦିଗରେ ସୁପ୍ରସନ୍ନା ହୁଅନ୍ତି ତା'ର କୌଣସି ନିଶ୍ଚିତତା ନଥାଏ ଏବଂ ସେଥିପାଇଁ ସେଇ ସୂତ୍ରରେ ମୋ ପାଇଁ ଏମିତିସବୁ ଅଦ୍ଭୁତ କଳ୍ପନା ମଧ୍ୟ କିଛି ଅସମ୍ଭବ ବୋଲି ମନେ ହୁଏ ନାହିଁ । ତା'ପରେ ଯୁବରାଜ ନିଜର ପିତାଙ୍କ ସମ୍ବାଦ ଶୁଣି ଆଶ୍ୱସ୍ତ ହେଲେ । ଆମକୁ କହିଲେ, "You see the moon is pulling me." – 'ଏଇ ଦେଖ ଚନ୍ଦ୍ର ମୋତେ ଟାଣୁଛି ।' ଏହା କହି ତାଙ୍କ ମୁଣ୍ଡର ପଛପଟର ଚୁଟି ଧରି କେହି ଯେପରି ଟାଣୁଛି, ଏମିତି ବୁଝାଇବାର ଚେଷ୍ଟା କଲେ । ଆମର ବି ସେତେବେଳେ ମନେ ହେଲା ଯେପରି ସତକୁ ସତ କୌଣସି ଅଦୃଶ୍ୟ ଆକର୍ଷଣୀ ଶକ୍ତି ତାଙ୍କ ପଛ ପଟରୁ କେଶ କର୍ଷଣ କରୁଛି ।

ଏଇ ଘଟଣାର କିଛି ଦିନ ପରେ ମୁଁ ଏକ ଆଶ୍ଚର୍ଯ୍ୟ ଘଟଣା ଲକ୍ଷ୍ୟ କଲି । ଦିନେ ରାତି ସାତଟା କି ଆଠଟା ହେବ, ମୁଁ ମୋର କୋଠରିରେ ବସିଛି, ସେତେବେଳେ ଖୁବ୍ ପରିଷ୍କାର ଜ୍ୟୋସ୍ନା ଆଲୁଅ ଏବଂ ମୋର କୋଠରି ପୂର୍ବ-ମୁଖ ବୋଲି ସେଠାରୁ ପରିଷ୍କାର ଜହ୍ନ ଦେଖି ପାରୁଥିଲି । କିଛି କ୍ଷଣ ଏମିତି ବସି ଜ୍ୟୋସ୍ନା ଆଲୁଅରେ ଚାନ୍ଦ ଆଡ଼କୁ ଚାହିଁଛି; ଏପରି ସମୟରେ ବୋଧ ହେବାକୁ ଲାଗିଲା ଯେପରି ଜହ୍ନ କ୍ରମଶଃହିଁ ଦୂରକୁ ଚାଲି ଯାଉଛି, ଯେତେ ଦୂରକୁ ଯାଉଛି ସେତେ କ୍ଷୁଦ୍ରରୁ କ୍ଷୁଦ୍ରତର ଦେଖା ଯାଉଛି ଏବଂ ପରିଶେଷରେ ପୂରାପୂରି ଅଦୃଶ୍ୟ ହୋଇଗଲା । ମୁଁ ତ ଦେଖି ଅବାକ୍ । ଭାବିଲି ହୁଏତ ମେଘ ଢାଙ୍କି ଦେଇଛି । ଏମିତି ମନେ କରି କଥାଟିକୁ ପ୍ରମାଣ କରିବା ପାଇଁ ବିଶେଷ ଭାବେ ଲକ୍ଷ୍ୟ କରି ଚାହିଁ ଦେଖିବାକୁ ଲାଗିଲି, ଆକାଶରେ ମେଘ ଅଛି କି ନା; କିନ୍ତୁ କି ଆଶ୍ଚର୍ଯ୍ୟ ! ଆକାଶରେ ମେଘର ଚିହ୍ନ ମାତ୍ରହିଁ ନାହିଁ, ଆକାଶ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ନିର୍ମଳ ! ତେବେ ଯଦିଓ ଚାନ୍ଦର କିରଣ ମୋର ଦୃଷ୍ଟି ଗୋଚର ହେଉ ନାହିଁ, ତଥାପି ଏହା ବି ଲକ୍ଷ୍ୟ କଲି ଯେ ସେଥିପାଇଁ ତ ଜ୍ୟୋସ୍ନାଲୋକର କୌଣସି ହ୍ରାସ ଘଟି ନାହିଁ ।

ସେତେବେଳେ ଏଇ ଘଟଣା ଆଉ କେହି ଲକ୍ଷ୍ୟ କରିଛନ୍ତି କି ନାହିଁ ଜାଣିବା ପାଇଁ ମୋ ପାଖ କୋଠରିରେ ଯେ ଥିଲା ତାକୁ ଡାକି ପ୍ରଥମତଃ ସେ ଏଇ ଘଟଣା ବିଷୟରେ କିଛି କହୁଛି କି ନାହିଁ ଦେଖିବା ପାଇଁ ଚେଷ୍ଟା କଲି, ସେ ବିଶେଷ କିଛି ନକହି କେବଳ ଟିକିଏ ହସିଲା ମାତ୍ର । ତା'ପରେ ପୂର୍ବ ଘଟଣାର ଦେବଦେହୀ ଯୁବରାଜର କଥା ସ୍ମରଣ ହେଲା; ଏବଂ ବୁଝିଲି ଯେ ଏଇ ଘଟଣାର ପୂର୍ବାଭାସ ତାଙ୍କର କେଶ ଟାଣିବାରେ ଶେଷ ହୋଇଥିଲା । ସେତେବେଳେ ଏଇ ତତ୍ତ୍ୱର କୌଣସି ପ୍ରକାର ବୈଜ୍ଞାନିକ ମୀମାଂସାରେ ଉପନୀତ ହେବାର ଚେଷ୍ଟା କରିବାକୁ ଲାଗିଲି । ଭାବିଲି ହୁଏତ ଆମର ପୃଥିବୀ ଅପେକ୍ଷା କୌଣସି ବୃହତ୍ତର ଜ୍ୟୋତିଷ୍କ ଚନ୍ଦ୍ରର ନିକଟବର୍ତ୍ତୀ ହେବାରୁ ଚନ୍ଦ୍ରଦେବ ନିଜ କକ୍ଷରୁ ବିଚ୍ୟୁତ ହୋଇ ଏଇ ଜ୍ୟୋତିଷ୍କ ଦିଗକୁ ଆକୃଷ୍ଟ ହୋଇଛନ୍ତି । ଏହିପରି କଳ୍ପନା-ଜଳ୍ପନା କରି ନିଜ ବିସ୍ମୟରେ ନିଜେ ଅଭିଭୂତ ହେବାକୁ ଲାଗିଲି ଏବଂ ଭବିଷ୍ୟତରେ ଯଦି କେତେବେଳେ ବି କାରାମୁକ୍ତି ଲାଭ କରି ବହିର୍ଜଗତ ସହ ସଂଯୋଗ କରିପାରେ, ତେବେ ଯେଉଁଥିରେ କି ଏଇ ବିଶେଷ ଦିନରେ ଜନସାଧାରଣଙ୍କ ମଧ୍ୟରେ ଏଇ ଘଟଣା କି ପ୍ରକାର ପ୍ରଭାବ ପକାଇଛି ତାହା ଜାଣିପାରିବି, ଏଇ ଉଦ୍ଦେଶ୍ୟରେ ସେଇ ଦିନର ବର୍ଷ, ମାସ ଏବଂ ତାରିଖ ବିଶେଷ ଭାବରେ ସ୍ମରଣରେ ରଖିଲି ।

କାରାମୁକ୍ତି ଲାଭ କରିବା ପରେ ଦିନେ ମୋର ପରିଚିତ ଉଚ୍ଚଶିକ୍ଷିତ ଜଣେ ଜ୍ୟୋତିଷ ବନ୍ଧୁ ନିକଟରେ ଏଇ ଘଟଣା ଉଲ୍ଲେଖ କଲି । କିନ୍ତୁ ତା'ଙ୍କ ପାଖରୁ ଏଇ ଘଟଣାର କୌଣସି ସନ୍ତୋଷଜନକ ଉତ୍ତର ପାଇଲିନି; ସେ କହିଲେ, ସେମାନେ ଏଇ ପ୍ରକାର କୌଣସି ଘଟଣା ଲକ୍ଷ୍ୟ କରି ନାହାନ୍ତି । ସେ ଯା' ହେଉ, ଏଇ ପ୍ରଶ୍ନର ଦୁଇ ପ୍ରକାର ମୀମାଂସା ସମ୍ଭବ ହୋଇପାରେ । ପ୍ରଥମ, ଏହା ମୋର ମସ୍ତିଷ୍କର ଭ୍ରମ; ଅଥବା ଦ୍ୱିତୀୟ, ସେଇ ରାତ୍ରିରେ ସେଇ ସମୟରେ, ଅର୍ଥାତ୍ ଯେଉଁ କେତେ ସେକେଣ୍ଡ ଚନ୍ଦ୍ରର କିରଣ ଅଦୃଶ୍ୟ ହୋଇଥିଲା, ସେଇ ସମୟ ପାଇଁ ହୁଏତ ଆମର ଜ୍ୟୋତିଷୀଗଣ ଅନ୍ୟମନସ୍କ ହୋଇ ଯାଇଥିବେ; ତେଣୁ ହୁଏତ କେହି ଏଇ ପ୍ରକାର କୌଣସି ଘଟଣା ଲକ୍ଷ୍ୟ କରି ପାରି ନାହାନ୍ତି । ମସ୍ତିଷ୍କର ଭ୍ରମ ସ୍ୱୀକାର କରିବାକୁ ହେଲେ ଏଇପରି ଭ୍ରମ ଉପୁଜାଉ ଥିବା କୌଣସି କାରଣ ଆବଶ୍ୟକ । ଯେପରି ସମ୍ମୋହନ ଦ୍ୱାରା ଏକ ପ୍ରକାର ଭ୍ରମ ଉତ୍ପାଦନ କରିବା ସମ୍ଭବ ହୋଇପାରେ ଏବଂ ସେ ବିଷୟରେ ପୂର୍ବରୁ ବି ଥରେ ଉଲ୍ଲେଖ କରିଛି; କିନ୍ତୁ ସେ କ୍ଷେତ୍ରରେ ଜଣେ ଅପରେଟର୍ ଆବଶ୍ୟକ ହୁଏ, ନଚୁବା ଏଇ ଭ୍ରମ ଉତ୍ପନ୍ନ ହୋଇପାରେନା । ଏ ସ୍ଥଳରେ ଆମର ଚନ୍ଦ୍ରମଣ୍ଡଳ ସମ୍ବନ୍ଧରେ ଯାହା ପରିଲକ୍ଷିତ ହେଲା ତାହା ଯଦି ଭ୍ରମଦର୍ଶନ ବୋଲି ସ୍ୱୀକାର କରାଯାଏ, ତା'ହେଲେ ଏଇ ଭ୍ରମଦର୍ଶନ କରାଉଛି କିଏ ? ଅର୍ଥାତ୍ ଏ ସ୍ଥଳରେ ଅପରେଟର୍ କିଏ ? ଯେତେବେଳ ପର୍ଯ୍ୟନ୍ତ ଏଇ ପ୍ରଶ୍ନର ଯଥାଯଥ ଉତ୍ତର ନପାଇଛି, ସେତେବେଳ ପର୍ଯ୍ୟନ୍ତ ଏହା ଭ୍ରମ ବୋଲି କେମିତି ସ୍ୱୀକାର କରିବି ? ଏବଂ ଯଦି ଆମ ପକ୍ଷରେ ଏପରି ନହୋଇ ଭ୍ରମଦର୍ଶନ ସମ୍ଭବ ବୋଲି ସ୍ୱୀକାର କରିବାକୁ ହୁଏ, ତା'ହେଲେ ଆମର ବାସ୍ତବ ଜଗତର ଏକେବାରେ ମୂଳଭିତ୍ତି ବି ଚାଲିଯିବ । ତେବେ ଏ ସ୍ଥଳରେ ଉକ୍ତ ଘଟଣାର ଅନୁରୂପ ଆଉ ଏକ ଘଟଣାର ଉଲ୍ଲେଖ କରିବି ଯାହା ସହ ଆମ ଘଟଣାର କେତେଟା ସାଦୃଶ୍ୟ ଅଛି ବୋଲି ସ୍ୱୀକାର କରିବାକୁ ହେବ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

At last a pimple / acne treatment that *REALLY* works !!

People from more than 16 countries have said that Tarika Pimple Remover has worked for their stubborn pimples and acne.

Now eliminate your stubborn pimples / acne completely and safely. Results visible in 10 days!!

Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.

tarika

Ayurvedic Pimple / Acne Remover

100% Herbal - Chemical Free
No side effects
Exported to over 16 countries

Available in Bhubaneswar *(wholesale/retail)*:
Adarsh Food Processing Industry
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

ପରମ ପ୍ରଭୁ

ସୁନାମଣି ରାଉତ

"Whatever you do, always remember the Divine."

(MCW, Vol. 14, p. 10) – The Mother

''ତୁମେ ଯାହାକିଛି କାର୍ଯ୍ୟ କରୁଥାଅ ପଛକେ, ସର୍ବଦା ସେହି ପରମ ପ୍ରଭୁଙ୍କୁ ସ୍ମରଣ ରଖିଥିବ ।''

– ଶ୍ରୀମା

[ଶ୍ରୀମା'ଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ପରମ ପ୍ରଭୁ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ସାରା ଦୁନିଆରେ କେତେ ଯେ କାର୍ଯ୍ୟ
କରୁଛି ମଣିଷ ନିତି,
ଦିନ ପରେ ରାତି, ରାତି ପରେ ଦିନ
ଅଚିରେ ଯାଉଛି ବିତି ।।୧।।

ଖେତଖଳାରେ କେ ଖଟଣି ଖଟିକି
ଫଳାଏ ଫସଲ ଫୁଲ,
କଳ କାରଖାନା କଳା ଧୂଆଁ ସାଥେ
ଖଟି କେ ପାଉଛି ମୂଲ ।।୨।।

ପାଠଶାଳାରେ କେ ପଢ଼ାଉଛି ପାଠ
ଓକିଲ ପାଲୁଛି ନ୍ୟାୟ,
ସାକ୍ଷୀ ପ୍ରମାଣକୁ ଭିତ୍ତିଭୂମି କରି
ହାକିମ ଦେଉଛି ରାୟ ।।୩।।

ବାଟ ଘାଟ ତଳେ ଭିକାରି ବାପୁଡ଼ା
ମାଗି ଚଳୁଅଛି ଭିକେ,
ଯେ ଯାହା କାମରେ ଲାଗିଛନ୍ତି ସବୁ
ତର ମିଳୁ ନାହିଁ ଟିକେ ।।୪।।

ଯିଏ ଯେଉଁ କାର୍ଯ୍ୟ କରୁଥାଅ ପଛେ
ସହି ଦୁଃଖ କଷ୍ଟ ସବୁ,
ସବୁରି ମୂଳରେ ରହିଛନ୍ତି ପରା
ସେହି ଯେ ପରମ ପ୍ରଭୁ ।।୫।।

ସିଏ ତ କାର୍ଯ୍ୟ ସେ ପୁଣି କାରଣ
ସେ ସବୁ କାର୍ଯ୍ୟର ଭିତ୍ତି,
ସେ ପ୍ରଭୁ ଅଟନ୍ତି ନିର୍ଗୁଣ ସଗୁଣ
ସିଏ ତ ଆରମ୍ଭ-ଇତି ।।୬।।

ସିଏ ନିରାକାର ସେ ପୁଣି ସାକାର
ଓଁକାର ପରମ ବ୍ରହ୍ମ,
ଏଇ ସଂସାରରେ ନିଜ ପରି ସିଏ
ନାହିଁ କେ ତାଙ୍କରି ସମ ।।୭।।

ସେ ପରମ ପ୍ରଭୁ ଦୁନିଆରେ ସବୁ
ତାଙ୍କୁ ଥିବା ସଦା ସ୍ମରି,
ମାଆଙ୍କ ଆଶିଷ ଆମ ମଥା'ପରେ
ପଡୁଥିବ ନିତି ଝରି ।।୮।। ❑

ଏକ ସମ୍ଭାବନାପୂର୍ଣ୍ଣ ପରିସ୍ଥିତି

ବିଶ୍ୱମ୍ଭର ସାମନ୍ତ

ସତ୍ୟର ଅବତରଣ ପାଇଁ ଅନୁକୂଳ ଅବସ୍ଥା ସମ୍ପର୍କରେ ଶିଷ୍ୟମାନଙ୍କ ସହ ଏକ କଥୋପକଥନରେ ଶ୍ରୀଅରବିନ୍ଦ କହିଥିଲେ, "There is searching everywhere – not in any particular department, but everywhere the old order is changing and people are looking for something newer and better. At such critical periods the Truth tends to come down or rather these periods are created by the coming Truth itself – it is only a way of saying that the conditions are favourable."

(Conversations with Sri Aurobindo and The Mother by Anilbaran Roy)

ଅର୍ଥାତ୍, ''ସବୁ କ୍ଷେତ୍ରରେ ଏକ ଅନ୍ୱେଷଣ ଚାଲିଛି, – କୌଣସି ନିର୍ଦ୍ଦିଷ୍ଟ ବିଭାଗରେ ଖାଲି ନୁହେଁ, କିନ୍ତୁ ସବୁ କ୍ଷେତ୍ରରେ ପୁରୁଣା ବ୍ୟବସ୍ଥା ବଦଳି ଯାଉଛି ଏବଂ ଲୋକମାନେ ଅଧିକତର ନୂତନ ଓ ଅଧିକତର ଉତ୍ତମ କିଛିର ସନ୍ଧାନ କରୁଛନ୍ତି । ଏହିପରି ଏକ ଘଡ଼ିସନ୍ଧି ଯୁଗରେ ସତ୍ୟର ଅବତରଣ ପାଇଁ ସମ୍ଭାବନା ସୃଷ୍ଟି ହୁଏ ବରଂ ସ୍ୱୟଂ ଆଗମନଶୀଳ ସତ୍ୟ ଦ୍ୱାରାହିଁ ଏହିପରି ଅବସ୍ଥା ସୃଷ୍ଟି ହୋଇଥାଏ – କେବଳ କହିବାର ଏକ ଧାରଣା ନେଇ କୁହାଯାଏ ଯେ ଅବସ୍ଥା ଅନୁକୂଳ ।''

ସମାଜ ଓ ଜୀବନର ବିଭିନ୍ନ କ୍ଷେତ୍ରରେ ଆମେ ବର୍ତ୍ତମାନ ଏହିପରି ଏକ ଅବସ୍ଥା ଭିତରଦେଇ ଯାଉଛୁ । ସମସ୍ତଙ୍କ ଭିତରେ ଏହିପରି ଏକ ଭାବ ଆସୁଛି ଯେ ଗତାନୁଗତିକ ପ୍ରଚଳିତ ବ୍ୟବସ୍ଥା-ପ୍ରଣାଳୀ ବା ନୀତିନିୟମ ଦ୍ୱାରା ଆଉ ବାସ୍ତବ ଅଗ୍ରଗତି ସମ୍ଭବପର ନୁହେଁ । ଏସବୁଗୁଡ଼ିକ ପୁରୁଣା ହୋଇ ଗଲାଣି, ଏସବୁକୁ ବଦଳାଇବାକୁ ହେବ । ଏସବୁର ସ୍ଥାନରେ ନୂତନ ଓ ମହତ୍ତର କିଛି ଆଣିବାକୁ ହେବ । ଅବଶ୍ୟ ନୂତନ ଓ ମହତ୍ତର ପାଇଁ ଏହି ସନ୍ଧାନ ଓ ଅନ୍ୱେଷଣର ଭାବ ପ୍ରଥମେ ପ୍ରକାଶ ପାଉଛି ଏକ ନେତିବାଚକ ରୂପ ନେଇ, ଅର୍ଥାତ୍ ପ୍ରଚଳିତ ବ୍ୟବସ୍ଥାର ସବୁକିଛି ଉପରୁ ଆସ୍ଥା ତୁଟିଯିବାର ଭାବ ନେଇ । ଦେଶର ଶାସନ-ବ୍ୟବସ୍ଥା ଉପରେ କାହାର ଆସ୍ଥା ନାହିଁ, ରାଜନୈତିକ ଦଳ ଓ ନେତାଙ୍କ ଉପରେ ଆସ୍ଥା ନାହିଁ, ଧର୍ମସଂସ୍ଥା ବା ତଥାକଥିତ ଧର୍ମଗୁରୁ ଓ ପ୍ରତିଷ୍ଠାନ ଉପରେ ଆସ୍ଥା ନାହିଁ, କୋର୍ଟ୍ କଚେରି, ଅମଲାତନ୍ତ୍ର ଓ କର୍ମଚାରୀ ହାକିମଙ୍କ ଉପରେ ଆସ୍ଥା ନାହିଁ । ଆସ୍ଥା ତୁଟିଯିବାର ଏହି ସାମଗ୍ରିକ ଭାବଟି ବୋଧହୁଏ ସବୁଠୁ ବେଶୀ ପ୍ରକାଶ ପାଇଛି ଶିକ୍ଷା କ୍ଷେତ୍ରରେ । ଲୋକମାନଙ୍କର ବିଶ୍ୱାସ ନାହିଁ ଯେ କୌଣସି ଶିକ୍ଷାନୁଷ୍ଠାନରେ ସେମାନଙ୍କର ପିଲା ପ୍ରକୃତ ଶିକ୍ଷା ପାଇବ, ସେଠାରେ ପ୍ରକୃତରେ ଶିକ୍ଷକମାନେ ଓ ପରିଚାଳକମାନେ ଆନ୍ତରିକତା ସହ ଶିକ୍ଷାଦାନ କାମଟି ହାତକୁ ନେଇଛନ୍ତି ଓ ତାଙ୍କ ପିଲା ଯେ ପ୍ରକୃତରେ ଯୋଗ୍ୟ ହୋଇ ଆବଶ୍ୟକୀୟ ମାନସିକ ବିକାଶ ଓ ବିଚାରବୁଦ୍ଧିରେ ଅଗ୍ରଗତି କରି କୌଣସି ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହେବ, ଏ ଆସ୍ଥା କାହାରି ନାହିଁ ।

ଶିକ୍ଷା ବ୍ୟବସ୍ଥା ଉପରୁ, ଶିକ୍ଷାନୁଷ୍ଠାନ ଓ ଶିକ୍ଷକମାନଙ୍କ ଉପରୁ ଏହି ପ୍ରକାର ଆସ୍ଥା ତୁଟିଯିବାର ଭାବ କେବଳ ଯେ ଭାରତବର୍ଷରେ ଦେଖା ଯାଇଛି, ତା' ନୁହେଁ, ପୃଥିବୀବ୍ୟାପୀ ଏହିପରି ଏକ ଅବସ୍ଥା ସୃଷ୍ଟି ହୋଇଛି । ଆମେରିକାରେ ଶିକ୍ଷାର ଅବସ୍ଥା ଉପରେ ଆଲୋଚନା କରାଯାଇଥିବା ଏକ ପୁସ୍ତକ ପଢୁଥିଲି । ବହୁ ମାତାପିତା ଓ ଅଭିଭାବକଙ୍କ ସଙ୍ଗେ ଲେଖକ ଆଲୋଚନା କରି ଦେଖିଲେ ଅଧିକାଂଶଙ୍କର ମତ ହେଲା ସେମାନେ ପ୍ରକୃତରେ ଆଶା କରିପାରୁ ନାହାନ୍ତି ଯେ ସେମାନଙ୍କ ପିଲାମାନେ ସେ ଦେଶର ସାଧାରଣ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରୁ ଯଥାର୍ଥ ଶିକ୍ଷା ଲାଭ କରିବାର ଅବସ୍ଥା ରହିଛି । ଆମେରିକାର ସ୍କୁଲ କଲେଜରେ ଅର୍ଥର କୌଣସି ଅଭାବ ତ ନାହିଁ । ପୁସ୍ତକ, ଉପକରଣ, ଶିକ୍ଷକଙ୍କ ଦରମା ଓ ସ୍କୁଲଗୃହ ଆଦି ନିମନ୍ତେ ଅର୍ଥ ସଂଗ୍ରହ ପାଇଁ କାହାକୁ ମୁଣ୍ଡ ଖେଳାଇବାକୁ ପଡ଼େ ନାହିଁ । ତଥାପି ସେଠାରେ ମଧ୍ୟ ଏପରି ଅବସ୍ଥା । ଆମେରିକା ହେଉ ବା ଆଉ ଅନ୍ୟାନ୍ୟ ଦେଶରେ ହେଉ, ପ୍ରଚଳିତ ଶିକ୍ଷା-ବ୍ୟବସ୍ଥାରେ ଯୋଗ୍ୟ, ଉନ୍ନତ ମଣିଷ ରୂପେ ସେମାନଙ୍କ ପିଲା ଗଢ଼ି ହୋଇ ପାରିବ – ଏ ବିଶ୍ୱାସ ଆଉ କାହାର ନାହିଁ ।

ତେବେ ଯୋଗ୍ୟ ମଣିଷ କହିଲେ ସେମାନେ ଠିକ୍ କ'ଣ ଆଶା କରନ୍ତି, ସେଥିପାଇଁ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଠିକ୍ କେଉଁ

ଭୂମିକା ନେଇ ପାରିବେ – ଏ ସମ୍ପର୍କରେ କାହାର କିଛି ସ୍ପଷ୍ଟ ଧାରଣା ନାହିଁ । କିନ୍ତୁ ସମସ୍ତେ ଅସନ୍ତୁଷ୍ଟ । ଭାରତବର୍ଷରେ ଏ ଅସନ୍ତୋଷ ଯେ ଚରମରେ ପହଞ୍ଚିଛି ଏହା ବୁଝାଇବା ଦରକାର ନାହିଁ । ଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଭୀଷଣ ଆର୍ଥିକ ଅଭାବ, ନାନା ବିଶୃଙ୍ଖଳା ଓ ଅବ୍ୟବସ୍ଥା ସାଙ୍ଗକୁ ଏହି ଅସନ୍ତୋଷ ମିଶି ଯାଇ ସମଗ୍ର ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିବାର ଏକ ବାସ୍ତବ ବିପଦ ଆମ ଦେଶରେ ଦେଖା ଦେଇଛି ।

ତଥାପି ଏହି ଅସନ୍ତୋଷର ଯେ ଏକ ଭଲ ଦିଗ ଅଛି ଏହା ମନେ ରଖିବାକୁ ହେବ । ଆଗ ପରି ଲୋକମାନେ ପିଲାମାନଙ୍କୁ ସ୍କୁଲ, କଲେଜରେ ଭର୍ତ୍ତି କରି ଦେଇହିଁ ଯେପରି ସେମାନଙ୍କ ଶିକ୍ଷା ସମ୍ପର୍କରେ ନିଶ୍ଚିନ୍ତ ହୋଇ ଯାଉଥିଲେ, ବର୍ତ୍ତମାନ ସେପରି ହେଉ ନାହିଁ, ଏହା ଏକ ଅଗ୍ରଗତିର ସୂଚନା ଦିଏ । କାରଣ ସ୍ପଷ୍ଟ ଭାବରେ କିଛି ଧାରଣା କରି ନପାରିଲେ ମଧ୍ୟ ମାଆବାପାଙ୍କ ମନରେ ପିଲାମାନଙ୍କର ଶିକ୍ଷା, ଯୋଗ୍ୟତା ଓ ବିକାଶ ସମ୍ପର୍କରେ ନୂଆ ନୂଆ ଆଶା, ଆକାଙ୍କ୍ଷା ସୃଷ୍ଟି ହେଉଛି । ଆଉ ଏହା ମଧ୍ୟ ସେମାନେ ଅନୁଭବ କରୁଛନ୍ତି ଯେ ସେହି ଆଶା ଓ ଆକାଙ୍କ୍ଷାଗୁଡ଼ିକୁ ଫଳବତୀ କରିବାକୁ ହେଲେ ପ୍ରଚଳିତ ଶିକ୍ଷା-ବ୍ୟବସ୍ଥା ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୂଆ କିଛି, ଅଧିକ କିଛି ଉପାଦାନ ଆଣିବାକୁ ହେବ । ଏହି ନୂଆ କିଛି ଓ ଅଧିକ ମହତ୍ତର କିଛି ପାଇଁ ଆବଶ୍ୟକତା ଅନୁଭବ କରିବା ଏକ ଅଗ୍ରଗତିର ଲକ୍ଷଣ । ହୁଏତ ଶ୍ରୀଅରବିନ୍ଦ ଯାହା କହିଛନ୍ତି ଏକ ଆଗମନଶୀଳ ବା ପ୍ରକାଶୋନ୍ମୁଖୀ ସତ୍ୟ-ଶକ୍ତିର ଚାପ ଦ୍ୱାରାହିଁ ଲୋକମାନଙ୍କ ଭିତରେ ଏହି ପ୍ରକାର ମନୋଭାବ ସୃଷ୍ଟି ହେଉଛି ।

ତେଣୁ ଶିକ୍ଷା ପ୍ରସାରର କ୍ଷେତ୍ରରେ ଯେଉଁମାନେ ସକ୍ରିୟ ଭାବରେ କାମ କରୁଛନ୍ତି, ପ୍ରଚଳିତ ଶିକ୍ଷା-ବ୍ୟବସ୍ଥାରେ ଅସନ୍ତୁଷ୍ଟ ହୋଇ ଯେଉଁମାନେ ଏହାକୁ ବଦଳାଇ ନୂଆ ରୂପ ଦେବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଏହି ପ୍ରକାଶୋନ୍ମୁଖୀ ସତ୍ୟ-ଶକ୍ତିର ଯନ୍ତ୍ର ହେବା ପାଇଁ ଏକ ସୁଯୋଗ ମିଳିଛି । ସେ ଦିଗରେ ଏକ ନୂଆ ସମ୍ଭାବନା ସୃଷ୍ଟି ହୋଇଛି । କିନ୍ତୁ ଏହି ସମ୍ଭାବନାକୁ କାର୍ଯ୍ୟକାରୀ ରୂପ ଦେବାକୁ ହେଲେ ପୁରୁଣା, ଗତାନୁଗତିକ ଧାରାରେ ଚାଲିଲେ ସେମାନେ ସଫଳ ହୋଇ ପାରିବେ ନାହିଁ । ସେମାନଙ୍କୁ ଶିକ୍ଷାର ସଙ୍ଗଠନ ଓ ପ୍ରଣାଳୀର କ୍ଷେତ୍ରରେ ନୂଆ ରାସ୍ତା ଓ ନୂଆ ଧାରା ଖୋଜି ବାହାର କରିବାକୁ ହେବ । ସେମାନଙ୍କ ଆଗରେ କୌଣସି ପୂର୍ବପ୍ରସ୍ତୁତ କର୍ମସୂଚୀ ରଖାଯାଇ ନାହିଁ, ଅଗ୍ରଗତିର କୌଣସି ସୁପରିକଳ୍ପିତ ଯୋଜନା ନାହିଁ, ପଥ ଚାଲିବା ପାଇଁ ନିର୍ଭୁଲଭାବେ ଅଙ୍କିତ କୌଣସି ମାନଚିତ୍ର ନାହିଁ । ସତ୍ୟ ପ୍ରତି ଏକ ଉତ୍ସର୍ଗୀକୃତ ମନୋଭାବ ଓ ଆନ୍ତରିକତାହିଁ ସେମାନଙ୍କର ଏକମାତ୍ର ପାଥେୟ ।

କିନ୍ତୁ ଏହା ନିଶ୍ଚିତ ଯେ ପ୍ରାଥମିକ ଅବସ୍ଥାରେ ସମ୍ମୁଖୀନ ହେଉଥିବା ନାନା ପ୍ରତିବନ୍ଧକରେ ଯଦି ସେମାନେ ଅଟକି ନଯାଆନ୍ତି, ନୂଆ ଉତ୍ସାହ ଓ ସଂକଳ୍ପ ନେଇ ଯଦି ସାହସର ସହିତ ଆଗେଇବାକୁ ଏକ ବ୍ରତ ରୂପେ ଗ୍ରହଣ କରନ୍ତି, ତେବେ ସେମାନେ ସେହି ସତ୍ୟ-ଶକ୍ତିର ସାହାଯ୍ୟ ପାଇ ପାରିବେ । ଚାଲିବାକୁ ଆରମ୍ଭ କରିଲେହିଁ ସେମାନଙ୍କ ଆଗରେ ନୂଆ ନୂଆ ପଥ ଖୋଲିଯିବ, ନିଜର କର୍ମ ପାଇଁ ନୂଆ ନୂଆ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବ, କର୍ମସୂଚୀ, ପ୍ରଣାଳୀ ବା ବ୍ୟବସ୍ଥା ସମ୍ପର୍କରେ ନୂଆ ନୂଆ ବିଚାର ଓ ଜ୍ଞାନ ଦେଖାଦେବ । କାରଣ ଏକ ନୂତନ ସତ୍ୟ-ଶକ୍ତିହିଁ ସେମାନଙ୍କ ଅଜାଣତରେ ସେମାନଙ୍କୁ ଏ ପଥରେ ବ୍ରତୀ କରାଇଛି । ସେହି ଶକ୍ତି ଉପରେ ଏକ ଅଖଣ୍ଡ ବିଶ୍ୱାସ ଓ ନିର୍ଭରତା ହେଉଛି ସମସ୍ତ ସାଫଲ୍ୟର ଗୋପନ ଚାବିକାଠି । ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରସାରରେ ବ୍ରତୀ ହୋଇଥିବା ସମସ୍ତ କର୍ମୀ, ଛାତ୍ର, ଶିକ୍ଷକ, ଅଭିଭାବକ ଓ ପରିଚାଳକମାନେ ଏହି ଦିବ୍ୟ ଶକ୍ତିର କୃପା ଓ ନିଜ ଆନ୍ତରିକତାକୁ ପ୍ରଧାନ ସମ୍ବଳ ଓ ପାଥେୟ କରି ଆଗେଇ ଯିବାର ସଂକଳ୍ପ ରଖିଲେ ସାଫଲ୍ୟ ଅନିବାର୍ଯ୍ୟ ଓ ଅବଧାରିତ ।

(ପୂର୍ଣ୍ଣଯୋଗ ପ୍ରବାହ, ପୃ. ୬୫୧-୬୫୨) ❑

... ଶିକ୍ଷକ ଯିଏକି ଶିକ୍ଷଣ ବିଷୟଗୁଡ଼ିକୁ ପ୍ରସ୍ତୁତ ଓ ପ୍ରଣାଳୀବଦ୍ଧ କରୁଥିବ ତାକୁ ହେବାକୁ ହେବ ଜଣେ ସୂକ୍ଷ୍ମଦର୍ଶୀ ମନସ୍ତତ୍ତ୍ୱବିତ୍, ପର୍ଯ୍ୟବେକ୍ଷଣକାରୀ ଏବଂ ଶୁଭେଚ୍ଛାରେ ଭରପୂର । ସେ ଏକଥା ଜାଣିଥିବ ଯେ ତାକୁ ମଧ୍ୟ ଶିକ୍ଷା କରିବାକୁ ତଥା ଅଗ୍ରଗତି କରିବାକୁ ହେବ ।

– ଶ୍ରୀମା

ଆଳସ୍ୟ

ପ୍ରସାଦ ତ୍ରିପାଠୀ

ଚଳିତ ବର୍ଷ ଜୁଲାଇ ଗସ୍ତ ସମୟରେ କେତୋଟି ଜିଲ୍ଲାର କର୍ମୀମାନଙ୍କର ନିଜ ନିଜର ବିବରଣୀ ପ୍ରକାଶ କଲାବେଳେ କିଛି ହତାଶା ଭାବର ସୂଚନା ମିଳୁଥିଲା । ଆମେମାନେ ଉଚିତ ଉଦ୍ୟମ କରିପାରୁ ନାହୁଁ ବୋଲି କାର୍ଯ୍ୟ ଯଥେଷ୍ଟ ହୋଇପାରି ନାହିଁ – ଏପରି ନଭାବି ବରଂ ଏକ ବିପରୀତ ଚିନ୍ତା ପୋଷଣ କଲାଭଳି ମନେହେଲା, 'ମୋର ସେ ସାମର୍ଥ୍ୟ ନାହିଁ, ଯୋଗ୍ୟତା ନାହିଁ, ତେଣୁ ମୁଁ କରିପାରି ନାହିଁ ।' ଅସୁବିଧାଟି ପ୍ରକୃତରେ ଏହା । ଅର୍ଥାତ୍ 'ମୁଁ କରିପାରି ନାହିଁ, କିନ୍ତୁ ଏଣିକି ନିଶ୍ଚୟ ଚେଷ୍ଟା କରିବି ଏବଂ ମୋ ସାଧ୍ୟମତେ ବାକିସବୁ କାର୍ଯ୍ୟ ସାରିବାକୁ ଚେଷ୍ଟା କରିବି ।' –ଏପରି ନଭାବି ଆମ ଅପାଭାଇମାନେ, 'ମୁଁ ଅଯୋଗ୍ୟ, ଅପଦାର୍ଥ, ଏସବୁ କାର୍ଯ୍ୟ ମୋ ଦ୍ୱାରା ହୋଇପାରିବ ନାହିଁ' ବୋଲି କହି ଖୁବ୍ ହତୋତ୍ସାହିତ ଧାରଣାସବୁ ସୃଷ୍ଟି କରୁଛନ୍ତି । ତେଣୁ ବାସ୍ତବିକ ଯେତିକି କାର୍ଯ୍ୟ ହୋଇପାରନ୍ତା, ସେତିକି ହୋଇପାରୁ ନାହିଁ ।

ପ୍ରଥମ କଥା ହେଲା – ଆମକୁ ବାଛିଛନ୍ତି କିଏ ? ସ୍ୱୟଂ ଦିବ୍ୟଜନନୀ ମା' । ଯଦିବା ଆପଣଙ୍କୁ ଆଗରୁ ପଚରା ଯାଇନାହିଁ, କିନ୍ତୁ ବଛା ହୋଇଯାଇଛନ୍ତି, ତେବେ ବି ତାହା ମା'ଙ୍କ ସିଦ୍ଧାନ୍ତ । ଅର୍ଥାତ୍ ମା' କୃପା କରି ଆପଣଙ୍କୁ ତାଙ୍କ କାର୍ଯ୍ୟରେ ଅଂଶଗ୍ରହଣ କରିବାର ସୁଯୋଗ ଦେଇଛନ୍ତି ।

ଆମେ କ'ଣ ମା'ଙ୍କର ସିଦ୍ଧାନ୍ତକୁ ଭୁଲ୍ ବୋଲି କହିପାରିବା ? ଆମେ କ'ଣ ଚ୍ୟାଲେଞ୍ଜ କରିପାରିବା ? ମା' ହେଲେ ଦିବ୍ୟଜନନୀ । ସେ କୃପା କରି ଆମକୁ ତାଙ୍କ କାର୍ଯ୍ୟ ପାଇଁ ବାଛିଲେ, ଅର୍ଥାତ୍ ଆମେ ନିଶ୍ଚୟ ସେ ସିଦ୍ଧାନ୍ତକୁ ସମ୍ମାନ ଜଣାଇବା ଏବଂ ନିଶ୍ଚୟ ତାଙ୍କ ପାଇଁ କାର୍ଯ୍ୟ କରିବାକୁ ସିଦ୍ଧାନ୍ତ ନେବା ।

ଆମେ ଯଦି ମା'ଙ୍କ ଦ୍ୱାରା ବଛା ହେଲୁ, ତେବେ କାର୍ଯ୍ୟ କରୁ ନାହୁଁ କାହିଁକି ? ତା'ର ଏକମାତ୍ର କାରଣ ହେଲା – ଆମ୍ଭମାନଙ୍କର ଅନାଗ୍ରହ, ଅଚେତନତା ଏବଂ ସର୍ବୋପରି ଆଳସ୍ୟ । ମା' ଥରେ କହିଥିଲେ, 'ଆଶ୍ରମରେ କିଛି ଲୋକ ଅଛନ୍ତି, ସେମାନେ କିଛି ବି କରନ୍ତି ନାହିଁ । କାରଣ ସେମାନଙ୍କୁ ଗୋଟିଏ ରୋଗ ହୋଇଛି, ଯାହାର କୌଣସି ଔଷଧ ନାହିଁ କିଂବା ଚିକିତ୍ସା ନାହିଁ, ଏହି ରୋଗର ନାମ ଆଳସ୍ୟ ।'

ଆଉ ଗୋଟିଏ ସ୍ଥାନରେ ମା' କହିଛନ୍ତି, 'ତୁମର ସବୁକିଛିର ଦାୟିତ୍ୱ ମୁଁ ନେଇପାରିବି, ମାତ୍ର ଆଳସ୍ୟର ନୁହେଁ । ତୁମ ନିଜକୁ ଆଳସ୍ୟର ଦାୟିତ୍ୱ ନେବାକୁ ହେବ । ଅର୍ଥାତ୍ ତୁମ ନିଜକୁ ଆଳସ୍ୟ ଉପରେ ବିଜୟ ଲାଭ କରିବାକୁ ହେବ ।'

ଆଳସ୍ୟକୁ ଅତିକ୍ରମ କରିବାର ଉପାୟ କ'ଣ ? ଯଦି ଆମେ ପ୍ରକୃତରେ ତା'ର ଊର୍ଦ୍ଧ୍ୱକୁ ଯିବାକୁ ଚାହୁଁଥିବୁ, ତେବେ ଅକ୍ଲେଶରେ ଆମେ ତା'ର ଊର୍ଦ୍ଧ୍ୱକୁ ଯାଇପାରିବୁ । ତାହା ହେଲା – ନିଜ ଭିତରେ ତାକୁ ଆଶ୍ରୟ ନଦେବା, ଆଦୌ ସ୍ୱୀକୃତି ନଦେବା, ନିଜ ଆଡୁ ସଂକଳ୍ପ କରି ତାକୁ ତଡ଼ିବାକୁ ଚେଷ୍ଟା କରିବା । ଯଦି ଆମ ଭିତରେ ଆଳସ୍ୟକୁ ତଡ଼ିବାକୁ ଆଗ୍ରହ ଥାଏ, ନିଜେ ଅତ୍ୟନ୍ତ ନିଷ୍ଠାପର ଭାବରେ ତା'ର ବିରୋଧ କରିବା । ତୁମେ ନିଜେ ଚେଷ୍ଟା କରି ତାକୁ ବିରୋଧ କରିବ, ମାତ୍ର ସବୁବେଳେ ମା'ଙ୍କ ଶକ୍ତିକୁ ଆବାହନ କରିବା ଭଳି ଏଠାରେ ମଧ୍ୟ ମା'ଙ୍କ ଶକ୍ତିକୁ ସାଙ୍ଗରେ ନେଇ ଆଳସ୍ୟ ବିରୋଧରେ ଲଢ଼େଇ କରିବାକୁ ହେବ । ଥରେ ଆଳସ୍ୟର ଶିକାର ହୋଇଗଲେ ସେ ଆମକୁ ତା'ର ଇଚ୍ଛା ଅନୁସାରେ ନଚାଇବ । କେତେ କେତେ ବାହାନା ସୃଷ୍ଟି କରିବ – 'ସେ କରୁନି, ତାକୁ କହୁନ, ମୋତେ ଖାଲି କହୁଛ, ଅନେକ ଖଟିଲିଣି, ଆଉ କେତେ ଖଟିବି' ଇତ୍ୟାଦି । ମାତ୍ର ଥରେ ଆଳସ୍ୟରୁ ମୁକ୍ତି ପାଇଗଲେ, ତେଣିକି ଆଉ ଆମକୁ କେହି ପାରିବେ ନାହିଁ ।

ମୋର ଜଣେ ବୟସ୍କ ସଂସ୍କୃତ ଶିକ୍ଷକଙ୍କ କଥା ମନେଅଛି । ସେ ଜଣେ ଖୁବ୍ ଦକ୍ଷ ଶିକ୍ଷକ ଥିଲେ । ସଂସ୍କୃତରେ ଅସାଧାରଣ ପାଣ୍ଡିତ୍ୟ ଥିଲା । ପ୍ରତ୍ୟେକ ଦିନ ସକାଳୁ ସେ ବିଭିନ୍ନ ବ୍ୟକ୍ତିମାନଙ୍କ ଘରେ ଯାଇ ପୂଜାପାଠ କରୁଥିବାରୁ ସ୍କୁଲକୁ ଆସିବାକୁ ବିଳମ୍ବ ହୁଏ । ସେଥିପାଇଁ ଅଧ୍ୟକ୍ଷ ତାଙ୍କୁ ଦ୍ୱିତୀୟ ପିରିଅଡ୍‌ରୁ କ୍ଲାସ ଦେଇଥା'ନ୍ତି । ସେ ସ୍କୁଲକୁ ଆସି ସିଧା ତାଙ୍କର ଯେଉଁଠାରେ କ୍ଲାସଥାଏ, ସେଠାକୁ ଚାଲିଯା'ନ୍ତି । କୌଣସି ସମୟରେ ଷ୍ଟାଫ୍ କମନ୍ ରୁମ୍‌ରେ ବସିବା ତାଙ୍କୁ କେହି ଦେଖିନାହାନ୍ତି । କଳାପଟାରେ ଆରମ୍ଭରୁ ପୂରା ଶେଷ ପର୍ଯ୍ୟନ୍ତ ସେ ପାଠସବୁକୁ ଅନ୍ତତଃ ଚାରିଥର ଲେଖି ତାକୁ ଲିଭାଇଥିବେ । ସମସ୍ତ କଳାପଟାରେ ଲେଖିସାରିବା ପରେ ପୁଣି ତାକୁ ଲିଭାଇ

ପୁଣି ଲେଖିବେ । ମାତ୍ର କେବେ ବି କ୍ଲାନ୍ତ ଅନୁଭବ କରନ୍ତି ନାହିଁ । ଯଦି କୌଣସି ପିରିଅଡ୍‌ରେ ତାଙ୍କର କ୍ଲାସ ନଥାଏ, ସେ ନିଜ ଆଡୁ ଅଧ୍ୟକ୍ଷଙ୍କୁ ସାକ୍ଷାତ୍ କରି ପଚାରନ୍ତି କୌଣସି କ୍ଲାସରେ ବି ହେଉ ତାଙ୍କୁ ପଢ଼ାଇବାକୁ ଅନୁମତି ଦେବାକୁ ଏବଂ ସ୍କୁଲ ଛୁଟି ପର୍ଯ୍ୟନ୍ତ କେବେ ବି ବିଶ୍ରାମ ନିଅନ୍ତି ନାହିଁ । ସେ ମହାଶୟ ଏତେ ପରିଶ୍ରମ କରି ମଧ୍ୟ କ୍ଲାନ୍ତ ହୁଅନ୍ତି ନାହିଁ କାହିଁକି ? କାରଣ ହେଲା – ସେ ପ୍ରକୃତରେ ନିଜ କାର୍ଯ୍ୟକୁ ଉପଭୋଗ କରନ୍ତି, ଆନନ୍ଦ ପାଆନ୍ତି । ବାବାଜି ମହାରାଜ କହନ୍ତି, 'କାମରୁ ଆନନ୍ଦ ପାଇବା ସାକ୍ଷାତ୍ ମା'ଙ୍କ କୃପା ।' ବାଧ୍ୟ ହୋଇ କୌଣସି କାର୍ଯ୍ୟ କରିବା ଏବଂ ଆଗ୍ରହରେ କୌଣସି କାର୍ଯ୍ୟ କରିବା ମଧ୍ୟରେ ଆକାଶ-ପାତାଳ ଫରକ । ପ୍ରଥମଟି ତୁମକୁ କ୍ଲାନ୍ତ କରିବ, ମାତ୍ର ଅନ୍ୟଟି ତୁମକୁ କେବଳ ଆନନ୍ଦ ହିଁ ପ୍ରଦାନ କରିବ । ତେଣୁ ଆଳସ୍ୟରୁ ଊର୍ଦ୍ଧ୍ୱକୁ ଯିବାକୁ ହେଲେ କରୁଥିବା କାର୍ଯ୍ୟକୁ ଆନନ୍ଦର ସହିତ କରିବା ପାଇଁ ଉଦ୍ୟମ କରିବାକୁ ହେବ ।

ସ୍ୱାଭାବିକ ଭାବରେ ଦେଖିଲେ, ଯଦି ଜଣେ ସବୁବେଳେ କାର୍ଯ୍ୟବ୍ୟସ୍ତ ଥିବେ, ସେ ନିଶ୍ଚୟ କର୍ମଠ ହେବେ । କାର୍ଯ୍ୟବ୍ୟସ୍ତ ରହିଲେ ପ୍ରକୃତରେ ଅନ୍ୟ କୌଣସି କଥା ଚିନ୍ତା କରିବାକୁ ସମୟ ମିଳିବ ନାହିଁ । ସେତେବେଳେ ଆଳସ୍ୟ ମଧ୍ୟ ପ୍ରବେଶ କରିବ ନାହିଁ । ସେଥିପାଇଁ ସମଗ୍ର ଦିବସ ଏବଂ ରାତ୍ରିରେ ବିଶ୍ରାମ ନେବା ପର୍ଯ୍ୟନ୍ତ କେବେ ବି ଆଳସ୍ୟକୁ ସୁଯୋଗ ଦେବା ନାହିଁ । ମନେରଖିବା ଯେ, ବିଶ୍ରାମ ନେବା ଆଦୌ ଆଳସ୍ୟ ନୁହେଁ । ଶରୀରକୁ ମଝିରେ ମଝିରେ କିଛି ସମୟ ପାଇଁ ବିଶ୍ରାମ ଦେବା ଏକ ଆବଶ୍ୟକତା । ମାତ୍ର ତାହା ଯଦି ଆମର ଆଳସ୍ୟ ହୋଇଥିବ, ତେବେ ସେ ଅଳ୍ପ ସମୟ ବିଶ୍ରାମରେ ସନ୍ତୁଷ୍ଟ ହେବ ନାହିଁ । ଆମେ ନିଜେ ଅନୁଭବ କରିପାରିବା ଯେ ଆମେ ଆଳସ୍ୟର ପ୍ରଭାବରେ ଅଛୁ । ତଥାପି ଚେଷ୍ଟା କରି ତା'ର ଚାପରୁ ଉଠି ଆସିବାକୁ ହେବ । ନଚେତ୍ ସେ କେବେହେଲେ ଆମକୁ ମୁକ୍ତି ଦେବ ନାହିଁ ।

ସତ କହିବାକୁ ଗଲେ, ଆଳସ୍ୟ ଯେ ଯୋଗ ସାଧନା ପାଇଁ ଏକ ବିରାଟ ବାଧା – ଏ କଥା ଆମେ ହୃଦୟଙ୍ଗମ କରିପାରୁଛୁ । ଯେପରି ସାନପିଲାମାନଙ୍କୁ ଆଦରରେ ଗାଳି ଦେଲାବେଳେ, 'ଏତେ ଅଳସୁଆ ହୋଇଗଲୁଣି, ଦେଖିଲୁଣି ସମସ୍ତେ ଉଠିପଡ଼ି କାମ ସାରିଲେଣି, ଦେଖ୍ ଖରା ପଡ଼ିଲାଣି, ଉଠ ଅଳସୁଆ ହୁଅନି' – ଅର୍ଥାତ୍ ଅଳସୁଆ ଏକ ସ୍ନେହପୂର୍ଣ୍ଣ ଗାଳି ବୋଲି ସେ ଭାବିବ । ସେଥିରେ ବିଶେଷ କିଛି ସମସ୍ୟା ନାହିଁ ବୋଲି ଭାବିବ । ମାତ୍ର ଯୋଗ ସାଧନା ପାଇଁ ଏହା ଏକ ବିରାଟ ବାଧା ।

ଥରେ ଦୁଇଜଣ ଅଳସୁଆ ଆରୁଣିର କାହାଣୀ ପଢ଼ି ଆଲୋଚନା କରୁଥିଲେ । ତାଙ୍କର ଆଲୋଚନାର ବିଷୟବସ୍ତୁ ହେଲା –

ପ୍ରଥମ ଅଳସୁଆ : 'ଆଚ୍ଛା, ଆମ ବହିରେ ଯେଉଁ ଆରୁଣି କାହାଣୀ ଲେଖାଯାଇଛି, ସେଥିରୁ ତୁ କ'ଣ ବୁଝିଲୁ ?'

ଦ୍ୱିତୀୟ ଅଳସୁଆ : 'ଆରୁଣିଟା ମହା ଅଳସୁଆ ! ମାଟି ଖୋଳି ବନ୍ଧ ବାନ୍ଧିଲେ ବହୁତ ପରିଶ୍ରମ ପଡ଼ିବ, ତେଣୁ ଆପଣାଛାଏଁ ନିଜେ ବନ୍ଧ ହୋଇ ଶୋଇ ପଡ଼ିଲା । ପାଣିକି ପାଣି ବନ୍ଦ, ପୁଣି ସେ ମଧ୍ୟ ଆନନ୍ଦରେ ଶୋଇ ପଡ଼ିଥିବ ! ଥଣ୍ଡା ଲାଗୁଥିବ, ଖୁସି ଲାଗୁଥିବ ପରା !'

କୁହାଯାଏ ଯେ ଅଳସୁଆ ପିଠିରେ ବଥ ହେଲେ ସେ କହିବ – ବଥ ନୁହେଁ, ଛାଇ ହୋଇଛି !

ଥରେ ଦୁଇ ଜଣ ଅଳସୁଆ ଗୋଟିଏ ଆମ୍ବ ଗଛ ମୂଳେ ଶୋଇଥିଲେ । ଜଣେ ବ୍ୟକ୍ତି ସେ ବାଟରେ ଯାଉଥିଲେ । ଗୋଟିଏ ଅଳସୁଆ କହିଲା, 'ଭାଇ, ଗୋଟିଏ ଆମ୍ବ ଦେଇଯାଅ ।' ସେ କହିଲେ, 'ଏତେ ପଡ଼ିଛି, ଗୋଟେଇ ଖାଉନା ?' ଅଳସୁଆ କହିଲା, 'ଗଛରୁ ଗୋଟିଏ ତୋଳି କରି ଦିଅ ।' ସେ ଭଦ୍ରଲୋକ ଗଛରୁ ଗୋଟିଏ ପାଚିଲା ଆମ୍ବ ତୋଳି କରି ଦେଲା ପରେ ସେ ପୁଣି କହିଲା, 'ଭାଇ, ଟିକେ ମୋ ପାଟିରେ ଚୁପୁଡ଼ି ଦିଅ ।' ସେ ଭଦ୍ରଲୋକ ଦେଖିଲେ ଏଟା ଗୋଟେ ପଙ୍କା ଅଳସୁଆ । ସେ ତାକୁ ଦୁଇଟା ଶକ୍ତ ଚାପୁଡ଼ା ଦେଇ ଚାଲିଗଲେ ।

ମା'ଙ୍କ ଅନୁସାରେ, 'ଆଳସ୍ୟ ଖାଲି ଗୋଟିଏ ମନ୍ଦ ଗୁଣ ନୁହେଁ, ଏହା ଏକ ବ୍ୟାଧି – ଯାହାର କି କୌଣସି ଚିକିତ୍ସା ନାହିଁ, କୌଣସି ଔଷଧ ନାହିଁ ।' ତେଣୁ ଏଥିପାଇଁ ଯଥେଷ୍ଟ ଅଧିକ ଯତ୍ନବାନ୍ ହେବାକୁ ପଡ଼ିବ !

ସଂକଳ୍ପ କରିବା – ଆମ ଭିତରୁ ଆଳସ୍ୟର ସମସ୍ତ ଉପାଦାନକୁ ସମୂଳେ ଉପାଡ଼ି ଫୋପାଡ଼ି ଦେବା । ଦିବ୍ୟଜନନୀଙ୍କର ଏକ ଦିବ୍ୟ କର୍ମୀ ଭାବରେ ନିଜକୁ ଗଢ଼ିତୋଳିବା ।

❑❑❑

ଗୋଟିଏ ଟ୍ରେନ୍ ଟିକଟର ମୂଲ୍ୟ

କାହ୍ନୁଚରଣ ମହାକୁର

ଭଦ୍ରମହିଳା ବମ୍ବେରୁ ବାଙ୍ଗାଲୁରୁକୁ ଯାତ୍ରା କରୁଥିଲେ ରାତ୍ରୀକାଳୀନ ଟ୍ରେନ୍‌ରେ । ସେକେଣ୍ଡ କ୍ଲାସ ଡବାରେ ପ୍ରବଳ ଭିଡ଼ । ସମ୍ଭବତଃ କିଛି ଲୋକ ବିନା ଟିକଟରେ ପଶି ଆସିଥିଲେ ସଂରକ୍ଷିତ ଡବା ଭିତରକୁ । କିନ୍ତୁ ଯେତେବେଳେ ଟି.ଟି.ଇ. ଟିକଟ ଚେକ୍ କରିବାକୁ ଆସିଲା, ସେତେବେଳେ ଭଦ୍ରମହିଳା ଏକଥା ଜାଣିବାକୁ ପାଇଲେ ଯେ ତାଙ୍କ ସିଟ୍ ତଳେ ମଧ୍ୟ ଝିଅଟିଏ ଲୁଚି ଲୁଚି ଯାତ୍ରା କରୁଛି । ଟି.ଟି.ଇ. ଜୋର୍‌ରେ ଧମକ ଦେବାରୁ ତେର ଚଉଦ ବର୍ଷର ଶ୍ୟାମଳୀ ଝିଅଟିଏ ଭଦ୍ରମହିଳାଙ୍କ ସିଟ୍ ତଳୁ ବାହାରି ଆସିଲା । ସେ ଭୟରେ ଥରୁଥିଲା । ଟି.ଟି.ଇ. ତାକୁ ଯେତେ ଯାହା ପଚାରିଲେ ମଧ୍ୟ ଝିଅର ମୁହଁରୁ ଶବ୍ଦଟିଏ ବି ବାହାରିଲା ନାହିଁ । କ୍ରୋଧ ଜର୍ଜରିତ ହୋଇ ଟି.ଟି.ଇ. ତାକୁ ପରବର୍ତ୍ତୀ ଷ୍ଟେସନରେ ଓହ୍ଲାଇ ଦେବାକୁ ପ୍ରୟାସ କଲାବେଳକୁ ଭଦ୍ରମହିଳା ପ୍ରତିବାଦ କରି କହିଲେ –

''ଆପଣ ସେମିତି କରନ୍ତୁ ନାହିଁ, ପ୍ଲିଜ୍ । ଅଧରାତିରେ କିଶୋରୀ ଝିଅଟା ଏ ଅଚିହ୍ନା ଷ୍ଟେସନରେ ଓହ୍ଲାଇ କୁଆଡ଼େ ଯିବ ? ବରଂ ଆପଣ ତା' ପାଇଁ ଗୋଟେ ଟିକଟ କାଟି ଦିଅନ୍ତୁ ଏବଂ ମୋ'ଠାରୁ ତା'ର ଦାମ୍ ନେଇ ଯାଆନ୍ତୁ ।''

''ଟିକଟ କାଟିଲେ ତ' ଷ୍ଟାର୍ଟିଙ୍ଗ୍ ପଏଣ୍ଟରୁ ଟିକଟ କାଟିବାକୁ ପଡ଼ିବ ।'' କହିଲେ ଟି.ଟି.ଇ. ।

''ଠିକ୍ ଅଛି ବମ୍ବେରୁ ବାଙ୍ଗାଲୁରୁ ଯାଏ ଟିକଟ କାଟି ଦିଅନ୍ତୁ ।'' କହିଲେ ଭଦ୍ରମହିଳା । ତା' ପରେ ସେ ଝିଅଟି ପାଇଁ ଗୋଟିଏ ଖାଦ୍ୟ ପୁଡ଼ିଆ ମଧ୍ୟ ମଗାଇ ଦେଲେ । ସେ ପୁଡ଼ିଆଟି ନେଲା ହେଲେ ଖାଇଲା ନାହିଁ । ପଚାରିଲେ ବି କିଛି କହିଲା ନାହିଁ ।

ଏଥର ଭଦ୍ରମହିଳା ତା' ହାତରେ ଟିକଟଟି ଧରାଇ ଦେଇ କହିଲେ – ମୁଁ ଶୋଇବାକୁ ଯାଉଛି । ତୁ ଟିକଟ ନେ । ଯେଉଁଠି ଇଚ୍ଛା ସେଠି ଓହ୍ଲାଇ ଯିବୁ ।

ସକାଳେ ନିଦ ଭାଙ୍ଗିଲା ବେଳକୁ ଭଦ୍ର ମହିଳା ଦେଖିଲେ ଝିଅଟି ତଳେ ବସି ଘୁମାଉଛି । ପାଖରେ ଖାଦ୍ୟ ପୁଡ଼ିଆଟି ଖାଲି ପଡ଼ିଛି । ଭଦ୍ରମହିଳା ଆଶ୍ୱସ୍ତ ହେଲେ । ପାଖରେ ଖାଲି ଥିବା ଗୋଟେ ସିଟ୍‌ରେ ତାକୁ ବସିବାକୁ କହି ତା' ସହିତ କଥା ହେବାକୁ ଚେଷ୍ଟା କଲେ । ଝିଅଟି ମଧ୍ୟ ଭରସା ପାଇ ତା' ନିଜ କଥା କହିବାକୁ ଲାଗିଲା । ତା' ସହିତ କଥାବାର୍ତ୍ତାରୁ ଭଦ୍ରମହିଳା ଜାଣିବାକୁ ପାଇଲେ ଯେ ଝିଅଟିର ନାମ ଚିତ୍ରା । ମାଆ ତାକୁ ଜନ୍ମ ଦେଇ ଆରପାରିକୁ ଚାଲିଗଲା । ବାପା ଆଉଥରେ ବିବାହ କଲା । ସାବତ ମାଆ ତାକୁ ହଇରାଣ ହରକତ କରିବାକୁ ଲାଗିଲା । କିଛି ବର୍ଷ ପରେ ବାପା ମଧ୍ୟ ଆଖି ବୁଜିଦେଲା । ଏଥର ଚିତ୍ରା ପ୍ରତି ସାବତ ମାଆର ନିର୍ଯାତନା ବଢ଼ିବାରେ ଲାଗିଲା । ପରିସ୍ଥିତି ଏପରି ଅସମ୍ଭାଳ ହେଲା ଯେ ତାକୁ ଘର ଛାଡ଼ିବାକୁ ପଡ଼ିଲା । ଘର ଛାଡ଼ିଲା ସିନା, କିନ୍ତୁ ସେ କୁଆଡ଼େ ଯିବ ସେକଥା ତାକୁ ଜଣା ନାହିଁ ।

କଥାବାର୍ତ୍ତା ଭିତରେ ଟ୍ରେନ୍ ଆସି ବାଙ୍ଗାଲୁରୁ ଷ୍ଟେସନରେ ପହଞ୍ଚିଗଲା । ଏକାକୀ ଝିଅଟିକୁ ସେ ଆଉ କେଉଁଠି ଛାଡ଼ିବେ । ତେଣୁ ଚିତ୍ରାକୁ ସାଙ୍ଗରେ ନେଇ ଭଦ୍ରମହିଳା ସହରର ଏକ ଅନାଥାଶ୍ରମରେ ଯାଇ ପହଞ୍ଚିଲେ । ଅନାଥାଶ୍ରମର ପରିଚାଳକ ଥିଲେ ତାଙ୍କର ଜଣେ ପରିଚିତ ବନ୍ଧୁ । ସେ ଆଶ୍ରମର ମହିଳା ସୁପରଭାଇଜରଙ୍କ ହାତରେ ଚିତ୍ରାକୁ ସମର୍ପି ଦେଇ କହିଲେ, ''ଝିଅଟି କିଛି ଦିନ ପାଇଁ ଏଇଠି ଥାଉ । ଦୁଇ ସପ୍ତାହ ପରେ ମୁଁ ଫେରିଲେ ତା' ବିଷୟରେ କ'ଣ କରାଯାଇ ପାରିବ କଥା ହେବା ।''

ଦୁଇ ସପ୍ତାହ ପରେ ଭଦ୍ରମହିଳା ଆଶ୍ରମକୁ ଫେରି ଖବର ପାଇଲେ ଯେ ଚିତ୍ରା ଗତ ପନ୍ଦର ଦିନ ଭିତରେ ଆଶ୍ରମ ପରିବେଶ ସହ ନିଜକୁ ଖାପ ଖୁଆଇ ନେଇଛି । ଯାବତୀୟ କାମରେ ସହଯୋଗ କରୁଛି । ତା' ଠାରୁ ବୟସରେ ସାନ ପିଲାଙ୍କୁ ପାଠ ପଢ଼ାଉଛି ଏବଂ ନିଜେ ମଧ୍ୟ ପାଠ ପଢ଼ିବାରେ ଆଗ୍ରହ ରଖିଛି ।

ଏକଥା ଶୁଣି ଭଦ୍ରମହିଳା ଖୁସିରେ କୁଣ୍ଢେମୋଟ ହୋଇଗଲେ । ଆଶ୍ରମ ପରିଚାଳକଙ୍କ ପରାମର୍ଶ କ୍ରମେ ନିକଟସ୍ଥ ଏକ ହାଇସ୍କୁଲରେ ଚିତ୍ରାର ନାମ ଲେଖାଇ ଦିଆଗଲା ଏବଂ ତା'ର ଯାବତୀୟ ଖର୍ଚ୍ଚ ବହନ କରିବେ ବୋଲି ଭଦ୍ରମହିଳା ବି ପ୍ରତିଶ୍ରୁତି ଦେଲେ ।

ସମୟ ଗଡ଼ି ଚାଲିଥିଲା । ଦିନେ ଆଶ୍ରମ ପରିଚାଳକଙ୍କ

ପାଖରୁ ଭଦ୍ରମହିଳା ଏକ ଟେଲିଫୋନ୍ ବାର୍ତ୍ତା ପାଇଲେ ଯେ ଚିତ୍ରା ଦଶମ ଶ୍ରେଣୀ ପରୀକ୍ଷାରେ ୮୫% ନମ୍ବର ରଖି ପାସ କରିଛି । ଭଦ୍ରମହିଳାଙ୍କ ଖୁସି କହିଲେ ନସରେ । ସେ ଆଶ୍ରମରେ ପହଞ୍ଚି ଚିତ୍ରାକୁ ଅଭିନନ୍ଦନ ଜଣାଇଲେ ଓ ତା'ର ପରବର୍ତ୍ତୀ ଲକ୍ଷ୍ୟ ଓ ଯୋଜନା ସମ୍ପର୍କରେ ଜାଣିବାକୁ ଚାହିଁଲେ ।

ଚିତ୍ରା ଜଣାଇଲା ଯେ ସେ କମ୍ପ୍ୟୁଟର ସାଇନ୍ସରେ ଡିପ୍ଲୋମା କରିବାକୁ ଚାହୁଁଛି । ଭଦ୍ରମହିଳା ଚିତ୍ରାର ଇଚ୍ଛାକୁ ସମ୍ମାନ ଦେଇ କମ୍ପ୍ୟୁଟର ସାଇନ୍ସରେ ତା'ର ନାମ ଲେଖାଇ ଦେଲେ ଏବଂ ସେଥିପାଇଁ ଆବଶ୍ୟକ ହେଉଥିବା ଯାବତୀୟ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେଲେ ।

ତିନି ବର୍ଷ ପରେ ଚିତ୍ରା କମ୍ପ୍ୟୁଟର ସାଇନ୍ସରେ ସଫଳତାର ସହିତ ଡିପ୍ଲୋମା ହାସଲ କଲା ଏବଂ ଯୋଗ୍ୟତା ଅନୁସାରେ ସେ ଏକ ସଫ୍ଟୱେୟାର କମ୍ପାନୀରେ ଆସିଷ୍ଟାଣ୍ଟ୍ ଟେଷ୍ଟିଂ ଇଂଜିନିୟର ପଦରେ ଚାକିରି ମଧ୍ୟ ପାଇଗଲା । ଜୀବନର ପ୍ରଥମ ଦରମା ସେ ଆଶ୍ରମର ଅନ୍ତେବାସୀଙ୍କ ପାଇଁ ଉପହାର କିଣାରେ ବ୍ୟୟ କରି ଦେଲା ।

ଭଦ୍ରମହିଳା ଚିତ୍ରା ସମ୍ପର୍କରେ ଟିକିନିଖି ଖବର ରଖୁଥିଲେ ଓ ଖୁସି ହେଉଥିଲେ । ସେତେବେଳେ ସେ ଦିଲ୍ଲୀରେ ଥାଆନ୍ତି । ଦିନେ ଚିତ୍ରା ତାଙ୍କୁ ଫୋନ୍ କରି ଜଣାଇଲା ଯେ ସେ କାମ କରୁଥିବା କମ୍ପାନୀ ତା'ର କାର୍ଯ୍ୟକଳାପରେ ସନ୍ତୁଷ୍ଟ ହୋଇ ତାକୁ ଆମେରିକା ପଠାଉଛି । ବିଦେଶ ଯିବା ପୂର୍ବରୁ ସେ ଭଦ୍ରମହିଳାଙ୍କ ଆଶୀର୍ବାଦ ନେବାକୁ ଚାହୁଁଥିଲା ।

ଭଦ୍ରମହିଳା ତାକୁ ଜଣାଇଲେ, ''ତୁ ଯେଉଁଠି ଥିଲେ ବି ତୋ ସହ ମୋର ଆଶୀର୍ବାଦ ସଦାସର୍ବଦା ରହିଛି । ମୋ ସହ ନିୟମିତ ସମ୍ପର୍କ ରଖିଥିବୁ ।''

ଚିତ୍ରା ତାଙ୍କ କଥା ରଖିଥିଲା । ସେ ଭଦ୍ରମହିଳାଙ୍କୁ ନିୟମିତ ରୂପେ ମେଲ୍ କରୁଥିଲା । ଏ ଘଟଣାର କିଛି ବର୍ଷ ପରେ ଭଦ୍ରମହିଳା ଏକ ବ୍ୟାଖ୍ୟାନ ଦେବାକୁ ଆମନ୍ତ୍ରଣ ପାଇ ଆମେରିକାର ସାନ୍-ଫ୍ରାନ୍ସିସ୍କୋ ସହରରେ ଯାଇ ପହଞ୍ଚିଲେ । ଯେଉଁ ହୋଟେଲରେ ତାଙ୍କ ପାଇଁ ବ୍ୟାଖ୍ୟାନ ଦେବାର ବ୍ୟବସ୍ଥା ହୋଇଥିଲା ସୁବିଧା ଦୃଷ୍ଟିରୁ ଭଦ୍ରମହିଳା ସେଇ ହୋଟେଲରେହିଁ ଅବସ୍ଥାନ କରିଥିଲେ ।

କାର୍ଯ୍ୟକ୍ରମ ସମାପନ ପରେ ଭଦ୍ରମହିଳା ହୋଟେଲ ରୁମ୍ ଛାଡ଼ି ରିସେପ୍ସନ୍ କାଉଣ୍ଟରକୁ ଆସିଲେ ବିଲ୍ ପଇଠ କରିବା ପାଇଁ । ରିସେପ୍ସନିଷ୍ଟ୍ କହିଲେ – 'ମାଡ଼ାମ ଆପଣଙ୍କର ସବୁ ବିଲ୍ ପଇଠ ହୋଇଯାଇଛି । ସେଇଠି ଯେଉଁ ଭାରତୀୟ ଯୁବତୀ ଜଣଙ୍କ ଛିଡ଼ା ହୋଇଛନ୍ତି ସେ ଆପଣଙ୍କର ବିଲ୍ ପଇଠ କରିଛନ୍ତି । ଆପଣ ତାଙ୍କୁ ଜାଣିଥିବେ ନିଶ୍ଚୟ ।

ଭଦ୍ରମହିଳା ଆଶ୍ଚର୍ଯ୍ୟ ହୋଇ ପଛକୁ ଓଲଟି ଚାହିଁଲେ । ସେଠାରେ ଚିତ୍ରା ଛିଡ଼ା ହୋଇଥିଲା, ସାଙ୍ଗରେ ଜଣେ ଆମେରିକୀୟ ଯୁବକ । ଚିତ୍ରା ଦଉଡ଼ି ଆସି ଭଦ୍ରମହିଳାଙ୍କୁ ଖୁସି ଓ କୃତଜ୍ଞତାରେ କୁଣ୍ଢାଇ ପକାଇଲା । ଦୁହେଁ ତାଙ୍କର ପାଦ ଛୁଇଁଲେ ।

''ଚିତ୍ରା, କେମିତି ଅଛୁ ତୁ ? ଅନେକ ଦିନ ହେଲା ତୋ ସହିତ ଦେଖା ହୋଇ ନାହିଁ । ତୁ କେମିତି ଜାଣିଲୁ ଯେ ମୁଁ ସାନ୍-ଫ୍ରାନ୍ସିସ୍କୋ ଆସିଛି ?'' ପଚାରିଲେ ଭଦ୍ରମହିଳା ।

ପ୍ରତ୍ୟୁତ୍ତରରେ ଚିତ୍ରା କହିଲା – ''ଦିଦି, ମୁଁ ଏବେ ସାନ୍-ଫ୍ରାନ୍ସିସ୍କୋରେହିଁ ରହୁଛି । ଯେଉଁ ସଂଗଠନ ତରଫରୁ ଆପଣଙ୍କୁ ବ୍ୟାଖ୍ୟାନ ଦେବା ପାଇଁ ନିମନ୍ତ୍ରଣ ଦିଆଯାଇଥିଲା, ମୁଁ ମଧ୍ୟ ସେଇ ସଂଗଠନର ଜଣେ ସଦସ୍ୟ। ଅଟେ । ତେଣୁ ଆପଣଙ୍କର ଆମେରିକା ଗସ୍ତ ସମ୍ପର୍କରେ ମୋତେ ସବୁ ଖବର ମିଳି ସାରିଥିଲା । କିନ୍ତୁ ଆପଣଙ୍କୁ ସରପ୍ରାଇଜ୍ ଦେବା ପାଇଁ ମୁଁ ପୂର୍ବରୁ କିଛି ଜଣାଇ ନଥିଲି । ହଁ ଦିଦି, ଆପଣଙ୍କ ପାଇଁ ଆଉ ଗୋଟିଏ ଖୁସି ଖବର । ଆପଣ ଭାରତରେ ଥିଲାବେଳେ ମୋର ବିବାହ ପାଇଁ ବେଶୀ ଚିନ୍ତିତ ଥିଲେ । ଏହାଙ୍କୁ ଭେଟନ୍ତୁ(ସାଙ୍ଗରେ ଆସିଥିବା ଯୁବକଙ୍କ ସହ ପରିଚୟ କରାଇ କହିଲା), ଇଏ ହେଉଛନ୍ତି ମିଷ୍ଟର ଜନ୍ । ଆମେ ଦୁହେଁ ଗୋଟିଏ କମ୍ପାନୀରେ କାମ କରୁଛୁ । ଏଇ ବର୍ଷ ଶେଷ ଆଡ଼କୁ ଆମେ ଦୁହେଁ ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଯାଉଛୁ । ଆପଣଙ୍କୁ ଆସିବାକୁ ହେବ ଆମକୁ ଆଶୀର୍ବାଦ ଦେବା ପାଇଁ ।''

ଭଦ୍ରମହିଳା ଏତେ ଖୁସି ହୋଇଗଲେ ଯେ ତାଙ୍କ ମୁହଁରେ ଭାଷା ନଥିଲା । ସେ କେବଳ ଏତିକି ପଚାରିଲେ – ''କିନ୍ତୁ ଚିତ୍ରା, ତୁ ମୋର ହୋଟେଲ ବିଲ୍ ପଇଠ କଲୁ କାହିଁକି ?''

ଚିତ୍ରାର ଆଖିରେ ଲୁହ ଏବଂ କୃତଜ୍ଞତାର ଭାବ – ''ଦିଦି ଆପଣ ଯଦି ସେଦିନ ମୋତେ ସହଯୋଗ କରି ନଥା'ନ୍ତେ, ତେବେ ଜାଣେନା, ମୁଁ ଆଜି କେଉଁଠି ଥା'ନ୍ତି ? ହୁଏତ ରାଜ ରାସ୍ତାରେ ଭିକ ମାଗୁଥା'ନ୍ତି, କେଉଁ ବେଶ୍ୟାଳୟରେ ଥାଆନ୍ତି ଅଥବା ଆତ୍ମହତ୍ୟା କରି ସାରିଥା'ନ୍ତି । ଆପଣ ମୋତେ ନୂଆ ଜୀବନ ଦେଇଛନ୍ତି । ତେଣୁ ମୁଁ ଜୀବନସାରା ଆପଣଙ୍କ ନିକଟରେ

କୃତଜ୍ଞ ରହିବି ।'' ପ୍ରତ୍ୟୁତ୍ତରରେ ଭଦ୍ରମହିଳା କହିଲେ – ''ଦେଖ୍ ଚିତ୍ରା, ତୋର ସଫଳତାର ଯାତ୍ରାରେ ମୋର ଭୂମିକା ନଗଣ୍ୟ ମାତ୍ର । ଯେଉଁ ଆଶ୍ରମ ତୋତେ ଆଶ୍ରୟ ଦେଲା, ଯେଉଁ ସ୍କୁଲ ଓ ଅନୁଷ୍ଠାନରେ ତୁ ପାଠ ପଢ଼ିଲୁ, ଯେଉଁ କମ୍ପାନୀ ତୋତେ ଚାକିରି ଦେଲା ଓ ତୋତେ ଆମେରିକାରେ ଆଣି ପହଞ୍ଚାଇଲା – ତୋ ସଫଳତା ପଛରେ ଏ ସମସ୍ତଙ୍କର ଭୂମିକା କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ । ପୁନଶ୍ଚ, ତୁ ଏକ ନୂଆ ଜୀବନ ଆରମ୍ଭ କରିବାକୁ ଯାଉଛୁ । ତୋ ପାଇଁ ଅଧିକ ଅର୍ଥର ଆବଶ୍ୟକତା ଅଛି । ତୁ ମୋର ହୋଟେଲର ବିଲ୍ କାହିଁକି ପଇଠ କରୁଥିଲୁ ?''

ଚିତ୍ରା ଆଖିରେ ସେଇ କୃତଜ୍ଞତାର ଭାବ – ''କାରଣ ଆପଣ ସେଦିନ ମୋ ପାଇଁ ବମ୍ବେରୁ ବାଙ୍ଗାଲୁରୁ ଯାଏଁ ଗୋଟିଏ ଟ୍ରେନ୍ ଟିକଟ କିଣି ଥିଲେ । ତା'ର ପ୍ରତିବଦଳରେ ମୁଁ ଆଜି ଯାହାବି କଲି, ତାହା କିଛି ବି ନୁହେଁ ।'' ଦୁହେଁ ନିରବ, ନିର୍ବାକ୍ ।

ଏ କାହାଣୀ କେବଳ କାହାଣୀଟିଏ ନୁହେଁ । ଇନ୍‌ଫୋସିସ୍ (Infosys)ର ସହ-ସଂସ୍ଥାପକ ସୁଧା ମୂର୍ତ୍ତିଙ୍କ ଜୀବନର ଅଙ୍ଗେ ନିଭା କଥା, ଯାହାକୁ ସେ ପେଙ୍ଗୁଇନ୍ ଦ୍ୱାରା ପ୍ରକାଶିତ ପୁସ୍ତକ "The Day I stopped Drinking Milk''ରେ ବର୍ଣ୍ଣନା କରିଛନ୍ତି । ଜଣେ ମଣିଷର ନିଃସ୍ୱାର୍ଥପର ସେବା ଓ ସର୍ତ୍ତବିହୀନ ସହଯୋଗ ଆଉ ଜଣେ ମଣିଷକୁ ନେଇ ସଫଳତାର ଶିଖରରେ ପହଞ୍ଚାଇ ଦେଇପାରେ । ନର୍କକୁ ବି ସ୍ୱର୍ଗରେ ପରିଣତ କରିଦେଇ ପାରେ । ଏ କାହାଣୀ ଆମ ଦୃଷ୍ଟିକୁ ବ୍ୟାପକ କରି ଦେଉଛି, ପ୍ରସାରିତ କରି ଦେଉଛି । ସର୍ବୋପରି ଆମର ଦୃଷ୍ଟିକୋଣକୁ ନୂଆ ସଂଜ୍ଞାରେ ପରିଭାଷିତ କରି ଦେଇ ପାରୁଛି ।

('ସୁହୃତ୍' ପତ୍ରିକାର ମଇ - ୨୦୨୪
ସଂଖ୍ୟାରୁ ସଂଗୃହୀତ)

❑❑❑

Purity is perfect sincerity and one cannot have it unless the being is entirely consecrated to the Divine.

(CWM, Vol. 14, p. 149) *- The Mother*

Complete works of the Mother (Till stocks last) **– Rs. 2300**

The Great Adventure - A Diary for all times: (New Revised Edition) – Rs. 395

Ideal Child, Ideal Parent, Ideal Teacher (3in1) Booklet – Rs. 75

The Mother by Sri Aurobindo *with the Mother's comments* (*Sri Aurobindo's handwriting*) **– Rs. 50**

125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 150

VAK - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : 0413 - 2334542, 2336673, website: www.vakbooks.in

କାହାଣୀ :

ଚତୁରତାର ରୂପାନ୍ତର

ମନୋଜ ଦାସ

ଶେଠ୍‌ଜୀ ତୀର୍ଥଯାତ୍ରାରୁ ଫେରୁଥିଲେ । ନିଜ ବୋକଚାପତ୍ର ଧରି ସେ ଯେଉଁଠି ନୌକାରୁ ଓହ୍ଲାଇଲେ, ସେଠାରୁ ତାଙ୍କ ଘର ଦୁଇକ୍ରୋଶ ବାଟ । ତୀର୍ଥରେ ସେ ଯେତିକି ଖର୍ଚ୍ଚ କରିବେ ବୋଲି ଭାବିଥିଲେ, ତାହାଠୁଁ ସାମାନ୍ୟ ଅଧିକ ଖର୍ଚ୍ଚ ହୋଇ ଯାଇଥିଲା । ତେଣୁ ସେ ଯେତେଦୂର ସମ୍ଭବ ଖର୍ଚ୍ଚବାର୍ଚ୍ଚରେ ସତର୍କ ହେବାକୁ ସ୍ଥିର କରିଥିଲେ ।

ଘାଟର ଅଳ୍ପ ଦୂରରେ ହାଟ । ସେତେବେଳେ ହାଟ ଭାଙ୍ଗୁଥିଲା । ତାଙ୍କ ଘର ଯେଉଁ ଦିଗରେ, କେହି କେହି ହାଟବାହୁଡ଼ା ଲୋକ ସେ ଦିଗକୁ ମୁହାଁଇଥିଲେ । ସେ ଜଣକୁ ପଚାରିଲେ, ''ତୁମେ ମୋ ବୋଝଟି ହରିପୁର ଯାଏ ନେଇଯିବ ?''

''ନେଇ ଯିବି । ତେବେ ଚାରିଅଣା ମୂଲ ଦେବାକୁ ହେବ ।''

''ନାହିଁ, ନାହିଁ, ଦୁଇଅଣା ।''

''ତେବେ ତୁମେ ବାବୁ ନିଜେ ବୁହ; ନିଜେ ସେ ଦୁଇଅଣା ରଖ ।''

ଶେଠ୍‌ଜୀ ଆହୁରି ଦୁଇ ଚାରି ଜଣଙ୍କୁ ଦୁଇଅଣା, ଏପରିକି ତିନିଅଣା ବଦଳରେ ତାଙ୍କ ବୋଝ ହରିପୁରଯାଏ ନେଇ ଯିବାର ପ୍ରସ୍ତାବ ଦେଲେ । କିନ୍ତୁ ଚାରିଅଣାରୁ କମ୍‌ରେ କାମଟି କରିବାକୁ କେହି ରାଜି ହେଲେ ନାହିଁ ।

ନିଜେ ଟିକିଏ କଷ୍ଟ କରି ବୋକଚା ମୁଣ୍ଡାଇ ବାଟ ଚାଲିବାକୁ ସ୍ଥିର କରି ସେ ତା'କୁ ମୁଣ୍ଡାଇଲେ ଏବଂ ଦୁଇ ଚାରି ପାଦ ଆଗକୁ ଗଲେ ମଧ୍ୟ । କିନ୍ତୁ ବୋକଚା ପୁଣି ତଳେ ଥୋଇ ବସି ପଡ଼ିଲେ ।

ଜଣେ ସାଧୁ ଗୋଟାଏ ଗଛ ମୂଳରେ ବସି ତାଙ୍କୁ ଲକ୍ଷ୍ୟ କରୁଥିଲେ । ସେ ଶେଠ୍‌ଜୀଙ୍କୁ ଜାଣିଥିଲେ, ଯଦିଓ ଶେଠ୍‌ଜୀ ତାଙ୍କୁ ଜାଣି ନଥିଲେ ।

''ଶେଠ୍‌ଜୀ, ତୁମ ବୋଝ ମୁଁ ବୋହିଲେ ତୁମର ଆପତ୍ତି ଅଛି ?'' ସାଧୁ ପଚାରିଲେ ।

ଏଣେ ସାଧୁ ବେଶ ପକାଇଛି, ତେଣେ ଦୁଇ ପଇସା ଆୟ କରିବାକୁ ମନ ! ଶେଠ୍‌ଜୀ ଏହା ଭାବୁ ଭାବୁ କହିଲେ, ''କିନ୍ତୁ ଦୁଇଅଣାରୁ ଅଧିକ ଦେବି ନାହିଁ ।''

''ସେଥିରେ ଚଳିବ ନାହିଁ, ବାବୁ !''

''ତେବେ ତିନିଅଣା ।''

''ସେଥିରେ ବି ଚଳିବ ନାହିଁ । ତୁମକୁ ମୋ ସର୍ତ୍ତରେ ରାଜି ହେବାକୁ ପଡ଼ିବ ।'' ସାଧୁ କହିଲେ ।

''କ'ଣ ତୁମ ସର୍ତ୍ତ ?''

''ମୁଁ ତୁମ ବୋଝ ବୋହିବି । ତୁମେ ମୋତେ ଭଗବାନଙ୍କ ଲୀଳା ଶୁଣାଇ ଶୁଣାଇ ଚାଲିବ, ନଚେତ୍ ମୁଁ କହୁଥିବି, ତୁମେ ଶୁଣୁଥିବ ।''

ଶେଠ୍‌ଜୀଙ୍କୁ ଏ ସର୍ତ୍ତ ବେଶ୍ ଆମୋଦଦାୟକ ମନେ ହେଲା । ଲୋକଟା କ'ଣ ବୋକା କିଂବା ଅଧାପାଗଳିଆ ? ବୋଝ ବି ବୋହିବ, ସେ କିଛି ନ ଶୁଣାଇଲେ ନିଜେ ପୁଣି ଶୁଣାଇବ ।

''ଆଚ୍ଛା, ତୁମେ ବୋଝ ଧର; ଆଉ ମୋତେ ଯାହା ଶୁଣାଇବାର ଶୁଣାଅ ।'' ଶେଠ୍‌ଜୀ ସାଧୁ ମୁଣ୍ଡରେ ବୋଝଟି ଥୋଇ ଦେଉଁ ଦେଉଁ କହିଲେ ।

ଦୁହେଁ ଚାଲିଲେ । ସାଧୁ ଗପ ଆରମ୍ଭ କଲେ । ପ୍ରଥମେ ପ୍ରଥମେ ଶେଠ୍‌ଜୀ ଖାଲି ହୁଁ ହାଁ କରୁଥା'ନ୍ତି; ଭାବୁଥା'ନ୍ତି, ଘରୁ ମାସଟିଏ ଅନୁପସ୍ଥିତ ରହିବା ଭିତରେ ମହାଜନୀରେ ଯେତେ କ୍ଷତି ହେଲା, ତୀର୍ଥଯାତ୍ରାଜନିତ ପୁଣ୍ୟର ମୂଲ୍ୟ ସେତିକି ନା ତା'ଠୁଁ କମ୍ ନା ବେଶୀ – ଏହି ସବୁ ବ୍ୟାପାର ।

କିନ୍ତୁ ନିଜ ଅଜାଣତରେ ସେସବୁ ହିସାବ ନିକାଶରୁ ଯାଇ ମନ ସାଧୁଙ୍କ କଥାରେ ଲାଖି ହୋଇ ରହିଥିଲା, ତାହା ସେ ଜାଣିପାରି ନଥିଲେ । ସାଧୁ କହୁଥିଲେ ଭଗବତ୍ ଲୀଳାର ଅପୂର୍ବ କାହାଣୀମାନ – ପୁଲକପ୍ରଦ, ଜ୍ଞାନଗର୍ଭକ ତଥା ମଧୁର ।

ଶେଠ୍‌ଜୀ ଘରେ ପହଞ୍ଚିଲେ । ତାଙ୍କର ମନେହେଲା ପୂର୍ବବର୍ତ୍ତୀ ଘଡ଼ିଏ କାଳହିଁ ତାଙ୍କ ଜୀବନରେ ସବୁଠୁଁ ସୁଖମୟ ସମୟ ଥିଲା ।

''ସାଧୁଜି ! ଆପଣଙ୍କ ଦ୍ୱାରା ବୋଝ ବୁହାଇ ମୁଁ ପାପ କଲି । ମୁଁ ବାସ୍ତବିକ ମୂଢ଼ ।''

''ଶେଠ୍‌ଜୀ, ତୁମେ ଜ୍ଞାନୀ ନହୋଇପାର, ତେବେ ତୁମେ ଚତୁର।''

''ଜ୍ଞାନ ବିନା ଚତୁରତାର ବା ମୂଲ୍ୟ କ'ଣ, ସାଧୁଜି ?''

''କିଛି ନାହିଁ। କିନ୍ତୁ ତୁମେ ଯଦି ତୁମ ଚତୁରତାକୁ ଭଗବାନଙ୍କୁ ଅର୍ପଣ କରିବ ତେବେ ତାହା ଜ୍ଞାନରେ ପରିଣତ ହୋଇଯିବ।''

ସାଧୁ ଚାଲିଗଲେ। ଶେଠ୍‌ଜୀ ତାଙ୍କୁ ଅଟକାଇ ରଖି ପାରିଲେ ନାହିଁ।

ଚତୁରତାକୁ କେଉଁ ରୀତିରେ ସେ ଭଗବାନଙ୍କୁ ଅର୍ପଣ କରିବେ, ଶେଠ୍‌ଜୀ ତାହା ଠଉରାଇ ପାରୁ ନଥା'ନ୍ତି। ତେବେ ସର୍ବଦା ମନେ ମନେ କହୁଥା'ନ୍ତି, ''ହେ ଭଗବାନ୍, ମୋର ଚତୁରତାଠୁଁ ଅଧିକ ଗୁଣ ଆଉ କିଛି ନାହିଁ। ସେତକ ଗ୍ରହଣ କର।''

ଅଳ୍ପ ଦିନ ଉତ୍ତାରୁ ସାଧୁଜଣକ ପରଲୋକ ଗମନ କଲେ। ତା'ର ମାତ୍ର କେଇଦିନ ପରେ ଶେଠ୍‌ଜୀ ବି ଇହଧାମ ତ୍ୟାଗ କଲେ।

ଯମ ତାଙ୍କୁ ପ୍ରଶ୍ନ କଲେ, ''ଦେଖ ବାବୁ, ଜୀବନସାରା ତୁମେ ଅନେକ ଅନ୍ୟାୟ କରିଛ। ସେପାଇଁ ପୁଣି ଥରେ ଜନ୍ମନେବା ପୂର୍ବରୁ ଦୀର୍ଘଦିନ ନର୍କବାସ କରିବାକୁ ପଡ଼ିବ। ତେବେ ଘଡ଼ିଏ କାଳ ତୁମେ ଜଣେ ସାଧୁଙ୍କ ସାନ୍ନିଧ୍ୟରେ ଥିଲ। ସେ ବାବଦରେ ତୁମେ ଦିନଟିଏ ସ୍ୱର୍ଗରେ ରହି ପାରିବ। ପୁନର୍ଜନ୍ମ ପୂର୍ବରୁ ତୁମକୁ ଏ ଦୁଇ ପର୍ଯ୍ୟାୟରେ କାଳାତିପାତ କରିବାକୁ ପଡ଼ିବ। ଆଗେ ନର୍କବାସ କରିନେବ ନା ଆଗେ ସ୍ୱର୍ଗବାସ କରିନେଇ ପରେ ନର୍କବାସ କରିବ ?''

''ଶୁଣିଛି ସେ ସାଧୁ ବି ଆଉ ପୃଥିବୀରେ ନାହାନ୍ତି। ସେ କେଉଁଠି ?'' ଶେଠ୍‌ଜୀ ପଚାରିଲେ।

''ସ୍ୱର୍ଗରେ।''

''ମୁଁ ମୋ ସ୍ୱର୍ଗବାସ ସମୟତକ ତାଙ୍କ ସାନ୍ନିଧ୍ୟରେ ରହିପାରିବି ?''

''ପାରିବ। ତେବେ ଦିନଟିଏ ମାତ୍ର।''

ଶେଠ୍‌ଜୀଙ୍କ ଚେତନା ଯାଇ ସାଧୁଙ୍କ ଚେତନା ପାଖରେ ପହଞ୍ଚିଲା। ସେ ଅପୂର୍ବ ଶାନ୍ତିରେ ଦିନଟିଏ ବିତାଇଲେ।

କିନ୍ତୁ ଦିନକ ପରେ ଯମଦୂତମାନେ ଆସି ତାଙ୍କୁ ଦେଖିଲେ ସତ, କିନ୍ତୁ ସେ ସାଧୁଙ୍କ ସତ୍ତା ସହ ଏଭଳି ଏକାତ୍ମ ହୋଇ ଯାଇଥିଲେ ଯେ ତାଙ୍କୁ ନନେଇ ସେମାନେ ଫେରିଗଲେ।

ଯମ କହିଲେ, ''ଠିକ୍ ଅଛି। ପରବର୍ତ୍ତୀ ଜନ୍ମ ପାଇଁ ସମୟ ଆସିବା ପର୍ଯ୍ୟନ୍ତ ସେ ସେହିଠି ଥାଉ।''

ସେ କଥା ଜାଣି ଶେଠ୍‌ଜୀଙ୍କ ଚେତନା କହିଲା, ''ମୁଁ କେଡ଼େ ଭାଗ୍ୟବାନ୍ !''

''ଯେହେତୁ ତୁମେ ତୁମ ଚତୁରତାକୁ ଭଗବାନଙ୍କୁ ଅର୍ପଣ କରିଥିଲ, ତାହା ବିଜ୍ଞତାରେ ପରିଣତ ହୋଇ ଯାଇଥିଲା। ସେହି ବିଜ୍ଞତା ଯୋଗୁଁ ତୁମେ ମୋ ସାନ୍ନିଧ୍ୟକୁ ଆସିବାର ଆବେଦନ ଜଣାଇଲ। ପରଜନ୍ମରେ ତୁମେ ଉନ୍ନତ ଚେତନାର ଅଧିକାରୀ ହେବ।'' ଜଣାଇଲା ସାଧୁଙ୍କ ସତ୍ତା।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ, ପୃ.୨୦୫-୨୦୮)

❑❑❑

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି। ଉପରୋକ୍ତ କାହାଣୀ **'ଚତୁରତାର ରୂପାନ୍ତର'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ମଣିଷ ଚେତନାର ଏଭଳି ଅଙ୍ଗ ନାହିଁ, ଯାହା ଘଟଣାଚକ୍ରରେ ତା'ର ଆଧ୍ୟାତ୍ମିକ ସୌଭାଗ୍ୟର ମାଧ୍ୟମ ନ ହୋଇପାରେ।''

(ଡଟ୍ରେବ : ପୃଷ୍ଠା : ୩୩୬)



ଯଦି ତୁମେ ସର୍ବଦା ଜୀବନର ପ୍ରତ୍ୟେକ ଅବସ୍ଥାରେ ହସିଦେଇ ପାରିବ, ତେବେ ଜୀବନ ମଧ୍ୟ ତୁମକୁ ସେହି ହସ ଦ୍ୱାରାହିଁ ସ୍ୱୀକାର କରିନେବ।

(CWM, Vol. 14, p. 178) — ଶ୍ରୀମା

ବିଶ୍ୱାମିତ୍ର

ବନମାଳୀ ଆଚାର୍ଯ୍ୟ

ମହର୍ଷି ବିଶ୍ୱାମିତ୍ରଙ୍କ କାହାଣୀ ଜଣେ ଦାମ୍ଭିକ ଯୋଦ୍ଧା ଓ କ୍ଷତ୍ରିୟ ରାଜାରୁ ବ୍ରହ୍ମର୍ଷି ହେବାଯାଏ ଏକ ଶକ୍ତିଶାଳୀ ଯାତ୍ରା । ସେହି ମହାନ୍ ଋଷି ବୈଦିକ ଯୁଗର ଜଣେ ଶ୍ରେଷ୍ଠ ଯୋଗୀ, ଦ୍ରଷ୍ଟା ଓ ରଚୟିତା ଭାବରେ ଯୁଗ ଯୁଗକୁ ଅମର ହୋଇ ରହିଛନ୍ତି । ସମୁଜ୍ଜ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ, ଦୃଢ଼ ସଙ୍କଳ୍ପ, ଇଚ୍ଛାଶକ୍ତି, ଅଲୌକିକ କ୍ରିୟାକଳାପ ଓ ତପସ୍ୟା ଯୋଗୁଁ ସେ ଆଜି ବି ସମସ୍ତଙ୍କର ପ୍ରାତଃ-ସ୍ମରଣୀୟ । ଏହି ଭାରତୀୟ ସିଦ୍ଧଯୋଗୀ ଥିଲେ ଚନ୍ଦ୍ରବଂଶୀ ରାଜା ଗାଧୀଙ୍କ ପୁତ୍ର । ତାଙ୍କର ପିତାମହ ଥିଲେ କୁଶନାଭ ଓ ପ୍ରପିତାମହ ମହାରାଜ କୁଶ । ତାଙ୍କ ନିଜର ମୂଳନାମ ଥିଲା କୌଶିକ ଏବଂ ସେ କାନ୍ୟକୁବ୍ଜ ରାଜ୍ୟର ଜଣେ ପରାକ୍ରମଶାଳୀ ରାଜା ଥିଲେ । ଜନ୍ମରୁ ସେ କ୍ଷତ୍ରିୟ ଥିଲେ ଏବଂ କୁଶିକ ବଂଶରେ ଜନ୍ମ ନେଇଥିବାରୁ ନିଜକୁ କୌଶିକ ନାମରେ ପରିଚିତ କରାଇଲେ । ଦିନେ ଶିକାର ଉଦ୍ଦେଶ୍ୟରେ ସେ ସୈନ୍ୟସାମନ୍ତ ନେଇ ବନଗମନ କଲେ । କ୍ଲାନ୍ତି ଦୂର କରିବା ସକାଶେ ସେ ନିକଟରେ ଥିବା ବ୍ରହ୍ମର୍ଷି ବଶିଷ୍ଠଙ୍କ ଆଶ୍ରମକୁ ଆଗମନ କଲେ । ବଶିଷ୍ଠ ଜଣେ ସୁବିଖ୍ୟାତ ସିଦ୍ଧଯୋଗୀ ବ୍ରାହ୍ମଣ ଥିଲେ । ସେ ରାଜା କୌଶିକ ଏବଂ ତାଙ୍କର ସୈନ୍ୟମାନଙ୍କୁ ସାଦର ଅଭ୍ୟର୍ଥନା ଜଣାଇଲେ । ବଶିଷ୍ଠଙ୍କର ନନ୍ଦିନୀ ନାମରେ ତାଙ୍କର ଏକ ଯୋଗସିଦ୍ଧ କାମଧେନୁ ଥିଲା । ତାହାର ସହାୟତାରେ ସେ ଅତିଥିମାନଙ୍କର ଭବ୍ୟ ସତ୍କାର କଲେ । ଜଣେ ସର୍ବତ୍ୟାଗୀ ଋଷିଙ୍କ ଦ୍ୱାରା ଏଭଳି ରାଜକୀୟ ସତ୍କାର ରାଜା କୌଶିକଙ୍କୁ ସନ୍ଦେହରେ ପକାଇଲା । ବଶିଷ୍ଠଙ୍କ ଠାରୁ ସେ ଦିବ୍ୟଧେନୁର ମାହାତ୍ମ୍ୟ ବିଷୟରେ ଜାଣିବାକୁ ପାଇଲେ । ସେ ଭାବିଲେ, ଜଣେ ରାଜାଭାବେ ସେପରି କାମଧେନୁର ମାଲିକ ସେ ନିଜେ, ବଶିଷ୍ଠ ନୁହଁନ୍ତି । ଲୋଭ ଓ ଗର୍ବରେ ପ୍ରଭାବିତ ରାଜା ଋଷି ବଶିଷ୍ଠଙ୍କୁ ଧେନୁ ନନ୍ଦିନୀକୁ ତାଙ୍କୁ ଅର୍ପଣ କରିଦେବା କଥା ଉଠାଇଲେ । ବଶିଷ୍ଠ ତାଙ୍କ କଥାରେ ରାଜି ହେଲେ ନାହିଁ । ଏଥିରେ ରାଜା କ୍ଷୁବ୍ଧ ହୋଇ ବଳ ପ୍ରୟୋଗ କରି ନନ୍ଦିନୀକୁ ନେବା ସକାଶେ ସୈନ୍ୟମାନଙ୍କୁ ଆଦେଶ ଦେଲେ । ଫଳରେ ଏକ ସଂଗ୍ରାମର ସୂତ୍ରପାତ ହେଲା । ନନ୍ଦିନୀଙ୍କ ଦେହରୁ ଶକ୍ତିଶାଳୀ ଦେବପୁରୁଷମାନେ ଆବିର୍ଭୂତ ହେଲେ ଏବଂ କୌଶିକଙ୍କର ସୈନ୍ୟମାନଙ୍କୁ ଅଚିରେ ପରାସ୍ତ କଲେ । ପରାଜୟର ଗ୍ଲାନି ରାଜା କୌଶିକଙ୍କ ଜୀବନର ଗତିପଥକୁ ବଦଳାଇ ଦେଲା । ସେ ବୁଝି ପାରିଲେ ବ୍ରାହ୍ମଣଙ୍କ ବ୍ରହ୍ମତେଜ ନିକଟରେ କ୍ଷତ୍ରିୟଙ୍କ ଶାରୀରିକ ବା ରାଜନୈତିକ ବଳ ତୁଚ୍ଛ । ଏହାପରେ ସେ ନିଜ ରାଜ୍ୟର ଭାର ପୁତ୍ରକୁ ଅର୍ପଣ କରି ହିମାଳୟକୁ ଗମନ କଲେ ଏବଂ ଭଗବାନ୍ ସଦାଶିବଙ୍କୁ କଠୋର ତପସ୍ୟା କଲେ ।

ତପସ୍ୟା କାଳରେ ସେ କେତେକ ଦିବ୍ୟାସ୍ତ୍ର ପ୍ରାପ୍ତ ହେଲେ । ତାଙ୍କ ଭିତରେ ଆଧ୍ୟାତ୍ମିକ ଉପଲବ୍ଧିମାନ ଆସିଲା । ମାତ୍ର ସେ ଅହଂକାର ବିମୁକ୍ତ ନଥିଲେ । ଯୋଗଲବ୍ଧ ତପଃଶକ୍ତି ଲାଭ କରିଥିବା କାରଣରୁ ତାଙ୍କର ଅହଂଭାବ ବଢ଼ିଗଲା ଏବଂ ସେ ନିଜକୁ ବଶିଷ୍ଠଙ୍କ ଅପେକ୍ଷା ଅଧିକ ବଳବାନ୍ ମନେ କଲେ । ପ୍ରତିଶୋଧ-ପରାୟଣ ହୋଇ ସେ ତାଙ୍କୁ ଯୁଦ୍ଧ ଡାକରା ଦେଲେ । ଏଥର ବି ବଶିଷ୍ଠଙ୍କ ତପଃଶକ୍ତି ନିକଟରେ କୌଶିକଙ୍କର ସମସ୍ତ ଦିବ୍ୟାସ୍ତ୍ର ବିଫଳ ହେଲା । ସେ ଅନୁଭବ କଲେ, ପ୍ରକୃତ ଶକ୍ତି ଅହଂକାର, ଗର୍ବ ବା ଦାମ୍ଭିକତା ଭିତରେ ନଥାଏ । ଏହା ଆତ୍ମଶୁଦ୍ଧି, ଆତ୍ମସଂଯମ ଓ କ୍ଷମା ଭିତରେ ଥାଏ । ଏହାପରେ ସେ ପୁନର୍ବାର ତପଃ ଆଚରଣରେ ଦୃଢ଼ ସଂକଳ୍ପର ଭାବ ରଖି ମନ ଦେଲେ । ନିଜ ପ୍ରକୃତିର ଦୁର୍ବଳତାକୁ ଦୂର କରିବାକୁ ଯାଇ ସେ ବହୁ ବର୍ଷ ଧରି ତପସ୍ୟା କଲେ । କୁହାଯାଏ ସେ ଏକ ହଜାର ବର୍ଷ ଧରି ତପସ୍ୟା କରିଥିଲେ । ତପସ୍ୟା କାଳରେ ରାଜା କୌଶିକ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇଥିଲେ ଏବଂ ମହର୍ଷି ବିଶ୍ୱାମିତ୍ର ନାମରେ ପରିଚିତ ହେଲେ । ସ୍ୱର୍ଗର ଇନ୍ଦ୍ରସଭାରୁ ପ୍ରେରିତ ଅନିନ୍ଦ୍ୟ ରୂପବତୀ ଅପ୍ସରା ମେନକାଙ୍କ ଅପ୍ରତ୍ୟାଶିତ ଆବିର୍ଭାବ ବିଶ୍ୱାମିତ୍ରଙ୍କ ସାଧନା-ଜୀବନରେ ଏକ ବଡ଼ ବାଧା ଥିଲା । ବିଶ୍ୱାମିତ୍ରଙ୍କ କଠୋର ତପସ୍ୟା କାରଣରୁ ଦେବରାଜ ଇନ୍ଦ୍ରଙ୍କ ମନରେ ଆଶଙ୍କାର କଳାମେଘ ଘୋଟି ଆସିଲା । ଇନ୍ଦ୍ରପଦ ଚାଲିଯିବାର ଭୟ ତାଙ୍କୁ ଧୀରେ ଧୀରେ ଅସ୍ଥିରତାର ବଳୟ ମଧ୍ୟକୁ ଟାଣି ନେଉଥିଲା । ତେଣୁ ସେ ସୁନ୍ଦରୀ ଲାସ୍ୟମୟୀ ମେନକାଙ୍କୁ ବିଶ୍ୱାମିତ୍ରଙ୍କ ତପସ୍ୟା ଭଙ୍ଗ କରିବା ଉଦ୍ଦେଶ୍ୟରେ ଧରାଧାମକୁ ପ୍ରେରଣ କଲେ । ହିନ୍ଦୁ ପୁରାଣ ଶାସ୍ତ୍ର ଅନୁସାରେ ମେନକା ଇନ୍ଦ୍ରଙ୍କ ଦରବାରରେ ରମ୍ଭା ଓ ଉର୍ବଶୀଙ୍କ ଭଳି ଜଣେ

ଅପରୂପା ଅପ୍ସରା ଓ ନୃତ୍ୟାଙ୍ଗନା ଥିଲେ । ଏହା ବ୍ୟତୀତ ସେ ଥିଲେ ଇନ୍ଦ୍ରପୁରୀର ସମସ୍ତଙ୍କ ଠାରୁ ବଳି ବୁଦ୍ଧିମତୀ ଓ କାର୍ଯ୍ୟ ସମ୍ପାଦନରେ ଜଣେ ନିପୁଣା ଅପ୍ସରା । ଯେତେବେଳେ ମେନକା ବିଶ୍ୱାମିତ୍ରଙ୍କ ଆଶ୍ରମ ସମ୍ମୁଖରେ ନୃତ୍ୟ ଆରମ୍ଭ କଲେ, ସେତେବେଳେ ସେ ସ୍ଥାନର ଶାନ୍ତ ବାତାବରଣ ମଧ୍ୟରେ ଚଞ୍ଚଳତା ଖେଳିଗଲା । ମହର୍ଷିଙ୍କ ମନ ଅସ୍ଥିର ହେବାରେ ଲାଗିଲା । ତାଙ୍କ ତନୁ, ମନରେ କାମନାବାସନାର ଶିହରଣ ସୃଷ୍ଟି ହେଲା । ମେନକାଙ୍କ ରୂପଲାବଣ୍ୟ ଦେଖି ସେ ମୋହିତ ହେଲେ ଏବଂ ତାଙ୍କ ପ୍ରତି ଆକର୍ଷିତ ହେଲେ । ବିଶ୍ୱାମିତ୍ର ଓ ମେନକା କିଛିକାଳ ଏକତ୍ର ବିତାଇଲେ । ସେମାନଙ୍କର ଗୋଟିଏ କନ୍ୟା ସନ୍ତାନ ଶକୁନ୍ତଳାର ଜନ୍ମ ହେଲା । ଏହାପରେ ମେନକା ନିଜର ସ୍ୱର୍ଗୀୟ ଅସ୍ତିତ୍ୱ ଓ କର୍ତ୍ତବ୍ୟ ବିଷୟରେ ସଚେତନ ହୋଇ ଉଠିଲେ । ନିଜର କନ୍ୟା ସନ୍ତାନ ଓ ବିଶ୍ୱାମିତ୍ରଙ୍କୁ ପରିତ୍ୟାଗ କରି ସେ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କଲେ । ଏହିସବୁ ଘଟଣା ଅଧିକତର ଭାବେ ଜଣେ ଋଷିଙ୍କ ଜୀବନର ଗଭୀର ଆଧ୍ୟାତ୍ମିକ ଅନୁଭୂତିରେ ନିହିତଥିବା ପ୍ରତୀକାତ୍ମକ ଅର୍ଥକୁ ପରିପ୍ରକାଶ କରେ ।

ନିଜ ଯୋଗ-ପଥରୁ ବିଚ୍ୟୁତ ହୋଇଥିବାରୁ ବିଶ୍ୱାମିତ୍ରଙ୍କ ମନରେ ବଡ଼ ପଶ୍ଚାତ୍ତାପ ଆସିଲା । ନିଜ ଭ୍ରମକୁ ସୁଧାରିବା ପାଇଁ ସେ ସଂକଳ୍ପବଦ୍ଧ ହେଲେ । ମହର୍ଷି କଣ୍ୱଙ୍କ ହାତରେ ଶିଶୁକନ୍ୟା ଶକୁନ୍ତଳାର ଲାଳନପାଳନ ଭାର ଅର୍ପଣ କରି ସେ ପୁନର୍ବାର ତପସ୍ୟାରେ ମଗ୍ନ ହେଲେ । ପରବର୍ତ୍ତୀକାଳରେ ଶକୁନ୍ତଳା ରାଜା ଦୁଷ୍ମନ୍ତଙ୍କୁ ବିବାହ କଲେ । ସେମାନଙ୍କର ପୁତ୍ର ସନ୍ତାନର ନାମ ଭରତ । ଭରତଙ୍କ ନାମ ଅନୁସାରେ ଆମ ଦେଶର ନାମ ଭାରତ ହୋଇଛି । ଏଥିରୁ ଏହା ଅବଶ୍ୟ ସୂଚିତ ହୁଏ ଯେ, ଭରତ ଉଭୟ ସ୍ୱର୍ଗୀୟ ଉପାଦାନ ଓ ପାର୍ଥିବ ଉପାଦାନକୁ ଧାରଣ କରିଥିଲେ ଏବଂ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ସେସବୁ ଏବେ ବି ବିକଶିତ ହୋଇ ଚାଲିଛି । ମେନକା ଜଣେ ସ୍ୱର୍ଗୀୟ ସତ୍ତା ହେଲେ ବି ସେ କାମନାବାସନା ଓ ସ୍ୱାର୍ଥହାସଲ କରିବା ଆଦିରୁ ମୁକ୍ତ ନଥିଲେ । ତାଙ୍କର ଶିଶୁ କନ୍ୟା ଶକୁନ୍ତଳାକୁ ପରିତ୍ୟାଗ କରି ସ୍ୱର୍ଗ ଗମନ କରିବାଟା ମାତୃତ୍ୱ ପ୍ରତି ଅବମାନନା କରିଥିବା ବୋଧହୁଏ । ମାତ୍ର କର୍ତ୍ତବ୍ୟ ପ୍ରତି ଅଧିକ ଧ୍ୟାନ ଦେଇ ଏପରି କରିବାକୁ ହୁଏତ ସେ ବାଧ୍ୟ ହୋଇଥିଲେ । ତାଙ୍କର ଉପସ୍ଥିତି ବିଶ୍ୱାମିତ୍ରଙ୍କ ସାଧନା କ୍ଷେତ୍ରରେ ବାଧା ସୃଷ୍ଟି କରିଥିଲା । ପରୋକ୍ଷରେ ଏହି ପ୍ରକାର ବିରୋଧ ବିଶ୍ୱାମିତ୍ରଙ୍କୁ ଆନ୍ତର ଶୁଦ୍ଧି ଦିଗରେ ଆଗକୁ ନେଇ ଯାଇଥିଲା । ମନେହୁଏ, ସେହି ମହାନ୍ ଋଷିଙ୍କ ଆଧ୍ୟାତ୍ମିକ ଅଗ୍ରଗତି ସକାଶେ ଏସବୁ ପୂର୍ବନିର୍ଦ୍ଦିଷ୍ଟ ଥିଲା ।

ବିଶ୍ୱାମିତ୍ରଙ୍କ ସାଧନା କ୍ଷେତ୍ରରେ ଅନ୍ୟ ଏକ ପ୍ରତିବନ୍ଧକ ଥିଲା । ଏହା ହେଲା ଇକ୍ଷ୍ୱାକୁ ବଂଶର ରାଜା ତ୍ରିଶଙ୍କୁଙ୍କ ଇଚ୍ଛା ପୂରଣ ଦିଗରେ ତାଙ୍କୁ ସାହାଯ୍ୟ କରିବା । ରାଜା ତ୍ରିଶଙ୍କୁ ସ୍ୱଶରୀରରେ ସ୍ୱର୍ଗାରୋହଣ କରିବାକୁ ଇଚ୍ଛା ପ୍ରକଟ କଲେ, ଯାହାକି ପ୍ରାକୃତିକ ନିୟମକୁ ବିରୋଧ କରୁଥିଲା । ସେ ବ୍ରହ୍ମର୍ଷି ବଶିଷ୍ଠଙ୍କ ସାହାଯ୍ୟ ଲୋଡ଼ିଲେ । ମାତ୍ର ବଶିଷ୍ଠ ଓ ତାଙ୍କର ପୁତ୍ରମାନେ ତାଙ୍କୁ ଏ ଦିଗରେ ସାହାଯ୍ୟ କରିବାକୁ ମନା କଲେ । ତ୍ରିଶଙ୍କୁ କ୍ରୋଧିତ ହୋଇ ବଶିଷ୍ଠଙ୍କ ପୁତ୍ରମାନଙ୍କୁ ଭର୍ତ୍ସନା କଲେ । ସେମାନେ ମଧ୍ୟ ତାଙ୍କୁ ଚଣ୍ଡାଳ ହୋଇଯିବାକୁ ଅଭିଶାପ ଦେଲେ । ଏହାପରେ ତ୍ରିଶଙ୍କୁଙ୍କ ସଭାସଦ୍ ଓ ମନ୍ତ୍ରୀମାନେ ରାଜାଙ୍କର ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ପରିତ୍ୟାଗ କଲେ । ନିଜ ଲକ୍ଷ୍ୟ ପୂରଣ ସକାଶେ ତ୍ରିଶଙ୍କୁ ମହର୍ଷି ବିଶ୍ୱାମିତ୍ରଙ୍କ ଠାରୁ ସାହାଯ୍ୟ ଚାହିଁଲେ ଏବଂ ତାଙ୍କର ସମ୍ମତି ପ୍ରାପ୍ତ ହେଲେ । ଏକ ବିରାଟ ଯଜ୍ଞର ଆୟୋଜନ କରାଗଲା । ଋଷିଗଣ ଏଥିରେ ଯୋଗଦାନ କଲେ, ମାତ୍ର ବଶିଷ୍ଠ ଓ ତାଙ୍କର ପୁତ୍ରମାନେ ଯୋଗ ଦେଲେ ନାହିଁ । ଦେବତାମାନେ ମଧ୍ୟ ଯୋଗ ଦେଲେ ନାହିଁ । ବିଶ୍ୱାମିତ୍ର ନିଜର ତପଃଶକ୍ତି ଦ୍ୱାରା ତ୍ରିଶଙ୍କୁଙ୍କୁ ସ୍ୱର୍ଗକୁ ପଠାଇବାର ବ୍ୟବସ୍ଥା କଲେ । ଦେବରାଜ ଇନ୍ଦ୍ର ଗୁରୁଦ୍ରୋହୀ ତ୍ରିଶଙ୍କୁଙ୍କ ସ୍ୱର୍ଗ ଅନୁପ୍ରବେଶକୁ ବିରୋଧ କଲେ । ତ୍ରିଶଙ୍କୁ ପୁନର୍ବାର ତଳକୁ ଆସିଲେ ଏବଂ ମଝି ବାଟରେ ଅଟକି ରହିଲେ । ବିଶ୍ୱାମିତ୍ର ତାଙ୍କର ତପଃଶକ୍ତି ବଳରେ ତାଙ୍କ ପାଇଁ ଏକ ନୂଆ ସ୍ୱର୍ଗ ନିର୍ମାଣ କଲେ । ସପ୍ତର୍ଷି ମଣ୍ଡଳର ଦକ୍ଷିଣକୁ ତ୍ରିଶଙ୍କୁ ନକ୍ଷତ୍ରମଣ୍ଡଳ ରହିଛି । ଆଧୁନିକ ବିଜ୍ଞାନ ଏବଂ ମହାକାଶ ଗବେଷଣା ସଂସ୍ଥାର ଏଥିସହ ସମ୍ପର୍କ ଥିବାର ଜଣାଯାଏ । ତତ୍କାଳୀନ ସମୟରେ ତ୍ରିଶଙ୍କୁଙ୍କୁ ସାହାଯ୍ୟ କରିବା ଦ୍ୱାରା ବିଶ୍ୱାମିତ୍ରଙ୍କ ତପଃଶକ୍ତିରେ ଅପଚୟ ଘଟିଥିଲା । ଏପରି ଘଟିଥିଲେ ମଧ୍ୟ ତାଙ୍କର ଦୃଢ଼ ସଂକଳ୍ପ ଓ ନିରନ୍ତର ପ୍ରୟାସ ତପସ୍ୟା ଦିଗରେ ତାଙ୍କୁ ଆଗକୁ ନେଇଯିବାରେ ସହାୟକ ହୋଇଥିଲା । ରାଜାରୁ ରାଜର୍ଷି, ପରେ ମହର୍ଷି ଓ ପରିଶେଷରେ ବ୍ରହ୍ମାଙ୍କ ଠାରୁ କୃପାଲାଭ କରି ସେ ବ୍ରହ୍ମର୍ଷି ହେଲେ । ସେ ସକଳ ଆସକ୍ତି ଓ ଅହଂଭାବର ଊର୍ଦ୍ଧ୍ୱରେ ରହିଲେ । ସ୍ୱୟଂ ବ୍ରହ୍ମର୍ଷି ବଶିଷ୍ଠ ତାଙ୍କର ଦୀକ୍ଷାଗୁରୁ ହେଲେ ଏବଂ ତାଙ୍କୁ ବ୍ରହ୍ମର୍ଷି ବୋଲି ସମ୍ବୋଧନ କଲେ । ବ୍ରାହ୍ମଣ କୁଳରେ ଜନ୍ମ ହୋଇ ନଥିଲେ ମଧ୍ୟ ଦିନେ ସେ ଜଗତର ଜଣେ ଶ୍ରେଷ୍ଠ ବ୍ରହ୍ମଜ୍ଞାନୀ

ବ୍ରହ୍ମର୍ଷି ହୋଇ ପାରିଲେ ଏବଂ ସାଧନା କ୍ଷେତ୍ରରେ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଥିଲେ ।

ସୂର୍ଯ୍ୟବଂଶୀ ମହାରାଜ ହରିଶ୍ଚନ୍ଦ୍ର ମଧ୍ୟ ମହର୍ଷି ବିଶ୍ୱାମିତ୍ରଙ୍କ କଠୋର ପରୀକ୍ଷାର ସମ୍ମୁଖୀନ ହୋଇଥିଲେ । ଅବଶ୍ୟ ସକଳ ଐଶ୍ୱର୍ଯ୍ୟ, ରାଜ୍ୟ, ପତ୍ନୀ ଓ ପୁତ୍ରଙ୍କଠାରୁ ବିଚ୍ଛିନ୍ନ ରାଜା କୌଶସି ପରିସ୍ଥିତିରେ ବି ସତ୍ୟ ଓ ଧର୍ମ ପଥରୁ ବିଚ୍ୟୁତ ହୋଇ ନଥିଲେ । ଶେଷରେ ମହାରାଜା ହରିଶ୍ଚନ୍ଦ୍ରଙ୍କର ସକଳ ରାଜ ଐଶ୍ୱର୍ଯ୍ୟ, ପୁତ୍ର ରୋହିତାଶ୍ୱର ଜୀବନ, ପତ୍ନୀ ଓ ରାଜ୍ୟ ମହର୍ଷି ବିଶ୍ୱାମିତ୍ର ତାଙ୍କୁ ଫେରାଇ ଦେଇଥିଲେ । ତାଙ୍କଠାରୁ ବିଶେଷ ଭାବରେ ଆଶୀର୍ବାଦ ଲାଭ କରି ରାଜା ହରିଶ୍ଚନ୍ଦ୍ର ରାଜର୍ଷି ହୋଇଥିଲେଏବଂ ଯୁଗ ଯୁଗ ଧରି ସମସ୍ତଙ୍କ ପାଇଁ ଆଦର୍ଶ ହୋଇଗଲେ । ବିଶ୍ୱାମିତ୍ର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କର ପ୍ରଥମ ଗୁରୁ ହୋଇ ସେମାନଙ୍କୁ ଧନୁର୍ବିଦ୍ୟା ଓ ଅନ୍ୟାନ୍ୟ ଶିକ୍ଷା ପ୍ରଦାନ କରିଥିଲେ । ସେମାନଙ୍କ ଦ୍ୱାରା ତାଡ଼କା ଓ ସୁବାହୁ ଆଦି ରାକ୍ଷସମାନଙ୍କର ବଧ କରାଇଥିଲେ । ଅଭିଶାପରେ ପଥର ପାଲଟି ଥିବା ଅହଲ୍ୟାଙ୍କୁ ଶ୍ରୀରାମଙ୍କ ପାଦସ୍ପର୍ଶ ଦେଇ ମୁକ୍ତ କରାଇଥିଲେ । ଶ୍ରୀରାମ ଓ ସୀତାଙ୍କ ବିବାହ ସମ୍ପନ୍ନ କରାଇଥିଲେ । ଜାଗତିକ ମଙ୍ଗଳ ସାଧନା ତାଙ୍କ ଜୀବନର ବ୍ରତ ଥିଲା । ବିଭିନ୍ନ କ୍ଷେତ୍ରରେ ତାଙ୍କର ରଚନା ତାଙ୍କ ସାଧନାର ଅଙ୍ଗ ଥିଲା । ଋକ୍‌ବେଦର ତୃତୀୟ ମଣ୍ଡଳରେ ଥିବା ବାଷ୍ଠି ସୂକ୍ତର ଦ୍ରଷ୍ଟା ଥିଲେ ବିଶ୍ୱାମିତ୍ର । ଏହି ମଣ୍ଡଳରେ ଇନ୍ଦ୍ରଦେବ, ଅଗ୍ନିଦେବ, ଅଶ୍ୱିନୀଦେବ, ଉଷାଙ୍କ ପ୍ରତି ସ୍ତୁତିଗାନ କରାଯାଇଛି । ଏହାକୁ ବିଶ୍ୱାମିତ୍ର-ମଣ୍ଡଳ କୁହାଯାଏ । ମହର୍ଷି ବିଶ୍ୱାମିତ୍ର ଗାୟତ୍ରୀଙ୍କ ଉପାସକ ଥିଲେ, ହୃଦୟରେ ମାତା ଗାୟତ୍ରୀ ଦେବୀଙ୍କୁ ପ୍ରକାଶ କରିଥିଲେ । ସେ ଗାୟତ୍ରୀ ମନ୍ତ୍ର ରଚନା କରିଥିଲେ ।

''ତତ୍‌ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି,
ଧିୟୋ ୟୋ ନଃ ପ୍ରଚୋଦୟାତ୍ । ...''

ଏହି ମନ୍ତ୍ର ସମସ୍ତ ଦେବମନ୍ତ୍ରର ମୂଳ । ଉପନୟନ ସଂସ୍କାରର ମୂଳ ମନ୍ତ୍ର । ତାଙ୍କ ଦ୍ୱାରା ରଚିତ ପୁସ୍ତକମାନ ହେଲା ବିଶ୍ୱାମିତ୍ର କଳ୍ପ, ବିଶ୍ୱାମିତ୍ର ସଂହିତା, ବିଶ୍ୱାମିତ୍ର ସୃଷ୍ଟି । ସେ ଯୁଗ ଯୁଗକୁ ମାନବଜାତିର ଆଧ୍ୟାତ୍ମିକ ସାଧନା-ଆକାଶରେ ଆଲୋକ ପ୍ରଦାନକାରୀ ଉଜ୍ଜ୍ୱଳ ଜ୍ୟୋତିଷ୍କ ଓ ଜଣେ ମହାନ୍ ଆଧ୍ୟାତ୍ମିକ ଗୁରୁଭାବେ ପୂଜା ପାଉଥିବେ ।

ପ୍ରଭୁ ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି : –

If one is free from ego, does nothing with reference to himself or for his own sake but only for the Divine and all his thoughts and feelings are for the Divine, then he is Jivanmukta and a Siddha Yogi.

(Letters on Yoga, Vol - IV, Page. 241)

❑❑❑



ଯାହାର ଜୀବନ ଓ ଏହାର ବାଧାବିପତ୍ତିସବୁକୁ ଧୈର୍ଯ୍ୟ ଏବଂ ଦୃଢ଼ତାର ସହ ମୁକାବିଲା କରିବା ଲାଗି ସାହସ ନାହିଁ ସେ ସାଧନା କ୍ଷେତ୍ରରେ ଏହାଠାରୁ ଆହୁରି ବୃହତ୍ତର ଆନ୍ତର ବାଧାବିପତ୍ତି ମଧ୍ୟଦେଇ କେବେ ବି ଗତି କରିବା ଲାଗି ସମର୍ଥ ହୋଇ ପାରିବ ନାହିଁ । ଏ ଯୋଗର ସର୍ବ ପ୍ରଥମ ଶିକ୍ଷା ହେଉଛି ଏକ ସ୍ଥିର ମନ, ଦୃଢ଼ ସାହସ ଓ ଦିବ୍ୟଶକ୍ତି ଉପରେ ଏକ ପରିପୂର୍ଣ୍ଣ ନିର୍ଭରତା ସହ ଜୀବନ ଓ ତା'ର ପରୀକ୍ଷା ସମୂହର ମୁକାବିଲା କରିବା ।

– ଶ୍ରୀଅରବିନ୍ଦ

ଫୁଲ

ଜ୍ୟୋସ୍ନାରାଣୀ ଦାଶ

ଫୁଲଟିଏ...
ଭଗବତ୍ ପ୍ରେମ ଆଉ ପ୍ରାର୍ଥନାର ଦୂତ
ପ୍ରକୃତିର ନୀରବ ଆସ୍ପୃହା
ଦିବ୍ୟ ଆରାଧନା
କୃପାମୟୀ ମା'ଙ୍କର ଦିବ୍ୟ ସ୍ମିତହାସ୍ୟ ।

ତା' ରୂପର ପଶ୍ଚାତରେ
ରହିଅଛି ଅନନ୍ତ ଶକତି
ସର୍ବଶକ୍ତିମାନ୍ ମନ୍ତ୍ର
ଅନନ୍ତ କୃତଜ୍ଞତାର ଉଦାର ସ୍ପନ୍ଦନ
ଶୁଦ୍ଧତା ଓ ସୁରକ୍ଷାର ମଧୁର ପ୍ଲାବନ ।

ଫୁଲଟିଏ...
କରିପାରେ ସାମଗ୍ରିକ ସମର୍ପଣ
ପରିପୂର୍ଣ୍ଣ ଆତ୍ମ-ନିବେଦନ
ବିଶ୍ୱସ୍ତତା, ସହନଶୀଳତା
ସବୁ ତା'ର ଜନ୍ମଗତ ଗୁଣ ।



ରୂପ, ରଙ୍ଗ, ବାସ ତା'ର ସୃଷ୍ଟିର ବୈଚିତ୍ର୍ୟ
ପ୍ରତିକ୍ଷଣେ ପରମଙ୍କ ଉଦ୍ଦେଶ୍ୟରେ
ହୁଏ ଉନ୍ମୀଳିତ ।
ଫୁଲଟିଏ...
ଜୀବନ ତା' ହୋଇପାରେ କ୍ଷଣିକ
ଭଙ୍ଗୁର ଅତ୍ୟନ୍ତ ସଂକ୍ଷିପ୍ତ
ତଥାପି ସେ ଆଣିଦିଏ
ଶାଶ୍ୱତଙ୍କ ଆନନ୍ଦର ଦିବ୍ୟ ଅନୁଭୂତି
ସୌନ୍ଦର୍ଯ୍ୟର ସୂକ୍ଷ୍ମତମ ସ୍ୱର୍ଶ
ସୃଷ୍ଟି ଆଉ ବିଲୟରେ କରି ପରିହାସ ।

କୃପାମୟୀ ଜନନି ଗୋ ! କୃପାକର
ଜୀବନ ମୋ ମୁକୁଳିତ ହେଉ
ଫୁଲଟିଏ ପରି
ନୀରବ ଆସ୍ପୃହା ନେଇ
ପ୍ରତିକ୍ଷଣେ ତୁମ ପଦତଳେ ନିଜକୁ ମୁଁ
କରେ ଉନ୍ମୀଳିତ, କରେ ନିବେଦନ । ❑

ଉଦ୍ଭିଦ ଜଗତରେ ଫୁଲମାନେ ଯେହେତୁ ଚୈତ୍ୟପୁରୁଷଙ୍କ ଅଭିବ୍ୟକ୍ତିକୁ ବୁଝାନ୍ତି, ଫୁଲମାନଙ୍କୁ ଭଲପାଇବା ସୂଚାଇ ଦିଏ ଯେ ତୁମେ ସେମାନଙ୍କ ମଧ୍ୟସ୍ଥ ଚୈତ୍ୟିକ ସ୍ପନ୍ଦନ ଦ୍ୱାରା ଆକୃଷ୍ଟ ହୋଇଛ ଓ ପରିଣାମତଃ ନିଜ ସତ୍ତାର ଚୈତ୍ୟ-ପୁରୁଷଙ୍କ ଦ୍ୱାରା ମଧ୍ୟ ।

ଯେତେବେଳେ ତୁମେ ଚୈତ୍ୟିକ-ସ୍ପନ୍ଦନ ପ୍ରତି ଗ୍ରହଣଶୀଳ ଥାଅ, ସେତେବେଳେ ତାହା ତୁମ ନିଜ ସତ୍ତାସ୍ଥ ଚୈତ୍ୟ ପୁରୁଷଙ୍କ ସହ ତୁମକୁ ଅତି ଅନ୍ତରଙ୍ଗ ଭାବେ ଯୁକ୍ତ କରିଦିଏ ।

ବୋଧହୁଏ ଏପରି କି ଫୁଲର ସୌନ୍ଦର୍ଯ୍ୟକୁ ମଣିଷ ଭିତରେ ଚୈତ୍ୟ-ପୁରୁଷଙ୍କ ପ୍ରତି ଏକ ଆକର୍ଷଣ ଜାଗ୍ରତ୍ କରିବା ଲାଗି ପ୍ରକୃତି ଏକ ଉପାୟ ଭାବେ ବ୍ୟବହାର କରିଥାଏ ।

(୧୩ ଜାନୁଆରୀ, ୧୯୭୨) — ଶ୍ରୀମା

କ୍ଲାସରେ ଶ୍ରୀମା'ଙ୍କ କାହାଣୀ

[ଛୋଟ ପିଲାଙ୍କ କ୍ଲାସରେ ମା'ଙ୍କ ଦ୍ୱାରା କଥିତ କାହାଣୀ]

[୧୯୫୦ ମସିହା ନଭେମ୍ବର ମାସରେ ଶ୍ରୀମା ପିଲାମାନଙ୍କର କ୍ଲାସ ନେବାକୁ ଆରମ୍ଭ କଲେ। ଆଗେ ଯେଉଁଟିକୁ Guest House କୁହାଯାଉଥିଲା ଓ ପରେ ଦର୍ତୁଆର ଆନେକ୍ସ (Dortoir - Annexe) କୁହାଗଲା, ସେଇ ଗୃହର ତଳମହଲାର ଖୋଲା ବାରଣ୍ଡାରେ ଏଇ କ୍ଲାସ ହେଉଥିଲା। ଶ୍ରୀମା ଗୋଟିଏ ଛୋଟ ଚୌକିରେ ବସୁଥିଲେ ଓ ଆଠ, ଦଶ ବର୍ଷର ବାଳକବାଳିକାମାନେ ବସୁଥିଲେ ତଳେ, ଖେଳ ସରିବା ପରେ ଘରକୁ ଫେରିବା ଆଗରୁ ଏଇ କ୍ଲାସଟି ବସୁଥିଲା ଠିକ୍ ସନ୍ଧ୍ୟା ହେବା ପୂର୍ବରୁ।

ଏଇ କାହାଣୀସବୁ ସେଇ ଶ୍ରେଣୀରେ ମା' କହୁଥିଲେ ବା ବହି ପଢ଼ି ପିଲାଙ୍କୁ ଶୁଣାଉ ଥିଲେ – ମାଧ୍ୟମ ଥିଲା ଫରାସୀ ଭାଷା। **ମୃତ୍ୟୁଞ୍ଜୟ ମୁଖାର୍ଜୀ** ସେହି ଗଳ୍ପସବୁ ଶୁଣି ଆସି ବଙ୍ଗଳାରେ ଲିପିବଦ୍ଧ କରି ନେଉଥିଲେ, ନଳିନୀଦା'ଙ୍କୁ ଏସବୁକୁ ଦେଖାଇବା ପରେ 'ପୁରୋଧା'ରେ ତାହା ପ୍ରକାଶିତ ହେଉଥିଲା।]

ଏକ ସର୍କସର କାହାଣୀ

ଏକଦା କୌଣସି ଏକ ସ୍ଥାନରେ ଜଣେ ଭଦ୍ରଲୋକ ବାସ କରୁଥିଲେ, ଯିଏକି ସର୍କସ ଦେଖିବାକୁ ଖୁବ୍ ଭଲ ପାଉଥିଲେ। ନାଁ ତାଙ୍କର ରୋଲିପୋଲି। ସର୍କସର ଖେଳସବୁ ତାଙ୍କର ଏତେ ପସନ୍ଦ ଥିଲା ଯେ ଶେଷକୁ ସେ ଭାବିଲେ ଗୋଟିଏ ସର୍କସ ଦଳ ଗଢ଼ିଲେ ତ ହୁଅନ୍ତା ! ତା'ହେଲେ ପ୍ରତିଦିନ ସର୍କସ ଦେଖା ହୋଇ ପାରନ୍ତା। ସେ ପୁଣି ଇଚ୍ଛା କଲେ ଯେ ତାଙ୍କର ସର୍କସ ଦଳଟି ସାରା ପୃଥିବୀ ମଧ୍ୟରେ ଶ୍ରେଷ୍ଠଦଳ ହୁଅନ୍ତା ଓ ତାଙ୍କ ସର୍କସ ଦଳରେ ଖାଲି ଯେ ଚମତ୍କାର ଖେଳ ରହିବ ତା' ନୁହେଁ, ମଜାଦାର ହାସ୍ୟ-ରସ ଭରା ଖେଳ ବି ରହନ୍ତା – ଏସବୁ କୌଶଳ ଦେଖାଇ ପାରିବା ଭଳି ଦକ୍ଷ ଖେଳାଳି ବି ରହିବା ଦରକାର ଯେଉଁମାନେ ଶିଶୁଦର୍ଶକଙ୍କ ମନରେ ଉତ୍ତେଜନା ଓ କୌତୂହଳ ସୃଷ୍ଟି କରି ପାରିବେ ଯାହା ସର୍ବଭାବରେ ସମସ୍ତଙ୍କ ପାଇଁ ରୋଚକ ହେବ। ବାଘ, ସିଂହ ଆଦି ହିଂସ୍ର ପ୍ରାଣୀ କେତୋଟିଙ୍କୁ ଖେଳକୁଦ ବ୍ୟାୟାମ ଶିଖାଇ ପାରିବେ ସେଭଳି ଓସ୍ତାଦ ଶିକ୍ଷାବିତ୍ ଦରକାର, ସେମାନଙ୍କୁ ଯିଏ ବଶୀଭୂତ କରିବେ ଓ ଆଜ୍ଞାଧୀନ କରାଇବେ। କିଛି ଖୋଜାଖୋଜି ପରେ ସେଭଳି ଜଣେ ଲୋକ ମିଳିଲେ। ରୋଲିପୋଲି ମହାଶୟ ଗଲେ ଏ ଧରାର ସବୁଠାରୁ ଯେଉଁଠି ଜନ୍ତୁ-ଜାନୁଆରଙ୍କ ଆଡ଼ୁଡ଼ା ଜାଗା ସେଠାକୁ। ବିରାଟ ଏକ ସିଂହ ସେ ଆଣିଲେ ସବା ଆଗେ। ଯେମିତି ତା'ର କେଶର, ସେମିତି ଗର୍ଜନ ବି କରେ ସିଏ, ହିଂସ୍ରତାରେ ତା'ର ଯୋଡ଼ି କେହି ହୋଇ ପାରିବେ ନାହିଁ। ତା'ପରେ ଆସିଲେ ଦୁଇଟି ସିନ୍ଧୁଘୋଟକ। ଓସ୍ତାତ ଏମାନଙ୍କୁ ପ୍ରଶିକ୍ଷଣ ଦେଲେ – ନାକ ଅଗରେ ବଡ଼ ବଲ୍‌ଟିଏ ରଖି ଭାରସାମ୍ୟ ରଖୁଥା'ନ୍ତି। ମଝିରେ ମଝିରେ ଓଲଟି ଡେଇଁପଡ଼ି ପୁଣି ବଲ୍‌ଟିକୁ ଧରି ପକାନ୍ତି ନାକ ଅଗରେ, ସେମାନଙ୍କ ଖେଳ ବେଶ୍ ଆମୋଦଦାୟକ ହେଲା। ଖାଲି ମାଛର ଲୋଭ ଦେଖାଇ ଓସ୍ତାତ ତାଙ୍କ ଦ୍ୱାରା ଏତେ ପ୍ରକାର ଖେଳ ପ୍ରଦର୍ଶନ କରାଉଥା'ନ୍ତି। ସିଂହକୁ ତା' ସ୍ୱଭାବ ଅନୁଯାୟୀ ଖେଳ-କସରତ ଶିଖାଇଲେ। ଆସିଲା ଗୋଟିଏ ପ୍ରକାଣ୍ଡ ଧଳା ଭାଲୁ, ଦେହର ରଙ୍ଗ ଧୋବ ତୁଷାର ଭଳି, ବରଫ ଉପରେ ତାକୁ ନାନାରକମର ଖେଳ ଶିଖାଇଲେ – ଓସ୍ତାତ ଭାଲୁ ପିଛିଥାଏ ଗୋଟାଏ କମିଜ, ମୁଣ୍ଡରେ ଟୋପି। ବରଫ ଉପର ଦେଇ ନାନା କୌଶଳ ଦେଖାଉ ଥାଏ ସିଏ, କେବେ ବି ପଡ଼ିଯାଏ ନାହିଁ।

ଏଣେ ପ୍ରଶିକ୍ଷଣ, ତେଣେ ସହରଯାକ ଏଠି ସେଠି ବିଜ୍ଞାପନ ଦିଆଗଲା ଆସନ୍ନ ସର୍କସର ପ୍ରଶଂସା ସହ ଚିତ୍ର ଦେଇ – ଚିତ୍ରଟି ଥିଲା ଜଣେ ସର୍କସ ଖେଳାଳିର ନୃତ୍ୟ ଭଙ୍ଗିର। ଏହା ପରେ କିଏ ଆସିଲା – କହିଲ ଦେଖି ? ଜଣେ ସ୍ତ୍ରୀ ଲୋକ, ଅଦ୍ଭୁତ ଧରଣର ମୋଟା ଓ ଭାରୀ, ଦେହର ଆୟତନ ବି ସେଇ ଭଳି, ଅନୁମାନ କରିନିଅ। ସେମିତି ଲୋକଟିଏ ତୁମ ଆଖିରେ କେବେ ବି ପଡ଼ି ନଥିବ, ଦର୍ଶନୀୟ ବସ୍ତୁ ରୂପେ ମଞ୍ଚକୁ ଅଣାଗଲା ତାକୁ, ତା' ସାଙ୍ଗରେ ଯୋଡ଼ି ଦେଲା ଭଳି ପୁରୁଷ ଲୋକଟିଏ, ନକ୍‌ନକିଆ ପତଳା, କ୍ଷୀଣକାୟ – ତା' ଭଳି ସରୁ ଲମ୍ବା ଲୋକଟିଏ ବି ତୁମେ କେବେ ଦେଖି ନ ଥିବ, ଏଭଳି ଯୋଡ଼ି କେଉଁଠି ନ ଥିବେ। ସେମାନଙ୍କ ଖେଳ-

କସରତ ଖୁବ୍ ହାସ୍ୟ-ରସାତ୍ମକ ହେଲା । ଏଇପରି ଭାବରେ ସର୍କସ ଦଳଟି ବେଶ୍ ଗଡ଼ି ଉଠୁଥାଏ । ଏଇଠି ଶେଷ ନୁହେଁ ... ଆହୁରି ଆହୁରି ଅଛି, ଗୋଟି ଗୋଟି କରି କହୁଛି, ଶୁଣ ... ।

ଏଥର ମିଳିଗଲା ଗୋଟିଏ ହାତୀ – ଯାହାକୁ ସତରେ ଐରାବତ କୁହାଯାଇପାରେ । ପ୍ରକାଣ୍ଡ ଚେହେରା କିନ୍ତୁ ନରମ ତାର ବପୁଟି, ଯେମିତି ଛୋଟକାଟର ଏକ ପାହାଡ଼ । କ'ଣ ତା'ର ଖାଦ୍ୟ – ଜାଣ କି ତୁମେମାନେ ? ତୁମେସବୁ ଉପରବେଳା ଖେଳପଡ଼ିଆରେ ଯେଉଁ ଚିନାବାଦାମ୍ ଭଜା ଖାଅ, ସେଇ ଜିନିଷ ତାକୁ ଗୋଟିଏ ବଡ଼ କୁଣ୍ଡ ଭର୍ତ୍ତି କରି ଦିଆଯାଏ, ଯାହା ସିଏ ଗପାଗପ୍ କରି ଶୁଣ୍ଡରେ ଉଠାଇ ମୁହଁରେ ଭର୍ତ୍ତିକରି ଖାଇଚାଲେ । ତା'ପରେ ମିଳିଲା ଗୋଟିଏ ପ୍ରାଣୀ, ଯିଏ ଉଞ୍ଚାକୁ ଉଠିଯାଇ ନିଜେ ଦୋଳଣା ବାନ୍ଧି ଝୁଲୁଥାଏ, ସେଇ ଝୁଲିବା ଅବସ୍ଥାରେ କେତେ ପ୍ରକାର ଖେଳ କସରତ ଦେଖାଏ, ଦେଖିଲେ କାବା ହୋଇଯା'ନ୍ତି ଦର୍ଶକମଣ୍ଡଳୀ । ସିଏ ନକ୍ଷତ୍ର ବେଗରେ ଏଦିଗରୁ ସେଦିଗକୁ ଚାଲିଯାଏ ଆଉ ମଝିରେ ମଝିରେ ଦୋଳଣାରେ ଏପଟେ ସେପଟେ ଝୁଲି ଖେଳ ବି ଦେଖାଏ, ଆଉ ଦର୍ଶକଗଣ ତାହା ଦେଖି ଭୟରେ, ବିସ୍ମୟ-ଉତ୍କଣ୍ଠାରେ ଚାହିଁ ରହନ୍ତି ଓ ଖୁସି ବି ହୁଅନ୍ତି । ସେଇ ପ୍ରାଣୀଟି ନିଜ ଗୋଡ଼ ଦୁଇଟିକୁ ଦୋଳଣାରେ ଛନ୍ଦିଦେଇ ତଳକୁ ମୁଣ୍ଡ କରି ଓହଳି ପଡ଼େ ଆଉ ଦୁଇ ହାତରେ ସର୍କସ ମାଲିକଙ୍କୁ ଟେକି ନେଇ ଝୁଲାଉଥାଏ ବି ମଝିରେ ମଝିରେ । ଏସବୁ ଯେ କି ଲୋମହର୍ଷକ ଜିନିଷ, ଆଖିରେ ନ ଦେଖିଲେ ବି ବର୍ଣ୍ଣନାରୁ ବେଶ୍ ବୁଝି ପାରୁଥିବ । ସର୍କସର ପ୍ରସ୍ତୁତି ଏତିକିରେ ଶେଷ ନୁହେଁ ଆହୁରି ବି ରହିଛି । ...

ଏଥର ମିଳିଗଲା ଗୋଟିଏ ଜିରାଫ, କି ବିରାଟ ଲମ୍ବା ତା'ର ବେକ, ଯେମିତି ଲମ୍ବି ଯାଉଛି ଆକାଶ ଆଡ଼କୁ । ରବରର ବେଲୁନସବୁକୁ ସୂତାରେ ବାନ୍ଧି ଛାଡ଼ି ଦିଆହେବ ଆଉ ଜିରାଫ ତା'ର ବେକକୁ ବଢ଼ାଇ ସେଇଗୁଡ଼ିକୁ ଠିକ୍ ଧରିନେବ ଅକ୍ଲେଶରେ ଓ ଆଣିଦେବ ମୁହଁରେ ଧରି । ଏସବୁ ଦେଖିଲେ ମନେ ହେବ ବେଶ୍ ଜମିବ ସର୍କସ ଦଳଟି ।

ଏଣିକି କ୍ଲାଉନ୍ ବା ଜୋକର୍‌ଙ୍କ କଥା । କାହାକୁ ଜୋକର୍ ବା କ୍ଲାଉନ୍ କହନ୍ତି ଜାଣ ତ ? ଯିଏ ନାନା ବିଚିତ୍ର ସାଜସଜ୍ଜାରେ ସଜ୍ଜିତ ହୋଇ ନାନା ପ୍ରକାର ବେଶଭୂଷାରେ ରଙ୍ଗବେରଙ୍ଗ ପୋଷାକରେ ହାସ୍ୟକର ଭାବଭଙ୍ଗି ଦେଖାଇ ଲୋକଙ୍କର ମନୋରଞ୍ଜନ କରନ୍ତି; ହସି ହସି ଦର୍ଶକର ପେଟ ବ୍ୟଥା ହୋଇଯାଏ । ସେଇ ଦଳରେ ଅନେକଗୁଡ଼ିଏ କ୍ଲାଉନ୍ ଆସି ଯୋଗ ଦେଲେ । ସେମାନେ ରାସ୍ତା ଉପର ଦେଇ ମାର୍ଚ୍ଚିଙ୍ଗ୍ କରି ଦଳବାନ୍ଧି ଯେତେବେଳେ ଚାଲିଯା'ନ୍ତି, ସେତେବେଳେ ଦେଖିଲା ବେଳକୁ ଜଣକର ମୁଣ୍ଡରେ ଟୋପି ଅଛି ତ, ତା' ପଛରେ ଚାଲୁଥିବା ଜୋକର୍‌ର ମୁଣ୍ଡ ଉପରେ ଘର ଛାତ ଚିମିଣିର ଅଂଶ ଖଣ୍ଡେ, ସେଥିରୁ ପୁଣି ଧୂଆଁ ବାହାରି ଚାଲିଛି । ତା' ପଛରେ ଯିଏ ଚାଲୁଛି, ତା' ହାତରେ ପାଇପ୍‌ର ରବର-ନଳୀ, ସେ ସର୍କସରେ ଦମକଳର କାମ କରୁଛି : ଜଳ ସିଞ୍ଚନ କରି ନିଆଁ ଲିଭାଇବାରେ ବ୍ୟସ୍ତ । ତା' ପଛପଟେ ଯିଏ ଚାଲୁଛି ସେ ଗରମରେ ବ୍ୟତିବ୍ୟସ୍ତ ହେବା ଭଳି ଢଙ୍ଗ କରି ଦେହରୁ କମିଜ ଉତାରି ଉତାରି ଚାଲୁଛି – ପ୍ରଥମେ ଗୋଟିଏ ଖୋଲିଲା, ସେଥିରେ ଗରମ ଗଲା ନାହିଁ, ତେଣୁ ତା' ତଳ ପୋଷାକ ବାହାର କଲା, ପୁଣି ସେଥିରେ ସନ୍ତୁଷ୍ଟ ନ ହୋଇ ଆଉ ଏକ ପରସ୍ତ ପୋଷାକ ଦେହରୁ କାଢ଼ିବାକୁ ଲାଗିଲା । ଏହିପରି ସର୍ବମୋଟ ଦଶଟା କି ବାରଟା ପୋଷାକ ସେ ଦେହରୁ ବାହାର କରୁଥାଏ ତପ୍ତ ନିଆଁ ଧାସ ଦେହରେ ବାଜିବାର ଅଭିନୟ କରି । ଲୋକେ ତା'ର ଢଙ୍ଗଢ଼ାଙ୍ଗ ଦେଖି ଜୋର୍‌ରେ ହାତତାଳି ଦେଇ ହସିବାକୁ ଲାଗିଥା'ନ୍ତି ।

ଏବେ ଯାଏଁ ଦଳରେ ଅଶ୍ୱ ଆସି ପହଞ୍ଚି ନାହିଁ । ଖୁବ୍ ଭଲ, ବଢ଼ିଆରୁ ବଢ଼ିଆ ଘୋଟକ ଖୋଜାଗଲା; ଶେଷରେ ଏକା ଭଳି ତିନିଗୋଟି ଚମତ୍କାର ଘୋଟକ ମିଳିଲେ, ଯାହାକୁ କହି ହେବ ପକ୍ଷିରାଜ ଘୋଟକ, ତାହାର ନିଜର ଯେପରି ତିନୋଟି ସାନଭାଇ – ଯେମିତି ଚେହେରା, ସେମିତି କ୍ଷିପ୍ର ଗତି ସେମାନଙ୍କର । ତା' ସହିତ ମିଳିଲେ ତିନୋଟି ଝିଅ, ଦେଖିବାକୁ ସ୍ୱର୍ଗରୁ ଆସିଥିବା ପରୀ ତ – ଛୁଟନ୍ତ ଘୋଡ଼ା ଉପରକୁ ଡେଇଁ ପଡ଼ି, ନାଚିକୁଦି ନାନା ଭଙ୍ଗିର କସରତ ଦେଖାଇ ଦର୍ଶକମାନଙ୍କୁ ଚକିତ କରି ଦେଲେ । ବାସ୍, ଏଇକ୍ଷଣି ଯେ ସର୍କସ ଖୋଲିବା ଭଳି ଅବସ୍ଥାକୁ ଆସିଗଲା । କହିବାକୁ ଭୁଲି ଗଲି ଯେ ବଡ଼ ଧରଣର ଏକ କଙ୍ଗାରୁ ଆଉ ଚିତାବାଘ ପ୍ରଭୃତି ବି ଆସି ଯାଇଛନ୍ତି ଏହା ଭିତରେ । ସବୁ ଠିକ୍‌ଠାକ୍, ଏଥର ଆରମ୍ଭରୁ ଶେଷ ଯାଏଁ ରିହର୍ସାଲ ଚାଲିବ । କିନ୍ତୁ ଦେଖାଗଲା କେଉଁଠି ଯେପରି କିଛି ଏକ କାଣ୍ଡ ଘଟି ଯାଇଛି, ଯାହା ଯୋଗୁଁ ସବୁ ଖେଳାଳିଙ୍କ ମୁଖରେ ବିଷାଦ, ଉତ୍ସାହହୀନତା ଦେଖା ଦେଇଛି ସ୍ପଷ୍ଟଭାବେ ।

ଶ୍ରୀଯୁକ୍ତ ରୋଲିପୋଲି ମହାଶୟ ଦେଖିଲେ ସର୍କସର ସମସ୍ତ ଅଂଶୀଦାରଙ୍କର ମୁଖ ଭାରୀ, ସେମାନଙ୍କ ମୁହଁରେ ନିରାଶା, ହତାଶା, ଭଗ୍ନୋଦ୍ୟମ, ବିମର୍ଷ ଓ କାନ୍ଦ କାନ୍ଦ ଭଳି ଅବସ୍ଥା – ଭଦ୍ରଲୋକ ଜଣକ ତ ଘାବରେଇ ଗଲେ । କ'ଣ

ଘଟିଛି, ଯାହାକୁ ବି ପଚାରିଲେ କେହି କହି ପାରିଲେ ନାହିଁ କାରଣଟା କେଉଁଠି ? ସମସ୍ତେ କିଛି ଏକ ଜିନିଷର ଅଭାବ ବୋଧ କରୁଛନ୍ତି; କିଛି ଏକ ଜିନିଷ ବାଦ୍ ପଡ଼ିଯାଇଛି ସେଇ ଗୋଷ୍ଠୀରେ – ଯେମିତି ସେଇ କଥାଟା କାହାରି ନଜରରେ ପଡୁ ନାହିଁ । ସେଇ ଜିନିଷଟି ନ ଥିବା ଯୋଗୁଁ ସବୁ ଅଟକି ଯାଉଛି, କେହି ଭାବି ନାହିଁ ସେଇ ଜିନିଷଟା କିପରି – ସେ ଜିନିଷଟା ଯେ କ'ଣ, ସେ କଥାଟା ତ କେହି ଜାଣନ୍ତି ନାହିଁ, ଯାହା ଯୋଗୁଁ ସବୁ କରାମତି ଥାଇ ବି ଏପରି ନିରୁତ୍ସାହ ବୋଧ ହେଉଛି । ବିଚରା ଭଦ୍ରଲୋକ ମହାଶୟ ମହା ଅଡୁଆରେ ପଡ଼ିଲେ, ପହଞ୍ଚିଲେ ସିନ୍ଧୁଘୋଟକ ପାଖରେ, କହିଲେ, 'ବାପଧନ', ପିଠିରେ ହାତବୁଲାଇ ପଚାରିଲେ ଅଭାବର ବିଷୟଟି । ସେ ବା କେମିତି ଜାଣିବ କେଉଁ ଜାଗାରେ କଣ୍ଟକ-ବିଦ୍ଧ ହେଉଛି । ସେଠାରୁ ରୋଲିପୋଲି ଯାଇ ପହଞ୍ଚିଲେ ବାଘ, ସିଂହ, ଜିରାଫ ଓ ଘୋଡ଼ାର ଦଳ ପାଖରେ । ସେମାନଙ୍କୁ ଜିଜ୍ଞାସା କଲେ, କ'ଣ ପାଇଁ ତୁମେସବୁ ଏପରି ବିମର୍ଷ ହୋଇ ପଡ଼ିଛ ? ମୁଁ ଥରେ ଜାଣିଲେ ସିନା କିଛି କରାଯାଇ ପାରିବ । ମାତ୍ର କେଉଁଠି ଯେ ଅଭାବ, ତାହା ସେମାନଙ୍କୁ ଜଣାଥିଲେ ସିନା ! ...

ହଠାତ୍ ହାତୀ ପାଖରୁ ହିଁ ସେ ଇଙ୍ଗିତଟି ମିଳିଲା । ସେ ତା'ର ଶୁଣ୍ଢଟି ରୋଲିପୋଲିଙ୍କ କାନ୍ଧରେ ରଖି ଆପଣା ଲୋକ ପରି ସଂଗୋପନରେ କହିଲା ଟିକିଏ ସଙ୍କୁଚିତ ହୋଇ : ''ଆପଣ ସେଇ ଅମୁକ ଜିନିଷଟିର କିଛି ବ୍ୟବସ୍ଥା କରି ନାହାନ୍ତି ଯେ, ଆଉ ସେଥିପାଇଁ ସମସ୍ତଙ୍କର ମନ ଉଣା । ସେହି ଜିନିଷଟିର ଯୋଗାଡ଼ କରନ୍ତୁ ଆଗେ, ନହେଲେ ଆପଣଙ୍କର ଏତେ ପରିଶ୍ରମ ସବୁ ପଣ୍ଡ ହୋଇଯିବ ।'' ରୋଲିପୋଲି ଖୁବ୍ ଖୁସି ହୋଇ ଚାଲିଗଲେ – ଆରେ, ଏଇ ଜିନିଷଟା ! ଏତେବେଳ ଯାଏଁ ମୋର ଖିଆଲରେ ଆସି ନଥିଲା । ସେ ହାତୀଟିର ପିଠିରେ ହାତ ବୁଲାଇ ଆଶ୍ୱସ୍ତ କରି କହିଲେ – ''ଏଇକ୍ଷଣି ମୁଁ ଲୋକ ପଠାଇ ଯୋଗାଡ଼ କରିବି । ସବୁଠାରୁ ଯାହା ଉତ୍ତମ, ସେଇ ଜିନିଷଟି ଆଣି ତୁମ୍ଭମାନଙ୍କ ଆଗରେ ରଖି ଦେବି ।'' ସିନ୍ଧୁଘୋଟକ ଦୁଇଭାଇ ପାଖରେ କେଉଁଠି ରହି କାନଡେରି ସେମାନଙ୍କ କଥା ଶୁଣୁଥିଲେ – ଐରାବତ କ'ଣ ଫିକର-ଫନ୍ଦି କରୁଛି ସ୍ୱୟଂ ଅଧ୍ୟକ୍ଷ ମହାଶୟଙ୍କ ସାଙ୍ଗରେ । ଯାହା ଶୁଣିଲେ ସେଇଥିରେ ସେମାନେ ବି ଆମୋଦିତ ହେଲେ – ଆରେ ହଁ, ଏଇ ଜିନିଷଟି ଯେ ଏକାନ୍ତ ଦରକାର ଥିଲା, ଏ କଥାଟା ଆମ ମୁଣ୍ଡକୁ ଡୁକି ନ ଥିଲା । ସେମାନେ ଭାବିବାକୁ ଲାଗିଲେ, କ୍ରମଶଃ କଥାଟା ଏ କାନରୁ ସେ କାନକୁ ଗଲା । ସିଂହ, ଭାଲୁ, ଚିତା ଓ ଜିରାଫ ପାଖରୁ ଆରମ୍ଭ କରି ସର୍କସ ଦଳର ଯିଏ ଯେଉଁଠି ଥିଲେ ସମସ୍ତଙ୍କ ପାଖରେ ସମ୍ବାଦ ପହଞ୍ଚିଗଲା । ସଭିଏଁ ଫୁସ୍‌ଫୁସ୍ କରି କଥା ହେଲେ ଏଇ ବିଷୟରେ, ଆଉ ସଭିଙ୍କ ମୁହଁରେ ହସ ଫୁଟି ଉଠିଲା । ''ହୁଏତ ଏଇଟାର ଅଭାବରୁହିଁ ଆମର ପ୍ରାଣ ଥାଇ ବି ପ୍ରାଣହୀନ ଲାଗୁଥିଲା, ଆଗ୍ରହ ଉତ୍ସାହ ମଉଳି ପଡ଼ିଥିଲା । ଯାହାହେଉ, ଉଦ୍‌ଯୋଗ ଯେତେବେଳେ ଆରମ୍ଭ ହୋଇଛି, ଆସି ପହଞ୍ଚିବ ନିଶ୍ଚୟ ।'' ସିନ୍ଧୁଘୋଟକ ଦୁହେଁ ନିଜର ନାକ ଅଗରେ ବଲ୍ ରଖି ଘୋଁ ଘୋଁ ବୁଲାଇବାକୁ ଆରମ୍ଭ କଲେ । ସିଂହ ମେଦିନୀ କମ୍ପିତ କଲା ଭଳି ଗର୍ଜନ କରିବାକୁ ଲାଗିଲା । ଦୋଳିର ଖେଳାଳି ଚରକି ପରି ଘୂରି ଘୂରି କେତେ ନୂଆ ଖେଳ ଦେଖାଇବାକୁ ଲାଗିଲା । ଘୋଡ଼ାସବୁଙ୍କର ନାଚ ଚାଲିବା ସହ ତାଳ ରକ୍ଷା କରି ପରୀ ଭଳି ଝିଅ ତିନୋଟି ଅଶ୍ୱପୃଷ୍ଠରେ ନୃତ୍ୟଭଙ୍ଗି ଦେଖାଇ ଡିଆଁଡେଇଁ ପ୍ରଦର୍ଶନ କଲେ । ସବୁଯାକ ଜୋକର୍ ମିଳି ଏମିତି ହାସ୍ୟରସକର ଅଙ୍ଗଭଙ୍ଗିର ଅଭିନୟ କଲେ ଯେ ଯାହା ଦେଖି ଦର୍ଶକମାନେ ହସି ହସି ଗଡ଼ିଗଲେ, ଆଖିରୁ ଲୁହ ଗଡ଼ିଗଲା ଦୁଃଖରେ ନୁହେଁ, ଆନନ୍ଦରେ । ସମସ୍ତେ ଉତ୍‌ଫୁଲ୍ଲ, ସମସ୍ତେ ପ୍ରସନ୍ନ – ଯେମିତି ମୃତପ୍ରାୟ ଦେହରେ ଜୀବନର ସୁଅ ବହି ଆସିଲା । ସେମାନଙ୍କର ଇଚ୍ଛା ଯେ ଏପରି ଖେଳ ସେମାନେ ଦେଖାଇବେ, ଯାହାଫଳରେ ଜଗତର ଶ୍ରେଷ୍ଠ ସର୍କସର ପାହିଆକୁ ଉଠିଯିବେ ।

ସେଇ ବସ୍ତୁଟିର ସନ୍ଧାନରେ ଅଧ୍ୟକ୍ଷ ମହାଶୟ ଚାରି ଦିଗକୁ ଲୋକ ପଠାଇ ଦେଇଥିଲେ । ସେଇ ବସ୍ତୁଟି ଯେ ଆସୁଛି ତାହାରି ସୁସମ୍ବାଦ ଆକାଶର ବକ୍ଷରେ ବହି ବହି ବତାସର ପାଲ ଉପରେ ନିର୍ଭର କରି ଭାସି ଭାସି ଆସି ପହଞ୍ଚି ଯାଇଛି ସର୍କସ ଦଳରେ ଖେଳାଳିମାନଙ୍କ କର୍ଣ୍ଣକୁହରରେ । ପ୍ରଥମଟା ଅସ୍ପଷ୍ଟ କ୍ଷୀଣ, ତା'ପରେ ଆଉ ଟିକିଏ ସ୍ପଷ୍ଟ, ଆହୁରି ଅଧିକ ସ୍ପଷ୍ଟ, ଶେଷରେ ପ୍ରତ୍ୟକ୍ଷ ଦର୍ଶନର ଉପକ୍ରମ ହେଲା । ସବାଶେଷରେ ଜିନିଷଟି ଆସି ସର୍କସର ସୀମା ଭିତରେ ପହଞ୍ଚିଗଲା । ଆନନ୍ଦ ଯେପରି ଧରାଛୁଆଁର ବାହାରେ । ଅଦ୍ୱିତୀୟ ସର୍କସର ଅଧ୍ୟକ୍ଷ ଐରାବତକୁ ସର୍ବ-ସମକ୍ଷରେ ସମ୍ମାନିତ କରି କହି ପକାଇଲେ : ତୁମର ହିଁ ବୁଦ୍ଧିମତ୍ତାରେ ସବୁ ଜିନିଷ ସମ୍ଭବ ହେଲା, ସେଇଟି ଆମକୁ ମିଳିଗଲା ଯାହା ବ୍ୟତୀତ ଆମ ଜୀବନରୁ ପ୍ରାଣ ଯିବା ଭଳି ଅବସ୍ଥାକୁ ଆମେ ଚାଲି ଯାଉଥିଲୁ । ଆମେ ଯେପରି ପୁର୍ନଜନ୍ମ ପାଇଲୁ । ମୋ ପକ୍ଷରୁ ତଥା ଉପସ୍ଥିତ

ସମସ୍ତଙ୍କ ପକ୍ଷରୁ ତୁମକୁ, ଐରାବତକୁ ଅଭିନନ୍ଦନ ଜଣାଉଛି । ସମସ୍ତେ ତୁମ ପାଖରେ ଋଣୀ ରହିଗଲୁ ଶେଷ ଦିନ ଯାଏଁ ।

ଏହି ପ୍ରଶଂସାର ମାତ୍ରାଧିକ୍ୟ ଫଳରେ ଐରାବତର ବପୁଟି ଦେଢ଼ଗୁଣ ଫୁଲିଗଲା । ସିଏ ଦୀନତାରେ ବୈଷ୍ଣବ-ସୁଲଭ ମୁଣ୍ଡଟିକୁ ନୁଆଇଁ ସାନୁନୟର ଭଙ୍ଗିରେ କହିଲା, ''ଆଜ୍ଞା, ଏମିତି କ'ଣ କରି ପକାଇଲି ଯେ ଏତେ ପ୍ରଶଂସା ମୋ ଉପରେ ଅଜାଡ଼ି ପକାଇଲେ । ସବୁକିଛି ତ ଆପଣଙ୍କ ଦୟାରେ ହିଁ ସମ୍ଭବ ହୋଇଛି ।''

ଏଥର ସେମାନେ ପ୍ରସ୍ତାବ ଦେଲେ ଆଗାମୀ କାଲି ସର୍କସର ପ୍ରଥମ ଅଭିନୟ କରାଯିବ, ସର୍ବସାଧାରଣଙ୍କ ପାଇଁ ଦ୍ୱାର ଉନ୍ମୋଚନ କରାଯିବ । ଏଥର ଆଉ ଆଗ ଭଳି ବିଜ୍ଞାପନ ବା ହାଣ୍ଡବିଲ୍ ବିତରଣ ଚଳିବ ନାହିଁ, ଏଥର ଶୋଭାଯାତ୍ରା କରି ସହରଯାକ ବୁଲି ବୁଲି ଘୋଷଣା କରି ଦେବାକୁ ପଡ଼ିବ । ଐରାବତର ପ୍ରସ୍ତାବ ମୁତାବକ ରୋଲିପୋଲି ମହାଶୟ ତାହାର କାନ୍ଧରେ ଆସୀନ ହେବେ; ଏବଂ ସେ ରୋଲିପୋଲି ମହାଶୟଙ୍କୁ କହିଲା, ''ଆଉ ପାଞ୍ଚଜଣ ସହରର ଗଣ୍ୟମାନ୍ୟ ସଭ୍ୟ ବି ରହିବେ ଆମ ସଙ୍ଗରେ, ଆମ ଭିତରୁ ବିଶେଷ ପ୍ରାଣୀ ବି ରହିବେ । ଚାଲନ୍ତୁ ପ୍ରଥମ ଦିନର ଅଭିନୟ ଦେଖିବାକୁ ଏ ଅଞ୍ଚଳର ସଭିଙ୍କୁ ଡାକି ଆସିବା । ଆଉ ଆମ ସଙ୍ଗରେ ପ୍ରଥମ ଧାଡ଼ିରେ ସେଇମାନେ ରହିବେ ଯେଉଁମାନେ ବିଳମ୍ବରେ ଆବିଷ୍କୃତ ହେଲେ ବି ସଦ୍ୟ ଆଗତ – ସେଇମାନେ । ଆମେ କହିବା –ପୃଥିବୀ ବିଖ୍ୟାତ ସର୍କସର ଆଗାମୀ କାଲି ଉନ୍ମୋଚନ ଦିବସ ।''

ଶ୍ରୀମା ପଚାରିଲେ, ''ଆଚ୍ଛା ପିଲାଏ କହିଲ ଦେଖି ସେଇ ବିଳମ୍ବରେ ଆବିଷ୍କୃତ ଓ ସଦ୍ୟ ଆଗତ କ'ଣ ବା କିଏ, ଯାହା ବିଷୟରେ ଏତେ କଥା କୁହାଗଲା ?''

କାହାଣୀ ଶୁଣୁଥିବା ପିଲାଏ ସମସ୍ତେ ପରସ୍ପରର ମୁହଁ ଚାହାଁ-ଚୁହିଁ ହେଲେ, ଅଥଚ କେହି ବି ଅନୁମାନ କରି ପାରିଲେ ନାହିଁ ଜିନିଷଟି କ'ଣ ? ସେମାନଙ୍କ ମଧ୍ୟରେ ଯିଏ ସବୁଠୁ ବଡ଼ ଥିଲା, ବୟସ ହେବ ଦଶ ବାର, ଖୁବ୍ ବେଶୀ ହେଲେ ତେର କି ଚଉଦ, ସିଏ ବଡ଼ ପାଟିରେ କହିଲା – 'ବ୍ୟାଣ୍ଡପାର୍ଟି !' ଶ୍ରୀମା ପିଲାଟିର ବୁଦ୍ଧିର ତାରିଫ କଲେ ଓ କାହାଣୀଟିର ପ୍ରାନ୍ତ ପର୍ବକୁ ଆସିଲେ –

ପୃଥିବୀର ଶ୍ରେଷ୍ଠ ବ୍ୟାଣ୍ଡପାର୍ଟି ତାଙ୍କୁ ମିଳିଲା ! ବାଜଣା, ଐକତାନ-ବାଦନ, ତା' ନ ହେଲେ କ'ଣ କେଉଁଠି ସର୍କସ ଖେଳ ସଫଳ ହେଲାଣି ? ସର୍କସର ମୁଖ୍ୟ ଅଂଶରେ ସେଇ ବାଦ୍ୟ-ବାଦନ ରହିଛି ଯାହାର ସହଯୋଗିତାରେ ଶାରୀରିକ କଳାକୌଶଳରେ ସ୍ଫୂର୍ତ୍ତି ଆସେ । ଇତି ମଧ୍ୟରେ ସେଇ ବ୍ୟାଣ୍ଡପାର୍ଟି ବଜାଇବାରେ ଲାଗି ଗଲେଣି । ତା'ର ସଭ୍ୟମାନେ ଶୋଭାଯାତ୍ରାରେ ବାହାରିଲେ, ହାତୀ ଶୁଣ୍ଢରେ ଏକ ବିଜୟ ପତାକା ବନ୍ଧା ଗଲା, ତା' ଉପରେ ବସିଲେ ସ୍ୱୟଂ ଅଧ୍ୟକ୍ଷ ରୋଲିପୋଲି । ଦଳର ସମସ୍ତ ସଭ୍ୟ ବେଶ୍ ଖୁସି । ଆସନ୍ତା କାଲି ପୃଥିବୀର ସର୍ବଶ୍ରେଷ୍ଠ ସର୍କସର ପ୍ରଥମ ଅଭିନୟ ପ୍ରଦର୍ଶନ ।

ଅନୁଲେଖନ : ମୃତ୍ୟୁଞ୍ଜୟ ମୁଖାର୍ଜି ❑

ଶିକ୍ଷାପ୍ରେମୀ ଭାଇ-ଭଉଣୀମାନଙ୍କ ପାଇଁ

ଦେଖନ୍ତୁ, ଏହା ହେଉଛି ପିଲାମାନଙ୍କ କାହାଣୀ । ଆପଣମାନେ ପିଲାମାନଙ୍କୁ ଏହା ଶୁଣାନ୍ତୁ । ପିଲାଏ ଏହାକୁ ଆନନ୍ଦର ସହିତ ବାରଂବାର ଶୁଣିବେ । କାହାଣୀକୁ ମଜାଳିଆ ଢଙ୍ଗରେ କୁହନ୍ତୁ, କୋମଳତାର ସହ ପ୍ରକାଶ କରନ୍ତୁ । କାହାଣୀ ଏମିତି ବାଛନ୍ତୁ, ଯାହା ପିଲାମାନଙ୍କ ବୟସ ସହିତ ମେଳ ଖାଉଥିବ । ଭାଇମାନେ, ଏହି କାହାଣୀଗୁଡ଼ିକୁ ଆପଣ ପିଲାମାନଙ୍କୁ ଘୋଷାନ୍ତୁ ନାହିଁ ବରଂ ପଢ଼ାଇବା ପୂର୍ବରୁ ନିଜେ ଅନୁଭବ କରନ୍ତୁ – ଏହି କାହାଣୀଗୁଡ଼ିକ ଯାଦୁର ବାଡ଼ି ପରି ଆଶ୍ଚର୍ଯ୍ୟ ନୁହେଁ କି !

ଯଦି ଆପଣମାନେ ପିଲାମାନଙ୍କ ପ୍ରତି ସ୍ନେହଶୀଳ ତା'ହେଲେ ତା'ର ଆରମ୍ଭ କାହାଣୀରୁହିଁ କରନ୍ତୁ । ଯଦି ଆପଣମାନେ ପିଲାମାନଙ୍କଠାରୁ ଭଲ ପାଇବା ଚାହାନ୍ତି ତା'ହେଲେ କାହାଣୀ ହେଉଛି ତା'ର ଏକମାତ୍ର ମାଧ୍ୟମ । ... ...ଏ ତ ବହିଲା ଗଙ୍ଗା ପରି । ଏଥିରେ ପ୍ରଥମେ ଆପଣ ବୁଡ଼ ପକାନ୍ତୁ, ପରେ ପିଲାମାନଙ୍କୁ ଗାଧୋଇ ଦିଅନ୍ତୁ ।

(ସଂଗ୍ରହ : 'ଥଣ୍ଡା ଥଣ୍ଡା ବରଷା ଟୋପା') – ଗିଜୁଭାଇ ବଧେକା

ବିରାଜ ହୃଦୟ ପୁରେ

ଶରତ କୁମାରୀ ସ୍ୱାଇଁ

ସେଇ କୃପା ପାରାବାର ତୀରେ
ଅଭୟ ଚରଣ ଥାପି ତ ଦେଇଛ
ଅନନ୍ତ ମହିମା ଝରେ ।୦।

ଅନ୍ତର୍ଭେଦୀ ତବ ସମ୍ମୋହିତ ଦୃଷ୍ଟି
ସୌମ୍ୟ ସୁମଞ୍ଜୁଳ କରିଛି ଏ ସୃଷ୍ଟି

ବିସ୍ତାରିତ ନଭେ ବିସ୍ତୃତ ନୀଳିମା
ଅବ୍ୟକ୍ତ ଉଲ୍ଲାସେ ଶିହରେ ଚନ୍ଦ୍ରମା
ପ୍ରାଣେ ଦିବ୍ୟାନନ୍ଦ ଭରେ ।୧।

ଚାରୁ ପରିବେଶେ ନିଃଶବ୍ଦ ଇଙ୍ଗିତେ
ତୀବ୍ର ଆସ୍ପୃହାର ମଧୁର ସଙ୍ଗୀତେ

ଜଡ଼ ଚେତନାକୁ କରି କବଳିତ
ବିପୁଳ ସୋହାଗେ କଲ ସଞ୍ଜୀବିତ
ସୁଧାସିକ୍ତ ପ୍ରୀତିଧାରେ ।୨।

ପରମା ଜନନୀ ତବ ଆଗମନ
ପରିପୂର୍ଣ୍ଣତାର ମୁଗ୍ଧ ସମ୍ମୋହନ

ଅନୁଗ୍ରହ ଲଭି ପ୍ରକୃତି ଉଦ୍‌ଭାସେ
କୃତଜ୍ଞତା ଢାଳି ପ୍ରଣତି ବାଢ଼େ ସେ
ବିରାଜ ହୃଦୟ ପୁରେ ।୩। ❑



ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
donations.sriaurobindoashram.org
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
Sri Aurobindo Ashram Trust ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ - ୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।
— ନବଜ୍ୟୋତି କାର୍ଯ୍ୟାଳୟ

ଚେତନାର ଦିଗ୍‌ବଳୟ :

କର୍ମ : ଏକ ସୁସ୍ଥ ଚେତନାର ଦୃଷ୍ଟାନ୍ତ

କିଛି ବର୍ଷ ତଳର କଥା ଏବଂ କଥାଟି ମୋଟାମୋଟି ଏମିତି : କର୍ଣ୍ଣାଟକର ମହୀଶୂର (ମୟିସୁରୁ) ସହରର କୌଣସି ଏକ ସ୍ଥାନରୁ ଜଣେ ସାମ୍ବାଦିକ ସହର ପ୍ରାନ୍ତର ଏକ ସ୍ଥାନକୁ ଯିବା ନିମନ୍ତେ Uber ନାମଧେୟ ସମବାୟ ଟ୍ୟାକ୍ସି ସଂସ୍ଥାରୁ ଫୋନ୍ ଯୋଗେ ଗାଡ଼ି ମଗାଇଲେ । ଗାଡ଼ି ଅଚିରେ ଉପସ୍ଥିତ ହେଲା । ରାତି । ଗନ୍ତବ୍ୟ ସ୍ଥାନରେ ପହଞ୍ଚି ସମ୍ଭବତଃ ବତିଖୁଣ୍ଟ ତଳେ ଚାଳକକୁ ତା'ର ପ୍ରାପ୍ୟ ଦେବା ବେଳେ ସେ ହସି ହସି କହିଲେ, ''ତୁମେ କିନ୍ତୁ ଚିତ୍ରାଭିନେତା ଶଙ୍କର ଅଶ୍ୱଥ ଭଳି ଦିଶୁଛ !''

ଚାଳକ ହସି ଦେଲେ । କୌତୂହଳୀ ଯାତ୍ରୀ ଜଣକ କିନ୍ତୁ ତାକୁ ଅଟକାଇ ଭଲ ଭାବରେ ନିରୀକ୍ଷଣ କରି କହିଲେ, ''ଚେହେରାରେ ଯେତିକି ନୁହେଁ, ବିଶେଷ କରି ହସରେ ତୁମେ ଅବିକଳ ଶଙ୍କର ଭଳି !''

''ହଁ, ଆଜ୍ଞା, ଚେହେରା ଅବିକଳ ହେବା ସମ୍ଭବ ନୁହେଁ, କାରଣ ଶୁଟିଂ ପାଇଁ ତ ମୋତେ ମେକ୍‌ଅପ୍ ନେବାକୁ ପଡ଼େ !'' ଉତ୍ତର ଦେଲେ ଚାଳକ ।

''ତୁମକୁ ? ମାନେ ତୁମେ ସତରେ ଅଭିନେତା ଶଙ୍କର ? କ'ଣ, ଏହା କୌଣସି ସିନେମା ପାଇଁ ପୂର୍ବାଭ୍ୟାସ ?'' ପଚାରିଲେ ବିସ୍ମିତ ଓ ଆମୋଦିତ ଯାତ୍ରୀ ।

ନା; ସିନେମାର କୌଣସି ଦୃଶ୍ୟ ସକାଶେ ପୂର୍ବାଭ୍ୟାସ ନୁହେଁ । କିନ୍ତୁ ଚାଳକ ଜଣକ ବାସ୍ତବରେହିଁ ଥିଲେ ଚିତ୍ରାଭିନେତା ଶଙ୍କର, କନ୍ନଡ଼ ଚଳଚ୍ଚିତ୍ର ଜଗତର କିଂବଦନ୍ତି ପୁରୁଷ କେ. ଏସ୍. ଅଶ୍ୱଥଙ୍କ ସୁପୁତ୍ର । ତେବେ ଶଙ୍କର ଜନପ୍ରିୟ ନାୟକ ସ୍ତରକୁ ଉଠିପାରି ନଥିଲେ । ସେ ଥିଲେ ଜଣେ ସଫଳ ଚରିତ୍ରାଭିନେତା । ସମସ୍ୟା ହେଲା, ଯେଉଁଭଳି ଚରିତ୍ରରେ ସେ ବିଚକ୍ଷଣ ଅଭିନୟ କରିପାରନ୍ତି, ସେଭଳି ଚରିତ୍ର ସମ୍ବଳିତ କାହାଣୀର ଚିତ୍ରରୂପ ସଂଖ୍ୟା ଅଧିକ ନୁହେଁ । ସିନେମା ଜଗତରେ ଜନପ୍ରିୟ ନାୟକ-ନାୟିକାମାନଙ୍କ ପ୍ରାପ୍ୟ ଏବଂ ସେମାନଙ୍କ ସମକକ୍ଷ ତଥା ଏପରିକି ସେମାନଙ୍କଠାରୁ ଅଧିକ କୁଶଳୀ ଶିଳ୍ପୀମାନଙ୍କ ପ୍ରାପ୍ୟ ଭିତରେ ଆକାଶ ପାତାଳ ଫରକ । ପାର୍ଶ୍ୱାଭିନେତାମାନେ କିନ୍ତୁ ନିଜ ନିଜର କାଳ୍ପନିକ ଆଭିଜାତ୍ୟ ପ୍ରଦର୍ଶନ କରିବା ଅପରିହାର୍ଯ୍ୟ ମନେ କରି ବହୁ ସମୟରେ ଦେବାଳିଆ ବନି ଯାଆନ୍ତି । ଅନ୍ୟ କୌଣସି କାମ କରିବାକୁ ସେମାନେ ଅସମ୍ମାନ ମନେ କରନ୍ତି ।

କିନ୍ତୁ ବିଶିଷ୍ଟ ଏକ ଇଂରାଜୀ ଦୈନିକର ସାମ୍ବାଦିକଙ୍କୁ ଶଙ୍କର କହିଛନ୍ତି, ''ମୁଁ ପ୍ରଯୋଜକ ବା ନିର୍ଦ୍ଦେଶକମାନଙ୍କ ଦୟାପ୍ରାର୍ଥୀ ହେବାକୁ ପସନ୍ଦ କରେ ନାହିଁ । ଟ୍ୟାକ୍ସି ଚାଳକ ଭାବରେ ମୁଁ ଯେତିକି ଉପାର୍ଜନ କରୁଛି, ସେତିକିରେ ମୋତେ ବେଶ୍ ଶାନ୍ତି ମିଳୁଛି । ଆତ୍ମ-ସମ୍ମାନ ମୋ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ ।''

ପଚିଶ ବର୍ଷ ଭିତରେ ୬୧ଟି ଚିତ୍ରରେ ଅଭିନୟ କରିଛନ୍ତି ଶଙ୍କର । ସେ ତାଲିକାର ଅନ୍ତର୍ଭୁକ୍ତ କେତୋଟି ବିପୁଳ ସଫଳ ଚିତ୍ର । କିନ୍ତୁ ତାଙ୍କ ''ଆତ୍ମ ସମ୍ମାନ''ର ମାନଦଣ୍ଡ ଭିନ୍ନ । ନିଜ ମେହେନତ ଯୋଗେ ନ୍ୟାୟସଙ୍ଗତ ଉପାର୍ଜନ କରିବା ଦ୍ୱାରା ତାଙ୍କ ଆତ୍ମ ସମ୍ମାନରେ ଆଞ୍ଚ ଆସେ ବୋଲି ସେ ମନେ କରନ୍ତି ନାହିଁ ।

ମନେ ପଡୁଛି ଆବ୍ରାହାମ୍ ଲିଙ୍କନ୍‌ଙ୍କ ଜୀବନର ଏକ ଦୃଶ୍ୟ । ସେତେବେଳେ ସେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି । ତାଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ ତାଙ୍କ ଘର ଭିତରକୁ ପଶି ଆସି ଦେଖିଲେ ଲିଙ୍କନ୍ ଆପଣାର ଜୋତାକୁ ନେଇ କର୍ମରତ ।

''ଇଏ କ'ଣ, ଲିଙ୍କନ୍ ! ତୁମେ କ'ଣ ତୁମ ନିଜ ଜୋତା ସଫା କରୁଛ !'' ବନ୍ଧୁ ପ୍ରଶ୍ନ କଲେ ।

''ତୁମେ ତେବେ କାହା ଜୋତା ସଫା କର ?'' ପ୍ରତି-ପ୍ରଶ୍ନ କଲେ ଲିଙ୍କନ୍ ।

ଅନେକେ ପଢ଼ିଥିବେ ଆଉ ଏକ ଘଟଣାର ବିବରଣୀ : ଜଣେ ଉଚ୍ଚ ଶିକ୍ଷିତ ଯୁବକ ଥରେ ପ୍ରଖ୍ୟାତ ସଂସ୍କାରକ ଏବଂ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ସହ ସାକ୍ଷାତ୍ କରିବାକୁ ଆସି ଉଦ୍ଦିଷ୍ଟ ରେଳ ଷ୍ଟେସନରେ ଓହ୍ଲାଇଲେ । ସାଥିରେ ଛୋଟ ସୁଟ୍‌କେସ । ସେ ''କୁଲି ! କୁଲି !'' ବୋଲି ଡାକ ଛାଡ଼ନ୍ତେ ଜଣେ ଅତି ମାମୁଲି ଦିଶୁଥିବା ଲୋକ ତାଙ୍କ ଆଡ଼େ ଅନାଇଲେ । ଆଗନ୍ତୁକ ତାଙ୍କୁ କୁଲି ମନେ କରି ପଚାରିଲେ, ''ତୁମେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଘର ଦେଖିଛ ?''

''ହଁ, ଖୁବ୍ ପାଖରେ।'' ଅନତିଦୀର୍ଘ ଧୋତି ପରିହିତ ଏବଂ ନିଜ କଳେବରର ଉପରାର୍ଦ୍ଧ ସେହି ଧୋତିର ଏକ ପ୍ରାନ୍ତ ଦ୍ୱାରା ଆବୃତ ରଖିଥିବା ଲୋକ ଜଣକ ଉତ୍ତର ଦେଲେ। ''ତେବେ ଚାଲ !'' କହି ଆଗନ୍ତୁକ ସେ ଲୋକକୁ ନିଜ ସୁଟ୍‌କେସ ଧରାଇ ଦେଇ ତାଙ୍କୁ ଅନୁସରଣ କଲେ।

ଠିକଣା ସ୍ଥାନରେ ପହଞ୍ଚିବା ପରେ ଆଗନ୍ତୁକ ଯୁବକ ହୃଦୟଙ୍ଗମ କଲେ, ତାଙ୍କ 'କୁଲି'ହିଁ ସ୍ୱୟଂ ଈଶ୍ୱର ଚନ୍ଦ୍ର। ନିଜ କର୍ମ ନିଜେ କରିବାକୁ ସକ୍ଷମ ଥିବା ସ୍ଥଳେ ଆଭିଜାତ୍ୟ ନାମରେ ନିଜ ଅହଂର କ୍ରୀତଦାସ ହେବା କେଡ଼େ ବିଡ଼ମ୍ବନା, ଈଶ୍ୱର ଚନ୍ଦ୍ର ଯୁବକଙ୍କୁ ତାହାହିଁ ବୁଝାଇ ଦେଲେ।

ଏହା ଊନବିଂଶ ଶତାବ୍ଦୀର ଶେଷାଂଶର କଥା। ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯିବା ପରେ ମଧ୍ୟ ଆମ ମନୋଭାବର ବିଶେଷ ପରିବର୍ତ୍ତନ ହୋଇଛି ବୋଲି ମନେ ହୁଏନା। ଏକଦା ଜଣେ ଭଦ୍ରଲୋକଙ୍କ ସହ ଏ ଲେଖକ ଗୋଟାଏ ଟ୍ୟାକ୍ସି ଯୋଗେ ଯାଇ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଲା। ଲେଖକ ତା' ନିଜ ବ୍ୟାଗ୍‌ଟି ବାହାର କରି ନେଲା। କିନ୍ତୁ ଭଦ୍ରଲୋକ ଅମାୟିକ ଭାବରେ କଣ୍ଠସ୍ୱର ନିମ୍ନ କରି କହିଲେ, ''ମାତ୍ର କେଇ ବର୍ଷ ତଳେ ମୁଁ ଏଠାରେ ମାଜିଷ୍ଟ୍ରେଟ୍ ଥିଲି !''

ଅର୍ଥାତ୍, ସେ କେମିତି ନିଜ ହାତରେ ବ୍ୟାଗ୍ ବାହାର କରିବେ ? ଆଖପାଖରେ କିନ୍ତୁ କେହି ତାଙ୍କୁ ଚିହ୍ନିବା ଭଳି ମନେ ହେଲା ନାହିଁ। ତାଙ୍କ ସମ୍ମାନ କାହାରି ଆଖିରେ ହାନି ହେବାର ଆଶଙ୍କା ନଥିଲା। ତଥାପି 'ସାରୁ ଗଛ ମୂଳେ ବେଙ୍ଗଟିଏ ବସି ଆପେ ବୋଲାଉଛି ରାଜା' ମାନସିକତାରୁ ସେ ଉତ୍ତୀର୍ଣ୍ଣ ହୋଇପାରୁ ନଥିଲେ।

''ମୁଁ କିନ୍ତୁ ମାଜିଷ୍ଟ୍ରେଟ୍ ନଥିଲି'' କହି ବ୍ୟାଗ୍‌ଟି ବାହାର କରି ଆଣିବାକୁ ଏ ଲେଖକ ଅବଶ୍ୟ ବ୍ୟଗ୍ର ହେଉଥିଲା, କିନ୍ତୁ ଗାଡ଼ି ଚାଳକର ଆଉ ଧୈର୍ଯ୍ୟ ନଥିଲା। ସେ ତେଣୁ ଭୂତପୂର୍ବ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମାନତକ ଭୂଲୁଣ୍ଠିତ ହେବାକୁ ନଦେଇ କାମଟି କରିଦେଇ ଚାଲିଗଲା।

ଉପରୋକ୍ତ ଭଦ୍ରଲୋକ ଟିକିଏ ସରଳ ପ୍ରକୃତିର ହୋଇଥିବା ଯୋଗୁଁ ନିଜ ଆତ୍ମାଭିମାନ-ସର୍ବସ୍ୱ ଭାବଟି ଏ ଲେଖକ ଆଗରେ ପ୍ରକାଶ କରି ଦେଲେ। କିନ୍ତୁ ଏ ଆତ୍ମ-ମୋହ ଭାବ ପଦପଦବୀରେ ଥିବା ଅଥବା ଏକଦା ଥିବା ଅଧିକାଂଶ ଭାରତୀୟଙ୍କ ଭିତରେ ରହି ଆସିଛି। ଭାରତ ଶାସନ କରୁଥିବା ବେଳେ ଇଂରେଜମାନେ ଏ ଦେଶରେ ସେ ଉଚ୍ଚାସନ-ଅଭିମାନ ଇଚ୍ଛା କରି ପ୍ରଦର୍ଶନ କରୁଥିଲେ; କିନ୍ତୁ ନିଜ ଦେଶରେ ସେମାନେ ସେମିତି ଆଚରଣ କରିବାର ପ୍ରଶ୍ନ ନଥିଲା। କଳ୍ପନା କରନ୍ତୁ ଏକ ଦୃଶ୍ୟ : ଭାରତର କୌଣସି ରାଜ୍ୟରେ ମୁଖ୍ୟ ସଚିବ ଥିବା ଜଣେ ସାହେବ (ଆଇ.ସି.ଏସ୍.) ଅବସର ନେଇ ଫେରିଗଲେ ସ୍ୱଦେଶ। କିଛି ଦିନ ଅନ୍ତେ ତାଙ୍କ ଅଧୀନରେ କାମ କରିଥିବା ଜଣେ ଭାରତୀୟ ବାବୁ କୌଣସି କାମରେ ବିଲାତ ଯାଇଥା'ନ୍ତି। ଥରେ ଲଣ୍ଡନରୁ ଅନ୍ୟତ୍ର କାର୍ ଯୋଗେ ଯିବା ବେଳେ ଗ୍ରାମାଞ୍ଚଳରେ ସେ ଦେଖିଲେ ଏହି ଅଭୁଲା ଦୃଶ୍ୟ : ତାଙ୍କ ଭୂତପୂର୍ବ ହାକିମ ତାଙ୍କ ପାରିବାରିକ ବୃତ୍ତିବଶତଃ ଏକ ଘୁଷୁରି ପଲକୁ ନେତୃତ୍ୱ ଦେଉଛନ୍ତି !

କର୍ମରେ ଉଚ୍ଚ-ନୀଚ ଭାବ ସହଜରେ ଯାଏ ନାହିଁ। କିନ୍ତୁ ସେ ଭାବ ଅତିକ୍ରମ କରିବାର ସଫଳ ମାର୍ଗଟିଏ ରହିଛି। ଏ ସମଗ୍ର ପୃଥିବୀ ଏକ ମହାଶକ୍ତିର କର୍ମ ପ୍ରବାହ। ଯାବତୀୟ କର୍ମ ପଶ୍ଚାତରେ ରହିଛି ସେହି ଏକହିଁ ମହାଶକ୍ତି — ଜୋତାହଳକ ସଫା କରିବାଠୁଁ ଆରମ୍ଭ କରି ଗ୍ରହ ଗ୍ରହାନ୍ତର ପ୍ରଦକ୍ଷିଣ ପର୍ଯ୍ୟନ୍ତ। ସେ ମହାଶକ୍ତିର ଦୃଷ୍ଟିକୋଣରୁ କର୍ମରେ ଉଚ୍ଚ-ନୀଚ ବୋଲି କିଛି ନାହିଁ; ପାର୍ଥକ୍ୟ ରହିଛି କେବଳ ସ୍ୱାଭାବିକ କର୍ମ ଏବଂ ଅସ୍ୱାଭାବିକ ବା ଅସତ୍ କର୍ମ ଭିତରେ।

ଆଉ ଯେଉଁମାନେ ଯୋଗମାର୍ଗର ପଥିକ, ସେମାନେ ନିଜର କର୍ମକୁ ସେହି ମହାଶକ୍ତି ପ୍ରତି ଉତ୍ସର୍ଗ କରି ପାରିଲେ କ୍ରମେ ସେ କର୍ମହିଁ ସାଧନାଲବ୍ଧ ଫଳ ଆଣିଦିଏ।

କିନ୍ତୁ ପ୍ରଥମେ ଆମକୁ ସାଧାରଣ ଜ୍ଞାନ ପ୍ରୟୋଗ କରି ବୁଝିବାକୁ ହେବ, ସାମର୍ଥ୍ୟ ଥିବା ସତ୍ତ୍ୱେ କୌଣସି ପ୍ରୟୋଜନୀୟ କାମ କରିବାରୁ ବିରତ ହେବା — ତାହା ଆମ ସମ୍ମାନ ହାନି କରିବ ମନେକରି — ଏ ମନୋବୃତ୍ତି ଅତ୍ୟନ୍ତ ଅବିକଶିତ ଚେତନାର ପ୍ରତିଫଳନ।

— ମନୋଜ ଦାସ ❑



ଯଥାର୍ଥ ଭାବଟି ସହିତ କାର୍ଯ୍ୟ କରିବା,— ତାହାହିଁ ଧ୍ୟାନ।

— ଶ୍ରୀମା

tarika

AYURVEDIC HERBAL REMEDIES

Pimple / Acne Remover
Now, get rid of your stubborn pimples
and acne completely.
Results visible in 8 days. *(clinically proven)*

Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
See a distinct improvement in skin tone and texture within 3 to 4 weeks.

Hair Vitaliser oil
Controls hair loss and improves hair growth
Regular use prevents hair thinning and receding hair line

Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
Sure relief from multiple oral problems.

agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
Gives long term relief

100% Natural - Chemical free

Exported to over 16 countries including USA, Germany, Italy, Australia etc.

Available in Bhubaneswar *(wholesale/retail)*:
Adarsh Food Processing Industry
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646


Made in India by:
Ayurlabs India
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

Vol. LVII, No. 9 **R.N.I. No. 18163/70.**
Navaprakash (Monthly), September, 2026 Registration No. PY/51/2024-26
Date of Posting : 7th, 8th of every month **Licenced to Post without prepayment**
TN/PMG(CCR)/WPP-63/2024-26

ବିଶେଷ ସୂଚନା :

''**ସାବିତ୍ରୀ** ଶ୍ରୀଅରବିନ୍ଦଙ୍କ ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।''
— ଶ୍ରୀମା

ପୂର୍ବପ୍ରକାଶିତ ଶ୍ରୀଅରବିନ୍ଦଙ୍କ ରଚିତ ମନ୍ତ୍ରମୟୀ ମହାକାବ୍ୟ ସାବିତ୍ରୀର ପ୍ରଥମ ଭାଗର ପରବର୍ତ୍ତୀ କ୍ରମ ରୂପେ ଦ୍ୱିତୀୟ ଓ ତୃତୀୟ ଭାଗର ଓଡ଼ିଆ ଅନୁବାଦ ଅଧୁନା ପ୍ରକାଶ ପାଇଲା । ଏହାର ଅନୁବାଦକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗ୍ରନ୍ଥର ବିଶେଷତ୍ୱ ଏହି ଯେ ଶ୍ରୀଅରବିନ୍ଦଙ୍କ କୃତ ସାବିତ୍ରୀର ପ୍ରତିଟି ପଂକ୍ତିର ମାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଅନୁବାଦ ସହ ମୂଳ ଇଂରାଜୀ ଲେଖାକୁ ପୂର୍ବପରି ସଂଯୋଜିତ କରାଯାଇଛି ।



ସାବିତ୍ରୀ

ଏକ କିଂବଦନ୍ତି ଏବଂ ଏକ ପ୍ରତୀକ

(ଦ୍ୱିତୀୟ ଭାଗ ଏବଂ ତୃତୀୟ ଭାଗ)

୮୯୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୬୪୦/-** ଟଙ୍କା ରଖାଯାଇଛି ।

ପ୍ରାପ୍ତିସ୍ଥାନ :

ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨
ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Parcel Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00